

କାହାଣୀ ପାଇଁ ଅଟକିଛି 'ଏସ୍ଏସ୍ଏମ୍‌ବି୨୯'ର ସୁଟିଂ

▶ପୃଷ୍ଠା ୧୧ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-28 ◆TUESDAY ◆22 JULY 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୨୮ ◆ମଙ୍ଗଳବାର ◆୨୨ ଜୁଲାଇ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## କଲେଜ ଉପରେ ଖସିଲା ବାୟୁସେନା ବିମାନ



**୧୯ ମୃତ, ୧୬୦ ଆହତ**

■ **ଢାକା, ୨୧।୭(ଏଜେନ୍ସି):** ବାଂଲାଦେଶ ରାଜଧାନୀ ଢାକାରେ ସୋମବାର ଏକ ବିମାନ ଦୁର୍ଘଟଣା ଘଟିଛି। କ୍ଲାସ ଚାଲିଥିବା ବେଳେ ବାଂଲାଦେଶ ବାୟୁସେନାର ଏକ ବିମାନ ଉତ୍ତାରାସ୍ଥିତ ମାଇଲଷ୍ଟୋନ କଲେଜ ଉପରେ ଖସି ପଡ଼ିଥିଲା। ଏଥିରେ ପାଇଲଟଙ୍କ ସମେତ ୧୯ ଜଣ ମୃତ୍ୟୁବରଣ କରିଛନ୍ତି ଓ ୧୬୪ରୁ ଉର୍ଦ୍ଧ୍ୱ ଲୋକ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୧୬ ଜଣ ଛାତ୍ରଛାତ୍ରୀ, ଦୁଇ ଜଣ ଶିକ୍ଷକ ଓ ଜେଟ୍ ପାଇଲଟ୍ ଅଛନ୍ତି। ବିମାନଟି ଅପରାହ୍ଣ ୧.୦୬ରେ ଟେକ୍ ଅଫ୍ କରିଥିଲା ଓ ୧.୩୦ରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ଆହତ ହୋଇଥିବା ଲୋକଙ୍କୁ ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

ପାଇଲଟ ଫ୍ଲାଇଟ୍ ଲେଫ୍ଟନାଣ୍ଟ ମହମ୍ମଦ ତୋଉକିର ଇସ୍‌ଲାମଙ୍କ ସମେତ ୧୬ ଛାତ୍ର ଓ ଦୁଇଜଣ ଶିକ୍ଷକ ମୃତ୍ୟୁବରଣ କରିଛନ୍ତି। ଅନେକ ଲୋକ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଅନେକ ଲୋକଙ୍କର ଦେହ ୬୦ ପ୍ରତିଶତରୁ ଉର୍ଦ୍ଧ୍ୱ ପୋଡିଯାଇଛି ଏବଂ ସେମାନଙ୍କୁ ▶ପୃଷ୍ଠା-୭

## ଶପଥ ନେଲେ ଜଷ୍ଟିସ ମାନସ ପାଠକ

**ହାଇକୋର୍ଟ ବିଚାରପତିଙ୍କ ସଂଖ୍ୟା ୨୦କୁ ବୃଦ୍ଧି**

■ **କଟକ, ୨୧।୭ (ସମିସ):** ଗୌହାଟୀ ହାଇକୋର୍ଟର ବିଚାରପତି ଜଷ୍ଟିସ ମାନସ ରଞ୍ଜନ ପାଠକଙ୍କୁ ଓଡ଼ିଶା ହାଇକୋର୍ଟକୁ ବଦଳି କରାଯାଇଥିବା ବେଳେ ସେ ଆଜି ବିଧିବଦ୍ଧ ଭାବେ ଶପଥ ଗ୍ରହଣ କରିଛନ୍ତି। ଜଷ୍ଟିସ୍ ପାଠକଙ୍କୁ ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଶପଥ ପାଠ କରାଇଥିଲେ। ହାଇକୋର୍ଟ ସମ୍ମିଳନୀ କକ୍ଷରେ ଆୟୋଜିତ ଶପଥ ଗ୍ରହଣ ଉତ୍ସବରେ ସମସ୍ତ ବିଚାରପତି, ରାଜ୍ୟ ଆଇନ, ପୂର୍ତ୍ତ ଓ ଅବକାରୀ ବିଭାଗର ମନ୍ତ୍ରୀ ପୃଥୀରାଜ ହରିଚନ୍ଦନ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ଆଡଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ, ଡେପୁଟି ସଲିସିଟର୍ ଜେନେରାଲ ପ୍ରସନ୍ନ କୁମାର ପାଢ଼ୀ, ଆଇନ ସେବା ପ୍ରାଧିକରଣର ସଦସ୍ୟ ସଚିବ ଅରବିନ୍ଦ ପଟ୍ଟନାୟକଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ହାଇକୋର୍ଟ ବାର୍ କର୍ମକର୍ତ୍ତାଙ୍କ ସମେତ ବହୁ ପୂର୍ବତନ ▶ପୃଷ୍ଠା-୭



# ଉପରାଷ୍ଟ୍ରପତି ଧନଖଡ଼ଙ୍କ ଇସ୍ତଫା

■ **ନୂଆଦିଲ୍ଲୀ, ୨୧।୭ (ଏଜେନ୍ସି):** ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଆଜି ଅଚାନକ ତାଙ୍କ ପଦରୁ ଇସ୍ତଫା ପ୍ରଦାନ କରିଛନ୍ତି। ଇସ୍ତଫାର ପ୍ରକୃତ କାରଣ ଜଣାପଡ଼ି ନଥିଲେ ମଧ୍ୟ ସ୍ୱାସ୍ଥ୍ୟଗତ କାରଣରୁ ଇସ୍ତଫା ଦେଇଥିବା କୁହାଯାଉଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଦେଇଥିବା ଇସ୍ତଫାପତ୍ରରେ ଧନଖଡ଼ ଲେଖିଛନ୍ତି ଯେ ଡାକ୍ତରଙ୍କ ପରାମର୍ଶ ଓ ସ୍ୱାସ୍ଥ୍ୟଗତ କାରଣରୁ ଇସ୍ତଫା ଦେଉଛି। ସେ ରାଷ୍ଟ୍ରପତିଙ୍କୁ କୃତଜ୍ଞତା ଜଣାଇବା ସହିତ ପ୍ରଧାନମନ୍ତ୍ରୀ ମୋଦୀ ଓ ଅନ୍ୟ ମନ୍ତ୍ରୀମାନଙ୍କୁ ସହଯୋଗ ପାଇଁ ଧନ୍ୟବାଦ ଜଣାଇଛନ୍ତି।

କାର୍ଯ୍ୟକାଳ ପୂରିବା ପୂର୍ବରୁ ଉପରାଷ୍ଟ୍ରପତି ପଦରୁ ଇସ୍ତଫା ଦେବାରେ ଧନଖଡ଼ ହେଉଛନ୍ତି ତୃତୀୟ ବ୍ୟକ୍ତି। ଏହାପୂର୍ବରୁ ୧୯୬୯ରେ ଭିଭି ଗିରି ଏବଂ ୧୯୮୭ରେ ଆର. ଭେଙ୍କଟରମଣ ଉପରାଷ୍ଟ୍ରପତି ପଦରୁ ଇସ୍ତଫା ଦେଇଥିଲେ। ଉପରାଷ୍ଟ୍ରପତି ଧନଖଡ଼ଙ୍କ ଅଚାନକ ଇସ୍ତଫା ସମସ୍ତଙ୍କୁ ସ୍ତବ୍ଧ କରିଦେଇଛି। ଦିନରେ ସେ ଆଜି ରାଜ୍ୟସଭାରେ ଗୃହ ପରିଚାଳନା କରିଥିବା



ବେଳେ ସନ୍ଧ୍ୟାରେ ତାଙ୍କର ଅଚାନକ ଇସ୍ତଫା ଖବରକୁ କେହି ସହଜରେ ଗ୍ରହଣ କରିପାରୁ ନାହାନ୍ତି।

ରାଷ୍ଟ୍ରପତିଙ୍କୁ ଲେଖିଥିବା ଇସ୍ତଫାପତ୍ରରେ ଧନଖଡ଼ ଉଲ୍ଲେଖ କରିଛନ୍ତି, ଏବେ ନିଜର ସ୍ୱାସ୍ଥ୍ୟ ପ୍ରତି ତାଙ୍କୁ ଅଧିକ ଯତ୍ନବାନ ହେବାକୁ ପଡ଼ିବ ଏବଂ ଏଥିପାଇଁ ଡାକ୍ତର ପରାମର୍ଶ ମଧ୍ୟ ଦେଇଛନ୍ତି। ତେଣୁ ଏହାକୁ ଦୃଷ୍ଟିରେ ରଖି ସେ ସମ୍ବିଧାନର ଧାରା ୬୭(ଏ) ଅନୁଯାୟୀ ଉପରାଷ୍ଟ୍ରପତି ପଦରୁ ଇସ୍ତଫା ଦେଉଛନ୍ତି। ସମଗ୍ର କାର୍ଯ୍ୟକାଳ ସମୟରେ ସୁସଂପର୍କ ଓ ଅକୁଣ୍ଠ ସମର୍ଥନ ପାଇଁ ସେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ କୃତଜ୍ଞତା ଜଣାଇଛନ୍ତି। ସେହିପରି ସମସ୍ତ ସାଂସଦ ଯେପରି ତାଙ୍କୁ ସ୍ନେହ ଓ ଶ୍ରଦ୍ଧା କରିବା ସହିତ ତାଙ୍କ ପ୍ରତି ଆସ୍ଥା ପ୍ରକଟ କରିଛନ୍ତି, ସେଥିପାଇଁ ଧନଖଡ଼ ଧନ୍ୟବାଦ ଜଣାଇଛନ୍ତି।

ସୂଚନାଯୋଗ୍ୟ ଯେ ୭୪ ବର୍ଷୀୟ ଧନଖଡ଼ ୨୦୨୨ରେ ଉପରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଏହାପୂର୍ବରୁ ସେ ୨୦୧୯ରୁ ୨୦୨୨ ପର୍ଯ୍ୟନ୍ତ ପଶ୍ଚିମବଙ୍ଗର ରାଜ୍ୟପାଳ ଥିଲେ। ଗତ ମାର୍ଚ୍ଚ ମାସରେ ହୃଦରୋଗ କାରଣରୁ ଧନଖଡ଼ ଏମ୍ସରେ ଭର୍ତ୍ତି ହୋଇଥିଲେ। ଗତମାସ କୁମାଓଁ ବିଶ୍ୱବିଦ୍ୟାଳୟର ଏକ ଉତ୍ସବରେ ସେ ଅଚେତ ହୋଇପଡ଼ିଥିଲେ। ବିଶିଷ୍ଟ ଆଇନଜୀବୀ ରୂପେ ପରିଚିତ ଧନଖଡ଼ ତାଙ୍କର ରାଜନୈତିକ ଜୀବନ ଜନତା ଦଳ ଓ କଂଗ୍ରେସରୁ ▶ପୃଷ୍ଠା-୭

**ଭାରତର ଉପରାଷ୍ଟ୍ରପତି**

| | |
|---|---|
| ଡଃ ସର୍ବପଲ୍ଲୀ ରାଧାକୃଷ୍ଣନ୍ | ୧୯୫୨-୬୨ |
| ଡଃ ଜାକିର ହୁସେନ୍ | ୧୯୬୨-୬୭ |
| ଭି.ଭି.ଗିରି | ୧୯୬୭-୬୯ |
| ଗୋପାଳସ୍ୱରୂପ ପାଠକ | ୧୯୬୯-୭୪ |
| ବି.ଡି. ଯତି | ୧୯୭୪-୭୯ |
| ଏମ୍.ହିଦାୟତୁଲ୍ଲା | ୧୯୭୯-୮୪ |
| ଆର୍.ଭେଙ୍କଟରମଣ | ୧୯୮୪-୮୭ |
| ଡଃ ଶଙ୍କରଦୟାଲ ଶର୍ମା | ୧୯୮୭-୯୨ |
| କେ.ଆର୍.ନାରାୟଣନ୍ | ୧୯୯୨-୯୭ |
| କୃଷ୍ଣକାନ୍ତ | ୧୯୯୭ - ୨୦୦୨ |
| ଭୈରୋସିଂହ ଶେଖାୱାତ | ୨୦୦୨-୦୭ |
| ଏଚ.ହମିଦ୍ ଆନସାରୀ | ୨୦୦୭- ୧୭ |
| ଏମ୍.ଭେଙ୍କିଆ ନାଇଡୁ | ୨୦୧୭-୨୨ |
| ଜଗଦୀପ ଧନଖଡ଼ | ୨୦୨୨-୨୫ |

### ସଂସଦର ମୌସୁମୀ ଅଧିବେଶନ

# ଆରମ୍ଭରୁ ହଙ୍ଗାମା

- ସଂସଦରେ ଉଠିଲା ଓଡ଼ିଶା ପ୍ରସଙ୍ଗ
- ପହଲଗାମ, ବିହାର ଉପରେ ଆଲୋଚନା ଦାବି
- ଉଭୟ ଗୃହ ମଙ୍ଗଳବାର ପର୍ଯ୍ୟନ୍ତ ମୁଲତବୀ



■ **ନୂଆଦିଲ୍ଲୀ, ୨୧।୭:** ଆରମ୍ଭରୁ କମ୍ପିଲା ସଂସଦର ମୌସୁମୀ ଅଧିବେଶନ। ଆଜି ବୈଠକ ଆରମ୍ଭ ହେବାମାତ୍ରେ ଉଭୟ ଗୃହରେ ବିରୋଧୀ ଦଳମାନେ ପହଲଗାମ, ଅପରେସନ ସିନ୍ଦୂର ଏବଂ ବିହାର ପ୍ରସଙ୍ଗରେ ଆଲୋଚନା ଦାବିରେ ହୋହାଲ୍ଲା କରିଥିଲେ। ସମସ୍ତ କାର୍ଯ୍ୟ ବନ୍ଦ ରଖି ଏହିସବୁ ପ୍ରସଙ୍ଗ ଉପରେ ତୁରନ୍ତ ଆଲୋଚନା କରିବାକୁ ସେମାନେ ଦାବି କରିଥିଲେ। ଏଥିପାଇଁ ସରକାର ରାଜି ନହେବାରୁ ଗୃହରେ ହଟ୍ଟଗୋଳ ପରିସ୍ଥିତି ସୃଷ୍ଟି ହୋଇଥିଲା। ଫଳରେ ଉଭୟ ଗୃହକୁ ମୁଲତବୀ ରଖାଯାଇଥିଲା।

ଲୋକସଭା ଆରମ୍ଭ ହେବାମାତ୍ରେ କଂଗ୍ରେସ ସଭ୍ୟ ମଣିକମ୍ ଟାଗୋର ଉପରୋକ୍ତ ପ୍ରସଙ୍ଗ ଆଲୋଚନା ପାଇଁ ନୋଟିସ ଦେଇଥିଲେ। ରାଜ୍ୟସଭାରେ ମଧ୍ୟ ଦଳୀୟ ସାଂସଦ ରଣଦୀପ ସୂର୍ଯେୱାଲା ନିୟମ ୨୬୭ ଅନୁଯାୟୀ ନୋଟିସ ଦେଇଥିଲେ। ଏହି ପ୍ରସଙ୍ଗ ଉଠାଇ କଂଗ୍ରେସ ନେତା ମଲ୍ଲିକାର୍ଜୁନ ଖଡ଼ଗେ କହିଥିଲେ ଯେ ପହଲଗାମରେ ଆକ୍ରମଣ କରିଥିବା ଆତଙ୍କବାଦୀ କୁଆଡ଼େ ▶ପୃଷ୍ଠା-୭

### ସିଦ୍ଧରମେୟାଙ୍କ ପତ୍ନୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ

## ଇଡିକୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

■ **ନୂଆଦିଲ୍ଲୀ, ୨୧।୭ (ଏଜେନ୍ସି):** ସୁପ୍ରିମକୋର୍ଟ ସୋମବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)କୁ ତୀବ୍ର ଭର୍ତ୍ସନା କରିଛନ୍ତି। ରାଜନୈତିକ ଲଢେଇ ନିର୍ବାଚନରେ ଲଢିବା ଉଚିତ, ଯାଞ୍ଚ ଏଜେନ୍ସିଙ୍କ ମାଧ୍ୟମରେ ନୁହେଁ। ଇଡିକୁ ଏପରି ଭାବେ କାହିଁକି ବ୍ୟବହାର କରାଯାଉଛି ବୋଲି ସୁପ୍ରିମକୋର୍ଟ ପ୍ରଶ୍ନ କରିଛନ୍ତି। ମହୀଶୂର ସହରୀ ବିକାଶ ବୋର୍ଡ (ମୁଡା) ମାମଲାରେ ଇଡି ପକ୍ଷରୁ ଦାଏର ଆବେଦନର ଶୁଣାଣି କରି ପ୍ରଧାନ ବିଚାରପତି ଜଷ୍ଟିସ ବିଆର ଗଭାଇ ଏବଂ ଜଷ୍ଟିସ କେ ବିନୋଦ ଚନ୍ଦ୍ରନଙ୍କ ଖଣ୍ଡପୀଠ ଏହି ଟିପ୍ପଣୀ ଦେଇଛନ୍ତି। କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟାଙ୍କ ପତ୍ନୀଙ୍କୁ ଇଡି ପକ୍ଷରୁ ଜାରି କରାଯାଇଥିବା ସମନକୁ ମଧ୍ୟ କୋର୍ଟ ଖାରଜ କରିଦେଇଛନ୍ତି। ପୂର୍ବରୁ କର୍ଣ୍ଣାଟକ ହାଇକୋର୍ଟ ଏହାକୁ ଖାରଜ କରିଦେଇଥିଲେ। ମାତ୍ର ଇଡି ଏହା ବିରୋଧରେ ସୁପ୍ରିମକୋର୍ଟ ଯାଇଥିଲା। ଏହାର ଶୁଣାଣି କରି ରାଜନୈତିକ ସଂଘର୍ଷରୁ ଦୂରେଇ ରହିବା ପାଇଁ ଇଡିକୁ ସର୍ବୋଚ୍ଚ ନ୍ୟାୟାଳୟ ଚେତାବନୀ ଦେଇଛନ୍ତି। ଇଡି ପକ୍ଷରୁ ହାଜର ଅତିରିକ୍ତ ସଲିସିଟର ଜେନେରାଲ ଏସ୍‌ଭି ରାଜୁଙ୍କୁ କଡ଼ା ବାଣୀ ଶୁଣାଇଛନ୍ତି। ମୁହଁ ଖୋଲିବାକୁ ସୁପ୍ରିମକୋର୍ଟଙ୍କୁ ବାଧ କରନାହିଁ ବୋଲି କହିଛନ୍ତି।



ଶୁଣାଣି ସମୟରେ ପ୍ରଧାନ ବିଚାରପତି କହିଥିଲେ ଯେ ଆମ ମୁହଁ ଖୋଲିବାକୁ ଚେଷ୍ଟା କରନ୍ତୁ ନାହିଁ। ନଚେତ, ଇଡି ଉପରେ କଠୋର ଟିପ୍ପଣୀ ଦେବାକୁ ବାଧ ହେବୁ। ମୋ ପାଖରେ ମହାରାଷ୍ଟ୍ରର କିଛି ଅଭିଜ୍ଞତା ରହିଛି। ରାଜନୈତିକ ଲଢେଇ ନିର୍ବାଚନରେ ଲଢନ୍ତୁ। ରାଜନୈତିକ ସଂଘର୍ଷ ପାଇଁ ଏଜେନ୍ସିକୁ କାହିଁକି ଅପବ୍ୟବହାର କରୁଛନ୍ତି। ସାରା ଦେଶରେ ଏହି ହିଂସାକୁ ବ୍ୟାପକ ହେବାକୁ ଦିଅନ୍ତୁ ନାହିଁ। କୌଣସି ଚାଲାବାଜି କରିବାର ଆବଶ୍ୟକତା ନାହିଁ। ଏହାପରେ ଇଡି ଆବେଦନ ପ୍ରତ୍ୟାହାର କରି ନେଇଥିଲେ। ଏହି ରାୟକୁ ଅନ୍ୟ ମାମଲାରେ ଉଦାହରଣ ଭାବେ ବ୍ୟବହାର ନ କରିବାକୁ ଅତିରିକ୍ତ ▶ପୃଷ୍ଠା-୭

## ଜେଲ୍ ଗଲେ ଛାତ୍ର କଂଗ୍ରେସ ରାଜ୍ୟ ସଭାପତି

■ **ଭୁବନେଶ୍ୱର, ୨୧।୭ (ସମିସ):** ଦୁଷ୍କର୍ମ ମାମଲାରେ ଗତକାଲି ଗିରଫ ହୋଇଥିବା ଛାତ୍ର କଂଗ୍ରେସ ରାଜ୍ୟ ସଭାପତି ଉଦିତ ପ୍ରଧାନ ସୋମବାର ଜେଲ୍ ଯାଇଛନ୍ତି। ପୁଲିସ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ମେଡିକାଲ ପରୀକ୍ଷା କରିବା ପରେ କୋର୍ଟରେ ହାଜର କରିଥିଲା। ଜାମିନ୍ ନାମଞ୍ଜୁର ପରେ ତାଙ୍କୁ ଝାରପଡ଼ା ଜେଲ୍ ହାଜତକୁ ପଠାଇ ଦିଆଯାଇଛି।



ମେଡିକାଲ ପରୀକ୍ଷା ପାଇଁ ଯିବା ସମୟରେ ଉଦିତ୍ କହିଛନ୍ତି ଯେ, ଏହା ତାଙ୍କ ବିରୋଧରେ ସରକାରଙ୍କ ଷଡ଼ଯନ୍ତ୍ର। ମେଡିକାଲ ରିପୋର୍ଟ ଆସିବା ପରେ ସତ ପଦାକୁ ଆସିବ। ଅନ୍ୟପକ୍ଷରେ ଉଦିତ ଜେଲ୍ ଯିବା ପରେ ଥାନାରେ ଅଭିଯୋଗ କରିଥିବା ପୀଡ଼ିତା ଏବଂ ଅନ୍ୟ ▶ପୃଷ୍ଠା-୭

### ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା, ଏଫଏମ୍ କଲେଜ ଛାତ୍ରୀ ଆତ୍ମାହୁତି ଘଟଣାର ପ୍ରତିବାଦ

## ତିନି ଆର୍‌ଡିସି ଅଫିସ୍ ଆଗରେ ଗର୍ଜିଲା ବିଜେଡି

■ **ଭୁବନେଶ୍ୱର, ୨୧।୭ (ସମିସ):** ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ସ୍ଥିତି, ମହିଳା ବିରୋଧୀ ଅପରାଧ ବୃଦ୍ଧି ଏବଂ ଏଫ୍‌ଏମ୍ କଲେଜ ଛାତ୍ରୀଙ୍କୁ ନ୍ୟାୟ ପ୍ରଦାନ ଦାବିରେ ସୋମବାର ବିଜେଡି ପକ୍ଷରୁ ରାଜ୍ୟର ୩ ଆର୍‌ଡିସି ଅଫିସ ଘେରଉ କରାଯାଇଛି।



**ବାଲେଶ୍ୱର ଛାତ୍ରୀ ଆତ୍ମାହୁତି ଘଟଣାରେ ହାଇକୋର୍ଟର କାର୍ଯ୍ୟରତ ବିଚାରପତିଙ୍କ ଦ୍ୱାରା ନ୍ୟାୟିକ ତଦନ୍ତ ଦାବି**

ଏଫ୍‌ଏମ୍ କଲେଜର ମୃତ ଛାତ୍ରୀଙ୍କୁ ନ୍ୟାୟ ପ୍ରଦାନ ଦାବିରେ କଟକ, ସମ୍ବଲପୁର ଓ ବ୍ରହ୍ମପୁରରେ ଥିବା ଆର୍‌ଡିସି ଅଫିସ ସମ୍ମୁଖରେ ଦଳ ବିକ୍ଷୋଭ, ପ୍ରତିବାଦ ପ୍ରଦର୍ଶନ କରିଛି। କଲେଜ ଛାତ୍ରୀ ଆତ୍ମାହୁତି ଘଟଣାର ନିରପେକ୍ଷ ତଦନ୍ତ ପାଇଁ ହାଇକୋର୍ଟର କାର୍ଯ୍ୟରତ ବିଚାରପତିଙ୍କ ଦ୍ୱାରା ନ୍ୟାୟିକ ତଦନ୍ତ ସହ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛି ଦଳ। ବିଜେଡିର ହଜାର ହଜାର କର୍ମୀ ଏଥିରେ ସାମିଲ ହୋଇ ରାଜ୍ୟ ବିଜେପି ସରକାରଙ୍କ ବିରୋଧରେ ନାରାବାଜି କରିଥିବା ବେଳେ ଦଳ ପକ୍ଷରୁ ଆର୍‌ଡିସିଙ୍କ ମାଧ୍ୟମରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି।

ଦଳ ପକ୍ଷରୁ ସ୍ମାରକପତ୍ରରେ ଦର୍ଶାଯାଇଛି ଯେ ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିବା ସହିତ ନାରୀ, ଛାତ୍ରୀ ଓ ଶିଶୁମାନଙ୍କ ବିରୋଧରେ ଅପରାଧ ବୃଦ୍ଧି ପାଇଛି। ଗୋପାଳପୁର ଗଣଦୁଷ୍କର୍ମ ଘଟଣା ସମଗ୍ର ରାଜ୍ୟକୁ ବ୍ୟଥିତ କରିଥିଲା ବେଳେ ନ୍ୟାୟ ପାଇଁ ଦୀର୍ଘ ୬ ମାସ ଲଢ଼ିବା ପରେ ଶେଷରେ ଏଫ୍‌ଏମ୍ କଲେଜ ଛାତ୍ରୀ ଆତ୍ମାହୁତି ଦେବା ଘଟଣା ସମଗ୍ର ଦେଶରେ ରାଜ୍ୟ ପାଇଁ ଲଜ୍ଜା ଓ ନିନ୍ଦା ଆଣିଛି। ଏଫଏମ ▶ପୃଷ୍ଠା-୭

## ବନ୍ଧ ଘରେ ମହିଳା ଜୀବନ୍ତ ଦଗ୍ଧ

### ନିଆଁକୁ ଆୟତ୍ତ କରିବାରେ ଅଗ୍ନିଶମ ବିଭାଗ ନିରାଶ

■ **ବ୍ରହ୍ମପୁର, ୨୧।୭ (ସମିସ):** ସୋମବାର ଅପରାହ୍ଣରେ ବ୍ରହ୍ମପୁରରେ ଏକ ଅଭାବନୀୟ ଘଟଣା ଘଟିଛି। ନିମଖଣ୍ଡି ଥାନା ଅନ୍ତର୍ଗତ ନୀଳାଚଳନଗର ୫ମ ଲାଇନରେ ଏକ ତାଲାବନ୍ଦ ଘରେ ଜଣେ ମହିଳା ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ମୃତ ମହିଳାଙ୍କ ନାମ ନମିତା ରଥ (୫୫)। ତାଙ୍କ ସ୍ୱାମୀ ଜଣେ ଅବସରପ୍ରାପ୍ତ ପୁଲିସ କର୍ମଚାରୀ।

ନୀଳାଚଳନଗର ୫ମ ଲାଇନ୍‌ରେ ଜୟଦେବ ଚୌଧୁରୀଙ୍କ ଘରେ ଅବସରପ୍ରାପ୍ତ ପୁଲିସ କର୍ମଚାରୀ ହରିଶଙ୍କର ରଥ ଭଡ଼ାରେ ରହୁଛନ୍ତି।



ହରିଶଙ୍କରଙ୍କ ଝିଅ ଓୟୁଏଟିରେ ନାମ ଲେଖାଇବାର ସୁଯୋଗ ପାଇଥିବାରୁ ନମିତାଙ୍କ ବ୍ୟତୀତ ରଥ ▶ପୃଷ୍ଠା-୭

# ନାବାଳିକା ହକି ଖେଳାଳିଙ୍କୁ ଗଣଦୁଷ୍କର୍ମ

■ **ଯାଜପୁର, ୨୧।୭ (ସମିସ):** ସାରା ରାଜ୍ୟରେ ଏବେ ନାରୀ ନିର୍ଯାତନାକୁ ନେଇ ହୁଲସ୍ଥୁଲ ପରିସ୍ଥିତି ସୃଷ୍ଟି ହୋଇଛି। ଏଭଳି ସ୍ଥିତିରେ ଯାଜପୁରରେ ଆଉ ଏକ ଲଜ୍ଜାଜନକ ଘଟଣା ସାମ୍ନାକୁ ଆସିଛି। ହକି ପଶିକ୍ଷଣ କେନ୍ଦ୍ରର ପ୍ରଶିକ୍ଷକଙ୍କ ଦ୍ୱାରା ଜଣେ ନାବାଳିକା ଖେଳାଳିଙ୍କୁ ଗଣଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି। ପୁଲିସ ଏହି ଘଟଣାରେ ୪ ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚରା କରିବା ସହ ପୀଡ଼ିତାଙ୍କ ବୟାନ ରେକର୍ଡ କରିଛି। ଏହି ଘଟଣାକୁ ନେଇ ହଇଚଇ ସୃଷ୍ଟି ହୋଇଛି।

ଅଭିଯୋଗ ମୁତାବକ, ଯାଜପୁର ଥାନା ଅଞ୍ଚଳର ନାବାଳିକା ହକି ଖେଳାଳିଙ୍କୁ ସ୍ଥାନୀୟ ଷ୍ଟାଡିୟମ୍‌ରେ ପ୍ରଶିକ୍ଷକ ବାରମ୍ବାର ଅସଦାଚାରଣ



ପ୍ରଶିକ୍ଷକଙ୍କ ସମେତ ୪ ଅଭିଯୁକ୍ତ ଅଟକ

କରୁଥିଲେ। ଏନେଇ ସଂପୃକ୍ତ ନାବାଳିକା ପ୍ରତିବାଦ କରିଥିଲେ। ତେବେ ଗତ ଜୁଲାଇ ୩ ତାରିଖରେ ସଂପୃକ୍ତ ନାବାଳିକା ଘରକୁ ଫେରୁଥିବା ବେଳେ କୋଚ ସିଦ୍ଧାର୍ଥ ରାଉତ, ସନ୍ଦୀପ ସ୍ୱାଇଁ ଏବଂ ସାଗର ବିଭିନ୍ନ ବାହାନା କରି ତାଙ୍କୁ ଏକ ବାଇକ୍‌ରେ ବସାଇ ଜ୍ୟୋତି ଲଜ୍‌କୁ ନେଇ ଯାଇଥିଲେ। ଲଜ୍‌ରେ ସାଗର ଓ ସାର୍ଥକ ନାବାଳିକାଙ୍କୁ ଦୁଷ୍କର୍ମ କରିଥିଲେ। ଏ ସଂପର୍କରେ କାହାକୁ ଜଣାଇଲେ ଜୀବନରୁ ମାରିଦେବୁ ବୋଲି ଧମକ ଦେଇ ଛାଡ଼ି ଦେଇଥିଲେ। ଏ ସଂକ୍ରାନ୍ତରେ ନାବାଳିକାଜଣଙ୍କ ରବିବାର ଯାଜପୁର ଟାଉନ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଅଭିଯୁକ୍ତଙ୍କ ବିରୋଧରେ ବିଏନ୍‌ଏସ୍‌ର ଧାରା ୭୦(୨), ୩୫୧(୨), ୭୪, ୩(୫)ଏବଂ ୬ ଧାରା ରୁଜୁ ହୋଇଥିବା ଜଣାପଡିଛି। ନାବାଳିକାର ବୟାନ ରେକର୍ଡ କରିବା ସହିତ ଘଟଣାର ୪ ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚୁରା ଜାରି ରଖିଛି। ସଂପୃକ୍ତ ନାବାଳିକାକୁ ଡାକ୍ତରମାଇନା କରିବା ▶ପୃଷ୍ଠା-୭

### ଜଗତସିଂହପୁରରେ ଚାଞ୍ଚଲ୍ୟ

## ବିଲ ମଝିରୁ ଟେକିନେଇ ଯୁବତୀଙ୍କୁ ଗଣଦୁଷ୍କର୍ମ

■ **ଜଗତସିଂହପୁର, ୨୧।୭ (ସମିସ):** ଜଗତସିଂହପୁର ସଦର ଥାନା ଅଞ୍ଚଳରେ ଆଜି ଜଣେ ଯୁବତୀଙ୍କୁ ୨ ଦୁର୍ବୃତ୍ତ ଗଣଦୁଷ୍କର୍ମ କରିଛନ୍ତି। ଯୁବତୀଜଣଙ୍କ ଆଜି ସାଙ୍ଗ ଜନ୍ମଦିନରେ ଯୋଗଦେଇ ଫେରୁଥିବା ବେଳେ ତାଙ୍କ ସହ ଏହି ବର୍ବର କାଣ୍ଡ ଘଟିଛି। ଗୁରୁତର ଅବସ୍ଥାରେ ଯୁବତୀଙ୍କୁ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପୁଲିସ୍ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅପରପକ୍ଷେ, ଅଭିଯୁକ୍ତଦ୍ୱୟ ଫେରାର୍ ହୋଇଯାଇଥିବା ଜଣାଯାଇଛି।


**ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପୀଡ଼ିତା**

ସୂଚନାନୁଯାୟୀ, ଯୁବତୀଜଣଙ୍କ ଆଜି ତାଙ୍କର ଜଣେ ବାନ୍ଧବୀଙ୍କ ଜନ୍ମଦିନରେ ଯୋଗଦେବାକୁ ଯାଇଥିଲେ। ▶ପୃଷ୍ଠା-୭

ସକାଳ THE SAKALA
www.sakalaepaper.com

# ଭି ଅଚ୍ୟୁତାନନ୍ଦନଙ୍କ ପରଲୋକ

ତିରୁବନନ୍ତପୁରମ, ୨୧।୭(ଏଜେନ୍ସି): କେରଳ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବୟୋବୃଦ୍ଧ କମ୍ୟୁନିଷ୍ଟ ନେତା ଭିଏସ୍ ଅଚ୍ୟୁତାନନ୍ଦନ ସୋମବାର ୧୦୧ ବର୍ଷ ବୟସରେ ପରଲୋକଗମନ କରିଛନ୍ତି। ହୃଦ୍‌ଘାତର ଶିକାର ହେବା ପରେ ତାଙ୍କୁ ଜୁନ୍ ୨୩ରେ ଏକ ଘରୋଇ ହସ୍ପିଟାଲରେ



ଭର୍ତ୍ତି କରାଯାଇଥିଲା। ତାଙ୍କୁ ଆଇସିୟୁରେ ଭେଣ୍ଟିଲେଟର ସପୋର୍ଟରେ ରଖାଯାଇଥିଲା। ଦୀର୍ଘଦିନ ଧରି ଚିକିତ୍ସିତ ହେବା ପରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ମୁଖ୍ୟମନ୍ତ୍ରୀ ପିନରାଇ ବିଜୟନ ଓ ସିପିଏମ୍ ରାଜ୍ୟ ସମ୍ପାଦକ ଏମ୍‌ଭି ଗୋବିନ୍ଦନ ହସ୍ପିଟାଲ ଯାଇ ତାଙ୍କ ପରିବାର ସଦସ୍ୟଙ୍କୁ ଭେଟିବା ସହ ଶୋକବ୍ୟକ୍ତ କରିଛନ୍ତି। ୨୦୧୯ରେ ସେ ମାଇନର ଷ୍ଟ୍ରୋକର ଶିକାର ହେବା ପରେ ରାଜନୀତି ତଥା ସାଧାରଣ ଜୀବନରୁ ଦୂରେଇ ଯାଇଥିଲେ। ସେ ୨୦୦୬ରୁ ୨୦୧୧ ମଧ୍ୟରେ କେରଳ ମୁଖ୍ୟମନ୍ତ୍ରୀ ଭାବେ ସଫଳତାର ସହ ଦାୟିତ୍ୱ ସମ୍ଭାଳିଥିଲେ। ୧୯୩୮ ରେ କଂଗ୍ରେସ୍‌ରେ ଯୋଗ ଦେଇ ରାଜନୀତିରେ ପ୍ରବେଶ କରିଥିଲେ। ସେ ମଧ୍ୟ ଏକାଧିକ ପୁସ୍ତକ ଲେଖିଛନ୍ତି। ୪୦ ବର୍ଷର ରାଜନୈତିକ କ୍ୟାରିଅରରେ ସେ ୭ଥର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ସେ କେରଳକୁ ଏକ ମୁସ୍‌ଲିମ ବହୁଳ ରାଜ୍ୟ ଭାବେ ପରିଣତ କରିବାକୁ ଷଡ଼ଯନ୍ତ୍ର କରାଯାଉଛି ବୋଲି ମନ୍ତବ୍ୟ ଦେଇ ହଇଚଇ ସୃଷ୍ଟି କରିଥିଲେ।

# ମଦ ପାର୍ଟିରେ ଚଢ଼ଉ; ୩୯ ଯୁବକଯୁବତୀ ଗିରଫ

ଅହମଦାବାଦ, ୨୧।୭(ଏଜେନ୍ସି): ୬୫ ବର୍ଷ ହେବ ଗୁଜରାଟରେ ମଦ ବନ୍ଦ କରାଯାଇଥିବା ବେଳେ ଅହମଦାବାଦ ଜିଲ୍ଲାର ସାନନ୍ଦରେ ରବିବାର ବିଳମ୍ବିତ ରାତିରେ ରେଡ୍ ରିସୋର୍ଟରେ ଚାଲିଥିବା ଏକ ହାଇପ୍ରୋଫାଇଲ ମଦ ପାର୍ଟି ଉପରେ ପୁଲିସ ଚଢ଼ାଉ କରିଥିଲା। ପ୍ରବଳ ନିଶାରେ ଥିବା ୧୩ ଯୁବକ ଓ ୨୬ ଯୁବତୀଙ୍କୁ ପୁଲିସ ଗିରଫ କରିଛି। ସମସ୍ତଙ୍କୁ ମେଡିକାଲ ଚେକ୍‌ଅପ୍ ପାଇଁ ସିଭିଲ ହସ୍ପିଟାଲ ପଠାଯାଇଛି। ପରେ ଭୋର ୩ଟାରେ ସମସ୍ତଙ୍କୁ ସାନନ୍ଦ ଥାନକୁ ନିଆଯାଇଥିଲା। ମାମଲା ରୁଜୁ କରି ପୁଲିସ ସମସ୍ତଙ୍କୁ ଗିରଫ କରିଛି। ସହରର ନାମୀଦାମୀ ବିଲ୍ଡର ପ୍ରତୀକ ସାନ୍ଧିଙ୍କ ଜନ୍ମଦିନ ପାଳନ ଅବସରରେ ଏହି ମଦ ପାର୍ଟି ରଖାଯାଇଥିଲା ବୋଲି କୁହାଯାଇଛି। ଏହି ପାର୍ଟିରେ ପାଖାପାଖି ୧୦୦ ଜଣ ଉପସ୍ଥିତ ଥିଲେ। ତେବେ ୫୦ଜଣଙ୍କୁ ଗିରଫ୍ କରାଯାଇଛି ବୋଲି ପୁଲିସ କହିଛି। ସୂଚନା ମିଳିବା ପରେ ହିଁ ଯୁବକ ଓ ଯୁବତୀଙ୍କ ପରିବାର ଲୋକ ଥାନରେ ପହଞ୍ଚିଥିଲେ।ଏଥିସହ ସିଲ୍ ହୋଇଥିବା ୫ଟି ମଦ ବୋତଲ ଜବତ କରାଯାଇଥିଲା। ବିଲ୍ଡର ପ୍ରତୀକ ରିୟଲ ଇଷ୍ଟେଟ ବ୍ୟବସାୟ ସହ ଫ୍ରୋଜନ ଫ୍ରୁଟ୍ କମ୍ପାନୀ ମଧ୍ୟ ପରିଚାଳନା କରିନ୍ତି। ଉଲ୍ଲେଖଥାଉ କି, ୧୯୬୦ ମେ ୧ରୁ ଗୁଜରାଟ୍‌ରେ ମଦ ବିକ୍ରି ନିଷିଦ୍ଧ କରାଯାଇଛି ଏବଂ ମଦର ଉତ୍ପାଦନ, ବିକ୍ରି ଓ ସେବନ ଉପରେ ପ୍ରତିବନ୍ଧକ ଲଗାଯାଇଛି।

# ୮ ରେଳବାଇ କର୍ମଚାରୀଙ୍କୁ ୫ ବର୍ଷ ଜେଲ୍

ନୂଆଦିଲ୍ଲୀ, ୨୧।୭(ଏଜେନ୍ସି): ଆସିଷ୍ଟାଣ୍ଟ ଷ୍ଟେସନ ମାଷ୍ଟର ଲିଖିତ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ମାମଲାରେ ସିବିଆଇର ଏକ କୋର୍ଟ ରେଳବାଇର ପୂର୍ବତନ ୮ ଜଣ ଉଚ୍ଚପଦସ୍ଥ କର୍ମଚାରୀଙ୍କୁ ୫ ବର୍ଷ ଜେଲ୍ ଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ କୋର୍ଟ ପ୍ରତ୍ୟେକ କର୍ମଚାରୀଙ୍କ ଉପରେ ୫ ଲକ୍ଷ ଟଙ୍କା ଜରିମାନା ଲଗାଇଛନ୍ତି। ୨୦୦୨ ଅଗଷ୍ଟ ୧୭ରେ ସିବିଆଇ ଏମାନଙ୍କ ବିରୋଧରେ ମାମଲା ରୁଜୁ କରିଥିଲା ଓ ୨୦୦୩ ଜୁଲାଇ ୨୮ରେ ଅଭିଯୋଗ ପତ୍ର ଦାଖଲ କରାଯାଇଥିଲା। ୮ ଜଣ କର୍ମଚାରୀଙ୍କୁ ବାଦ୍ ଦେଲେ ଆଉ ଜଣେ ଅଭିଯୁକ୍ତଙ୍କ ଦେହାନ୍ତ ହୋଇଛି। ଏମାନଙ୍କ ବିରୋଧରେ ଅପରାଧିକ ଷଡ଼ଯନ୍ତ୍ର, ଚୋରି, ଅସାଧୁ ଉପାୟ ଅବଲମ୍ବନ, ପ୍ରମାଣ ନଷ୍ଟ କରିବାର ଅଭିଯୋଗ ହୋଇଥିଲା। ଲିଖିତ ପରୀକ୍ଷା ପ୍ରଶ୍ନପତ୍ର ଦେବା ପାଇଁ ଏହି କର୍ମଚାରୀମାନେ ପ୍ରାର୍ଥୀ ପିଛା ୫୦, ୦୦୦ ଟଙ୍କା ଆଦାୟ କରିଥିବାର ଅଭିଯୋଗ ହୋଇଥିଲା।

# ହସ୍ପିଟାଲରେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଷ୍ଟାଲିନ୍

ଚେନ୍ନାଇ, ୨୧।୭(ଏଜେନ୍ସି): ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନ୍‌ଙ୍କୁ ସୋମବାର ସ୍ଥାନୀୟ ଗ୍ରିମ୍ସ ରୋଡସ୍ଥିତ ଆପୋଲୋ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୋମବାର



ନିୟମିତ ପ୍ରାତଃଭ୍ରମଣ କରିବା ବେଳେ ହାଲ୍‌କା ମୁଣ୍ଡ ବୁଲାଇବା କାରଣରୁ ତାଙ୍କୁ ହସ୍ପିଟାଲ ନିଆଯାଇଥିଲା। ତାଙ୍କର ଆବଶ୍ୟକୀୟ ଟେଷ୍ଟ ତଥା ରୁଟିନ ଚେକ୍‌ଅପ୍ କରାଯାଉଛି। ତାଙ୍କର ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ସେ ଗୋଟିଏ କିମ୍ବା ଦୁଇଦିନ ହସ୍ପିଟାଲରେ ରହିବେ ବୋଲି କୁହାଯାଇଛି। ୭୨ ବର୍ଷୀୟ ଷ୍ଟାଲିନ୍ ୨୦୨୧ରୁ ତାମିଲନାଡୁର ୮ମ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱରେ ରହିଛନ୍ତି।

# ଜଷ୍ଟିସ୍ ବର୍ମାଙ୍କ ବିରୋଧରେ ସଂସଦରେ ମହାଭିଯୋଗ ପ୍ରକ୍ରିୟା ଆରମ୍ଭ

ନୂଆଦିଲ୍ଲୀ, ୨୧।୭(ଏଜେନ୍ସି): ଘରୁ ଟଙ୍କା ଜବତ ମାମଲାରେ ଜଷ୍ଟିସ୍ ଯଶୋବନ୍ତ ବର୍ମାଙ୍କ ବିରୋଧରେ ସୋମବାର ସଂସଦରେ ମହାଭିଯୋଗ ପାରିତ କରିବା ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। ଜଷ୍ଟିସ ବର୍ମାଙ୍କୁ ହଟାଇବା ଲାଗି ଲୋକସଭାରେ ବାଚସ୍ପତି ଓମ ବିର୍ଲାଙ୍କୁ ସ୍ମାରକପତ୍ର ପ୍ରଦାନ କରିଯାଇଛି। ସେହିପରି ରାଜ୍ୟସଭାରେ ୫୦ରୁ ଊର୍ଦ୍ଧ୍ୱ ସଦସ୍ୟ ମହାଭିଯୋଗ ପ୍ରସ୍ତାବରେ ସ୍ୱାକ୍ଷର କରିଛନ୍ତି। ମଙ୍ଗଳବାର ଏକ ଯାଞ୍ଚ୍ କମିଟି ଗଠନ କରି ବାଚସ୍ପତି ବିର୍ଲା ପ୍ରସ୍ତାବକୁ ଆଗକୁ ବଢ଼ାଇବେ ବୋଲି ଆଶା କରାଯାଉଛି। କୌଣସି ବିଚାରପତିଙ୍କୁ ହଟାଇବା ପାଇଁ ଅତିକମ୍‌ରେ ଲୋକସଭାର ୧୦୦ ଓ ରାଜ୍ୟସଭାର ୫୦ ସଦସ୍ୟଙ୍କ ସ୍ୱାକ୍ଷର ଆବଶ୍ୟକ ହୋଇଥାଏ।



# ୩୭ ଦିନ ପରେ ଫେରିବାକୁ ବ୍ରିଟେନ ଲଢୁଆ ବିମାନ ପ୍ରସ୍ତୁତ

ତିରୁବନନ୍ତପୁରମ, ୨୧।୭(ଏଜେନ୍ସି): ୩୭ ଦିନରେ ତିରୁବନନ୍ତପୁରମ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଫସି ରହିବା ପରେ ବ୍ରିଟେନ ରୟାଲ ନେଭିର ଏଫ୍- ୩୫ବି ଫାଇଟର ଜେଟ୍ ଶେଷରେ ଉଡାନ ଭରି ପ୍ରତ୍ୟାବର୍ତ୍ତନ କରିବାକୁ ପ୍ରସ୍ତୁତ ହୋଇଛି। ଗତ ଜୁନ୍ ୧୪ରେ ଖରାପ ପାଗ, ଇନ୍ଧନ ଜନିତ ସମସ୍ୟା ଓ ବୈଷୟିକ ତ୍ରୁଟି କାରଣରୁ ଏହି ବିମାନ ଜରୁରୀ ଅବତରଣ କରିଥିଲା। ବିମାନକୁ ଠିକ୍ କରିବା ଓ ତା'ର ମରାମତି ପାଇଁ ୫ ସପ୍ତାହରୁ ଅଧିକ ସମୟ ଲାଗିଥିଲା। ବ୍ରିଟେନର ୨୫ ଜଣ ଇଞ୍ଜିନିୟରଙ୍କୁ ନେଇ ଗଠିତ ଦଳ ଏହାକୁ ଠିକ୍ କରିବାକୁ ସମର୍ଥ ହୋଇଛନ୍ତି। ଏବେ ଏହି ଜେଟ ଉଡାଣ ପାଇଁ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ବୋଲି କୁହାଯାଇଛି। ୫ମ ପିଢ଼ିର ଏହି ଲଢୁଆ ବିମାନର ମୂଲ୍ୟ ୯୧୫ କୋଟି ଟଙ୍କା। ଏହି ଘଟଣାକ୍ରମରେ ଭାରତୀୟ ବାୟୁସେନା ବ୍ରିଟେନକୁ ସହାୟତା ପ୍ରଦାନ କରିଥିଲା। ବ୍ରିଟିଶ ହାଇକମିଶନର ମଧ୍ୟ ଏଥିପାଇଁ ଭାରତକୁ ଧନ୍ୟବାଦ ଜଣାଇଛନ୍ତି। ୩୭ ଦିନ ଧରି ବିମାନବନ୍ଦରରେ ରହିଥିବାରୁ ଏବେ ବ୍ରିଟେନକୁ ପାର୍କିଂ ପାଉଣା ଦେବାକୁ ହେବ। ଏହିକ୍ରମରେ ବ୍ରିଟେନକୁ ଦିନକୁ ୨୬, ୨୬୧ ଟଙ୍କା ଓ ମୋଟ ଉପରେ ୯.୧୯ ଲକ୍ଷ ଟଙ୍କା ତିରୁବନନ୍ତପୁରମ ବିମାନ ବନ୍ଦର କର୍ତ୍ତୃପକ୍ଷଙ୍କୁ ଦେବାକୁ ହେବ।

# ସବୁ ସୀମା ଅତିକ୍ରମ କରୁଛି ଇଡି: ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୨୧।୭ (ଏଜେନ୍ସି): ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)କୁ ସୁପ୍ରିମକୋର୍ଟ କଠୋର ଭାଷାରେ ସମାଲୋଚନା କରିଛନ୍ତି। ଏହି କେନ୍ଦ୍ରୀୟ ଏଜେନ୍ସି ସବୁ ସୀମା ପାର୍ କରିଯାଉଛି ବୋଲି କହିଛନ୍ତି। ଭୁଲ୍ ହୋଇଥିଲେ ବି ଜଣେ ଓକିଲ ଏବଂ ମହକିଲଙ୍କ ମଧ୍ୟରେ ହୋଇଥିବା ଆଲୋଚନା ବିଶେଷ ହୋଇଥାଏ। ଏହାକୁ ନେଇ ଓକିଲଙ୍କ ବିରୋଧରେ କେମିତି ନୋଟିସ୍ ଜାରି କରାଯାଇପାରିବ ନାହିଁ। ଏଭଳି ମାମଲାରେ ଇଡି ପାଇଁ ମାର୍ଗଦର୍ଶିକା ଜାରି କରାଯିବା ଉଚିତ ବୋଲି ପ୍ରଧାନ ବିଚାରପତି ବିଆର ଗଭାଇ ଏବଂ ଜଷ୍ଟିସ କେ ବିନୋଦ ଚନ୍ଦ୍ରନଙ୍କ ଖଣ୍ଡପୀଠ କହିଛନ୍ତି। ଆଇନଗତ ପରାମର୍ଶ ଦେଇଥିବା ଜଣେ ଓକିଲଙ୍କୁ ଇଡି ସମନ ପଠାଇବା ମାମଲାର ବିଚାର କରି କୋର୍ଟ ଏହି ଟିପ୍ପଣୀ ଦେଇଛନ୍ତି। ଏଭଳି କାର୍ଯ୍ୟାନୁଷ୍ଠାନ ଉପରେ କୋର୍ଟ ଚିନ୍ତା ଏବଂ ଅସନ୍ତୋଷ ପ୍ରକାଶ କରିଛନ୍ତି। ତଦନ୍ତ ସମୟରେ ଆଇନଗତ ପରାମର୍ଶ ଦେବା କିମ୍ବା ମହକିଲଙ୍କ ପକ୍ଷରୁ ଉପସ୍ଥିତ ହୋଇଥିବା ବରିଷ୍ଠ ଓକିଲ ଅରବିନ୍ଦ ଦତାର ଏବଂ ପ୍ରତାପ ବେଣୁଗୋପାଳଙ୍କୁ ଇଡି ସମନ ପଠାଇ ଥିଲା। ଆଇନଗତ ବୃତ୍ତିର ସ୍ୱାଧୀନତା ଉପରେ ଏଭଳି କାର୍ଯ୍ୟାନୁଷ୍ଠାନ ପ୍ରଭାବ ସମ୍ବନ୍ଧିତ ମାମଲାର ନିଜ ଆଡୁ ଶୁଣାଣି କରି ମାର୍ଗଦର୍ଶିକା ଆଣିବା ପାଇଁ କୋର୍ଟ କହିଛନ୍ତି। ୨୯ ତାରିଖରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ଆଜିର ଶୁଣାଣି ସମୟରେ ଖଣ୍ଡପୀଠ କହିଥିଲେ ଯେ ଅନେକ ମାମଲାରେ ଇଡି ନିଜ ସୀମା ଲଙ୍ଘନ କରୁଥିବା ଦେଖାଯାଉଛି। ଆମେ କିଛି ଜାଣିନାହୁଁ ବୋଲି ଭାବନାହିଁ। ଆମେ ଖବର ଦେଖୁନାହୁଁ। ୟୁଟ୍ୟୁବରେ ସାକ୍ଷାତକାର ବି ଦେଖୁନାହୁଁ। ସରକାର ଏବଂ ଇଡି ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କୋର୍ଟଙ୍କ ମନ୍ତବ୍ୟ ଉପରେ

## ଓକିଲଙ୍କୁ ସମନ ପଠାଇଥିଲା ଏଜେନ୍ସି

## ଇଡି ପାଇଁ ମାର୍ଗଦର୍ଶିକା ହେବା ଉଚିତ

ଚିନ୍ତା ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ଏହି ପ୍ରସଙ୍ଗକୁ ଉଚ୍ଚ ସ୍ତରରେ ରଖାଯାଇଛି। ତଦନ୍ତକାରୀ ସଂସ୍ଥାକୁ ଆଇନଗତ ପରାମର୍ଶ ଦେବା ପାଇଁ ଓକିଲମାନଙ୍କୁ ନୋଟିସ୍ ଜାରି ନ କରିବାକୁ କୁହାଯାଇଛି। ମିଥ୍ୟା କାହାଣୀ ଗଢ଼ି ପ୍ରତିଷ୍ଠାନଗୁଡ଼ିକୁ ବଦନାମ କରିବାକୁ ଚେଷ୍ଟା କରାଯାଉଛି। ଅନେକ ସମୟରେ ବିଭିନ୍ନ ମାମଲାକୁ ଆଧାର କରି ଭୁଲ ଭାବେ ଉପସ୍ଥାପନ କରାଯାଇଥାଏ। ଏହା ମୁଁ କହୁଛି, ଇଡି ନୁହେଁ। ଏକ ପ୍ରତିଷ୍ଠାନ ବିରୁଦ୍ଧରେ କାହାଣୀ ଗଢ଼ିବା ପାଇଁ ଷଡ଼ଯନ୍ତ୍ର ହେଉଛି। କୋର୍ଟ କିଛି ମାମଲାରୁ ଏହା ଜାଣିପାରିବେ। ଆଟର୍ଣ୍ଣି ଜେନେରାଲ ଆର ଭେଙ୍କଟରମଣି ମଧ୍ୟ କହିଥିଲେ ଯେ ସେ ଇଡି ଅଧିକାରୀଙ୍କ ସହିତ କଥା ହୋଇଛନ୍ତି। ଓକିଲମାନଙ୍କୁ ସମନ ପଠାଇବା ଭୁଲ ଥିଲା। କାରଣ ଆଇନଗତ ପରାମର୍ଶ ଦେବା ପାଇଁ ଓକିଲମାନଙ୍କୁ ସମନ କରାଯାଇପାରିବ ନାହିଁ। ସେହିପରି ମେହେଟ୍ଟା ଗଣମାଧ୍ୟମ ରିପୋର୍ଟକୁ ନେଇ ସତର୍କ କରାଇ ଥିଲେ। ସେ ଦୁର୍ନୀତି ଅଭିଯୁକ୍ତ ରାଜନେତାଙ୍କ ବିଷୟରେ ଉଲ୍ଲେଖ କରିବାରୁ ଏହାକୁ ରାଜନୀତିକରଣ ନ କରିବା ପାଇଁ ପୂର୍ବରୁ ସୁପ୍ରିମକୋର୍ଟ କହିଥିଲେ ବୋଲି ସିଜେଆଇ ଉଲ୍ଲେଖ କରିଥିଲେ।

ସୁପ୍ରିମକୋର୍ଟ ଓକିଲ ସଂଘର ଅଧ୍ୟକ୍ଷ ବିକାଶ ସିଂହ ଚୀନ୍ ଏବଂ ତୁର୍କୀର ଉଦାହରଣ ଦେଇ କହିଥିଲେ ଯେ ଆଇନଗତ ବୃତ୍ତିର ସ୍ୱାଧୀନତା ଉପରେ ଆକ୍ରମଣ କରୁଥିବା ଦେଶର ମାର୍ଗରେ ଭାରତ ନ ଯିବା ଉଚିତ। ଏହାକୁ ସବୁଦିନ ପାଇଁ ରଦ୍ଦ କରିଦିଆଯିବା ଉଚିତ। ତୁର୍କୀ ଏବଂ ଚୀନ୍ ଓକିଲ ସଂଘକୁ ଭାଙ୍ଗି ଦେଇଥିବା କୁହାଯାଉଛି। ଆଇନଗତ ରାୟ ଦେବା ପାଇଁ ଓକିଲଙ୍କୁ ସମନ ଘଟଣା ବିପଜ୍ଜନକ ଉଦାହରଣ ସୃଷ୍ଟି କରିଛି। ନଚେତ, ସମ୍ପୂର୍ଣ୍ଣ ନ୍ୟାୟ ବ୍ୟବସ୍ଥା ଉପରେ ଏହାର ନକରାତ୍ମକ ପ୍ରଭାବ ପଡ଼ିବ। ଓକିଲ ସ୍ୱାଧୀନ ଭାବେ ପରାମର୍ଶ ଦେଇପାରିବେ ନାହିଁ।

# ରାଜନୈତିକ ଲଢ଼େଇ କୋର୍ଟ ବାହାରେ ଲଢ଼: ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୨୧।୭ (ଏଜେନ୍ସି): ଶିକ୍ଷକ ନିଯୁକ୍ତି ଦୁର୍ନୀତି ମାମଲାର ରାୟ ଉପରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଟିପ୍ପଣୀକୁ ନେଇ ଅଦାଲତ ଅବମାନନା ପ୍ରକ୍ରିୟା ଆରମ୍ଭ କରିବାକୁ ଆବେଦନ କରାଯାଇଛି। ସୁପ୍ରିମକୋର୍ଟ ସୋମବାର ଏହି ମାମଲାର ଶୁଣାଣି କରି ନ୍ୟାୟିକ ପ୍ରକ୍ରିୟାକୁ ରାଜନୀତିକରଣ କରିବାକୁ ନେଇ ଚେତାବନୀ ଦେଇଛନ୍ତି। ରାଜନୈତିକ ଲଢ଼େଇ କୋର୍ଟ ବାହାରେ ଲଢ଼ ବୋଲି ପ୍ରଧାନ ବିଚାରପତି ବିଆର ଗଭାଇ ଏବଂ ଜଷ୍ଟିସ କେ ବିନୋଦ ଚନ୍ଦ୍ରନଙ୍କ ଖଣ୍ଡପୀଠ କହିଛନ୍ତି। ଦାତବ୍ୟ ସଂସ୍ଥା ଆତ୍ମଦୀପ ପକ୍ଷରୁ ଦାଏର ମାମଲାର ଶୁଣାଣି କରି କୋର୍ଟ ଏହି ଟିପ୍ପଣୀ ଦେଇଛନ୍ତି। ଆବେଦନରେ କୁହାଯାଇଥିଲା ଯେ ସୁପ୍ରିମକୋର୍ଟଙ୍କ ରାୟ ଉପରେ ମମତା ନ୍ୟାୟପାଳିକାର ଅଧିକାରକୁ ଦୁର୍ବଳ କରିବା ଭଳି ଆପତ୍ତିଜନକ ଟିପ୍ପଣୀ ଦେଇଥିଲେ। ତେଣୁ ଅଦାଲତ ଅବମାନନା କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବାକୁ ଆଟର୍ଣ୍ଣି ଜେନେରାଲଙ୍କୁ ନିର୍ଦ୍ଦେଶ ଦେବାକୁ କହିଥିଲେ। ଏହାକୁ ନେଇ ଖଣ୍ଡପୀଠ ଆବେଦନକାରୀଙ୍କ ଓକିଲକୁ ପଚାରି ଥିଲେ ଯେ ଅନୁମତି ମିଳିଯିବ ବୋଲି ଆପଣ ନିଶ୍ଚିତ ତ! କୋର୍ଟଙ୍କ ସାମ୍ନାରେ ରାଜନୀତି କରିବାକୁ ଚେଷ୍ଟା କରନାହିଁ। ରାଜନୈତିକ ଲଢେଇ ଆଉ କୋଉଠିକୁ ଯାଇ ଲଢିନିଅ। ଚାରି ସପ୍ତାହ ପରେ ଏହି ମାମଲାର ଶୁଣାଣି ହେବ ବୋଲି ସୁପ୍ରିମକୋର୍ଟ କହିଥିଲେ।

## ଅହମଦାବାଦ ବିମାନ ଦୁର୍ଘଟଣା

# ବିଭ୍ରାନ୍ତ କରୁଛନ୍ତି ବିଦେଶୀ ଗଣମାଧ୍ୟମ

ନୂଆଦିଲ୍ଲୀ/ଅହମଦାବାଦ, ୨୧।୭(ଏଜେନ୍ସି): ଅହମଦାବାଦ ବିମାନ ଦୁର୍ଘଟଣା ନେଇ କେନ୍ଦ୍ର ସରକାର ତରବରରେ କୌଣସି ନିଷ୍କର୍ଷ ନ ବାହାର କରିବାକୁ ମତ ଦେଇଛନ୍ତି। ପାଇଲଟ୍‌ଙ୍କ ତ୍ରୁଟି ପାଇଁ ଦୁର୍ଘଟଣା ହୋଇଛି ବୋଲି ପ୍ରକାଶିତ ଖବରକୁ ବେସାମରିକ ବିମାନ ଚଳାଚଳ ରାଷ୍ଟ୍ରମନ୍ତ୍ରୀ ରାମମୋହନ ନାଇଡୁ ଭୁଲ ବୋଲି କହିଛନ୍ତି। ଏ ସଂକ୍ରାନ୍ତରେ ବିଦେଶୀ ଗଣମାଧ୍ୟମକୁ ସଂଯମତା ରକ୍ଷା କରିବାକୁ ସେ ପରାମର୍ଶ ଦେଇଛନ୍ତି। ଏୟାର ଆକ୍ସିଡେଣ୍ଟ ଇନଭେଷ୍ଟିଗେସନ ବ୍ରାଞ୍ଚ୍ (ଏଏଆଇବି) ବିମାନ ଦୁର୍ଘଟଣାର ଯାଞ୍ଚ ଜାରି ରଖିଛି। ତେଣୁ ଅନ୍ତିମ ରିପୋର୍ଟ ଜାରି ନ ହେବା ପର୍ଯ୍ୟନ୍ତ ଏ ନେଇ କୌଣସି ମନ୍ତବ୍ୟ ନ ଦେବାକୁ ସେ ସମସ୍ତଙ୍କୁ ପରାମର୍ଶ ଦେଇଛନ୍ତି। ପୂର୍ବରୁ ପାଇଲଟ୍‌ଙ୍କ ତ୍ରୁଟି ଯୋଗୁଁ ଦୁର୍ଘଟଣା ହୋଇଥିଲା ବୋଲି ବିଦେଶୀ ଗଣାମାଧ୍ୟମଗୁଡିକ ଖବର ପରିବେଷଣ କରିଥିଲେ। ବିମାନର ବ୍ଲାକ ବକ୍ସର ଡାଟାକୁ ଡିକୋଡ କରାଯାଇଛି। ପ୍ରଥମଥର ପାଇଁ ଦେଶରେ ଏପରି ହୋଇଛି। ଏହି କାର୍ଯ୍ୟ ମଧ୍ୟ ଏଏଆଇବି କରିଛି। ଏଏଆଇବିର ଉପରେ ଆମର ପୂରା ବିଶ୍ୱାସ ଓ ଭରସା ରହିଛି। ପୂର୍ବରୁ ବ୍ଲାକ ବକ୍ସର ତଥ୍ୟକୁ ଡିକୋଡ କରିବା ପାଇଁ ଆମେ ବିଦେଶ ଯାଉଥିଲୁ। କିନ୍ତୁ ଏବେ ସେକଥା ଆଉ ନାହିଁ।

## ଅନ୍ତିମ ଯାଞ୍ଚ ରିପୋର୍ଟକୁ ଅପେକ୍ଷା କରିବାକୁ ସରକାରଙ୍କ ପରାମର୍ଶ

ଏଏଆଇବି ଦୁର୍ଘଟଣା ସଂକ୍ରାନ୍ତରେ ପ୍ରାଥମିକ ରିପୋର୍ଟ ଜାରି କରିଛି। ଟେକ୍ ଅଫ୍‌ର ୯ ସେକେଣ୍ଡ ପର୍ଯ୍ୟନ୍ତ ସବୁକିଛି ଠିକ୍ ଥିଲା। କିନ୍ତୁ ଏହାପରେ ସମସ୍ୟା ଆସିଥିଲା ବୋଲି କୁହାଯାଇଛି। ଅହମଦାବାଦ ବିମାନ ଦୁର୍ଘଟଣାରେ ମୋଟ୍ ୨୭୫ ଜଣ ପ୍ରାଣ ହରାଇଥିଲେ।



ଜଣେ ଯାତ୍ରୀ ସୌଭାଗ୍ୟବଶତଃ ବଞ୍ଚିଯାଇଥିଲେ। ଉଲ୍ଲେଖଥାଉ କି, ଜୁଲାଇ ୧୭ରେ ୱାଲ ଷ୍ଟ୍ରିଟ ଜନାଲରେ ବିମାନ ଦୁର୍ଘଟଣା ନେଇ ରିପୋର୍ଟ ପ୍ରକାଶ କରିଥିଲା। ଏଥିରେ ପାଇଲଟ୍ କ୍ୟାପଟେନ୍ ସୁମିତ ସଭରୱାଲ ଦୁଇଟି ଯାକ ଇଞ୍ଜିନର ଫୁଏଲ ସପ୍ଲାଇକୁ ରୋକିଥିଲେ ବୋଲି ଆଶଙ୍କା ପ୍ରକାଶ କରାଯାଇଥିଲା।

# ଏୟାର ଇଣ୍ଡିଆକୁ ୬ ମାସରେ ୯ ନୋଟିସ

ନୂଆଦିଲ୍ଲୀ, ୨୧।୭ (ଏଜେନ୍ସି): ଏୟାର ଇଣ୍ଡିଆର ସମସ୍ୟା ବଢ଼ିବାରେ ଲାଗିଛି। ସୁରକ୍ଷାସମ୍ବନ୍ଧିତ ନିୟମଉଲ୍ଲଙ୍ଘନକୁ ନେଇ ଗତ ୬ ମାସରେ ଏହି ଏୟାରଲାଇନ୍ସକୁ ୯ ଥର ନୋଟିସ ପଠାଗଲାଣି। ରାଜ୍ୟ ସଭାରେ ବେସାମରିକ ବିମାନ ଚଳାଚଳ ରାଷ୍ଟ୍ରମନ୍ତ୍ରୀ ମୁରଲୀଧର ମୋହୋଲ ଏହି ସୂଚନା ଦେଇଛନ୍ତି। ଗୋଟିଏ ମାମଲାରେ ପ୍ରବର୍ତ୍ତନ ଜନିତ କାର୍ଯ୍ୟାନୁଷ୍ଠାନ ଶେଷ ହୋଇଯାଇଥିବାବେଳେ ଅନ୍ୟ ମାମଲାର ତଦନ୍ତ ଜାରି ରହିଛି। ଅହମଦାବାଦ ବିମାନ ଦୁର୍ଘଟଣା ପରେ ଏହି ଏୟାର ଲାଇନ୍ସ ସୁରକ୍ଷା ଯାଞ୍ଚର କେନ୍ଦ୍ରରେ ରହିଛି। କେନ୍ଦ୍ରମନ୍ତ୍ରୀ ସଂସଦର ପ୍ରଥମ ଦିନରେ ଅହମଦାବାଦ ଦୁର୍ଘଟଣାକୁ ନେଇ ବିବୃତ୍ତି ରଖିଛନ୍ତି। ସରକାର ମାମଲାର ଗହନ ଯାଞ୍ଚ ପାଇଁ ପ୍ରତିବଦ୍ଧ ବୋଲି କହିଛନ୍ତି।

# ରନୱେରୁ ଖସିଲା ଏୟାର ଇଣ୍ଡିଆ ବିମାନ; ବର୍ତ୍ତିଲେ ଯାତ୍ରୀ

ମୁମ୍ବାଇ, ୨୧।୭ (ଏଜେନ୍ସି): ଦେଶର ସବୁଠୁ ବ୍ୟସ୍ତ ବହୁଳ ମୁମ୍ବାଇ ବିମାନବନ୍ଦରରେ ସୋମବାର ସକାଳ ୯ଟା ୨୭ରେ ବଡ଼ ଅଘଟଣ ଘଟିଛି। ଅବତରଣ ସମୟରେ ଏୟାର ଇଣ୍ଡିଆ ବିମାନ (ଏଆଇ ୨୭୪୪) ରନୱେରୁ ଖସି ଯାଇଛି। ଏଥିଯୋଗୁଁ ବିମାନ ରନୱେରୁ ୧୬ରୁ ୧୭ ମିଟର ଦୂରରେ ଥିବା ଘାସକୁ ଚାଲି ଯାଇଛି। ଏଥିରେ ବିମାନର ଇଞ୍ଜିନ କ୍ଷତିଗ୍ରସ୍ତ ହୋଇଛି। ବିମାନର ତିନୋଟି ଟାୟାର ଫାଟି ଯାଇଛି। ଡେଣା ଏବଂ ରନୱେ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ଏହି ରନୱେରେ ବିମାନ ଚଳାଚଳ ବନ୍ଦ କରିଦିଆଯାଇଛି। ରନୱେ ପାର୍ଶ୍ୱରେ ଥିବା ତିନୋଟି ସାଇନ୍ ବୋର୍ଡ ଏବଂ ଚାରୋଟି ଲାଇଟ ମଧ୍ୟ ଭାଙ୍ଗି ଯାଇଛି। ତେବେ ଅଳ୍ପକେ ସମସ୍ତ ଯାତ୍ରୀଙ୍କ ଜୀବନ ବଞ୍ଚି ଯାଇଛି। କେହି ମୃତାହତ ହୋଇନାହାନ୍ତି। ସମସ୍ତ ଯାତ୍ରୀ ସୁରକ୍ଷିତ ଅଛନ୍ତି ବୋଲି ଏୟାର ଇଣ୍ଡିଆ ପକ୍ଷରୁ କୁହାଯାଇଛି। ମୁମ୍ବାଇରେ ପ୍ରବଳ ବର୍ଷା ଲାଗି ରହିଥିବାରୁ ଏହି ଦୁର୍ଘଟଣା ଘଟିଲା ବୋଲି କୁହାଯାଉଛି। ଭାଇରଲ ଫଟୋ ଏବଂ ଭିଡିଓରୁ ଜଣାପଡୁଛି ଯେ ଡାହାଣ ଇଞ୍ଜିନର ନାସାଲ କ୍ଷତିଗ୍ରସ୍ତ ହୋଇଛି। ଏହା ପରେ ବିମାନକୁ ପାର୍କିଂକୁ ନିଆଯାଇଥିଲା। ଏଠାରେ ସମସ୍ତ ଯାତ୍ରୀ ଏବଂ କ୍ରୁ ସଦସ୍ୟଙ୍କୁ ବାହାର କରାଯାଇଥିଲା। ଏହି ମାମଲାର ଯାଞ୍ଚ କରିବା ପାଇଁ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ)ର ଏକ ଟିମ୍ ବିମାନବନ୍ଦରରେ ପହଞ୍ଚିଛି। ବିମାନର ଯାଞ୍ଚ ଜାରି ରହିଛି। ଉଭୟ ପାଇଲଟଙ୍କୁ ହଟାଇ ଦିଆଯାଇଛି। ଦୁର୍ଘଟଣାର କାରଣ ଯାଞ୍ଚ କରାଯାଉଛି। ବିମାନ ପରିଚାଳନା ଜାରି ରଖିବା ପାଇଁ ଅନ୍ୟ ଏକ ରନୱେ ଆରମ୍ଭ କରାଯାଇଛି।



# ମୁମ୍ବାଇ ସିରିଜ ଟ୍ରେନ୍ ବିସ୍ଫୋରଣ: ୧୨ ଅଭିଯୁକ୍ତ ଖଲାସ

ମୁମ୍ବାଇ, ୨୧।୭(ଏଜେନ୍ସି): ବହୁ ଚର୍ଚ୍ଚିତ ୨୦୦୬ ମୁମ୍ବାଇ ସିରିଜ ଟ୍ରେନ୍ ବିସ୍ଫୋରଣ ମାମଲାରେ ହାଇକୋର୍ଟ ସୋମବାର ସବୁ ୧୨ଜଣ ଅଭିଯୁକ୍ତଙ୍କୁ ଖଲାସ କରିଛନ୍ତି। ଦୀର୍ଘ ୧୯ ବର୍ଷ ପରେ ହାଇକୋର୍ଟ ଏହି ରାୟ ଶୁଣାଇଛନ୍ତି। ଅଭିଯୁକ୍ତଙ୍କ ବିରୋଧରେ ସରକାର ଓକିଲ ଦୋଷ ପ୍ରମାଣ କରିବାର ବିଫଳ ହୋଇଛନ୍ତି ବୋଲି କୋର୍ଟ କହିଛନ୍ତି। ଅଭିଯୁକ୍ତମାନେ ଅପରାଧ କରିଛନ୍ତି ବୋଲି କହିବା କଷ୍ଟକର। ତେଣୁ ଏମାନଙ୍କୁ ଖଲାସ କରାଯାଉଛି। ଯଦି ଏମାନେ ଅନ୍ୟ କୌଣସି ମାମଲାରେ ଅଭିଯୁକ୍ତ ନୁହଁନ୍ତି, ତେବେ ସେମାନଙ୍କୁ ତୁରନ୍ତ ଖଲାସ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଉଲ୍ଲେଖଥାଉ କି, ୨୦୦୬ ଜୁଲାଇ ୧୧ରେ ମୁମ୍ବାଇର ୱେଷ୍ଟର୍ଣ୍ଣ ସବ ଅର୍ବାନ ଟ୍ରେନ୍‌ର ୭ଟି ବଗିରେ ସିରିଜ ବିସ୍ଫୋରଣ ହୋଇଥିଲା। ଏଥିରେ ୧୮୯ ଯାତ୍ରୀ ମୃତ୍ୟୁବରଣ କରିଥିଲେ ଓ ୮୨୪ ଜଣ ଆହତ ହୋଇଥିଲେ। ଫାର୍ଷ୍ଟକ୍ଲାସ କୋଚ୍ ଗୁଡିକରେ ହିଁ ସବୁ ବିସ୍ଫୋରଣ ହୋଇଥିଲା।

ସନ୍ଧ୍ୟା ୬.୨୪ରୁ ୬.୩୫ ମିନିଟ୍ ମଧ୍ୟରେ ଗୋଟିଏ



ପରେ ଗୋଟିଏ ବିସ୍ଫୋରଣ ହୋଇଥିଲା। ଲୋକାଲ ଟ୍ରେନ୍‌ର ଫାର୍ଷ୍ଟକ୍ଲାସ ବଗିରେ ଗୁଡିକରେ ଏହି ବିସ୍ଫୋରଣ କରାଯାଇଥିଲା। ଖାର, ବାନ୍ଦ୍ରା, ଜାଗେଶ୍ୱରୀ, ମହିମ, ବୋରିବାଲି, ମାଟୁଙ୍ଗା ଓ ମୀରା- ଭାୟାନ୍ଦର ରେଳ ଷ୍ଟେସନ ନିକଟ୍‌ରେ ଏହି ସବୁ ବିସ୍ଫୋରଣ ହୋଇଥିଲା। ଟ୍ରେନ୍‌ରେ ଲଗା ଯାଇଥିବା ବୋମାରେ ଆରଡିଏକ୍ସ, ଆମୋନିଆ ନାଇଟ୍ରେଟ୍, ଫୁଏଲ ତେଲ ଓ ଲୁହା କଣ୍ଟାର ବ୍ୟବହାର ହୋଇଥିଲା। ୭ଟି ପ୍ରେସର କୁକରରେ ରଖାଯାଇ ବମ୍‌ଗୁଡିକ ଟାଇମର ଦ୍ୱାରା ଉଡାଇ ଦିଆଯାଇଥିଲା।

ଆତଙ୍କବାଦୀ ସଂଗଠନ ଲସ୍କର-ଇ-ତୋଇବାର ଆଜମ ଚିମା ପାକିସ୍ତାନସ୍ଥିତ ନିଜ ବାହବଲପୁର ଘରୁ ସିମି ଓ ଲସ୍କରର ଦୁଇଟି ଗ୍ରୁପ୍ ସହ ମିସି ଷଡ଼ଯନ୍ତ୍ର କରି ଏହି ବିସ୍ଫୋରଣ ଘଟାଇଥିଲା ବୋଲି ପୁଲିସ ତା'ର ଅଭିଯୋଗ ପତ୍ରରେ ଉଲ୍ଲେଖ କରିଥିଲା। ଏଥିପାଇଁ ବାହବଲପୁରରୁ ୫୦ଜଣ ଯୁବକଙ୍କୁ ଭାରତ ପଠାଯାଇଥିଲା। ୧୨ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ ମୃତ୍ୟୁବରଣ କରିଛି। ଏବେ ହାଇକୋର୍ଟଙ୍କ ଏହି ରାୟକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇ ପାରିବ ବୋଲି କୁହାଯାଇଛି। ୨୦୦୬ରେ ୧୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ୯ ବର୍ଷ କେସ୍ ଚାଲିବା ପରେ ସ୍ପେଶାଲ କୋର୍ଟ ୨୦୧୫ ସେପ୍ଟେମ୍ବର ୧୧ରେ ରାୟ ଦେଇଥିଲେ। ୧୩ ଜଣଙ୍କ ମଧ୍ୟରୁ ୫ ଜଣଙ୍କୁ ଫାଶୀ ଦଣ୍ଡରେ ଦଣ୍ଡିତ କରାଯାଇଥିବା ବେଳେ ୭ଜଣଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯାଇଥିଲା। ଜଣେ ଅଭିଯୁକ୍ତକୁ କୋର୍ଟ ମୁକ୍ତ କରିଥିଲେ। ଏହାପରେ ୨୦୧୬ରେ ସବୁ ଅଭିଯୁକ୍ତ ବମ୍ବେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ସ୍ୱାମୀଙ୍କୁ ମାରି ଟାଇଲ ତଳେ ପୋତିଲେ ସ୍ତ୍ରୀ ଓ ପ୍ରେମିକ

ପାଲଘର, ୨୧।୭(ଏଜେନ୍ସି): ମହାରାଷ୍ଟ୍ରର ପାଲଘର ଜିଲ୍ଲାରେ ବଲିଉଡ୍ ସୁପର ହିଟ୍ ସିନେମା 'ଦୃଶ୍ୟମ' ଶୈଳୀରେ ଏକ ହତ୍ୟାକାଣ୍ଡ ଘଟିଛି। ପ୍ରେମିକଙ୍କ ସହାୟତାରେ ଜଣେ ପତ୍ନୀ ନିଜ ସ୍ୱାମୀଙ୍କୁ ହତ୍ୟା କରି ନିଜ ଘରର ଟାଇଲ ତଳେ ପୋତିବା ସହ ମୃତଦେହକୁ ଲୁଚାଇବାକୁ ପ୍ରୟାସ କରିଛନ୍ତି। ୩୫ ବର୍ଷୀୟ ବିଜୟ ଚାଭନ ଗତ ୧୫ ଦିନ ହେବ ନିଖୋଜ ଥିଲେ। ମୁମ୍ବଇଠାରୁ ୭୦କିମି ଦୂର ନାଲାସୋପାରା ଇଷ୍ଟର ଗଡ଼ଗାପଡ଼ା ଅଞ୍ଚଳରେ ବିଜୟ ଓ ତାଙ୍କ ୨୮ ବର୍ଷୀୟ ପତ୍ନୀ କୋମଲ ଚାଭନ ରହୁଥିଲେ। ସୋମବାର ସକାଳେ ବିଜୟଙ୍କ ଭାଇ ତାଙ୍କୁ ଖୋଜିବାକୁ ଆସି ଘରେ ପହଞ୍ଚିଥିଲେ। କିନ୍ତୁ ଘର ଚଟାଣର କୋଡୋଟି ଟାଇଲ ଅନ୍ୟଗୁଡିକ ସହ ମେଳ ଖାଉ ନଥିବା ସେ ଲକ୍ଷ୍ୟ କରିଥିଲେ। ସନ୍ଦେହ ହେବାରୁ ସେ ମେଳ ଖାଉ ନଥିବା ଭିନ୍ନ ରଙ୍ଗର ଟାଇଲକୁ କାଢ଼ି ଦେବା ପରେ ଏକ ସାର୍ଟ ପୋତା ହୋଇଥିବା ଦେଖିଥିଲେ ଓ ଉତ୍କଟ ଦୁର୍ଗନ୍ଧ ହେବାର ଜାଣି ପରିଥିଲେ। ଏହାପରେ ସେ ପୁଲିସ୍‌କୁ ସୂଚନା ଦେଇଥିଲେ। ପୁଲିସ ବିଜୟ ମୃତଦେହ ଟାଇଲ ତଳୁ ଉଦ୍ଧାର କରିଥିଲା।

■ ମାଲକାନଗିରିରେ ପୁଣି ଲଜ୍ଜା

## ନାବାଳିକାକୁ ଦୁଷ୍କର୍ମ କରି ରାସ୍ତାକଡ଼ରେ ଛାଡ଼ିଦେଲା

ମାଲକାନଗିରି,୨୧।୭(ସମିସ): ମାଲକାନଗିରି ଜିଲ୍ଲାରେ ପୁଣି ଜଣେ ନାବାଳିକା ଦୁଷ୍କର୍ମର ଶିକାର ହୋଇଛି। ଏନେଇ ନାବାଳିକାର ପରିବାରଲୋକ ମାଲକାନଗିରି ସଦର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଗତକାଲି ସନ୍ଧ୍ୟାରେ ସାଙ୍ଗର ଜନ୍ମଦିନ ପାଳନ ପାଇଁ ନାବାଳିକାଜଣଙ୍କ ସାଙ୍ଗ ଘରକୁ ଯାଇଥିଲେ। କିନ୍ତୁ ବିଳମ୍ବିତ ରାତି ଯାଏଁ ଘରକୁ ନ ଫେରିବାରୁ ପରିବାରଲୋକଙ୍କ ଚିନ୍ତା ବଢ଼ିଥିଲା। ସେମାନେ ବହୁ ଖୋଜାଖୋଜି କରିଥିଲେ ହେଁ ଝିଅର ପତ୍ତା ପାଇନଥିଲେ। ତେବେ, ବିଳମ୍ବିତ ରାତିରେ ଜିଲ୍ଲା ସଦରରୁ ଜୟପୁରକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତାର ବିଜାଘାଟିଠାରେ ଉକ୍ତ ନାବାଳିକାଙ୍କୁ ସନ୍ଦେହଜନକ ଅବସ୍ଥାରେ ଦେଖି କିଛି ସ୍ଥାନୀୟ ଲୋକ ମାଲକାନଗିରି ପୁଲିସକୁ ଖବର ଦେଇଥିଲେ। ପୁଲିସ ସେଠାରେ ପହଞ୍ଚି ଉକ୍ତ ନାବାଳିକାକୁ ଉଦ୍ଧାର କରିବା ସହ ଶକ୍ତିସଦନ ଗୃହରେ ରଖାଇଥିଲା। ଆଜି ନାବାଳିକାର ମା' ଶକ୍ତିସଦନରେ ପହଞ୍ଚି ସବୁ କଥା ଶୁଣିବା ପରେ ମାଲକାନଗିରି ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ପୁଲିସ୍ ନମ୍ବର ୩୬୩/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ କରିବା ସହ ଜଣେ ଟ୍ରକ୍ ଚାଳକକୁ ଅଟକ ରଖି ତଦନ୍ତ ଚଳାଇଛି। ଏହାସହ ନାବାଳିକାର ଡାକ୍ତରୀ ପରୀକ୍ଷା ମଧ୍ୟ କରାଇଛି।

■ ଝିଅର ପ୍ରେମବିବାହକୁ ପରିବାରଲୋକଙ୍କ ବିରୋଧ

## ପୁଅର ମା'କୁ ଘରୁ ଉଠାଇନେଲେ

ମାଲକାନଗିରି, ୨୧।୭(ସମିସ): ପ୍ରେମ ବିବାହରୁ ତୁମୁଳକାଣ୍ଡ। ପରିବାରଲୋକଙ୍କ ବିନା ସହମତିରେ ବିବାହ କରିଥିବା ଝିଅର ପରିବାରଲୋକ ପୁଅ ମା'କୁ ଅପହରଣ କରିନେବା ଭଳି ଏକ ଘଟଣା ମାଲକାନଗିରି ଜିଲ୍ଲାରେ ଚର୍ଚ୍ଚାର ବିଷୟ ହୋଇଛି। ମାଲକାନଗିରି ଥାନା ଅନ୍ତର୍ଗତ ଏମ୍‌ଭି-୪୮ ଗ୍ରାମରେ ଏହି ଘଟଣା ଘଟିଛି। ସୂଚନା ମୁତାବକ, ଏମ୍‌ଭି-୪୮ ଗ୍ରାମର ଚମ୍ପା ସରକାରଙ୍କ ପୁଅ ପୁନ୍ଦ୍ରିକ ସରକାର ପଡ଼ୋଶୀ ଛତିଶଗଡ଼, ସୁକୁମା ଜିଲ୍ଲାର ଗୌଡ଼ ସରଦାରଙ୍କ ଝିଅ ଜ୍ୟୋତିମାଳାଙ୍କୁ ଭଲ ପାଉଥିଲେ। ଦୀର୍ଘ ଦିନ ଧରି ଦୁହିଁଙ୍କ ସଂପର୍କ ଥିଲା। କିଛି ଦିନ ତଳେ ପରିବାରଲୋକଙ୍କ ଅଗୋଚରରେ ଦୁହେଁ ବିବାହ କରିନେଇଥିଲେ। ପୁନ୍ଦ୍ରିକଙ୍କ ଘରଲୋକେ ଜ୍ୟୋତିଙ୍କୁ ବୋହୂ ରୂପରେ ଗ୍ରହଣ କରିଥିଲେ। କିନ୍ତୁ ଜ୍ୟୋତିମାଳାଙ୍କ ପରିବାରଲୋକ ଏହି ବିବାହକୁ ସ୍ୱୀକୃତି ଦେଇନଥିଲେ। ଝିଅକୁ ଘରକୁ ଫେରାଇ ଆଣିବା ଲାଗି ସେମାନେ ଏମ୍‌ଭି-୪୮ ଗ୍ରାମକୁ ଯାଇଥିଲେ। କିନ୍ତୁ ସେଠାରେ ଝିଅ-ଜ୍ୱାଇଁଙ୍କୁ ନ ପାଇବାରୁ ପୁଅର ମା'ଙ୍କୁ ଅପହରଣ କରିନେଇଥିଲେ। ତେବେ, ଏହି ଘଟଣାରେ ସାମିଲ ଥିବା ଝିଅର ଜଣେ ସମ୍ପର୍କୀୟଙ୍କୁ ଗ୍ରାମବାସୀ ଅଟକ ରଖିଥିଲେ। ଖବର ପାଇ ମାଲକାନଗିରି ପୁଲିସ୍ ଗ୍ରାମରେ ପହଞ୍ଚି ଉକ୍ତ ସଂପର୍କୀୟଙ୍କୁ ଥାନାକୁ ଆଣି ପଚରାଉଚରା କରୁଛି। ତେବେ, ରିପୋର୍ଟ ଲେଖାହେବା ବେଳକୁ ଅପହୃତ ଚମ୍ପା ଘରକୁ ଫେରି ଆସିଥିବା ଥାନା ଅଧିକାରୀ ରିଗାନ କିଣ୍ଡୋ ସୂଚନା ଦେଇଛନ୍ତି।

ଭଣ୍ଡେଇଦେଲେ କେନ୍ଦ୍ର ସରକାର

## ଦ୍ୱିତୀୟ ପାଇକ ବିଦ୍ରୋହ ପାଇଁ ମହାସଂଘର ଆହ୍ୱାନ

ଭୁବନେଶ୍ୱର,୨୧।୭(ସମିସ): ଓଡ଼ିଶାର ପାଇକ ବିଦ୍ରୋହକୁ ଜାତୀୟସ୍ତରରେ ମାନ୍ୟତା ଦେବାରେ ଟାଳଟୁଳ ନୀତି ବିରୋଧରେ ଦ୍ୱିତୀୟ ବିଦ୍ରୋହ ପାଇଁ ଆହ୍ୱାନ ଦେଇଛି ପାଇକ ମହାସଂଘ। ପାଇକ ବିଦ୍ରୋହର ସ୍ମାରକୀ ନିର୍ମାଣରେ ବିଳମ୍ବ, ଉତ୍କଳ ବିଶ୍ୱବିଦ୍ୟାଳୟରେ ବକ୍ସି ଜଗବନ୍ଧୁ ପାଇକ ଚେୟାର ସ୍ଥାପନ, ପାଇକ ଏକାଡ଼େମୀ ଓ ପାଇକ ରେଜିମେଣ୍ଟ ଗଠନ ଆଦିରେ ଅବହେଳା ସାଙ୍ଗକୁ ଏବେ ଏନ୍‌ସିଆର୍‌ଟି ପୁସ୍ତକୁ ପାଇକ ବିଦ୍ରୋହକୁ ବାଦ ଦେବା ପ୍ରତିବାଦରେ ଖୋର୍ଦ୍ଧାମାଟିରୁ ପୁଣି ପାଇକ ବିଦ୍ରୋହ ଆରମ୍ଭ ହେବ ବୋଲି ମହାସଂଘ ଚେତାବନୀ ଦେଇଛି। ମହାସଂଘ ପକ୍ଷରୁ କୁହାଯାଇଛି ଯେପାଇକ ବିଦ୍ରୋହର ୨୦୦ ଶହ ବର୍ଷ ପୂର୍ତ୍ତି ଅବସରରେ ଦିଲ୍ଲୀସ୍ଥିତ ବିଜ୍ଞାନ ଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ତତ୍କାଳୀନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ ପାଇକ ବିଦ୍ରୋହକୁ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ ବୋଲି ବର୍ଣ୍ଣନା କରିଥିଲେ। ତତ୍କାଳୀନ କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭେଦକର ପାଇକ ବିଦ୍ରୋହକୁ ପାଠ୍ୟକ୍ରମରେ (ସିବିଏସିଇ)ରେ ସ୍ଥାନିତ କରାଯିବାକୁ ଘୋଷଣା କରିଥିଲେ।୨୦୨୦-୨୧ ଶିକ୍ଷାବର୍ଷରେ ସିବିଏସଇ ପାଠ୍ୟପୁସ୍ତକରେ ପାଇକବିଦ୍ରୋହ ସ୍ଥାନ ପାଇଥିଲେ ହେଁ ଏହା ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ଉଲ୍ଲେଖ କରାଯାଇ ନ ଥିଲା। ହେଲେ ଚଳିତ ବର୍ଷ ତାହାକୁ ବି ବାଦ୍ ଦିଆଯାଇଛି।

■ ମିଳିଲାନାହିଁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ମାନ୍ୟତା
■ ଗଠନ ହୋଇପାରିଲାନି ସ୍ୱତନ୍ତ୍ର ପାଇକ ରେଜିମେଣ୍ଟ
■ ଅଟକିଛି ଚେୟାର ପ୍ରତିଷ୍ଠା, ଆଗେଇପାରୁନି ସ୍ମାରକୀ

କେବଳ ସେତିକି ନୁହେଁ ଉତ୍କଳ ବିଶ୍ୱବିଦ୍ୟାଳୟରେ ବକ୍ସି ଜଗବନ୍ଧୁ ପାଇକ ଚେୟାର ଗଠନ କରାଯିବାକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ୨କୋଟି ଟଙ୍କା ଅର୍ଥ ବି ମଞ୍ଜୁର ହୋଇଥିଲେ ବି ତାହା ବି ହୋଇପାରି ନାହିଁ। ପାଇକ ଏକେଡ଼େମୀ ପ୍ରସ୍ତାବ ମଧ୍ୟରେ ଅଟକି ଯାଇଛି।

ସେହିପରି ପାଇକ ଐତିହ୍ୟ ସ୍ମାରକୀର ଭିତ୍ତିପ୍ରସ୍ତର ତତ୍‌କାଳୀନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ୨୦୧୯ ମସିହାରେ ବରୁଣେଇ ପାଦଦେଶରେ ସ୍ଥାପନ ବି କରିଥିଲେ। ପାଇକ ବିଦ୍ରୋହ ସ୍ମାରକୀ ନିର୍ମାଣ ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୯ ଏକର ୬୮ ଡ଼ିସିମିଲି ଜାଗାକୁ ୩୧ କୋଟି ୯୭ ଲକ୍ଷ ଟଙ୍କା ଛାଡ଼ କରି ବିନା ମୂଲ୍ୟରେ ଯୋଗାଇ ଦେଇଥିଲେ। ମାତ୍ର ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ଜମି ଯୋଗାଇ ଦେବା ସତ୍ତ୍ୱେ ଏଯାଏ ତାହା ନିର୍ମାଣ ହୋଇ ପାରିଲା ନାହିଁ। ଏମିତିକି ପାଇକ ସ୍ମାରକୀ ତ ଦୂରର କଥା ଏପର୍ଯ୍ୟନ୍ତ ଇଟା ଖଣ୍ଡ ମଧ୍ୟ ପଡ଼ି ପାରି ନାହିଁ। ପୂର୍ବତନ ସାଂସଦ ଅଚ୍ୟୁତ ସାମନ୍ତ ସଂସଦ ଭବନରେ ପାଇକ ରେଜିମେଣ୍ଟ ସ୍ଥାପନ କରିଥିଲେ ହେଁ କେନ୍ଦ୍ର ସରକାର ଏହାପ୍ରତି କର୍ଣ୍ଣପାତ କରିନାହାନ୍ତି। ପାଇକ ମହାସଂଘ ଏହି ମାନ୍ୟତା ପାଇଁ ରାଜ୍ୟପାଳ, ପ୍ରଧାନମନ୍ତ୍ରୀ ଏବଂ ରାଷ୍ଟ୍ରପତିଙ୍କୁ ଦାବିପତ୍ର ପ୍ରଦାନ କରିଆସୁଥିବା ବେଳେ ଡବଲ ଇଞ୍ଜିନ୍ ସରକାରରେ କୌଣସି ସାଂସଦ, ବିଧାୟକ କିମ୍ବା ମନ୍ତ୍ରୀ ଏ ସମ୍ପର୍କରେ ପଦଟିଏ ସ୍ୱର ଉଠାଇ ନାହାନ୍ତି।

ପାଇକ ମହାସଂଘର ରାଜ୍ୟ ସଭାପତି ଡ. ଅଶୋକ କୁମାର ପାଲଟାସିଂହ କହିଛନ୍ତି ଯେ ପାଇକ ବିଦ୍ରୋହକୁ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ଭାବେ ଘୋଷଣା କରାଯାଇ ପାରିଲା ନାହିଁ। ଗତ ନିର୍ବାଚନ ପ୍ରଚାର ସମୟରେ ଓଡ଼ିଶା ଗସ୍ତରେ ଆସିଥିବା ସମୟରେ ପ୍ରଧାନମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂହଙ୍କ ନିକଟରେ ଏ ସଂକ୍ରାନ୍ତରେ ଦାବି କରାଯାଇଥିଲା। ପୂର୍ବତନ ବିଜେଡି ସରକାର ପାଇକ ସ୍ମାରକୀ ପାଇଁ ଜମି ଯୋଗଇ ଦେବା ସହ ପାଇକ ଏକାଡେମୀ କରିଛନ୍ତି। ଯେଉଁଥିପାଇଁ ଆମେ ତାଙ୍କ ନିକଟରେ କୃତଜ୍ଞ। ତେବେ ବର୍ତ୍ତମାନ ଏହାକୁ କାର୍ଯ୍ୟକାରୀ କରିବା ଏବଂ ପାଇକ ସ୍ମାରକୀକୁ ଆଗେଇ ନେବା ନୂତନ ସରକାରଙ୍କ ଦାୟିତ୍ୱ।କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପାଇକ ବିଦ୍ରୋହକୁ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମର ଘୋଷଣା କରନ୍ତୁ; ନଚେତ୍ ଓଡ଼ିଆ ଅସ୍ମିତା କଥା କହି ଡିଣ୍ଡିମ ପିଟୁଥିବା ବିଜେପି ସରକାରକୁ ପାଇକ ମହାସଂଘ ଆଗାମୀ ଦିନରେ ଦୃଢ଼ ଜବାବ ଦିଆଯିବ ବୋଲି ଶ୍ରୀ ପାଲଟା ସିଂହ, ଗାୟନ ସାମଲ, କେଦାର ନାଥ ଦାସ କହିଛନ୍ତି।

ନିର୍ଯାତନା ନିଆଁ ଥମୁନି

## ଅନୁଗୋଳ କଲେଜର ୪ ଅଧ୍ୟାପକଙ୍କ ବିରୋଧରେ ନିର୍ଯାତନା ଅଭିଯୋଗ

ଭୁବନେଶ୍ୱର,୨୧।୭(ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅଧ୍ୟାପକଙ୍କ ନିର୍ଯାତନା ସହି ନ ପାରି ଆତ୍ମଦାହ ଉଦ୍ୟମ କରି ମୃତ୍ୟୁବରଣ କରିବା ଘଟଣା ମନରୁ ନ ଲିଭୁଣୁ ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟରୁ ଆସିଛି ସମାନ ଅଭିଯୋଗ। ବିଡ଼ମ୍ବନା ହେଉଛି ଗତ ଜାନୁଆରୀ ମାସରୁ ଏ ସଂକ୍ରାନ୍ତରେ ୪ ଜଣ ଅଧ୍ୟାପକଙ୍କ ବିରୋଧରେ ସରକାରଙ୍କ ନିକଟରେ ଅଭିଯୋଗ ହୋଇଥିଲେ ହେଁ ଏ ସମ୍ପର୍କରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ଗତ ଜାନୁଆରୀ ୧୩ ତାରିଖରେ ସରକାରଙ୍କ ନିକଟରେ ଅନୁଗୋଳ କଲେଜର ପ୍ରାଣୀବିଜ୍ଞାନ ବିଭାଗର ୩ ଏବଂ ଇଂରାଜୀ ବିଭାଗର ଜଣେ ଅଧ୍ୟାପକ କିଛି ନିର୍ଦ୍ଦିଷ୍ଟ ଛାତ୍ରୀଙ୍କୁ ମାନସିକ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଥିଲା। ଉଦ୍ଦେଶ୍ୟମୂଳକ ଭାବେ ଏପରି କରାଯାଉଥିବାରୁ ଛାତ୍ରୀଙ୍କୁ ମାନସିକ ଯନ୍ତ୍ରଣା ପ୍ରଦାନ କରାଯାଉଥିବାରୁ ବହୁ ଛାତ୍ରୀ

### ୭ ମାସ ହେଲା ବିଭାଗରେ ପଡ଼ିଛି ଅଭିଯୋଗ

ନିୟମିତ ପାଠ ପଢ଼ିବାକୁ କଲେଜ ଆସୁ ନାହାନ୍ତି। ଏସବୁ ଘଟଣା କଲେଜ କର୍ତ୍ତୃପକ୍ଷ ଓ ଅଧ୍ୟକ୍ଷଙ୍କ ଜ୍ଞାତସାରରେ ହେଉଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନି। ଦୀର୍ଘ ୧୫ରୁ ୨୦ ବର୍ଷ ଧରି ଏହି ସମସ୍ତ ଅଧ୍ୟାପକମାନେ ମହାବିଦ୍ୟାଳୟରେ କାର୍ଯ୍ୟରତ ଥିବାରୁ ତଦନ୍ତକୁ ପ୍ରଭାବିତ କରୁଛନ୍ତି ବୋଲି ଅଭିଯୋଗ ହୋଇଥିଲା। ମାତ୍ର ଜାନୁଆରୀ ମାସରେ ହୋଇଥିବା ଏହି ଅଭିଯୋଗ ସମ୍ପର୍କରେ ଏଯାଏ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ବିଭାଗ ସାତମାସ ହେଲା କାହିଁକି ଏପରି ଅଭିଯୋଗକୁ ଚାପି ରଖିଛି ତାହା ମଧ୍ୟ ସନ୍ଦେହ ସୃଷ୍ଟି କରିଛି। ଏଫ୍‌ଏମ୍ କଲେଜ ଛାତ୍ରୀ ଅଧ୍ୟକ୍ଷଙ୍କ ଠାରୁ ମନ୍ତ୍ରୀଙ୍କ ପର୍ଯ୍ୟନ୍ତ ଅଭିଯୋଗ କରି ନିରାଶ ହେବା ପରେ ଆତ୍ମହତ୍ୟା ପରି ଚରମ ପଦକ୍ଷେପ ନେଇଛନ୍ତି। ହେଲେ ଛାତ୍ରୀଙ୍କୁ ନିର୍ଯ୍ୟାତନା ପରି ଗୁରୁତର ଅଭିଯୋଗ ସତ୍ତ୍ୱେ ଏତେ ବେଫିକର କାହିଁକି ବୋଲି ଶିକ୍ଷାବିତ୍‌ମାନେ ପ୍ରଶ୍ନ କରିଛନ୍ତି।

ଗମ୍ଭାରିମାଳିଆ ଟ୍ରିପଲ ମର୍ଡର ମାମଲା

## ହାଇକୋର୍ଟରେ ଫାଶୀ ଦଣ୍ଡାଦେଶ ରଦ୍ଦ

କଟକ, ୨୧।୭ (ସମିସ): ବହୁଚର୍ଚ୍ଚିତ ଅନୁଗୋଳ ଜିଲ୍ଲା କିଶୋରନଗର ଥାନା ଗମ୍ଭାରିମାଳିଆ ଗ୍ରାମରେ ସଂଗଠିତ ଟ୍ରିପଲ ମର୍ଡର୍ ଘଟଣାରେ ଦୁଇ ଅଭିଯୁକ୍ତଙ୍କୁ ହାଇକୋର୍ଟ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଏଥିସହ ଆଠମଲ୍ଲିକ ଅତିରିକ୍ତ ଦୌରା ଅଦାଲତଙ୍କ ଫାଶୀ ଦଣ୍ଡାଦେଶକୁ ରଦ୍ଦ କରିଦେଇଛନ୍ତି। ଜଷ୍ଟିସ୍ ସଂଗମ କୁମାର ସାହୁ ଓ ଜଷ୍ଟିସ୍ ଶିବଶଙ୍କର ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଅଭିଯୁକ୍ତ ପ୍ରକାଶ ବେହେରା ଓ ନନ୍ଦକିଶୋର ସେଠୀଙ୍କ ଆବେଦନର ଶୁଣାଣି କରି ଏପରି ରାୟ ପ୍ରକାଶ କରିଛନ୍ତି। ଏହାସହ ମୃତ ଦମ୍ପତିଙ୍କ ନାବାଳିକା ଝିଅଙ୍କୁ ୩୦ଲକ୍ଷ ଟଙ୍କା ପୀଡ଼ିତା କ୍ଷତିପୂରଣ ଆଇନ ଅନୁସାରେ ପ୍ରଦାନ କରିବାକୁ ଅନୁଗୋଳ ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି ଖଣ୍ଡପୀଠ।

■ ଦୁଇ ଅଭିଯୁକ୍ତଙ୍କୁ ଦୋଷମୁକ୍ତ କଲେ ଅଦାଲତ
■ ମୃତକଙ୍କ ନାବାଳିକା ଝିଅକୁ ୩୦ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ନିର୍ଦ୍ଦେଶ

ଅଦାଲତ କହିଛନ୍ତି ଯେ ଅପରାଧୀମାନେ ଯେଉଁମାନେ ବି ହୁଅନ୍ତୁ ନା କାହିଁକି, ସେମାନେ ତିନି ଜଣଙ୍କ ଜୀବନ ନେଇଛନ୍ତି। ଯେଉଁଥିରେ ଜଣେ ନାବାଳକ ବାଳକ ମଧ୍ୟ ଅଛନ୍ତି। ତେବେ ଏହି ମାମଲାରେ ଆବେଦନକାରୀ ଅଭିଯୁକ୍ତଙ୍କୁ ଦୋଷୀସାବ୍ୟସ୍ତ ପାଇଁ କୌଣସି ସନ୍ତୋଷଜନକ ପ୍ରମାଣ ଉପସ୍ଥାପନ କରାଯାଇନାହିଁ। ଫୌଜଦାରୀ ନ୍ୟାୟଶାସ୍ତ୍ର ଅନୁସାରେ ଅପରାଧ ଯେତେ ଗମ୍ଭୀର ହେଉ, ପ୍ରମାଣର ପରିମାଣ ସେତେ କଠୋର ହେବା ଉଚିତ। ସରକାରୀ ପକ୍ଷ ଯେଉଁ ଯୁକ୍ତି ଉପସ୍ଥାପନ କରିଛନ୍ତି, ତାହା ଅନୁମାନ ଏବଂ ସନ୍ଦେହ ଉପରେ ଆଧାରିତ। କେତେକ ନିର୍ଦ୍ଦିଷ୍ଟ କାରଣ ଯୋଗୁଁ ଯେତେବେଳେ ଜବତ ସାମଗ୍ରୀଗୁଡ଼ିକ ଆବେଦନକାରୀଙ୍କ ବିରୋଧରେ ପ୍ରମାଣ ଭାବରେ ବ୍ୟବହାର କରାଯାଇପାରିବ ନାହିଁ, ସେତେବେଳେ ଡିଏନଏ ପରୀକ୍ଷା ରିପୋର୍ଟ ବି ସେମାନଙ୍କ ବିରୋଧରେ ଗ୍ରହଣୀୟ ନୁହେଁ ବୋଲି ହାଇକୋର୍ଟ କହିଛନ୍ତି।

ମାମଲାରୁ ପ୍ରକାଶ, ଗତ ୨୦୧୭ ଅକ୍ଟୋବର ୧୦ ତାରିଖରେ କିଶୋରନଗର ଥାନା ଗମ୍ଭାରିମାଳିଆ ଗ୍ରାମର ବିରଞ୍ଚି ନାୟକ, ପତ୍ନୀ ତାରଣୀ ନାୟକ ଓ ୭ ବର୍ଷୀୟ ନାବାଳକ ପୁତ୍ର ଏକଲବ୍ୟକୁ ଅଭିଯୁକ୍ତ ଆବେଦନକାରୀ ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ମୃତକଙ୍କ ଘରେ ପଶି ଡକାୟତି କରିବା ସହ ସେମାନଙ୍କୁ ମାରଣାସ୍ତ୍ରରେ ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ଘରୁ ତାରଣୀଙ୍କ ମୃତଦେହ ମିଳିଥିବା ବେଳେ ବିରଞ୍ଚି ଓ ତାଙ୍କ ପୁଅକୁ ଅପହରଣ କରିନେଇ ହତ୍ୟା କରାଯାଇଥିଲା। ଆବେଦନକାରୀ ଦୁଇ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିଥିବା ବେଳେ ନିମ୍ନ ଅଦାଲତ ଗତ ୨୦୨୪ ସେପ୍ଟେମ୍ବର ୨୭ରେ ଆଇପିସିର ଦଫା ୩୦୨ରେ ଫାଶୀ ଦଣ୍ଡାଦେଶ ପ୍ରଦାନ କରିଥିଲେ। ଏହାକୁ ଚାଲେଞ୍ଜ କରି ଉଭୟ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଏସ.ଆର.ମୁଲିଆ ଓ ରମେଶ ଚନ୍ଦ୍ର ମହାରଣା ମାମଲା ପରିଚାଳନା କରୁଥିଲେ।

■ ଆସୁଛି ପଛକୁ ପଛ ଦୁଇ ଲଘୁଚାପ

## ୨୩ରୁ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର,୨୧।୭(ସମିସ): ଆସନ୍ତା ୨୩ ତାରିଖରେ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବ। ଏହା ପ୍ରଭାବରେ ୨୪ ବେଳକୁ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହି ଲଘୁଚାପ ପରବର୍ତ୍ତୀ ସମୟରେ ଅଧିକ ଘନୀଭୂତ ହୋଇ ଅବପାତର ରୂପ ନେବାକୁ ଥିବାବେଳେ ଏଥିପାଇଁ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ଆକଳନ କରିଯାଇଛି। ୨୩ ତାରିଖରୁ ବର୍ଷାର ପ୍ରଭାବ ବଢ଼ିବା ସହ ୨୪ ଓ ୨୫ରେ ବର୍ଷାର ପ୍ରଭାବ ସବୁଠୁ ଅଧିକ ରହିବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି। ୨୩ରୁ୨୬ ତାରିଖ ମଧ୍ୟରେ ଓଡ଼ିଶାର ଅଧିକାଂଶ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ଆକଳନ କରିଛି ପାଣିପାଗ ବିଭାଗ। କିଛି କିଛି ଜିଲ୍ଲାରେ ଅତ୍ୟନ୍ତ ପ୍ରବଳ ବର୍ଷା ମଧ୍ୟ ହୋଇପାରେ। ଏଥିପାଇଁ କେନ୍ଦ୍ର ପକ୍ଷରୁ ଆସନ୍ତା ୨୩ଠାରୁ ବିଭିନ୍ନ ଜିଲ୍ଲା ପାଇଁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି।



ଅନ୍ୟପଟେ ବର୍ତ୍ତମାନ ଦକ୍ଷିଣ ଓଡ଼ିଶା ଉପରେ ଏକ ଘୂର୍ଣ୍ଣିବଳୟର ପ୍ରଭାବ ରହିଛି। ଏଥିପାଇଁ ରାଜ୍ୟର ଅନେକ ସ୍ଥାନରେ ବର୍ଷାର ପ୍ରଭାବ ଅନୁଭୂତ ହେଉଛି। ବିଶେଷ କରି ଦକ୍ଷିଣ ଓଡ଼ିଶାରେ ବର୍ଷା ଦେଖିବାକୁ ମିଳିଛି। ମଙ୍ଗଳବାର ମଧ୍ୟ ଅନେକ ସ୍ଥାନରେ ବର୍ଷା ଆଶଙ୍କା ରହିଛି। ବିଶେଷ କରି କୋରାପୁଟ ଓ ମାଲକାନଗିରି ଜିଲ୍ଲାର କିଛି ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି।

## ଏମ୍ସରେ ବଳଙ୍ଗା ପୀଡ଼ିତାଙ୍କୁ ଭେଟିଲେ ବିଜେଡି ପ୍ରତିନିଧିମଣ୍ଡଳୀ

ଡାକ୍ତରଙ୍କ ସହ ଆଲୋଚନା, ପରିବାର ସଦସ୍ୟଙ୍କୁ ଆଶ୍ୱାସନା



ଭୁବନେଶ୍ୱର,୨୧।୭(ସମିସ): ଦିଲ୍ଲୀ ଏମ୍ସରେ ଚିକିତ୍ସାଧୀନ ଥିବା ପୁରୀ ଜିଲ୍ଲା ବଳଙ୍ଗାର ପୀଡ଼ିତାଙ୍କୁ ଭେଟିଛନ୍ତି ବିଜେଡିର ରାଜ୍ୟସଭା ସଂସଦୀୟ ପ୍ରତିନିଧି ଦଳ। ଦଳର ସଭାପତି ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ସସ୍ମିତ ପାତ୍ର, ମାନସରଞ୍ଜନ ମଙ୍ଗରାଜ, ସୁଲତା ଦେଓ ଓ ନିରଞ୍ଜନ ବିଶି ପ୍ରମୁଖ ଏମ୍ସରେ ବଳଙ୍ଗା ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ଏହି ଅବସରରେ ସାଂସଦମାନେ ଡାକ୍ତରଙ୍କ ସହ ପୀଡ଼ିତାଙ୍କ ଚିକିତ୍ସା ସମ୍ପର୍କରେ ଆଲୋଚନା କରିଛନ୍ତି। ଏଥିସହ ତାଙ୍କ ସମ୍ପର୍କୀୟ ଓ ପରିବାର ସଦସ୍ୟମାନଙ୍କୁ ପ୍ରତିନିଧିମଣ୍ଡଳୀ ଆଶ୍ୱାସନା ପ୍ରଦାନ କରିଛନ୍ତି।

ଛାତ୍ରୀଙ୍କୁ ନିର୍ଯାତନା ଅଭିଯୋଗ

## କଲେଜ ଅଧ୍ୟକ୍ଷ ଓ ଅଧ୍ୟାପକ ନିଲମ୍ବିତ

ରଘୁନାଥପୁର, ୨୧।୭(ସମିସ): ଛାତ୍ରୀ ନିର୍ଯାତନା ଅଭିଯୋଗରେ ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ କୁର୍ତ୍ତାଙ୍ଗସ୍ଥ ସ୍ୱାମୀ ଅରୂପାନନ୍ଦ ଜୁନିୟର କଲେଜ ଅଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ ଓ ଗଣିତ ଅଧ୍ୟାପକ ଶାଶ୍ୱତ ମହାନ୍ତିଙ୍କୁ ସୋମବାର ନିଲମ୍ବନ କରାଯାଇଛି। ଜିଲ୍ଲାପାଳଙ୍କ ଜରିଆରେ ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ ପକ୍ଷରୁ ଏହି ନିର୍ଦ୍ଦେଶାନାମା ପ୍ରକାଶ ପାଇଛି।

ସୂଚନା ମୁତାବକ, ଗତ ଜାନୁଆରୀ ୧୫ ତାରିଖରେ କଲେଜର ଜଣେ ଛାତ୍ରୀ ଗଣିତ ଅଧ୍ୟାପକ ଶ୍ରୀ ମହାନ୍ତିଙ୍କ ବିରୁଦ୍ଧରେ ଅସଦାଚରଣ ନେଇ ଅଧ୍ୟକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ। ଛାତ୍ରୀଙ୍କ ଅଭିଯୋଗ ଆଧାରରେ ଅଧ୍ୟକ୍ଷ ଶ୍ରୀ ସାହୁ ତୁରନ୍ତ ଏକ କମିଟି ଗଠନ କରି ସମ୍ପୃକ୍ତ ଅଧ୍ୟାପକ ମହାନ୍ତିଙ୍କୁ କାରଣ ଦର୍ଶାଅ ନୋଟିସ୍ ମାଗିଥିଲେ। କମିଟି ମଧ୍ୟ ଏ ସମ୍ପର୍କରେ ତଦନ୍ତ କରି ଅଧ୍ୟକ୍ଷଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ଏପ୍ରିଲ ୨ ତାରିଖରେ ଛାତ୍ରୀଜଣଙ୍କ ଅଧ୍ୟକ୍ଷ ଶ୍ରୀ ସାହୁଙ୍କୁ ଏକ ଲିଖିତ ଦରଖାସ୍ତ ପ୍ରଦାନ କରିଥିଲେ। ସେଥିରେ ଅଧ୍ୟାପକ ଶ୍ରୀ ମହାନ୍ତି ତାଙ୍କର ଭୁଲ ବୁଝି ପାରି କ୍ଷମା ପ୍ରାର୍ଥନା କରିଥିବା ଓ ଆପୋଷ ସମାଧାନ ହୋଇଥିବା ସମ୍ପର୍କରେ ଦର୍ଶାଇଥିଲେ। ଏଣୁ ଉକ୍ତ ଅଭିଯୋଗକୁ ଆଉ ଆଗକୁ ନନେଇ ପରିସମାପ୍ତି କରିବା ପାଇଁ ଛାତ୍ରୀଜଣଙ୍କ ଅଧ୍ୟକ୍ଷଙ୍କୁ ଲିଖିତ ଭାବେ ଜଣାଇଥିଲେ।

ଅପରପକ୍ଷେ, କିଛି ଦିନ ତଳେ, ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି ଅଭିଯୋଗ ପ୍ରକୋଷ୍ଠରେ ଏନେଇ ଅଭିଯୋଗ ହୋଇଥିଲା। ଗତ ୧୯/୭/୨୦୨୫ରେ ଜିଲ୍ଲାପାଳଙ୍କ ପକ୍ଷରୁ ଅଧ୍ୟକ୍ଷ ଶ୍ରୀ ସାହୁଙ୍କୁ ୩ଦିନ ମଧ୍ୟରେ ଘଟଣା ସମ୍ପର୍କିତ ରିପୋର୍ଟ ପ୍ରଦାନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଅଧ୍ୟକ୍ଷ ଶ୍ରୀ ସାହୁଙ୍କ ରିପୋର୍ଟ ସନ୍ତୋଷଜନକ ନଥିବାରୁ ଉଭୟ ଅଧ୍ୟକ୍ଷ ଓ ଅଧ୍ୟାପକଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା। ଅନ୍ୟପକ୍ଷରେ ଛାତ୍ରୀଙ୍କ ବାପାଙ୍କ ପକ୍ଷରୁ ସୋମବାର କଲେଜ କର୍ତ୍ତୃପକ୍ଷଙ୍କୁ ଏକ ଦରଖାସ୍ତ ଦିଆଯାଇଛି। ସେଥିରେ ସେ ତାଙ୍କ ଜ୍ଞାତସାରରେ ସମାଧାନ ତଥା ପରିସମାପ୍ତି ହୋଇଥିବା ଉକ୍ତ ବିଷୟକୁ ଗଣମାଧ୍ୟମରେ ଅଧିକ ଚର୍ଚ୍ଚିତ ନ କରିବା ପାଇଁ ଅନୁରୋଧ କରିଛନ୍ତି। ଏହାକୁ ସହ୍ୟ କରି ନପାରି ଝିଅ ଯଦି କିଛି ଅଘଟଣ କରି ବସେ, ତେବେ ଏଥିପାଇଁ କିଏ ଦାୟୀ ରହିବ? ସମ୍ପୃକ୍ତ ଗଣମାଧ୍ୟମ ନା କଲେଜ କର୍ତ୍ତୃପକ୍ଷ ନା ସରକାର ବୋଲି ଛାତ୍ରୀଙ୍କ ବାପା ପ୍ରଶ୍ନ କରିଛନ୍ତି।

### ଛାତ୍ରୀଙ୍କୁ ଅସଦାଚରଣ, ଦୁଇ ଶିକ୍ଷକ ଅଟକ

ଜଳେଶ୍ୱର ବ୍ଲକ୍, ୨୧।୭ (ସମିସ): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଚାମାରଗାଁସ୍ଥିତ ପୃଥ୍ୱୀନାଥ ସରକାରୀ ଉଚ୍ଚ ବିଦ୍ୟାଳୟର ଜଣେ ନବମ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗରେ ରାଇବଣିଆ ପୁଲିସ୍ ସ୍କୁଲର ପ୍ରଧାନଶିକ୍ଷକ ଓ ଗଣିତ ଶିକ୍ଷକଙ୍କୁ ପୁଲିସ ଥାନାରେ ଅଟକ ରଖିଛି। ଅଭିଯୋଗ ଅନୁଯାୟୀ, ଗଣିତ ଶିକ୍ଷକ କୈଳାସ ଚନ୍ଦ୍ର ବେଜ ଦୀର୍ଘ ଦିନ ଧରି ସମ୍ପୃକ୍ତା ଛାତ୍ରୀଙ୍କୁ ଅସଦାଚରଣ କରି ଆସୁଥିଲେ। ଏ ସଂପର୍କରେ ଘରେ ଜଣାଇଲେ ଫେଲ୍ କରିଦେବାର ଧମକ ଦେଉଥିଲେ। ତେବେ ଛାତ୍ରୀଜଣଙ୍କ ସାହସ ଜୁଟାଇ ଏ ସଂପର୍କରେ ତାଙ୍କ ମା'ଙ୍କୁ ଜଣାଇଥିଲେ। ରବିବାର ସନ୍ଧ୍ୟାରେ ଛାତ୍ରୀ ଓ ତାଙ୍କ ବାପା-ମା' ରାଇବଣିଆ ଥାନାରେ ପହଞ୍ଚି ଘଟଣା ବାବଦରେ ଲିଖିତ ଅଭିଯୋଗ କରିଥିଲେ। ପରେ ରାଇବଣିଆ ପୁଲିସ ପ୍ରଧାନ ଶିକ୍ଷକ ଓ ଗଣିତ ଶିକ୍ଷକଙ୍କୁ ଥାନାକୁ ଉଠାଇ ଆଣିଥିଲା। ସୋମବାର ଅତିରିକ୍ତ ଏସ୍‌ପି ନିରଞ୍ଜନ ବେହେରା, ଡିଏସ୍‌ପି ନିର୍ମଳା ଗୋଛାୟତ, ଏସ୍‌ଡିପିଓ ସୁବ୍ରତ ବେହେରା, ଏଡିଇଓ ପୂର୍ଣ୍ଣିମା ମହାପାତ୍ର, ବିଇଓ ଜଗବନ୍ଧୁ ଜେନା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରଶାନ୍ତ ରାଉତ ବିଦ୍ୟାଳୟରେ ପହଞ୍ଚି ପୀଡ଼ିତ ଛାତ୍ରୀ ଓ ଅଭିଭାବକଙ୍କୁ ଭେଟି ପଚରାଉଚରା କରିଥିଲେ। ଖବର ଲେଖାହେବା ବେଳକୁ ଦୁଇ ଶିକ୍ଷକ ଥାନାରେ ଅଟକ ରହିଛନ୍ତି।

## ମହିଳା ହିଂସା ପ୍ରସଙ୍ଗରେ 'ଶୂନ୍ୟ ସହନଶୀଳ' ନୀତି: କଂଗ୍ରେସ



ଭୁବନେଶ୍ୱର,୨୧।୭(ସମିସ): ବାଲେଶ୍ୱର ସୌମ୍ୟାଶ୍ରୀ ଆତ୍ମାହୁତି, ନିମାପଡ଼ା ପୋଡ଼ି ଘଟଣା ତଥା ରାଜ୍ୟରେ ବୃଦ୍ଧି ପାଉଥିବା ନାରୀ ନିର୍ଯାତନା ଏବଂ ସରକାରଙ୍କ ନିରବତା ବିରୋଧରେ କଂଗ୍ରେସ ଦଳ ଆଦୌ ସାଲିସ୍ କରିବ ନାହିଁ। ମହିଳା ହିଂସା ପ୍ରସଙ୍ଗରେ କଂଗ୍ରେସ ଦଳ ଶୂନ୍ୟ ସହନଶୀଳ ନୀତି ଅବଲମ୍ବନ କରି ଆସୁଛି। ତେଣୁ ଏଫ୍‌ଏମ୍ ଆତ୍ମାହୁତି ପ୍ରସଙ୍ଗରେ ଦଳ ପକ୍ଷରୁ ଜାରି ରହିଥିବା ଆନ୍ଦୋଳନ ଅବ୍ୟାହତ ରହିବ ବୋଲି ସୋମବାର ପିସିସି ସଭାପତି ଭକ୍ତ ଚରଣ ଦାସ ସୂଚନା ଦେଇଛନ୍ତି।

ରବିବାର ରାତିରେ ଛାତ୍ର କଂଗ୍ରେସ ସଭାପତିଙ୍କୁ ଏକ ଦୁଷ୍କର୍ମ ଅଭିଯୋଗରେ ଗିରଫ କରାଯିବା ପରେ କଂଗ୍ରେସର ଆଭିମୁଖ୍ୟ ଉପରେ ସମସ୍ତଙ୍କ ନଜର ରହିଥିଲା। ବିଶେଷ କରି ଦଳ ପକ୍ଷରୁ ନାରୀ ନ୍ୟାୟ ନାଁରେ ଜାରି ରହିଥିବା ଆନ୍ଦୋଳନାତ୍ମକ କାର୍ଯ୍ୟପନ୍ଥା ଜାରି ରହିବ ନାଁ ଏଥିରେ ଦଳ ବ୍ୟାକ୍‌ଫୁଟ୍‌କୁ ଚାଲିଯିବ ତାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଥିଲା। ସରକାରୀ ବିଜେପିର ଛାତ୍ର ଓ ଯୁବ ସଂଗଠନ

■ ଏଫ୍‌ଏମ୍ ଆତ୍ମାହୁତି ପ୍ରସଙ୍ଗରେ ଆନ୍ଦୋଳନ ଅବ୍ୟାହତ ରହିବ
■ ନିମାପଡ଼ା ଘଟଣାରେ ଅଭିଯୁକ୍ତ ଧରା ନ ପଡ଼ିବାରୁ ବର୍ଷିଲେ ଭକ୍ତ

ମଧ୍ୟ କଂଗ୍ରେସ ଦଳକୁ ନୈତିକତାର ପାଠ ପଢ଼ାଇବା ଆରମ୍ଭ କରି ଦଳକୁ ଅଡୁଆ ସ୍ଥିତିରେ ଛିଡ଼ା କରିବକୁ ଉଦ୍ୟମ କରିଥିଲେ। ମାତ୍ର ସୋମବାର ପିସିସି ସଭାପତିଙ୍କ ସମେତ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନାଙ୍କ ସମେତ ବହୁ ବରିଷ୍ଠ ନେତା କଂଗ୍ରେସ ଭବନରେ ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ ଦଳର ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି। ଭକ୍ତ ସରକାରଙ୍କୁ ଚେତାଇ ଦେଇଛନ୍ତି ଯେ ଯଦି ସେମାନେ କଂଗ୍ରେସ ଦଳକୁ ଦୁର୍ବଳ ବୋଲି ଚିନ୍ତା କରୁଛନ୍ତି ତେବେ ଏହା ମସ୍ତବଡ଼ ଭୁଲ। କଂଗ୍ରେସ ବିରୋଧରେ ଷଡ଼ଯନ୍ତ୍ରର ହୀନ ପ୍ରୟାସ କଲେ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, ମନ୍ତ୍ରୀ ଇତ୍ୟାଦି ସମସ୍ତଙ୍କ କଥା ବାହାରିବ ଏବଂ ସେଥିପାଇଁ ସରକାର ପ୍ରସ୍ତୁତ ରହିବା କଥା। ସେ ଆହୁରି କହିଛନ୍ତି ଯେ ଏବିଭିପି ନିଜ ଛାତ୍ରୀନେତ୍ରୀଙ୍କୁ ସୁରକ୍ଷା ଦେଇ ପାରିଲା ନାହିଁ; କିନ୍ତୁ ଆମ ଦଳ ଛାତ୍ର ସଭାପତି ଗିରଫ ହେବାର ସାଙ୍ଗେ ସାଙ୍ଗେ ନିଲମ୍ବନ କରିଛି। ନାରୀ ପ୍ରତି ଅନ୍ୟାୟ କ୍ଷେତ୍ରରେ କୌଣସି ପ୍ରକାର ସାଲିସ କରାଯିବ ନାହିଁ ବୋଲି ଘୋଷଣା କରିବା ସହିତ ପ୍ରଦେଶ କଂଗ୍ରେସ ପକ୍ଷରୁ ମହିଳା ଉପସଭାପତି ସସ୍ମିତା ବେହେରାଙ୍କ ନେତୃତ୍ୱରେ ଏକ ୬ ଜଣିଆ କମିଟି ଗଠନ କରି ତୁରନ୍ତ ପୀଡ଼ିତାଙ୍କୁ ଭେଟି ସତ୍ୟାସତ୍ୟ ଜାଣିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ସେ କହିଛନ୍ତି। ବାଲେଶ୍ୱର ପୀଡ଼ିତା, ମୁଖ୍ୟମନ୍ତ୍ରୀ, ରାଜ୍ୟ ଶିକ୍ଷାମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ, ସାଂସଦ, ବିଧାୟକ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଆଦି ସମସ୍ତଙ୍କୁ ନିବେଦନ କରିବା ସତ୍ତ୍ୱେ ସାହାଯ୍ୟ କରିବା ଦୂରେ ଥାଉ, କେହିବି କର୍ଣ୍ଣପାତ କରିନଥିଲେ। ପୁଲିସ କାହିଁକି ଏଫଆଇଆର ଗ୍ରହଣ କଲା ନାହିଁ ବୋଲି ମୁଖ୍ୟମନ୍ତ୍ରୀଙ୍କୁ ଜବାବ ଦେବାକୁ ପଡ଼ିବ ଏବଂ ଏହି ପ୍ରଶ୍ନ ଯୁଗ ଯୁଗ ପର୍ଯ୍ୟନ୍ତ ରହିବ ବୋଲି ଶ୍ରୀ ଦାସ କହିଛନ୍ତି।

### ବସପୁର ଲକ୍ ପାଖ ଖେଳପଡ଼ିଆ ଏବେ ଜଙ୍ଗଲ

# ମଣିଷ ବଦଳରେ ପଡ଼ିଆରେ ଖେଳୁଛନ୍ତି ବିଷାକ୍ତ ସରୀସୃପ

ଡେରାବିଶ, ୨୧।୭ (ସମିସ):

ଡେରାବିଶ ବ୍ଲକ୍ ବସପୁର ପଞ୍ଚାୟତ ଅନ୍ତର୍ଗତ ବସପୁରସ୍ଥ ଲୁଣାନଦୀ ପଠାରେ ବସପୁର ଲକ୍ ନିକଟରେ ନିର୍ମିତ ହୋଇଥିବା ଖେଳପଡ଼ିଆ ଏବେ ଜଙ୍ଗଲରେ ପରିଣତ ହୋଇଯାଇଛି। ଏହି ଖେଳ ପଡ଼ିଆରେ ଏବେ ମଣିଷ ବଦଳରେ ବିଷାକ୍ତ ସରିସୃପ ବେଶ୍ ଆନନ୍ଦରେ ଖେଳୁଥିବା ଲକ୍ଷ୍ୟ କରାଯାଇଛି। ଏହି ପଡ଼ିଆର ପୁନରୁଦ୍ଧାର କରାଯିବାକୁ ସାଧାରଣରେ ଦାବି ହେଉଛି।

୨୦୧୯-୨୦ ଆର୍ଥିକ ବର୍ଷରେ ଡେରାବିଶ ପଞ୍ଚାୟତ ସମିତି ପକ୍ଷରୁ ବ୍ଲକ୍ ଅନ୍ତର୍ଗତ ବସପୁର ପଞ୍ଚାୟତର ଲୁଣାନଦୀ ପଠାରେ ବସ୍‌ପୁର ଲକ୍ ନିକଟରେ ଏକ ଖେଳ ପଡ଼ିଆର ଉନ୍ନତିକରଣ କାର୍ଯ୍ୟ କରାଯାଇଥିଲା। ମହାତ୍ମା ଗାନ୍ଧୀ ଜାତୀୟ କର୍ମନିଯୁକ୍ତି ଯୋଜନା ମାଧ୍ୟମରେ ୫ ଲକ୍ଷ ଟଙ୍କା ବ୍ୟୟରେ ଏହି ପଡ଼ିଆର ଉନ୍ନତୀକରଣ କରାଯାଇଥିଲା। ଏହି ପଡ଼ିଆର ଦୁଇ ପାଖ୍ୱର୍ରେ ଫୁଟବଲ୍ ପୋଷ୍ଟ, ଗୋଟିଏ ପାର୍ଶ୍ୱରେ ଭଲିବଲ୍ ପୋଷ୍ଟ ଓ ଏକ ଷ୍ଟେଜ୍ ନିର୍ମାଣ କରାଯାଇଥିଲା। ତେବେ ଏହି ପଡ଼ିଆଟି ଏବେ ଘାସ ଓ ଗଛଲତାରେ ପରିପୂର୍ଣ୍ଣ ହୋଇପଡ଼ିଛି। ଏପରିକି ଦୂରରୁ ଏହା ଜଙ୍ଗଲର ଭ୍ରମ ସୃଷ୍ଟି କରୁଛି। ଏହି ପଡ଼ିଆ ପାଖକୁ ପଡ଼ିଥିବା ରାସ୍ତାଟି କାଦୁଅରେ ପରିପୂର୍ଣ୍ଣ ହୋଇଥିବାବେଳେ ଏହା ନିକଟକୁ ଦିନରେ ମଧ୍ୟ ଯିବାକୁ ଭୟ ଲାଗୁଛି। ପାଖକୁ ଗଲେ କେବଳ ଫୁଟବଲ୍ ପୋଷ୍ଟ ଓ ଭଲିବଲ୍ ପୋଷ୍ଟ ଦୁଇଟିକୁ ଦେଖିଲେ ଏହାକୁ ଖେଳପଡ଼ିଆ ବୋଲି ଅନୁମାନ କରିହେଉଛି। ଏଥିସହିତ ଏହି ପଡ଼ିଆ କଡ଼ରେ ଥିବା ଷ୍ଟେଜ୍ ଉପର ଓ କଡ଼ରେ ଗଛଲତା ପରିପୂର୍ଣ୍ଣ ହୋଇ ତାହା କେଉଁଠାରୁ ଲୁଚିଗଲାଣି। ତୁରନ୍ତ ଏହି ଖେଳ ପଡ଼ିଆରୁ ଅନାବନା ଜଙ୍ଗଲ ସଫେଇ କରି ଖେଳ ଉପଯୋଗୀ କରିବା ଓ ପଡ଼ିଆ ମଧ୍ୟକୁ ଭଲ ରାସ୍ତା ନିର୍ମାଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



## ରାମଚଣ୍ଡୀ ସାହି ରାସ୍ତାରେ ଅସରାଏ ବର୍ଷାରେ ଆଣ୍ଠୁଏ ପାଣି



ଡେରାବିଶ, ୨୧।୭ (ସମିସ): ଡେରାବିଶ ବ୍ଲକର ଛୋଟୀ ପଞ୍ଚାୟତର ରାମଚଣ୍ଡୀ ସାହି ରାସ୍ତାରେ ସାମାନ୍ୟ ବର୍ଷାରେ ଆଣ୍ଠୁଏ ପାଣି ହେଉଛି। ଏହି ସାହିରେ ଦଳିତ ଶ୍ରେଣୀର ଲୋକେ ବସବାସ କରୁଛନ୍ତି। ଘରୁ ବାହାରିଲେ ଆଣ୍ଠୁଏ ପାଣିରେ ଯିବାକୁ ପଡୁଛି। ସାମାନ୍ୟ ବର୍ଷାରେ ପାଣି ଘରେ ପସିଯାଉଛି। ସରକାରଙ୍କ ତରଫରୁ କଂକ୍ରିଟ ରାସ୍ତା କେଉଁ କାଳରୁ ହେଇଛି ସତ, କିନ୍ତୁ ତା'ଉପରେ ପାଣି ଜମି କାଦୁଅ ଶିଉଳି ହୋଇଯାଇଛି। ସାମାନ୍ୟ ଅସାବଧାନ ହେଲେ ପଡ଼ି ଆହତ ହେବାକୁ ପଡେ। ଦୀର୍ଘଦିନ ପାଣି ଜମି ରହୁଥିବାରୁ ଏହ ଅଞ୍ଚଳରେ ମଶା, ମାଛିଙ୍କ ପାଦୁର୍ଭାବ ଲୋକଙ୍କୁ ଅତିଷ୍ଠ କରୁଛି। ଏଥିସହ ପାଣିରେ ପସି ଯାତାୟାତ କରିବା ଫଳରେ ଲୋକେ ଜ୍ୱରରେ ପୀଡ଼ିତ ହେଉଛନ୍ତି। ଏ ନେଇ ଗ୍ରାମର କୁଶ ମଲିକ, ନୀଳମଣି ମଲିକ, ଶରତ ମଲିକ, ତ୍ରିଲୋଚନ ମଲିକ, ବରୁଣ ମଲିକ, ଜୟୀରାମ ମଲିକ, କିଶୋର ମଲିକ, ନବୀନ ମଲିକ ପ୍ରମୁଖ ଉଦବେଗ ପ୍ରକାଶ କରିବା ସହ ସରକାର ତୁରନ୍ତ ପଦକ୍ଷେପ ନେବାକୁ ନିବେଦନ କରିଛନ୍ତି।

### ■ ଖରସ୍ରୋତା ଓ କାଣୀ ନଦୀରେ ବନ୍ୟା

## ଦୁର୍ଦ୍ଦଶା ଭୋଗୁଛନ୍ତି ପେତପଡ଼ାବାସୀ



ଗୋବିନ୍ଦପୁର,୨୧।୭ (ସମିସ): ଖରସ୍ରୋତା ଓ କାଣୀ ନଦୀରେ ବନ୍ୟା ଯୋଗୁଁ ସବୁଠୁ ଅଧିକ ଦୁର୍ଦ୍ଦଶା ଭୋଗୁଛନ୍ତି ପେତପଡ଼ାବସୀ। ୧୫ ଦିନ ଧରି ଜଳବନ୍ଦୀ ଜୀବନ କଟୁଛି। ଲୋକେ ଘରୁ ବାହାରି ପାରୁନାହାନ୍ତି। ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ଆଣିପାରୁନାହାନ୍ତି। ପିଇବା ପାଣି ପାଇଁ ଲୋକେ ହୀନସ୍ତା ଭୋଗୁଛନ୍ତି। ଗୃହପାଳିତ ପଶୁ ୨୦ ଦିନ ଧରି ଗୁହାଳରେ ବନ୍ଧା ହୋଇରହିଛନ୍ତି। ବନ୍ୟା ଜଳ ହ୍ରାସ ପାଉଥିଲେ ମଧ୍ୟ ପେତପଡ଼ା ଓ ଠାକୁରପାଟଣା ଗ୍ରାମର ଲୋକଙ୍କ ଦୁର୍ଦ୍ଦଶା କମିନି । ଏହି ଅଞ୍ଚଳରେ ଏବେ ଜ୍ୱର, ଝାଡ଼ାବାନ୍ତି ଆରମ୍ଭ ହୋଇଗଲାଣି। ତୁରନ୍ତ ଏହି ଅଞ୍ଚଳକୁ ୧୫ ଦିନ ରିଲିଫ, ଗୋଖାଦ୍ୟ ପ୍ରଦାନ ସହ ଡାକ୍ତରୀ ଟିମ୍ ପଠାଇବାକୁ ଲୋକେ ଦାବି କରିଛନ୍ତି।

## ବନ୍ୟାଞ୍ଚଳରେ ସ୍ୱାସ୍ଥ୍ୟସେବା ଯୋଗାଉଛି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର



ରାଜନଗର, ୨୧।୭ (ସମିସ): ବନ୍ୟା ପ୍ରଭାବିତ ରାଜନଗର ବ୍ଲକରେ ୫ଟି ପଞ୍ଚାୟତର ଲୋକଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ପର୍ଯ୍ୟାପ୍ତ ପରିମାଣ ଔଷଧ ଜଳବିଶୋଧନ ବଟିକା, ଶିଶୁ ଗର୍ଭବତୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଜାରି ରହିଛି। ଡାକ୍ତର ରଶ୍ମିରଞ୍ଜନ ମହାନ୍ତି ଏକ ଟିମ ଗଠନ କରି ବନ୍ୟାଞ୍ଚଳରେ ପହଞ୍ଚି ଆଜି ସୁଦ୍ଧା ୫ ହଜାର ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେଇଥିବା ଜଣାପଡିଛି।

ବ୍ରାହ୍ମଣୀରେ ବନ୍ୟା ଆସିବା ଦ୍ୱାରା ରାଜନଗର ବ୍ଲକର ୫ଟି ପଞ୍ଚାୟତର ଲୋକେ ନାହିଁ ନ ଥିବା ଅସୁବିଧାର ସାମ୍ନା କରୁଛନ୍ତି। ଯଦିଓ ପାଣି କମିବାରେ ଲାଗିଛି, ଲୋକେ ଏବେବି ଆଶଙ୍କା ଭିତରେ ଅଛନ୍ତି। ପାଣିପାଗ ପୂର୍ବାନୁମାନ ଯଦି ସତ ହୁଏ, ତେବେ ବୁଧବାରଠାରୁ ଲଘୁଚାପଜନିତ ବର୍ଷା ହୋଇ ନଦୀରେ ପାଣି ବଢ଼ିବା ସମ୍ଭାବନା ରହିଛି। ତେବେ ବନ୍ୟା ଯୋଗୁଁ ବନ୍ଧପଡ଼ା ପଞ୍ଚାୟତ ଗୋବିନ୍ଦପୁର ଗ୍ରାମର ବିଜୟ ସ୍ୱାଇଁ, ପ୍ରଫୁଲ୍ଲ ସ୍ୱାଇଁ, ବିଦ୍ୟୁତଲତା ସ୍ୱାଇଁ, ବଟ ସ୍ୱାଇଁ, ଅଣାକାର ରାଉତଙ୍କ ସମେତ ୧୦ଟି ପରିବାର ୧୦ ଦିନ ଧରି ବାହ୍ୟ ଜଗତରୁ ବିଚ୍ଛିନ୍ନ ରହିଛନ୍ତି। ବିପନ୍ନ ଲୋକଙ୍କ ପାଖରେ ଏଯାଏଁ ପ୍ରଶାସନ ପହଞ୍ଚିପାରିନାହିଁ। ପିଇବା ପାଣି ନାହିଁ, ନଳକୂପ ବନ୍ୟା ପାଣିରେ ବୁଡିରହିଛି। ଅତ୍ୟାବଶ୍ୟକ ସାମଗ୍ରୀ ଆଣିବାକୁ କୁମ୍ଭୀର ଭୟ ଯୋଗୁଁ ପାଣିରେ ପସି ଯିବାକୁ ଭୟ କରୁଛନ୍ତି। ତୁରନ୍ତ ଲୋକଙ୍କ ପାଖରେ ଅତ୍ୟାବଶ୍ୟକ ସାମଗ୍ରୀ ପହଞ୍ଚାଇବାକୁ ସେମାନେ ଜିଲ୍ଲାପାଳଙ୍କ ନିକଟରେ ଦୃଢ ଦାବି କରିଛନ୍ତି।

ଅନ୍ୟପକ୍ଷରେ ବନ୍ୟାକୁ ୧୦ଦିନ ବିତିଯାଇଥିଲେ ସାଂସଦ ଶ୍ରୀ ପଣ୍ଡା ଙ୍କ ଦେଖାନାହିଁ। ନିକଟରେ ପଟ୍ଟାମୁଣ୍ଡାଇ ବନ୍ୟା ଅଞ୍ଚଳ ଆସିଥିବାବେଳେ ଗୋପ୍ତିରା ପାଖରୁ ଫେରିଯାଇଥିବାରୁ ବିପନ୍ନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ସାଂସଦ ଭାବେ ତୁରନ୍ତ ବିପନ୍ନଙ୍କ ପାଖକୁ ଆସି ସେମାନଙ୍କ ଦୁର୍ଦ୍ଦଶା ଦେଖିବାକୁ ସାଧାରଣରେ ମତ ପ୍ରକାଶ ପାଇଛି।

## ଦୁଷ୍କର୍ମ ଉଦ୍ୟମ ଅଭିଯୋଗରେ ଜଣେ ଗିରଫ

ମହାକାଳପଡ଼ା,୨୧।୭ (ସମିସ): ମହାକାଳପଡ଼ା ବ୍ଲକ୍‌ର ତନ୍ତିଆପାଳ ସାମୁଦ୍ରିକ ଥାନା ଅନ୍ତର୍ଗତ କଂସାର ବଡ଼ଦାଣ୍ଡିଆ ପଞ୍ଚାୟତର ବଗଗହଣ ଗ୍ରାମର ଜଣେ ମହିଳାଙ୍କୁ ଦୁଷ୍କର୍ମ ଉଦ୍ୟମ ଅଭିଯୋଗରେ ଅଭିଯୁକ୍ତ ଗିରଫ ହୋଇଛି। ସେହି ଗାଁର ବିଜୟ ଦଲାଲ (୬୦) ୧୩ ତାରିଖ ରାତି ୯ଟା ସମୟରେ ଅଭିଯୋଗକାରିଣୀ ମହିଳାଙ୍କ ସ୍ୱାମୀ ଘରେ ନ ଥିବା ସୁଯୋଗ ନେଇ ତାଙ୍କ ଘରେ ପ୍ରବେଶ କରି ଦୁଷ୍କର୍ମ କରିବାକୁ ଉଦ୍ୟମ କରିଥିଲେ। କୌଶଳକ୍ରମେ ମହିଳା ଜଣକ ତାଙ୍କ କବଳରୁ ଖସି ବାହାରକୁ ପଳାଇ ଆସି ଚିତ୍କାର କରିବାରୁ ଅଭିଯୁକ୍ତ ସେଠାରୁ ଦୌଡ଼ି ପଳାଇଯାଇଥିଲା। ମହିଳାଙ୍କ ସ୍ୱାମୀ ଘରକୁ ଆସିବା ପରେ ଘଟଣା ସମ୍ପର୍କରେ ସେ ସ୍ୱାମୀଙ୍କୁ କହିଥିଲେ। ମହିଳାଙ୍କ ସ୍ୱାମୀ ତନ୍ତିଆପାଳ ସାମୁଦ୍ରିକ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ତନ୍ତିଆପାଳ ସାମୁଦ୍ରିକ ଥାନା ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ବିଜୟ ଦଲାଲଙ୍କୁ ଆଜି ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

# 'ପ୍ରାଣୀ ସମ୍ପଦର ବିକାଶ ପାଇଁ ସରକାର ଯତ୍ନବାନ ହେବା ଆବଶ୍ୟକ'

ପଟ୍ଟାମୁଣ୍ଡାଇ,୨୧।୭ (ସମିସ): ପ୍ରାଣୀ ସମ୍ପଦର ବିକାଶ ପାଇଁ ଯତ୍ନବାନ ହେବା ସହିତ ଉଦ୍ୟୋଗୀଙ୍କୁ ସରକାରୀ ପ୍ରୋତ୍ସାହନ ଯୋଗାଇ ଦେଲେ ସାମଗ୍ରିକ ବିକାଶ ସମ୍ଭବ ହେବ। ସମ୍ପ୍ରତି ପଟ୍ଟାମୁଣ୍ଡାଇ ଅଞ୍ଚଳରେ ୮୦ ଭାଗ ଲୋକ କୃଷି ଓ ଗୋପାଳନ କରୁଥିବା ଏକ ଅନୁସନ୍ଧାନରୁ ଜଣାଯାଇଛି। ପ୍ରାଣୀ ସମ୍ପଦର ସୁରକ୍ଷା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବହୁବିଧ ଯୋଜନା କରି ହଜାର ହଜାର କୋଟି ଟଙ୍କା ସରକାରୀ ରାଜକୋଷରୁ ଖର୍ଚ୍ଚ କରୁଥିବାବେଳେ ପ୍ରାଣୀ ସମ୍ପଦ କେତେ ସୁରକ୍ଷିତ ଓ ସରକାରୀ ଯୋଜନା କେତେ ଫଳପ୍ରଦ ତାହା ତର୍ଜମା କରିବାର ସମୟ ଆସିଛି। ପ୍ରାଣୀ ସମ୍ପଦର ବିକାଶ ପାଇଁ ସ୍ୱତନ୍ତ୍ର ସରକାରୀ ମନ୍ତ୍ରଣାଳୟ, ସ୍ୱତନ୍ତ୍ର ବିଭାଗୀୟ ଅଧିକାରୀ ଓ କର୍ମଚାରୀ ନିଯୁକ୍ତ ହୋଇଥିବାବେଳେ ଅନେକ ସ୍ୱେଚ୍ଛାସେବୀ ସଂଗଠନ ମଧ୍ୟ ଏଥିରେ କର୍ଯ୍ୟରତ ଥିବା ଦେଖାଯାଉଛି। ତେବେ ଏତେସବୁ ବନ୍ଦୋବସ୍ତ ପରେବି ପଟ୍ଟାମୁଣ୍ଡାଇରେ ବିସ୍ତିର୍ଣ୍ଣ ଚାରଣ ଭୂମି ମହଜୁଦ ଥିବା ଅଞ୍ଚଳରେ ପ୍ରାଣୀ ସମ୍ପଦ ବିଶେଷ କରି ଗୋସମ୍ପଦର ସୁରକ୍ଷା ଓ ବିକାଶ ବହୁପଛରେ ରହିଛି। କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ଅଞ୍ଚଳରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାରେ ଗୋପାଳନ ଏକ ପ୍ରମୁଖ ଭୂମିକା ନିର୍ବାହ କରିବା ନିଶ୍ଚିତ ହୋଇଥିବାବେଳେ କୃଷି, ଗୃହପାଳିତ ପଶୁପକ୍ଷୀ ପାଳନ ଉପରେ ଅଞ୍ଚଳବାସୀ ମୁଖ୍ୟତଃ ନିର୍ଭରଶୀଳ। ମାତ୍ର ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଗୋଧନର ବିକାଶ ନେଇ କୌଣସି ଠୋସ ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହେଉଛି।

୨୦୧୨ ଓ ୨୦୧୯ ମସିହାରେ ହୋଇଥିବା ପ୍ରାଣୀ ସମ୍ପଦ ଗଣନା ଅନୁଯାୟୀ ପଟ୍ଟାମୁଣ୍ଡାଇରେ ଗୋଧନଙ୍କ ସଂଖ୍ୟା ହ୍ରାସ ପାଇଛନ୍ତି। ପଟ୍ଟାମୁଣ୍ଡାଇ ଭଳି ଏକ କୃଷିପ୍ରଧାନ ଅଞ୍ଚଳରେ ଗୋଧନଙ୍କ ସଂଖ୍ୟା ଏପରି ହ୍ରାସ ପାଇବା ନିହାତି ଚିନ୍ତାର ବିଷୟ ପାଲଟିଛି। ଏହାର ବହୁବିଧ କାରଣ ମଧ୍ୟରୁ ବ୍ୟକ୍ତିଗତ ମାଲିକାନାରେ ଚାଲୁଥିବା ଗୋଶାଳାର ବିକାଶ ନେଇ ବିଭାଗ ପକ୍ଷରୁ ସେପରି କୌଣସି ପ୍ରୋତ୍ସାହନ ଯୋଗାଇ ଦିଆଯାଉ ନ ଥିବା ହେତୁ ହାତଗଣତି କେତୋଟି ଗୋଶାଳାକୁ ଛାଡିଦେଲେ ବହୁ ଗୋଶାଳା ବନ୍ଦ ହୋଇ ରହିବା, ଚାରଣ ଭୂମି ଜବରଦଖଲ ହେବା, ପ୍ରାଣୀ ଚିକିତ୍ସା କ୍ଷେତ୍ରରେ ସରକାରୀ ତଥା ବିଭାଗୀୟ ଉଦାସୀନତା ଇତ୍ୟାଦିକୁ ଦାୟୀ କରାଯାଇପାରେ। ଅନ୍ୟପକ୍ଷରେ ଯୁବଗୋଷ୍ଠୀଙ୍କୁ ଅତ୍ୟାଧୁନିକ ଉପାୟରେ ଗୋପାଳନ କରି ସ୍ୱାବଲମ୍ବୀ ହେବାକୁ ମଧ୍ୟ ବିଭାଗ ପକ୍ଷରୁ କୌଣସି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉନାହିଁ। ପ୍ରାଣୀଙ୍କ ଚିକିତ୍ସା ଭିତ୍ତିଭୂମି ମଧ୍ୟ ଦୁର୍ବଳ ହୋଇପଡ଼ିଛି। ଫଳରେ ସମୟ ମୁତାବକ ଉପଯୁକ୍ତ ଚିକିତ୍ସା ବ୍ୟବସ୍ଥା ହୋଇପାରୁନାହିଁ। ତେଣୁ ଏହି କ୍ଷେତ୍ରକୁ ନୂତନ ଉଦ୍ୟୋଗୀଙ୍କ ପ୍ରବେଶ ନିରୁତ୍ସାହଜନକ ରହୁଛି। ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ବହୁ ଚିକିତ୍ସକ ପଦବୀ ଖାଲି ପଡ଼ିଛି। ପଟ୍ଟାମୁଣ୍ଡାଇ ମୁଖ୍ୟ ପ୍ରାଣୀ ଚିକିତ୍ସାଳୟ ଅଧୀନରେ ବଡପଡ଼ା, ନପଙ୍ଗ, ଅଣ୍ଡରା, ଅଠରବାଟିଆ ଆଦି ସବସେଣ୍ଟର ରହିଥିଲେ ହେଁ ତାହା ସଠିକ ଭାବେ କାର୍ଯ୍ୟକ୍ଷମ ହେଉନାହିଁ। ପଟ୍ଟାମୁଣ୍ଡାଇଠାରେ ଥିବା ମୁଖ୍ୟ ପଶୁ ଚିକିତ୍ସାଳୟ ଘର ପ୍ରାୟ ୩୦ ବର୍ଷ ତଳେ ନିର୍ମାଣ କରାଯାଇଥିଲା। ଏହାର ସମ୍ମୁଖ ରାସ୍ତା ଉଚ୍ଚା ହୋଇଯିବାରୁ ପଶୁ ଚିକିତ୍ସାଳୟ ରାସ୍ତାଠାରୁ ନିମ୍ନଭାଗରେ ରହିଛି। ଫଳରେ ସାମାନ୍ୟ ବର୍ଷା ହେଲେ ପଶୁ ଚିକିତ୍ସାଳୟ ପରିସରରେ ବର୍ଷା ପାଣି ଲହଡ଼ି ଭାଙ୍ଗୁଛି। ଯଦ୍ୱାରା ଚିକିତ୍ସା କ୍ଷେତ୍ରରେ ବାଧା ସୃଷ୍ଟି ହେଉଛି। ଅନ୍ୟପକ୍ଷରେ ବିଭାଗୀୟ ଅଧିକାରୀ ଶୀତତାପ ନିୟନ୍ତ୍ରିତ କକ୍ଷରେ ବସି କୌଣସି ତୃଣମୂଳ ରିପୋର୍ଟ କିମ୍ବା ସମସ୍ୟାକୁ ତର୍ଜମା କରୁଛନ୍ତି। ପ୍ରତି ପଞ୍ଚାୟତରେ ପ୍ରାଣୀ ଚିକିତ୍ସାଳୟ ଖୋଲାଯିବା ଘୋଷଣା କରି ଚିକିତ୍ସାଳୟ ବିଲଡିଂ ନିର୍ମାଣ କରିବା ଉପରେ ଗୁରୁତ୍ୱାରୋପ କରି ସରକାରଙ୍କ ପାଇଁ ବାହାବା ଯୋଗାଡ କରିବାରେ ବ୍ୟସ୍ତ ଅଛନ୍ତି। ସେହି ଚିକିତ୍ସାଳୟ ଚଳାଇବା ପାଇଁ ଆବଶ୍ୟକ ଡାକ୍ତର ଓ କର୍ମଚାରୀ ନିଯୁକ୍ତ ନ କରିବା ପ୍ରାଣୀ ସମ୍ପଦର ବିକାଶ କ୍ଷେତ୍ରରେ ମୁଖ୍ୟ ବାଧକ ସାଜିଥିବା କୁହାଯାଉଛି।

## ସଂସ୍କୃତ ବିଦ୍ୟାପୀଠ ଝରକା କବାଟ ତାଡ଼ି ଚୋରି



ରାଜନଗର,୨୧।୭ (ସମିସ): ରାଜନଗର ଥାନା ଅଞ୍ଚଳରେ ଚୋରି ବଢ଼ିବାରେ ଲାଗିଛି। ୧୫ ଦିନ ଭିତରେ ଚାରୋଟି ସ୍ଥାନରେ ଚୋରି ରାଜନଗର ଥାନା ଅଞ୍ଚଳରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ଦିଗକୁ ସୂଚାଉଛି। ଚଳିତ ମାସ ୬ ତାରିଖ ଦିନ ଇସ୍କନ ମନ୍ଦିରରୁ ଚୋର କଳାକନା ବୁଲାଇଥିବାବେଳେ ୧୩ ତାରିଖରେ ଭିତରଗଡ଼ ପଞ୍ଚାୟତ ଅଫିସ ଓ ମୋ' ସେବା କେନ୍ଦ୍ରରେ କଳାକନା ବୁଲାଇଥିଲେ। ପୁଲିସ ଏହି ସମସ୍ତ ଚୋରି ଘଟଣାରେ କାହାକୁ ଧରିବାରେ ସଫଳ ହୋଇ ନ ଥିବାବେଳେ ଗତକାଲି ରାତିରେ ପୁଣି ଦୁର୍ବୃତ୍ତମାନେ ଚନ୍ଦ୍ରଶେଖରସ୍ଥ ଅଷ୍ଟଶମ୍ଭୁ ସଂସ୍କୃତ ବିଦ୍ୟାପୀଠ ଝରକା କବାଟ ତାଡ଼ି ଚୋରି କରିଛନ୍ତି। ଶନିବାର ବିଦ୍ୟାଳୟ ଛୁଟି ପରେ ବିଦ୍ୟାଳୟରେ ତାଲା ପକାଇ ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ଷଡ଼ଙ୍ଗୀ ଘରକୁ ଯାଇଥିଲେ। ରବିବାର ପ୍ରାୟ ୧୧ଟା ସମୟରେ ପିଅନ ବିଶ୍ୱନାଥ ରାଉତ ବିଦ୍ୟାଳୟ ସଫା କରିବାକୁ ଆସିଥିଲେ। ଝରକା କବାଟ ତଡା ହୋଇଥିବା ଦେଖିଥିଲେ। ସଙ୍ଗେ ସଙ୍ଗେ ପ୍ରଧାନଶିକ୍ଷକଙ୍କୁ ଜଣାଇଥିଲେ। ପ୍ରଧାନଶିକ୍ଷକ ବିଦ୍ୟାଳୟରେ ପହଞ୍ଚି ଅଫିସର ଝରକା ତଡା ହୋଇଥିବାବେଳେ ସବୁ ଶ୍ରେଣୀ ଗୃହ ତଡା ହୋଇଥିବା ଦେଖିଥିଲେ। ଚୋର ଦୁଇଟି ସ୍ମାର୍ଟ ଟିଭି ଉପର ତାଲାରୁ ଖୋଲି ତଳକୁ ଆଣି ଗୋଟିଏ କଣରେ ରଖିଛନ୍ତି। ମାତ୍ର ତାହାକୁ ନେଇପାରିନାହାନ୍ତି। ସିସିଟିଭି ହାର୍ଡଡିସ୍କ ଓ ପ୍ରେସର କୁକୁର ନେଇ ଯାଇଥିବାବେଳେ ଅଫିସ ଆଲମିରା ତାଡି ସମସ୍ତ କାଗଜପତ୍ର ତଳେ ଫିଙ୍ଗିଛନ୍ତି। ଏ ନେଇ ପ୍ରଧାନଶିକ୍ଷକ ଥାନାରେ ଅଭିଯୋଗ କରିବା ପରେ ସନ୍ଧ୍ୟାରେ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସାଇଣ୍ଟିଫିକ ଟିମ ପହଞ୍ଚିବା ପରେ ତଦନ୍ତ ଆଗକୁ ବଢ଼ିବ ବୋଲି ଜଣାପଡିଛି।

## ବାୟାବାବା କଲେଜରୁ ଜବରଦଖଲ ଉଚ୍ଛେଦ ଦାବି

ମହାକାଳପଡ଼ା,୨୧।୭ (ସମିସ): ମହାକାଳପଡ଼ାସ୍ଥ ବାୟାବାବା ମହାବିଦ୍ୟାଳୟ ସମ୍ମୁଖ ଭାଗରେ ଥିବା ଜମିରୁ ଜବରଦଖଲ ଉଚ୍ଛେଦ ପାଇଁ ଛାତ୍ରଛାତ୍ରୀ ଅଣ୍ଟା ଭିଡିଛନ୍ତି। ମହାବିଦ୍ୟାଳୟର ପାଚେରି ନିର୍ମାଣ କରାଯିବା ପାଇଁ ଉକ୍ତ ଜମିକୁ ସରକାରୀ ମାପଚୁପ କରାଯାଇଛି। ପାଚେରି ନ ଥିବାରୁ ଅଣଛାତ୍ର ଅବାଧରେ ପ୍ରବେଶ କରୁଛନ୍ତି। ବୁଲା ଗାଈଗୋରୁ ପ୍ରବେଶ କରୁଛନ୍ତି। ଅସାମାଜିକ ବ୍ୟକ୍ତି ପ୍ରବେଶ କରି ଶୈକ୍ଷିକ ପରିବେଶକୁ ନଷ୍ଟ କରୁଛନ୍ତି। ଜବରଦଖଲ ମୁକ୍ତ ହେବା ପରେ ପାଚେରି ନିର୍ମାଣ କରାଯିବ। ତେଣୁ ମହାବିଦ୍ୟାଳୟ ପରିସରରୁ ଜବରଦଖଲ ତୁରନ୍ତ ଉଚ୍ଛେଦ କରିବାକୁ ଛାତ୍ରଛାତ୍ରୀ ଦାବି କରି ମୁଖ୍ୟମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ, କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ନିକଟକୁ ପତ୍ର ପ୍ରେରଣ କରିଛନ୍ତି। ଅଭିଜିତ ସାମଲ, ଅଂଶୁପ୍ରସାଦ ଜେନା, ପ୍ରଭାତ ଓଝା, ଆଦ୍ୟାଶ୍ରୀ ପ୍ରିୟଦର୍ଶିନୀ ଦାସ, ଜନ୍ମେଜୟ ଜେନା, ରୁଦ୍ରନାରାୟଣ ମନ୍ତ୍ରୀ, ସତ୍ୟନାରାୟଣ ପରିଡ଼ା, ସ୍ମୃତିରଞ୍ଜନ ବାରିକ ପ୍ରମୁଖ ଛାତ୍ରଛାତ୍ରୀ ଦାବି କରି ପତ୍ର ଲେଖିଛନ୍ତି।

### ■ ଗରଦପୁର ବ୍ଲକ୍‌ରେ ମିଳିତ ଜନଅଭିଯୋଗ ଶୁଣାଣି ଶିବିର

## ୭୪ଟି ଅଭିଯୋଗର ଶୁଣାଣି କଲେ ପ୍ରଶାସନ



ଗରଦପୁର,୨୧।୭ (ସମିସ): ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ସୋମବାର ଗରଦପୁର ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଜନଅଭିଯୋଗ ଶୁଣାଣି ଶିବିରରେ ମୋଟ ୭୪ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ୬୨ ବ୍ୟକ୍ତିଗତ ଥିବାବେଳେ ୧୨ଟି ସାମୂହିକ ଥିଲା। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର କୁମାର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଜନଅଭିଯୋଗ ଶୁଣାଣରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁଧାକର ସାହୁ, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକର ବିଡ଼ିଓ, ତହସିଲଦାରଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମଲ୍ଲିକ ପଞ୍ଜିକୃତ ଅଭିଯୋଗର ତୁରନ୍ତ ସମାଧାନ କରିବା ଉପରେ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୨୮ ତାରିଖ ଦିନ ରାଜନଗର ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି।

## ଧଳା ଜହର କବଳରେ ଡେରାବିଶର ଯୁବପିଢ଼ି

ଡେରାବିଶ, ୨୧।୭ (ସମିସ): ଡେରାବିଶ ବ୍ଲକ୍‌ର ଯୁବପିଢ଼ି ଏବେ ଧଳା ଜହର (ବ୍ରାଉନସୁଗର) କବଳରେ କବଳିତ। ଏହି ବ୍ଲକରେ ଏବେ ଧଳା ଜହର ବ୍ୟବସାୟୀ ତାଙ୍କର କାୟାବିସ୍ତାର କରିବାରେ ଲାଗିଛନ୍ତି। ଏହି ବେପାରୀଙ୍କ ଲୋଲୁପ ଦୃଷ୍ଟି ଏବେ ପଡ଼ିଛି ଗ୍ରାମର ଯୁବ ସମାଜ ଉପରେ। ଗୁଆଲସିଂ ପଞ୍ଚାୟତର ଜଣେ ଯୁବକ ଏହି ବେପାରରେ ଲିପ୍ତ ରହି ଡେରାବିଶ ବ୍ଲକ୍‌ର ବିଭିନ୍ନ ପଞ୍ଚାୟତକୁ ଯାଇ ଯୁବକମଙ୍କୁ ବ୍ରାଉନସୁଗର ବିକ୍ରି କରିବାରେ ଲାଗିଛନ୍ତି। ଏହି ବେପାରୀ ଜଣକ ବାଉନସୁଗର ସହିତ ଅନ୍ୟାନ୍ୟ ନିଶାଦ୍ରବ୍ୟ ବିକ୍ରି କରୁଥିବା ଅଭିଯୋଗ ହେଉଛି। ଏହି ନିଶା ବେପାରୀ ଜଣକ ଗ୍ରାମାଞ୍ଚଳର ଯୁବକଙ୍କୁ ପ୍ରଥମେ ମାଗଣାରେ ଅଳ୍ପ ପରିମାଣରେ ବ୍ରାଉନସୁଗର ପ୍ରଦାନ କରି ସେମାନଙ୍କୁ ଅଭ୍ୟସ୍ତ କରୁଛି। ପରେ ଯୁବକମାନେ ବ୍ରାଉନସୁଗର କବଳରେ ପଡ଼ିଲା ପରେ ସେମାନଙ୍କୁ ବିକ୍ରି କରିବା ଆରମ୍ଭ କରୁଛି। ଏପରିକି ବହୁ ଯୁବକ ଏହି ବ୍ରାଉନସୁଗର ଜାଲରେ ପଡ଼ି ଘରେ ଅଶାନ୍ତି ସୃଷ୍ଟି କରିବା ସହ ବାପାମାଆଙ୍କଠାରୁ ଜବରଦସ୍ତ ଟଙ୍କା ଆଣି ନିଶା ସେବନ କରୁଛନ୍ତି। ବିଚରା ବାପାମାଆ ବହୁ କଷ୍ଟରେ କାଳାତିପାତ କରୁଛନ୍ତି। ଏପରିକି କିଛି ଯୁବକଙ୍କୁ ତାଙ୍କ ପରିବାର ପକ୍ଷରୁ ନିଶା ନିବାରଣ କେନ୍ଦ୍ରରେ ଭର୍ତ୍ତି କରାଯାଉଥିଲେ ମଧ୍ୟ ସେମାନେ ସେଠାରୁ ଫେରି ପୁନର୍ବାର ନିଶା କବଳରେ ପଡୁଛନ୍ତି। ଫଳରେ ସ୍ଥାନୀୟ ଅଞ୍ଚଳରେ ଅଶାନ୍ତିର ବାତାବରଣ ସୃଷ୍ଟି ହେଉଛି। ଡେରାବିଶ ବ୍ଲକ୍‌ର ଦାନପୁର ପଞ୍ଚାୟତ, ଚାଟରାଚକଡ଼ାର ଛତା ଅଞ୍ଚଳ, ଗୋଲରାହାଟ ପଞ୍ଚାୟତର ଗୋଲରାଟ ବଜାର, ଚାନ୍ଦୋଳ ପଞ୍ଚାୟତର ଗଣେଶପୁର ଛକ, ବାରିମୂଳ ପଞ୍ଚାୟତର ବାରିମୂଳ ଛକ, ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ଲକ୍ଷ୍ମୀନାରାୟଣପୁର ଛକ, ଏଣ୍ଡର ପଞ୍ଚାୟତର ପଞ୍ଚୁପାଣ୍ଡବ ଛକରେ ଏହି ବେପାର ଖୁବ୍ ଜମୁଛି। ପୁଲିସ୍ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

# ମଦନପୁର କଟ୍‌କୁ ପର୍ଯ୍ୟଟନ ଶିଳ୍ପରେ ପରିଣତ କରିବାକୁ ଦାବି

ପଟ୍ଟାମୁଣ୍ଡାଇ,୨୧।୭ (ସମିସ):

ଶିଳ୍ପ ବିହନ କେନ୍ଦ୍ରାପଡ଼ା ଜିଲ୍ଲାବାସୀଙ୍କ ପାଇଁ ଏକ ବୃହତ ପର୍ଯ୍ୟଟନ ଶିଳ୍ପ ପ୍ରକଳ୍ପ ଅପେକ୍ଷା କରିଛି। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ କେନ୍ଦ୍ରାପଡ଼ା ମାଟିର ଯୁବକ ଦାଦନ ଖଟିବାକୁ ଯିବେ ନାହିଁ। ସାରା ବିଶ୍ୱରେ କେନ୍ଦ୍ରାପଡ଼ାର ଗୌରବ ବଢ଼ିବ। କେନ୍ଦ୍ରାପଡ଼ା ଆତ୍ମନିର୍ଭରଶୀଳ ହେବ କିପରି? ପ୍ରବାଦ ପୁରୁଷ ବିଜୁବାବୁଙ୍କ ଏକ ମେଗା ପ୍ରକଳ୍ପ ଭାବେ ତାଙ୍କର ମାନସ ସନ୍ତାନ ଥିଲା ମଦନପୁର କଟ୍ ପ୍ରକଳ୍ପ। ଏହି ନାମରେ ନାମିତ ପ୍ରକଳ୍ପଟି କେନ୍ଦ୍ରାପଡ଼ା ଜିଲ୍ଲାର ପଟ୍ଟାମୁଣ୍ଡାଇ-ରାଜନଗର ରାସ୍ତାର ବନ୍ୟା ପ୍ରତିରୋଧକ ବନ୍ଧରେ ଏହା ଅବସ୍ଥିତ। ଯାହା ବ୍ରାହ୍ମଣୀ ନଦୀରୁ ସମୁଦ୍ରକୁ ଛୁଇଁଛି। ଏବେ ଏହା ପରିତ୍ୟକ୍ତ ହୋଇପଡିଛି। ଏହାକୁ ପର୍ଯ୍ୟଟନ ସ୍ଥଳୀ ଭୂ-ସ୍ୱର୍ଗ କାଶ୍ମୀରର ଡାଲହ୍ରଦ ଭଳି କରିବାକୁ ହେବ। ଏହା କରାଗଲେ ଡାଲହ୍ରଦ ପରି ହ୍ରଦଟିଏ ସୃଷ୍ଟି ହେବ। ସେଠାରେ ଭାସମାନ ବଜାର, ବ୍ୟାଙ୍କିଂ ଅନୁଷ୍ଠାନ ଗଢି ଉଠିବ। ଏହାର ଦୁଇ ପାର୍ଶ୍ୱରେ ହୋଟେଲ ଶିଳ୍ପ ଗଢି ଉଠିବ। ରଙ୍ଗ ବେରଙ୍ଗ ଆଲୋକ ସଜ୍ଜାରେ ସବୁ ପର୍ଯ୍ୟଟନଙ୍କୁ ବର୍ଷସାରା ଆକର୍ଷିତ କରିବ। ପଥପାଶ୍ୱର୍ ବନବିଥିକାରେ ପଲ୍ଲବିତ ପୁଷ୍ପିତ ବନସ୍ପତି ସୃଷ୍ଟି କରାଯାଇ ପରିବେଶକୁ ଆକର୍ଷଣୀୟ କରାଯାଇପାରିବ। ଚମ୍ପା, କୃଷ୍ଣଚୂଡ଼ା, କଦମ୍ବ, କରଞ୍ଜ, ତମାଳ ଓ ନାରିକେଳ ପରି ବୃକ୍ଷମାନ ସୃଷ୍ଟି କରାଯାଇ ଏହାର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିବ। ଏହା ଭିତରକନିକା ମାର୍ଗରେ ଥିବାରୁ ଏହା ବିଶ୍ୱବାସୀଙ୍କୁ ଆକର୍ଷିତ କରିବା ସହିତ ନୌକା ବିହାରର ମଜ୍ଜା ମଧ୍ୟ ପର୍ଯ୍ୟଟକ ନେଇପାରିବେ। ବାରମ୍ବାର ଏହି ସ୍ଥାନକୁ ଆସିବାକୁ ମନେ କରିବେ।

ଶିଳ୍ପ ବିହୀନ କେନ୍ଦ୍ରାପଡ଼ା ଜିଲ୍ଲା ଶିଳ୍ପ ଜଗତରେ ଅନନ୍ୟ ସ୍ଥାନ ଅଧିକାର କରିବ। ବିଜୁ ପଟ୍ଟନାୟକଙ୍କ ଏହି ମାନସ ସନ୍ତାନ ମେଗା ପ୍ରକଳ୍ପ ବିଶ୍ୱର ସୌନ୍ଦର୍ଯ୍ୟପ୍ରେମୀଙ୍କୁ ସମ୍ମୋହିତ କରିବ। ବିଜୁବାବୁଙ୍କ ନାମରେ ଏହା ନାମିତ କରାଗଲେ ତାଙ୍କର ସ୍ୱପ୍ନର ସାର୍ଥକତାକୁ କେନ୍ଦ୍ରାପଡାବାସୀ ନିରନ୍ତର ସ୍ମରଣ କରିବେ ବୋଲି ମତ ପ୍ରକାଶ ପାଇଛି। ସମ୍ପ୍ରତି ବ୍ରାହ୍ମଣୀର ଉଦବୃତ୍ତ ବନ୍ୟା ଜଳକୁ ସିଧାସଳଖ ବଙ୍ଗୋପସାଗରରେ ନିଷ୍କାସନ ପାଇଁ ତତ୍କାଳୀନ ଜଳ ସମ୍ପଦ ମନ୍ତ୍ରୀ ପ୍ରହଲ୍ଲାଦ ମଲିକଙ୍କ ଉଦ୍ୟମ ଓ ବିଜୁବାବୁଙ୍କ ସ୍ୱୀକୃତିରୁ ଜନ୍ମ ନେଇଥିଲା ମଦନପୁର କଟ ପ୍ରକଳ୍ପ। ଏହାର ୯୦ ଭାଗ କାର୍ଯ୍ୟ ସମାପ୍ତ ହେବା ସହିତ ଶହ ଶହ ଏକର ଜମି ସରକାର ଅଧିଗ୍ରହଣ କରିଥିଲେ। ଏହା ଜଳ ସମ୍ପଦ ବିଭାଗ ଅଧୀନରେ ରହିଛି। ଜଳ ସମ୍ପଦ ବିଭାଗର ଏକ ସେକ୍ସନ ଅଫିସ ମଧ୍ୟ ରହିଛି। କିନ୍ତୁ ଏହି ପ୍ରକଳ୍ପ ଏବେ ପରିତ୍ୟକ୍ତ ଅବସ୍ଥାରେ ଅଛି। କେବଳ ମାତ୍ର ଏକ ସ୍ଲୁଇସ୍ ଗେଟ ନିର୍ମାଣ ହୋଇଥିଲେ ବ୍ରାହ୍ମଣୀ ବନ୍ୟାକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣ କରାଯାଇପାରିଥା'ନ୍ତା। ବନ୍ୟା ସମୟରେ ଉଦବୃତ୍ତ ବନ୍ୟା ଜଳ ସମୁଦ୍ରକୁ ନିଷ୍କାସନ ହେବା ସହିତ ଅନ୍ୟ ସମୟରେ ସମୁଦ୍ର ମୁହାଣରେ ନିର୍ମାଣ କରାଯାଇଥିବା ସ୍ଲୁଇସ୍ ଗେଟର ଫାଟକକୁ ବନ୍ଦ କରି ରଖାଯାଇଥା'ନ୍ତା। ନଦୀର ମିଠା ପାଣିକୁ କଟ୍ ମଧ୍ୟରେ ପ୍ରବେଶ କରାଯାଇ ଜଳସେଚନର ସୁବିଧା କରାଯାଇପାରିଥା'ନ୍ତା। ଫଳରେ ଉଭୟ ପାର୍ଶ୍ୱରେ ଥିବା ଚାଷଜମିରେ ବର୍ଷ ସାରା ଫସଲ ଉତ୍ପାଦନ ହୋଇପାରିଥା'ନ୍ତା। କିନ୍ତୁ ପରବର୍ତ୍ତୀ ସମୟରେ ରାଜ୍ୟ ସରକାର ଏହି ପ୍ରକଳ୍ପ ଉପରେ ଗୁରୁତ୍ୱ ଦେଇ ନ ଥିଲେ। ଫଳସ୍ୱରୂପ ଏହି ପ୍ରକଳ୍ପ ଏବେ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। ଏହାର ଉଭୟ ପାଶ୍ୱର୍ ବନ୍ଧରୁ ପଥରଗୁଡିକୁ ଦୁର୍ବୃତ୍ତ ତାଡି ନେଲେଣି। ସମୟ ଆସିଛି ଏହି ପରତ୍ୟକ୍ତ ମଦନପୁର କଟ୍‌କୁ ଚିରସ୍ରୋତାରେ ପରିଣତ କରି ପର୍ଯ୍ୟଟନ ଶିଳ୍ପର ବିକାଶ କଲେ ଅଞ୍ଚଳର ବିକାଶ ହୋଇପାରିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

# କୋଇଲା ଡିପୋକୁ ନେଇ ଜରପଡ଼ା ଷ୍ଟେସନରେ ବିକ୍ଷୋଭ

ଛେଣ୍ଡିପଦା,୨୧।୭(ସମିସ)




କୋଇଲା ଡିପୋକୁ ନେଇ ଅନୁଗୋଳ ଜିଲ୍ଲା ଜରପଡ଼ା ଷ୍ଟେସନରେ ୯ ପଞ୍ଚାୟତବାସୀ ସୋମବାର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ରେଲୱେ ଷ୍ଟେସନଠାରେ ଥିବା କୋଇଲା ଡିପୋ ବନ୍ଦ ଦାବିରେ ଜରପଡ଼ା ଆଞ୍ଚଳିକ କ୍ଷତିଗ୍ରସ୍ତ ପ୍ରଜା ସଂଘ ଡାକରାରେ ଆଖ ପାଖ ୯ ପାଞ୍ଚାୟତର ଲୋକେ ଜରପଡ଼ା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟଠାରୁ ବିରାଟ ଶୋଭାଯାତ୍ରାରେ ବାହାରି ଷ୍ଟେସନରେ ପହଞ୍ଚିଥିଲେ। ସେଠାରେ ବିକ୍ଷୋଭ ପ୍ରଦର୍ଶନ ସହ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଅନୁଗୋଳ ଜିଲ୍ଲାରେ ଥିବା ବିଭିନ୍ନ କୋଇଲା ଖଣିରୁ କୋଇଲା ପରିବହନ କରି ଜରପଡ଼ା ଷ୍ଟେସନରୁ ଟ୍ରେନ ମାଧ୍ୟମରେ ବାହାର ରାଜ୍ୟକୁ ଚାଲାଣ କରାଯାଉଛି। ଏନେଇ ମେଟାଫ୍ରାଜିଟ ଲଜିଷ୍ଟିକ କମ୍ପାନୀ ପକ୍ଷରୁ ଷ୍ଟେସନରେ କୋଇଲା ପରିବହନ କାର୍ଯ୍ୟ କରାଯାଉଛି। ଷ୍ଟେସନରେ ଏହି ଡିପୋ ହେବା ଦ୍ୱାରା ଲୋକଙ୍କ ଜୀବନଜୀବିକା ପ୍ରଭାବିତ ହେବ। ଏନେଇ ଆଞ୍ଚଳିକ କ୍ଷତିଗ୍ରସ୍ତ ପ୍ରଜାସଙ୍ଘ ଡାକରାରେ ପ୍ରତିବାଦ କରାଯାଇଛି। କୋଇଲା ଡିପୋ ଏବଂ ସାଇଡିଂ ହେଲେ ଗ୍ରାମରେ ଧୂଳିଧୂଆଁ ହେବା ସହ ଗ୍ରାମ ପରିବେଶ ନଷ୍ଟହେବ। ସାଇଡିଂ ଏବଂ ଡିପୋ ପାଖରେ ଥିବା ସ୍କୁଲ, ଡାକ୍ତରଖାନା ଏବଂ ଜରପଡ଼ା ବଜାର ଉପରେ ଏହାର କୁପ୍ରଭାବ ପଡ଼ିବ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେବେ ଆରପିଏଫ୍ କର୍ମଚାରୀମାନେ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିବା ପରେ ସମ୍ବଲପୁର ଡିଆରଏମ୍‌ଙ୍କ ଉଦ୍ଦେଶ୍ୟରେ ଜରପଡ଼ା ଷ୍ଟେସନ ମାଷ୍ଟରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। କମ୍ପାନୀ ଗ୍ରାମବାସୀଙ୍କ ଦାବି ନ ମାନି କାର୍ଯ୍ୟ କଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବେ ବୋଲି କଡ଼ା ଚେତାବନୀ ଦେଇଛନ୍ତି। ବିକ୍ଷୋଭରେ ଆଞ୍ଚଳିକ କ୍ଷତିଗ୍ରସ୍ତ ପ୍ରଜାସଂଘ ଆବାହକ ଜୀବନାନନ୍ଦ ସାହୁ, ଦଳିତ ମହାସଙ୍ଘ ସଭାପତି ପ୍ରମୋଦ କୁମାର ବେହେରା, ଚିତ୍ତରଞ୍ଜନ ଦାଶ, କହ୍ନେଇ ସାହୁ, ଅଜିତ କୁମାର ସାହୁ, ପ୍ରଦୀପ କୁମାର ସାହୁ, ସଂଗ୍ରାମ ପ୍ରଧାନ, ମାନସୀ ବେହେରା, ଅପର୍ଣ୍ଣା ସାହୁ, ଜିତେନ୍ଦ୍ର ପ୍ରଧାନଙ୍କ ସମେତ ୫୦୦ରୁ ଉର୍ଦ୍ଧ୍ୱ ଜନସାଧାରଣ ଯୋଗଦେଇଥିଲେ।

## ଛେଣ୍ଡିପଦା ଜେଏମଏଫସି କୋର୍ଟର ପ୍ରତିଷ୍ଠା ଉତ୍ସବ




ଛେଣ୍ଡିପଦା,୨୧।୭(ସମିସ): ଅନୁଗୋଳ ଜିଲ୍ଲା ଛେଣ୍ଡିପଦାସ୍ଥିତ ଜେଏମଏଫସି କୋର୍ଟର ଷଷ୍ଠ ପ୍ରତିଷ୍ଠା ଉତ୍ସବ ସୋମବାର ଛେଣ୍ଡିପଦା ଓକିଲ ସଂଘର ସଭାଗୃହରେ ପାଳିତ ହୋଇଛି। ଛେଣ୍ଡିପଦା ଓକିଲ ସଂଘ ସଭାପତି ଦୁର୍ଯ୍ୟୋଧନ ମାଝୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବରେ ଛେଣ୍ଡିପଦା ଜେଏମଏଫସି ଅଦାଲତର ବିଚାରପତି ଶୁଭଲକ୍ଷ୍ମୀ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ସଂକ୍ଷିପ୍ତ ବକ୍ତବ୍ୟ ରଖିବା ସହିତ ବାର୍ଷିକୋତ୍ସବରେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ। କାର୍ଯ୍ୟକ୍ରମରେ ଓକିଲ ସଙ୍ଘ ସମ୍ପାଦକ ଅଶୋକ କୁମାର ଦ୍ୱିବେଦୀ, ଉପସଭାପତି ବିଜୟ କୁମାର ବେହେରାଙ୍କ ସମେତ ସମସ୍ତ ଆଇନଜୀବୀ ଉପସ୍ଥିତ ଥିଲେ।

## ଗାଁ ନିକଟରେ ବୁଲୁଛି ଦନ୍ତାହାତୀ



ଛେଣ୍ଡିପଦା,୨୧।୭(ସମିସ): ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବନାଞ୍ଚଳ ଖମାର ଗ୍ରାମ ଖେଳପଡ଼ିଆ ନିକଟରେ ସୋମବାର ଅପରାହ୍ନରେ ଦନ୍ତାହାତୀ ଗଜେନ୍ଦ୍ର ବୁଲୁଥିବା ଦେଖିବାକୁ ମିଳିଛି। ଏନେଇ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି। ଗୁଳିବିଦ୍ଧ ଏହି ଦାନ୍ତହାତୀକୁ ବନବିଭାଗ ଚିକିତ୍ସା ପରେ ରେଡିଓ କଲାର ଲଗାଇ ଛାଡ଼ିଦେଇଥିଲା। ହେଲେ ଗଜେନ୍ଦ୍ର ଜଙ୍ଗଲକୁ ନ ଯାଇ ଜଙ୍ଗଲ ଉପକଣ୍ଠ ଗାଁ ନିକଟରେ ଘୂରି ବୁଲୁଛି। ବନବିଭାଗ ତା'ର ଗତିବିଧି ଉପରେ ନଜର ରଖିଥିବା ବେଳେ ଅଧିକାଂଶ ସମୟ ହାତୀକୁ ଗାଁ ନିକଟରେ ଦେଖି ଲୋକେ ଭୟଭୀତ ହେଉଛନ୍ତି। କିଛିଦିନ ତଳେ ଛେଣ୍ଡିପଦା ବନାଞ୍ଚଳ କଣଲୋଇ ଗାଁ ନିକଟରେ ଗଜେନ୍ଦ୍ର ବୁଲୁଥିବା ବେଳେ ଏବେ ଖମାର ଗାଁ ବଣେଶ୍ୱର ଖେଳପଡ଼ିଆ ନିକଟରେ ବୁଲୁଛି। ଖବର ପାଇ ବନବିଭାଗ କର୍ମଚାରୀ ଗାଁରେ ପହଞ୍ଚି ହାତୀର ଗତିବିଧି ଉପରେ ନଜର ରଖିଛନ୍ତି। ତେବେ ଗଜେନ୍ଦ୍ର ପ୍ରାୟ ୫ ଦିନରୁ ଉର୍ଦ୍ଧ୍ୱ ସମୟ ହେବ ଗଡ଼ମଣ୍ଡଳରୁ କଣଲୋଇ ରାସ୍ତା ପାଶ୍ୱର୍ରେ ରହୁଛି। ସୋମବାର ସକାଳେ ଗଡ଼ମଣ୍ଡଳ ଛକ ନିକଟ ଭଙ୍ଗପାଳ ରାସ୍ତା ପାଶ୍ୱର୍ରେ ଛିଡ଼ା ହୋଇଥିଲା। ପ୍ରାୟ ୨ ଘଣ୍ଟା ପରେ ବନବିଭାଗ କର୍ମଚାରୀ ଘଉଡ଼ାଇବରେ ସକ୍ଷମ ହୋଇଛନ୍ତି। ପରେ ଅପରାହ୍ନ ୪ଟା ବେଳେ ଖମାର ଗାଁ ବଣେଶ୍ୱର ଖେଳପଡ଼ିଆ ନିକଟକୁ ପଳାଇ ଆସିଥିଲା। ଚିକତ୍ସା ପରେ ଗଜେନ୍ଦ୍ର ଜଙ୍ଗଲକୁ ନ ଯାଇ ଗାଁ ନିକଟରେ ଘୂରି ବୁଲୁଥିବାରୁ ବନବିଭାଗର ମୁଣ୍ଡବିନ୍ଧାର କାରଣ ପାଲଟିଛି। ବନବିଭାଗ ତାକୁ ଘଉଡ଼ାଉଥିଲେ ମଧ୍ୟ ପୁନର୍ବାର ଜନବସତି ଆଡ଼କୁ ପଳାଇ ଆସୁଥିବାରୁ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଗଜେନ୍ଦ୍ରକୁ ତୁରନ୍ତ ଟ୍ରଙ୍କୁଲାଇଜ କରି ନନ୍ଦନକାନନ ପଠାଇବାକୁ ଦାବି ହେଉଛି।

## ପୂର୍ବତନ ବ୍ଲକ ଅଧ୍ୟକ୍ଷଙ୍କ ବିୟୋଗରେ ଶୋକ



ପାଲଲହଡ଼ା,୨୧।୭(ସମିସ): ପୂର୍ବତନ ପାଲଲହଡ଼ା ବ୍ଲକ ଅଧ୍ୟକ୍ଷ ତଥା ପାଲଲହଡ଼ା କ୍ରିକେଟ କ୍ଲବର ପୂର୍ବତନ ସଭାପତି ଅଜିତ କୁମାର ପ୍ରଧାନଙ୍କ ବିୟୋଗରେ ସୋମବାର ପାଲଲହଡ଼ା ଷ୍ଟାଡିୟମରେ କ୍ରିକେଟ କ୍ଲବ ପକ୍ଷରୁ ଶୋକସଭା ଅନୁଷ୍ଠିତ ହେଇଛି। କ୍ଲବ ସଦସ୍ୟ ବିଷ୍ଣୁପ୍ରସାଦ ଦାସ, ହରିହର ପାଣି, ସଂଗ୍ରାମ କେଶରୀ ମିଶ୍ର, ସନ୍ତୋଷ ଗଡ଼ନାୟକ, ସକ୍ରାର ସାହୁ, ମାନସ ରଞ୍ଜନ ଦାସ, ଭୂପେନ କୁମାର ନାଏକ, ସଞ୍ଜୟ କୁମାର ସାହୁ, ସୁମନ ନାଏକ, ଦୀପକ ସାହୁ, ସୁବ୍ରତ ମହାନ୍ତି ପ୍ରମୁଖ ସମସ୍ତ ସଦସ୍ୟ ଏଥିରେ ଯୋଗଦେଇ ସ୍ୱର୍ଗତ ପ୍ରଧାନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। କ୍ଲବ ପ୍ରତି ତାଙ୍କ ଅବଦାନ ସଦା ସ୍ମରଣୀୟ ରହିବ ବୋଲି ମତବ୍ୟକ୍ତ କରିଥିଲେ।

## ଧର୍ମପରାୟଣା ମହିଳାଙ୍କ ପରଲୋକ



ଯୋରନ୍ଦା,୨୧।୭(ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ କେନ୍ଦୁପଡ଼ା ଗ୍ରାମର କବି ସ୍ୱର୍ଗତ ମାୟାଧର ସାମଲଙ୍କ ଧର୍ମପତ୍ନୀ ପଦ୍ମାବତୀ ସାମଲଙ୍କର ସୋମବାର ସକାଳେ ପରଲୋକ ହୋଇଛି। ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥିଲେ। ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ସେ ଅବସରପ୍ରାପ୍ତ ବିତ୍ତ ଅଧିକାରୀ ନୀରୋଦ କୁମାର ସାମଲଙ୍କ ମା' ଅଟନ୍ତି। ସେ ଜଣେ ଧର୍ମପରାୟଣ ମହିଳା ଥିଲେ। ଗ୍ରାମର ବିଭିନ୍ନ ଧାର୍ମିକ କାର୍ଯ୍ୟକ୍ରମରେ ସାମିଲ ହେଉଥିଲେ। ସ୍ଥାନୀୟଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଥିଲେ।

## ନାଲକୋ ଏସ୍‌ଭିଏମ୍‌ରେ ସମ୍ଭାଗସ୍ତରୀୟ ପ୍ରଧାନାଚାର୍ଯ୍ୟ ବୈଠକ




ନାଲକୋ ନଗର,୨୧।୭(ସମିସ): ବିଦ୍ୟାଭାରତୀ ଶିକ୍ଷା ବିକାଶ ସମିତି ଓଡ଼ିଶାଙ୍କ ତତ୍ତ୍ୱାବଧାନରେ ନାଲକୋ ନଗର ସରସ୍ୱତୀ ବିଦ୍ୟାମନ୍ଦିରରେ ଦୁଇଦିନ ଧରି ସମ୍ଭାଗସ୍ତରୀୟ ପ୍ରଧାନାଚାର୍ଯ୍ୟ ବୈଠକ (ମଧ୍ୟ ସମ୍ଭାଗ, ଅନୁଗୋଳ) ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଡ. ଶତ୍ରୁଘ୍ନ ବେହେରା ସ୍ୱାଗତ ଭାଷଣ ଦେଇ ଅତିଥି ଅଧିକାରୀମାନଙ୍କ ପରିଚୟ ପ୍ରଦାନ କରିବା ସହ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ମଧ୍ୟ ସମ୍ଭାଗ ସଭାପତି ପରେଶ ଚନ୍ଦ୍ର ପଟ୍ଟନାୟକ, ବିଦ୍ୟାଭାରତୀ ପୂର୍ବକ୍ଷେତ୍ର ସହମନ୍ତ୍ରୀ ହେମନ୍ତ କୁମାର ପାଣିଗ୍ରାହୀ, ମଧ୍ୟ ସମ୍ଭାଗ ସମ୍ପାଦକ ସନ୍ତୋଷ କୁମାର ପୃଷ୍ଟି, ମଧ୍ୟ ସମ୍ଭାଗ ସଂଯୋଜକ ମଧୁସୂଦନ ବାରିକ, ବିଦ୍ୟାଳୟର ସମ୍ପାଦକ ଡା. ସୁଧାକର ପାଲ ଉପସ୍ଥିତ ଥିଲେ। ଆମନ୍ତ୍ରିତ ଅତିଥି ଭାବେ ପ୍ରାନ୍ତ ବିଦ୍ୟାମନ୍ଦିର ଶୈକ୍ଷିକ ସଂଯୋଜକ ଓ କ୍ଷେତ୍ରୀୟ ସଂସ୍କୃତିବୋଧ ପରିଯୋଜନା ପ୍ରମୁଖ କୈଳାସ ଚନ୍ଦ୍ର ମିଶ୍ର, ମଧ୍ୟ ସମ୍ଭାଗ କୋଷାଧ୍ୟକ୍ଷ ସନ୍ତୋଷ କୁମାର ଶତପଥୀ, ଅନୁଗୋଳ ସହଜିଲ୍ଲା ପ୍ରମୁଖ ବିଶ୍ୱନାଥ ପ୍ରଧାନ, ପ୍ରାନ୍ତ ପରୀକ୍ଷା ସଂଯୋଜକ ମନୋଜ କୁମାର ଦାଶ, ପ୍ରାନ୍ତ ଆର୍ଥିକ ସମୀକ୍ଷକ ଶମ୍ଭୁପ୍ରସାଦ ଦାଶଶର୍ମା, ଅନୁଗୋଳ ବିଭାଗ ନିରୀକ୍ଷକ ବିରଞ୍ଚିନାରାୟଣ ମହାପାତ୍ର, ଢେଙ୍କାନାଳ ବିଭାଗ ନିରୀକ୍ଷକ ଗଣେଶ୍ୱର ପାତ୍ର, ମଧ୍ୟ ସମ୍ଭାଗ କାର୍ଯ୍ୟାଳୟ ସହାୟକ ଚିନ୍ମୟ କୁମାର ପାଳ, ମଧ୍ୟ ସମ୍ଭାଗ ସହ କାର୍ଯ୍ୟାଳୟ ସହାୟକ ଋଷଭ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ବୈଠକରେ ଢେଙ୍କାନାଳ ଏବଂ ଅନୁଗୋଳ ଜିଲ୍ଲାର ସରସ୍ୱତୀ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟମାନେ ଯୋଗଦେଇଥିଲେ। ଦୁଇଦିନ ଧରି ଆର୍ଥିକ କାଳାଂଶ, ଶୈକ୍ଷିକ କାଳାଂଶ, ପରୀକ୍ଷା ଯୋଜନା ଓ ତା'ର କ୍ରିୟାନ୍ୱୟନ, ପ୍ରଧାନଆଚାର୍ଯ୍ୟଙ୍କ ଦାୟିତ୍ୱ ବିଷୟରେ ବିଭିନ୍ନ କାଳାଂଶ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ପ୍ରାଦେଶିକ ମେଧା, ଭାରତୀକୃଷ୍ଣ ଗଣିତ ପ୍ରତିଭାରେ ଓଡ଼ିଶାରେ ପ୍ରଥମ ୧୦ ଜଣଙ୍କ ଭିତରେ ସ୍ଥାନ ପାଇଥିବା ଛାତ୍ରଛାତ୍ରୀଙ୍କୁ ୧୦୦୦ ଟଙ୍କା ବୃତ୍ତିରାଶି ଓ ପଦକ ପ୍ରଦାନ କରାଯାଇଥିଲା। ଉଦଯାପନୀ ଉତ୍ସବରେ ମୁଖ୍ୟବକ୍ତା ହେମନ୍ତ କୁମାର ପାଣିଗ୍ରାହୀ କହିଲେ, ସମାଜକୁ ସୁଧାରିବାକୁ ହେଲେ ତିନିଟି ମନ୍ଦିରକୁ ସଜାଡ଼ିବାକୁ ହେବ। ତାହା ହେଉଛି ମଠମନ୍ଦିର, ବିଦ୍ୟାମନ୍ଦିର ଓ ଘରମନ୍ଦିର। ଶେଷରେ ବିଦ୍ୟାଳୟର ସମ୍ପାଦକ ଡା. ସୁଧାକର ପାଲ ଧନ୍ୟବାଦ ଅର୍ପଣ କରିଥିଲେ।

## ଜୁଇରୁ ମୃତଦେହ ଉଠାଇ ଆଣିଲା ପୁଲିସ

ପାଲଲହଡ଼ା,୨୧।୭(ସମିସ): ଅନୁଗୋଳ ଜିଲ୍ଲା ପାଲଲହଡ଼ା ଥାନା ସଇଡ଼ା ଗ୍ରାମରେ ଦେଖିବାକୁ ମିଳିଛି ଅଭାବନୀୟ ଘଟଣା। ପାଲଲହଡ଼ା ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଥିବା ଜଣେ ମହିଳାଙ୍କ ମୃତଦେହକୁ ସଂସ୍କାର କରିବା ପାଇଁ ସ୍ୱାମୀ ସମେତ ପରିବାର ଲୋକ ଓ ଗ୍ରାମବାସୀ ଗାଁ ଶ୍ମଶାନକୁ ନେଇ ଜୁଇରେ ନିଆଁ ଲଗାଇବାକୁ ଯାଉଥିବା ବେଳେ ଅଭିଯୋଗ ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଜୁଇରୁ ଶବ ଉଠାଇ ଆଣିବା ସହ ଜବତ କରିଛି। ମହିଳାଙ୍କ ବାପଘର ଲୋକଙ୍କ ଅଭିଯୋଗ ଆଧାରରେ ତାଙ୍କ ସ୍ୱାମୀଙ୍କୁ ଅଟକ ରଖି ପୁଲିସ ତଦନ୍ତ ଚଳାଇଛି।



**ହତ୍ୟା ଅଭିଯୋଗରେ ସ୍ୱାମୀ ଅଟକ**

ସୂଚନା ଅନୁସାରେ, ସଇଡ଼ା ଗାଁର ଚରଣ ପୂର୍ତ୍ତି (୪୦) ତାଙ୍କ ସ୍ତ୍ରୀ ଶୁକ୍ରମୁନି ପୂର୍ତ୍ତିଙ୍କୁ ରବିବାର ଗୁରୁତର ଅବସ୍ଥାରେ ପାଲଲହଡ଼ା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଗାଁ ଦାଣ୍ଡରେ ଦୌଡ଼ି ଯାଉଥିବା ବେଳେ ପଡ଼ିଯିବାରୁ ଶୁକ୍ରମୁନି ଆହତ ହୋଇଥିବା ଚରଣ କହିଥିଲେ। ତେବେ ଚିକିତ୍ସାଧୀନ ଅବସ୍ଥାରେ ରାତି ପ୍ରାୟ ୧୧ଟାରେ ଶୁକ୍ରମୁନିଙ୍କ ମୃତ୍ୟୁ ହୋଇଥିବା ଡାକ୍ତର ଘୋଷଣା କରିବା ପରେ ଚରଣ ମୃତଦେହ ଗାଁକୁ ନେଇଯାଇଥିଲେ। ରବିବାର ସକାଳେ ପରିବାର ଲୋକେ ମୃତଦେହ ଦାହ ପାଇଁ ଜୁଇରେ ରଖି ନିଆଁ ଲଗାଉଥିବା ବେଳେ ଅଭିଯୋଗ ପାଇ ପୁଲିସ ପହଞ୍ଚି ତାହାକୁ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପୁଣି ପାଲଲହଡ଼ା ଡାକ୍ତରଖାନାକୁ ଆଣିଛି। ଗାଁ ଦାଣ୍ଡରେ ପଡ଼ି ଶୁକ୍ରମୁନିଙ୍କ ମୃତ୍ୟୁ ହୋଇନାହିଁ ବରଂ ଏହା ଏକ ହତ୍ୟାକାଣ୍ଡ ବୋଲି ତାଙ୍କ ବାପଘର ଲୋକେ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଚରଣଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛି। ମଙ୍ଗଳବାର ଘଟଣାର ପାର୍ଦ୍ଦାଫାଶ ହେବ ବୋଲି କୁହାଯାଉଛି।

## ମଧୁବାବୁ ପେନସନ ଯୋଜନାର ସାମାଜିକ ସମୀକ୍ଷା




ପରଜଙ୍ଗ,୨୧।୭(ସମିସ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକର ବିଭିନ୍ନ ପଞ୍ଚାୟତ କାର୍ଯ୍ୟାଳୟରେ ମଧୁବାବୁ ପେନସନ ଯୋଜନାର ସାମାଜିକ ସମୀକ୍ଷା ଗ୍ରାମସଭା ଅନୁଷ୍ଠିତ ହୋଇଛି। ଗଡ଼ପରଜଙ୍ଗ ପଞ୍ଚାୟତ ୧୧୦୦ରୁ ଉର୍ଦ୍ଧ୍ୱ ଭିନ୍ନକ୍ଷମ ଏବଂ ବୃଦ୍ଧବୃଦ୍ଧା ଭତ୍ତା ପାଉଛନ୍ତି। ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ଗାୟତ୍ରୀ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନିର୍ବାହୀ ଅଧିକାରୀ ବିଭୂତି ଭୂଷଣ ଭୋଇ, ଅଡିଟର ଅର୍ଜୁନ କୁମାର ସ୍ୱାଇଁ, କର୍ମଚାରୀ ଦୁର୍ଗାଚରଣ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତ୍ୟେକ ହିତାଧିକାରୀ ସେମାନଙ୍କ ଟଙ୍କା ଉଠାଣ ସମୟରେ ସରଳୀକରଣ କରିବା ଲାଗି ରେଜିଷ୍ଟରରେ ଭତ୍ତା ଖାତା ନମ୍ବର ଅନୁସାରେ କ୍ରମାନ୍ୱୟରେ ନାମଗୁଡ଼ିକ ରହିବା, ଭିନ୍ନକ୍ଷମ ହିତାଧିକାରୀମାନେ ସେମାନଙ୍କ ଭିନ୍ନକ୍ଷମ କାର୍ଡ କରିବା, ୮୦ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ହିତାଧିକାରୀଙ୍କୁ ଚିହ୍ନଟ କରି ବର୍ଦ୍ଧିତ ଭତ୍ତା ପ୍ରଦାନ ଆଦି ସମ୍ପର୍କରେ ଅଡିଟର ସ୍ୱାଇଁ ବିସ୍ତୃତ ଆଲୋଚନା କରିଥିଲେ।

## କପିଳାସ ଶୈବପୀଠରେ କାଉଡ଼ିଆଙ୍କ ଜଳାଭିଷେକ



ଗଁଦିଆ,୨୧।୭(ସମିସ): ଶ୍ରାବଣ ମାସ ୨ୟ ସୋମବାର କାଉଡ଼ିଆମାନେ ଢେଙ୍କାନାଳ ଜିଲ୍ଲାର ପ୍ରସିଦ୍ଧ ଶୈବପୀଠ କପିଳାସ ଶ୍ରୀ ଶ୍ରୀ ଚନ୍ଦ୍ରଶେଖରଜୀଉଙ୍କଠାରେ ଜଳାଭିଷେକ କରିଛନ୍ତି। ଜଳାଭିଷେକ ପାଇଁ ପ୍ରାୟ ୭୦ ହଜାର କାଉଡ଼ିଆଙ୍କ ସମାଗମ ହୋଇଥିଲା। ରବିବାର ରାତି ୧୨ଟାରୁ ଭକ୍ତମାନେ କାନ୍ଧରେ ଧରି ଆଣିଥିବା ପାଣିଭାରକୁ ବୃଷଭ ଓ ଶିବପାର୍ବତୀ ତଥା ଶ୍ରାବଣୀ ଲିଙ୍ଗରେ ଢାଳିଥିଲେ। ଏହି ଉପଲକ୍ଷେ ପ୍ରାତଃ ସମୟରୁ ଠାକୁରଙ୍କ ସକାଳ ଧୂପ ନୀତି ସମାପନ କରାଯାଇଥିଲା। ଭକ୍ତମାନେ ଯେପରି ଶାନ୍ତିଶୃଙ୍ଖଳା ସହ ଠାକୁରଙ୍କ ଦର୍ଶନ କରିପାରିବେ ସେଥିପାଇଁ ଦେବୋତ୍ତର ବିଭାଗ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିଲା। ମାଜଷ୍ଟ୍ରେଟ ଦାୟିତ୍ୱରେ ଗଁଦିଆ ଅତିରିକ୍ତ ତହସିଲଦାର ସୌଭାଗ୍ୟ କୁମାର ମହାନ୍ତି ଉପସ୍ଥିତ ରହି କାର୍ଯ୍ୟ ତଦାରଖ କରିଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଗଁଦିଆ ଥାନା ଅଧିକାରୀ ଶାନ୍ତନୁ ପ୍ରଧାନଙ୍କ ନେତୃତ୍ୱରେ ପୁଲିସ ମୁତୟନ ହୋଇଥିଲେ।

## ପ୍ରାଧ୍ୟାପିକାଙ୍କ ବିୟୋଗରେ ଶୋକ



ଢେଙ୍କାନାଳ,୨୧।୭(ସମିସ): ଢେଙ୍କାନାଳ ସହରର ଜଣାଶୁଣା ପ୍ରାଧ୍ୟାପିକା ଡ. ସୁଚେତା ମିଶ୍ରଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। ସାଂସଦ ରୁଦ୍ରନାରାୟଣ ପାଣି ଗଭୀର ଶୋକ ପ୍ରକାଶ କରିଛନ୍ତି। ଡ. ମିଶ୍ର ଜଣେ ସୁସାହିତ୍ୟିକା ଓ ସଂସ୍କୃତ ଗବେଷିକା ଥିଲେ। ସଂସ୍କୃତ ପ୍ରାଧ୍ୟାପିକା ଭାବେ କାର୍ଯ୍ୟକରି ୨୦୨୨ ଜୁଲାଇରେ ଅବସର ଗ୍ରହଣ କରିବା ପରେ ସାହିତ୍ୟ ସାଧନା ଏବଂ ବିଭିନ୍ନ ଧର୍ମ କାର୍ଯ୍ୟରେ ଜଡ଼ିତ ଥିଲେ। ସେ ଢେଙ୍କାନାଳ ଆର୍ଟ ଅଫ୍ ଲିଭିଂର ସଦସ୍ୟା, ଜିଲ୍ଲା ଲେଖକ ସଂସଦ ସଦସ୍ୟା, ଭାରତ ବିକାଶ ପରିଷଦ ଏବଂ ସ୍ୱାମୀ ବିବେକାନନ୍ଦ ଲୋକ ସଂସଦର ଜିଲ୍ଲା ଶାଖା ସଭାନେତ୍ରୀ, ଢେଙ୍କାନାଳ ଆଇନ ମହାବିଦ୍ୟାଳୟର ଉଚ୍ଚଶିକ୍ଷା ନିର୍ଦ୍ଦେଶକଙ୍କ ପ୍ରତିନିଧି ଭାବେ କାର୍ଯ୍ୟ କରିଥିଲେ। ସେ ବିଭିନ୍ନ ଧାର୍ମିକ ପ୍ରବଚନ କାର୍ଯ୍ୟକ୍ରମରେ ବକ୍ତା ଭାବେ ଯୋଗଦେବା ସହିତ ସଂସ୍କୃତ ସାହିତ୍ୟ ରଚନା କ୍ଷେତ୍ରରେ ମନୋନିବେଶ କରି ଅନେକ କାବ୍ୟ, କବିତା ରଚନା କରି ପାଠକୀୟ ଆଦୃତି ଲାଭ କରିଥିଲେ। ତାଙ୍କ ବିୟୋଗରେ ଓଡ଼ାପଡ଼ା ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ଶୋକସଭା ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଶମ୍ଭୁପ୍ରସାଦ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶୋକସଭାରେ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ଯୋଗଦେଇଥିଲେ। ଢେଙ୍କାନାଳ ଆଇନ୍ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ପ୍ରତାପରୁଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ, ଭାରତ ବିକାଶ ପରିଷଦ, ବାଜି ରାଉତ ଶାଖା ପକ୍ଷରୁ ଇଞ୍ଜିନିୟର ବାବୁଚାନ୍ଦ ମହାଳିକଙ୍କ ପୌରୋହିତ୍ୟରେ ଓ ସ୍ୱାମୀ ବିବେକାନନ୍ଦ ଯୁବ ସଂସଦ ଢେଙ୍କାନାଳ ଶାଖା ପକ୍ଷରୁ ଶଙ୍କର୍ଷଣ ଶତପଥୀଙ୍କ ଆବାହକତ୍ୱରେ ଶୋକସଭା ଅନୁଷ୍ଠିତ ହୋଇଛି। ଡ. ମିଶ୍ର ମୁକ୍ତାଦେଇପୁର ଶାସନର କୁଞ୍ଜବିହାରୀ ମିଶ୍ରଙ୍କ ଝିଅ ଏବଂ ଢେଙ୍କାନାଳର ବିଶିଷ୍ଟ କଣ୍ଠଶିଳ୍ପୀ ଶକ୍ତିପ୍ରସାଦ ମିଶ୍ର, ଦଧିଚି ସମ୍ମାନପ୍ରାପ୍ତ ସମାଜସେବୀ ଶୈଳବାଳା ମିଶ୍ର ଓ ବରିଷ୍ଠ ଶିକ୍ଷାବିତ୍ ଡ. ଦେବୀପ୍ରସାଦ ମିଶ୍ରଙ୍କ ବଡ଼ ଭଉଣୀ ତଥା ରୋଟାରୀ କ୍ଲବ୍ ସଭାପତି ଡ. ହରେକୃଷ୍ଣ କରଙ୍କ ସହଧର୍ମିଣୀ ଅଟନ୍ତି।

# ଯନ୍ତ୍ରଣା ଦେଉଛି ରେଳଫାଟକ

**ବିଭିନ୍ନ ମହଲରେ ଅସନ୍ତୋଷ**

ତାଳଚେରସଦର,୨୧।୭(ସମିସ)




ତାଳଚେରେ ବାଇପାସ୍ ଛକରୁ ହାଟତୋଟାକୁ ଯାଇଥିବା ମୁଖ୍ୟରାସ୍ତାରେ ରେଲୱେ ଫାଟକ ରହିଛି। ଅଧିକାଂଶ ସମୟରେ ଏହି ଫାଟକ ବନ୍ଦ ରହୁଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ମୁଖ୍ୟରାସ୍ତାରେ କୋର୍ଟ, କଚେରି, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ବ୍ଲକ କାର୍ଯ୍ୟାଳୟ, ତହସିଲ, ଆରଆଇ, ରେଭିନ୍ୟୁ ଅଫିସ୍, ବନ ବିଭାଗ କାର୍ଯ୍ୟାଳୟ, ପ୍ରାଣୀ ଚିକିତ୍ସାଳୟ, ମହିଳା ମହାବିଦ୍ୟାଳୟ, ଯୁବରାଜ ହାଇସ୍କୁଲ, ବିରାଦରପଡ଼ା ୟୁପି ସ୍କୁଲ, ଷ୍ଟେଟବ୍ୟାଙ୍କ, ଗ୍ରାମ୍ୟବ୍ୟାଙ୍କ, ପୋଷ୍ଟ ଅଫିସ୍, ପୌରପରିଷଦ ଚିକିତ୍ସାଳୟ ସମେତ ବହୁ ଛୋଟବଡ଼ ସରକାରୀ ବେସରକାରୀ କାର୍ଯ୍ୟାଳୟ କର୍ମଚାରୀ ଯାତାୟାତ କରନ୍ତି। ତେବେ ରେଳ ଫାଟକ ବନ୍ଦ ରହୁଥିବାରୁ ସେମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ଜରୁରୀକାଳୀନ ସେବା ଯୋଗାଉଥିବା ଆମ୍ବୁଲାନ୍ସ, ଦମକଳ ଓ ପୁଲିସ ଗାଡ଼ି ମଧ୍ୟ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅଧିକାଂଶ ସମୟରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଫାଟକ ବନ୍ଦ ରହୁଥିବାରୁ ଉଭୟ ପାଶ୍ୱର୍ରେ ଶହଶହ ଯାନବାହାନ ଅଟକି ରହୁଛି। ଫଳରେ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। କୋଇଲା ଖଣିରୁ କେନ୍ଦ୍ର ଓ ରାଜ୍ୟ ସରକାର କୋଟି କୋଟି ଟଙ୍କା ରାଜସ୍ୱ ନେଉଥିବା ବେଳେ ଜନସାଧାରଣଙ୍କ ସୁବିଧା ନିମନ୍ତେ ଓଭରବ୍ରିଜ ନିର୍ମାଣ କରିବା ପାଇଁ ବିଭିନ୍ନ ମହଲରେ ଦାବି ହୋଇ ଆସୁଥିଲେ ମଧ୍ୟ ନା ଏମସିଏଲ ନା ସ୍ଥାନୀୟ ପ୍ରଶାସନ କେହି ହେଲେ ଏଥିପ୍ରତି କର୍ଣ୍ଣପାତ ନ କରିବା ପରିତାପର ବିଷୟ ବୋଲି ମତ ପ୍ରକାଶ ପାଇଛି। ତୁରନ୍ତ ଏହି ସମସ୍ୟାର ସମାଧାନ କରିବାକୁ ବିଭିନ୍ନ ମହଲରେ ଦାବି ହେଉଛି।

TPCODL | TPNODL | TPSODL | TPWODL
(Joint Ventures of Tata Power and Government of Odisha)

PUBLIC NOTICE

Installation of smart meters for new electricity connection and replacement of existing meters is in post paid mode by default. Pre-paid mode is optional and enabled only on consumer's request.

For any queries or service requests related to smart meters or other electricity services, please call on 24x7 toll-free number at 1912 or contact your nearest Customer Care Centre.

# ସମ୍ପାଦକୀୟ



କାହାରି ଅନିଷ୍ଟ ନ କରି, କାହାରିକୁ ପୀଡ଼ା ନ ଦେଇ ସ୍ୱଚ୍ଛନ୍ଦ ଜୀବନଯାପନର କଳାକୁ ଆୟତ୍ତ କରିବା ଆଜିର ଲକ୍ଷ୍ୟ ହେବା ଉଚିତ।

-ମା' ରମାଦେବୀ

ସକାଳ
THE SAKALA

## ଟ୍ରମ୍ପଙ୍କ କୂଟକପଟ

ପହଲଗାମରେ ଆତଙ୍କବାଦୀଙ୍କ ନୃଶଂସତା ଓ ବର୍ବରତାର ଉତ୍ତର ଭାରତ 'ଅପରେସନ ସିନ୍ଦୂର' ମାଧ୍ୟମରେ ଦେଇଛି। ଏହି ସୀମିତ ଯୁଦ୍ଧର ଗତି ଓ ପ୍ରକୃତିକୁ ଅନୁଧ୍ୟାନ କଲେ ଆମକୁ ସ୍ୱୀକାର କରିବାକୁ ପଡ଼ିବ ଯେ ଭାରତ ଏକାସାଙ୍ଗରେ ପାକିସ୍ତାନ, ଚୀନ ଓ ତୁର୍କୀର ମୁକାବିଲା କରିଥିଲା। ଏହାର ମୂଳ ଉଦ୍ଦେଶ୍ୟ ଥିଲା, ପାକିସ୍ତାନର ଆତଙ୍କୀ ସଂଗଠନକୁ ନିଶ୍ଚିହ୍ନ କରିବା। ତେଣୁ ରଣନୀତି ସେହି ଅନୁଯାୟୀ ପ୍ରସ୍ତୁତ ହୋଇଥିଲା। ଯେଉଁ ରାଷ୍ଟ୍ର ନିଜ ସାମରିକ ରଣକୌଶଳର ଏକ ଅଙ୍ଗ ରୂପେ ଆତଙ୍କବାଦୀ ସଂଗଠନକୁ ସ୍ୱୀକୃତି ଦେଇ ଛାୟାଯୁଦ୍ଧ ଜାରି ରଖିଛି ସେ କ'ଣ ନିର୍ବିରୋଧରେ ଭାରତର ଏହି ଯୋଜନାକୁ ସାକାର କରିବା ସକାଶେ ବାଟ ଛାଡ଼ିଦେବ? ଆମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସଂପର୍କରେ ଅବଗତ ଥାଇ ଯେଉଁ ରାଷ୍ଟ୍ର ପାକିସ୍ତାନକୁ ସହଯୋଗର ହାତ ବଢ଼ାଇଲେ ଧରିନେବାକୁ ହେବ ଯେ ସେମାନେ ଆତଙ୍କବାଦୀ କାର୍ଯ୍ୟକଳାପକୁ ସମର୍ଥନ କରୁଛନ୍ତି। ମେ' ମାସର ଏହି ଘଟଣା ଉପୁଜିବାର ଦୁଇମାସ ପରେ ଯେତେବେଳେ ଟିଆରଏଫଙ୍କୁ ଆମେରିକା ଓ ପରେ ପରେ ଚୀନ ମଧ୍ୟ ଆତଙ୍କବାଦୀ ସଂଗଠନ ଘୋଷଣା କରି ପହଲଗାମ ଘଟଣାର ନିନ୍ଦା କରୁଛନ୍ତି ସେତେବେଳେ ଧରିନେବାକୁ ହେବ ଯେ ବିଶ୍ୱ କୂଟନୀତିରେ ଯେଉଁ ଓଲଟା ଫେରି ଚାଲିଛି ତାହାର ଏହା ପରିଣାମ।

ଭାରତ-ପାକିସ୍ତାନ ଯୁଦ୍ଧକୁ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବିବାଦୀୟ ଭୂମିକା ଆମ ସରକାରଙ୍କ ଆନ୍ତର୍ଜାତିକ ସ୍ତରରେ ଥିବା ପ୍ରତୀକ ଓ ପତିଆରା କ୍ଷୁର୍ଣ୍ଣ କରିବା ପାଇଁ ଉଦ୍ଦିଷ୍ଟ। ଏହି ବିବାଦର ସମାଧାନ ରାଷ୍ଟ୍ରମୁଖ୍ୟ ସ୍ତରରେ ହେବା ଉଚିତ। କିନ୍ତୁ ବାରମ୍ବାର ଟ୍ରମ୍ପ, ଏପରିକି ୨୦ ଥରରୁ ଉର୍ଦ୍ଧ୍ୱ ସେହି ଏକକଥାକୁ ଦୋହରାଇ ଚାଲିଛନ୍ତି। ସତେଯେପରି କୂଟନୈତିକ ଆଚରଣ ଓ ଶାଳୀନତାକୁ ସେ ତିଳେ ହେଲେ ଭ୍ରୂକ୍ଷେପ କରନ୍ତିନି। ଭାରତୀୟ ସଂସଦର ମୌସୁମୀ ଅଧିବେଶନର ଦୁଇଦିନ ପୂର୍ବରୁ ହ୍ୱାଇଟହାଉସରେ ରିପବ୍ଲିକାନ ସାଂସଦଙ୍କ ଉଦ୍ଦେଶ୍ୟରେ ଆୟୋଜିତ ରାତ୍ରିଭୋଜନରେ ଟ୍ରମ୍ପ ପୁଣି ତାହାକୁ ଦୋହରାଇଛନ୍ତି। ତାଙ୍କର ବକ୍ତବ୍ୟ ଥିଲା, ଯୁଦ୍ଧଏତେ ଭୟଙ୍କର ଥିଲା ଯେ ୫ଟି ସାମରିକ ଜେଟ୍‌କୁ ଗୁଳିକରି ଖସାଇ ଦିଆଯାଇଛି। ଅବଶ୍ୟ ନିର୍ଦ୍ଦିଷ୍ଟ ଭାବେ କାହାର ଯୁଦ୍ଧ ବିମାନକୁ ଖସାଇ ଦିଆଯାଇଛି ତାହା ସେ ସ୍ପଷ୍ଟ କରିନାହାନ୍ତି। ଦୁଇ ପରମାଣୁ ଶକ୍ତିସମ୍ପନ୍ନ ରାଷ୍ଟ୍ରଙ୍କ ମଧ୍ୟରେ ଯୁଦ୍ଧର ଭୟାବହତା ଦେଖି ସେ ବାଣିଜ୍ୟକ ସଂପର୍କ ରକ୍ଷା ଆଳରେ ଧମକ ଦେଇ ବିରତିର ବାଧ୍ୟବାଧକତା ସୃଷ୍ଟି କରିଛନ୍ତି। ବାରମ୍ବାର ବକ୍ତବ୍ୟକୁ ସେ ଦୋହରାଇବା ମଧ୍ୟରେ ୫ ଟି ଯୁଦ୍ଧ ବିମାନ ଧ୍ୱଂସ ପାଇବା ଏକ ନୂଆ ତଥ୍ୟ। ଯେଉଁ ବିବାଦ ଏବେ ମଧ୍ୟ ଭାରତର ପିଛା ଛାଡ଼ିନାହିଁ। ମୌସୁମୀ ଅଧିବେଶନ ପୂର୍ବରୁ ଏହା ବାର୍ତ୍ତା ଦେବା ପଛରେ ଟ୍ରମ୍ପଙ୍କ ଉଦ୍ଦେଶ୍ୟ କ'ଣ? ଏହାପଛରେ ଯେତେ ମନ୍ଦ ଉଦ୍ଦେଶ୍ୟ ଥାଉ ନା କାହିଁକି କ୍ଷମତାସୀନ ସରକାର ଉପରେ ତାହା କୌଣସି ପ୍ରତିକୂଳ ପ୍ରତୀକ ପକାଇ ପାରିବ ନାହିଁ। ହଁ ଏକଥା ହୋଇପାରେ ତାହା ବିରୋଧୀ ଦଳର ଆକ୍ରମଣକୁ ଅଧିକ ଶାଣିତ ଓ ଲକ୍ଷ୍ୟଭେଦୀ କରିବ, ଯାହାକି ସଂସଦ ଅଧିବେଶନ ଆରମ୍ଭରୁ ପରିଲକ୍ଷିତ ହୋଇଛି। ଟ୍ରମ୍ପଙ୍କୁ ମନେ ରଖିବାକୁ ହେବ ଯେ ତାଙ୍କର ବ୍ୟକ୍ତିଗତ କ୍ରୋଧ ଯାହା ଥାଉ ନା କାହିଁକି ଭାରତ ସରକାର ଭୁଶୁଡି ପଡ଼ିବନି।

ଭାରତର ଅତ୍ୟାଧୁନିକ ରାଫେଲ ଯୁଦ୍ଧ ବିମାନ ସଂଗ୍ରହ ପ୍ରତିପକ୍ଷଙ୍କ ପାଇଁ ଈର୍ଷାର କାରଣ ହୋଇଛି। ତେଣୁ ୫ଟି ଯୁଦ୍ଧ ବିମାନ ଗୁଳି କରି ଖସାଇ ଦିଆଯିବା ପ୍ରସଙ୍ଗ ପଛରେ ରାଫେଲ ବିରୋଧୀ ଯୁଦ୍ଧ ବିମାନ ବ୍ୟବସାୟୀଙ୍କ ଷଡ଼ଯନ୍ତ୍ର ନିହିତ ଅଛି ବୋଲି ଧରିନେବାକୁ ହେବ। ତେଣୁ ପାକିସ୍ତାନର ଦାବିକୁ ରାଫେଲ ନିର୍ମାତା ଡାସାଲ୍ଟ କମ୍ପାନୀ ପକ୍ଷରୁ ଦୃଢ଼ ଖଣ୍ଡନ କରାଯାଇଛି। ଏତେ ବାଦ ପ୍ରତିବାଦ ମଧ୍ୟରେ ଆମକୁ ସ୍ୱୀକାର କରିବାକୁ ପଡ଼ିବ ଯେ ଭାରତର ପ୍ରାରମ୍ଭିକ ଲକ୍ଷ୍ୟ ଥିଲା ପାକିସ୍ତାନର ଆତଙ୍କବାଦୀ ସଂଗଠନର ଭିତ୍ତିଭୂମିକୁ ଧ୍ୱଂସ କରିବା। ତେଣୁ ସମସ୍ତ ପ୍ରକାର ପ୍ରତିରୋଧ ସତ୍ତ୍ୱେ ଭାରତ ୯ଟି ଆତଙ୍କବାଦୀ କେନ୍ଦ୍ରକୁ ଧ୍ୱଂସ କରିବାରେ ସଫଳ ହୋଇଛି। ଏହି ସଫଳତା ବିନିମୟରେ ଆମେ ଯେକୌଣସି ମୂଲ୍ୟ ଦେବାରେ ଅସୁବିଧା କ'ଣ ଅଛି? ଆମ ପ୍ରତିରକ୍ଷା ବାହିନୀର ସେନାଧ୍ୟକ୍ଷ. ଜେନେରାଲ ଅନିଲ୍ ଚୌଧୁରୀଙ୍କ ତଥ୍ୟ ଏକ୍ଷେତ୍ରରେ ପ୍ରଣିଧାନଯୋଗ୍ୟ। ପ୍ରାରମ୍ଭିକ ସଫଳତା ପଛରେ ତଥାକଥିତ ବିପର୍ଯ୍ୟୟ ମୂଲ୍ୟହୀନ। ପରିବର୍ତ୍ତୀ ଆକ୍ରମଣର ମୁକାବିଲା କରି ନ ପାରି ପାକିସ୍ତାନର ବାୟୁସେନା ଯେଭଳି ଲହୁଲୁହାଣ ହେଲା ତାହା ଯେ ଐତିହାସିକ ତଥ୍ୟ ଏକଥା ସ୍ୱୀକାର୍ଯ୍ୟ। ପାକିସ୍ତାନ ନିଜର ଆତ୍ମରକ୍ଷା ପାଇଁ ଭାରତର ଲଢୁଆ ବିମାନ ଖସାଇ ଦେବା ଦାବିର ପ୍ରାମାଣିକ ତଥ୍ୟ ଜେନେରାଲ୍ ମୁନିରଙ୍କ ପାଖରେ ନାହିଁ। ପରିସ୍ଥିତିର ଚାପରେ ପଡ଼ି ପାକିସ୍ତାନ ପକ୍ଷରୁ ଯୁଦ୍ଧ ବିରତି ପ୍ରସ୍ତାବ ଆଗତରେ ଅସ୍ୱାଭାବିକତା କିଛି ନାହିଁ। ତେବେ ଏକଥା ସତ ଯେ ଟ୍ରମ୍ପଙ୍କ ଏହି ନୂଆ ଦାବି ପାକିସ୍ତାନକୁ ବଳ ଦେଇଛି ଓ ଆମ ପ୍ରତି ସନ୍ଦେହ ସୃଷ୍ଟି କରିଛି।

ପାକିସ୍ତାନର ଲସ୍କର ଏ ତୋଇବା ଓ ଜୈସ ଏ ମହମ୍ମଦ ଆତଙ୍କବାଦୀ ସଂଗଠନ ବିରୋଧରେ ନିଷେଧାଦେଶ ଜାରି ପରେ ଟିଆରଏଫ ଲସ୍କର ଏ ତୋଇବାର ଏକ ଛାମୁଆଁ ଆତଙ୍କୀଗୋଷ୍ଠୀ ରୂପେ ସକ୍ରିୟ ଥିବା ସ୍ପଷ୍ଟ ହେଉଛି। ପହଲଗାମରେ ୨୬ ପର୍ଯ୍ୟଟକଙ୍କୁ ଅତି ନୃଶଂସ ଭାବେ ହତ୍ୟା କରିବା ଘଟଣାକୁ ଟିଆରଏଫ ନିଜ ଆଡୁ ଦାବି କରିଛି। ପାକିସ୍ତାନରେ ବୈଦେଶିକ ମନ୍ତ୍ରୀ ତଥା ଉପପ୍ରଧାନମନ୍ତ୍ରୀ. ଖୋଲାଖୋଲି ଭାବେ ଟିଆରଏଫଙ୍କୁ ସମର୍ଥନ କରିଛନ୍ତି। ସେହିଭଳି ପହଲଗାମ ଘଟଣା ପୂର୍ବରୁ ଜେନେରାଲ ମୁନୀରଙ୍କ ଯେଉଁ ଭିଡିଓ ସାଧାରଣରେ ପ୍ରକାଶ ପାଇଥିଲା ସେଥିରେ ଟିଆରଏଫଙ୍କୁ ପ୍ରଯୋଗ କରାଯାଇ ଥିବାରୁ ସୂଚନା ଥିଲା। ଏହାଠାରୁ ଆଉ ଅଧିକ କ'ଣ ପ୍ରମାଣ ପାକିସ୍ତାନ ଚାହୁଁଛି। ୨୦୦୮ ମୁମ୍ବାଇ ଆକ୍ରମଣ ପରେ ଭାରତରେ ଏହା ସବୁଠାରୁ ବଡ଼ ଆତଙ୍କବାଦୀ ହମଲା। ଆମେରିକା ଟିଆରଏଫଙ୍କୁ ବିଶ୍ୱ ଆତଙ୍କବାଦୀ ଘୋଷଣା କରିବା ପରେ ଚୀନ ମଧ୍ୟ ଅନୁରୂପ ମନ୍ତବ୍ୟ ଦେଇଛି। ଏପର୍ଯ୍ୟନ୍ତ ପାକିସ୍ତାନ ସପକ୍ଷରେ କୂଟନୈତିକ ବାତାବରଣ ଠିକ୍ ଠାକ୍ ଥିବାବେଳେ ଟିଆରଏଫ ପ୍ରସଙ୍ଗ ଇସଲାମାବାଦ ନେତୃତ୍ୱକୁ ଅଡୁଆରେ ପକାଇଦେଇଛି।

ଜାତିସଂଘ ନିରାପତ୍ତା ପରିଷଦରେ ପହଲଗାମ ଆକ୍ରମଣ ନେଇ ନିନ୍ଦା ପ୍ରସ୍ତାବ ଆଗତ କରାଯାଉଥିଲା। ସେଥିରେ ଟିଆରଏଫ ନାମ ଉଲ୍ଲେଖ ଥିବାରୁ ପାକିସ୍ତାନର ପ୍ରତିବାଦ କ୍ରମେ ତାହାକୁ ବାଦ ଦିଆଯାଇଥିଲା। ସମୟ ସବୁବେଳେ ସମାନ ଯାଏନି। ପରିବର୍ତ୍ତିତ ପରିସ୍ଥିତିରେ ଦିଗ ପରିବର୍ତ୍ତନ କରୁଥିବା କୂଟନୀତି କିନ୍ତୁ ଭିନ୍ନ ସନ୍ଦେଶ ଦେଉଛି। ଆମେରିକା ଓ ଚୀନ ଟିଆରଏଫଙ୍କୁ ଆତଙ୍କବାଦୀ ସଂଗଠନ ଘୋଷଣା କରିବା ଭାରତ ପାଇଁ ଅନ୍ୟତମ ସଫଳତା କୁହାଯାଇପରେ।

# ରାଜ୍ୟ ଜଳନୀତି କେବେ ଓ କେମିତି

ସୌଭାଗ୍ୟ ସୁନ୍ଦରରାୟ

ରାଜ୍ୟର ପ୍ରମୁଖ ଜୀବନଧାରା ମହାନଦୀ ଜଳପ୍ରବାହ ଛତିଶଗଡ଼ ଦ୍ୱାରା ନିୟନ୍ତ୍ରିତ ହେବା ପରେ ରାଜ୍ୟରେ ଏକ 'ଜଳନୀତି'ର ଆବଶ୍ୟକତା ପଡ଼ିଛି। ତତ୍କାଳୀନ ବିଜେଡି ସରକାର ମହାନଦୀ ସୁରକ୍ଷା ପାଇଁ 'ମହାନଦୀ ବଞ୍ଚାଅ' ଅଭିଯାନ ଆରମ୍ଭ କରିବା ସହ ରାଜ୍ୟରେ ଏକ 'ଜଳନୀତି' ପ୍ରଣୟନ ନିମନ୍ତେ ପ୍ରସ୍ତାବ ରଖିଥିଲେ। ଏହାର ବ୍ୟୟ ଅଟକଳ ୭୫ ହଜାର କୋଟି ରହିଥିବା ବେଳେ ବିସ୍ତୃତ ରିପୋର୍ଟ ବା ଡିପିଆର ପ୍ରସ୍ତୁତ ହେବ ବୋଲି ମଧ୍ୟ କୁହାଯାଇଥିଲା। ଇତିମଧ୍ୟରେ ଶାସନରେ ପରିବର୍ତ୍ତନ ଘଟିଛି। ରାଜ୍ୟରେ ଭାରତୀୟ ଜନତା ପାର୍ଟି ସରକାର କ୍ଷମତାସୀନ ହେବା ୧ ବର୍ଷ ଅତିକ୍ରାନ୍ତ କରିସାରିଲାଣି। 'ଜଳନୀତି' ରୂପରେଖ କ'ଣ ତାହା ସ୍ପଷ୍ଟ ହୋଇପାରୁ ନାହିଁ। ତେବେ 'ଜଳନୀତି' ପ୍ରଣୟନ ପାଇଁ ନୂଆ ସରକାର ମଧ୍ୟ କହିଛନ୍ତି। ତେଣେ ମହାନଦୀ ଜଳ ବିବାଦ ନେଇ ଏକ ଟ୍ରିବ୍ୟୁନାଲ ଗଠନ ହୋଇଛି।

'ଜଳନୀତି' ଶବ୍ଦଟି ବେଶ ଶ୍ରୁତିମଧୁର ଓ ଅଭିନବ। ତେବେ ଏହାର ରିପୋର୍ଟ ପ୍ରସ୍ତୁତି ଓ କାର୍ଯ୍ୟାନ୍ୱୟନ ବୋଧହୁଏ ହୀରାକୁଦ ବନ୍ୟା ପରିଚାଳନାଠାରୁ ଅଧିକ ଜଟିଳ। ଏକବିଂଶ ଶତାବ୍ଦୀର ଏହି ପ୍ରସ୍ତାବିତ 'ଜଳନୀତି' ସୁଦୂରପ୍ରସାରୀ ତଥା ଦୂରଦୃଷ୍ଟିସଂପନ୍ନ ହେବା ଆବଶ୍ୟକ ବୋଲି ରାଜ୍ୟବାସୀ ଆଶା କରନ୍ତି। ୫୦ ଦଶକର 'ଜଳନୀତି'ରେ ଯେଉଁ ନବୀବନ୍ଧ ପ୍ରତିଷ୍ଠା ହେଉଥିଲା ବା ବିସ୍ଥାପନ ହେଉଥିଲା ସେଥିପ୍ରତି କେହି ଉତ୍ତରଦାୟୀ ରହୁ ନ ଥିଲେ। ଏଥିଯୋଗୁଁ ହୀରାକୁଦ, ସମଲ ପ୍ରକଳ୍ପ ପାଇଁ ବିସ୍ଥାପିତ ଜନତା ଆଜି ପର୍ଯ୍ୟନ୍ତ କ୍ଷତିପୂରଣ ପାଇପାରି ନାହାନ୍ତି। ସେ ସମୟର 'ଜଳନୀତି'ର ପ୍ରମୁଖ ଲକ୍ଷ୍ୟ ଥିଲା ଜଳସେଚନ, ପାନୀୟ ଜଳ ଯୋଗାଣ ଓ ବିଦ୍ୟୁତ ଉତ୍ପାଦନ। କିନ୍ତୁ ଏବେ ସମୟ ଓ ପରିବେଶ ବଦଳିଛି। ନୂଆ ସମସ୍ୟା ଦେଖାଦେଇଛି। ମନୁଷ୍ୟଙ୍କଠାରୁ ଆରମ୍ଭ କରି ପଶୁପକ୍ଷୀ, ଗଛଲତା, ଶିଳ୍ପସଂସ୍ଥା ଆଦି ଜଳର ନୂଆ ଦାବିଦାର ଭାବେ ଉଭା ହୋଇଛନ୍ତି। ସହରାଞ୍ଚଳରେ ଛାତ ଉପରେ ବଗିଚା ପାଇଁ ପାନୀୟ ଜଳ ବ୍ୟବହାର କରାଯାଉଛି। ଏପରିକି ଗାଈଗୋରୁଙ୍କ ସ୍ନାନ ପାଇଁ ଗ୍ରାମାଞ୍ଚଳରେ ଏହାର ବ୍ୟବହାର କରାଯାଉଛି। ଏସବୁ ବିଷୟକୁ ଦୃଷ୍ଟିରେ ରଖି ଏହି ନୀତି ପ୍ରଣୟନ ହେବା ଆବଶ୍ୟକ।

ଏବେ ଜଳଉତ୍ସ କମୁଛି ଓ ଆବଶ୍ୟତା ବଢୁଛି। ବର୍ତ୍ତମାନ ଜଳର ସଂରକ୍ଷଣ ପ୍ରମୁଖ ପ୍ରସଙ୍ଗ ଭାବେ ଉଭା ହୋଇଛି। 'ଜଳନୀତି'ରେ ଏବେ ବୃହତ ପ୍ରକଳ୍ପ ସ୍ଥାନ ପାଇବା ଅସମ୍ଭବ। କାରଣ ଏଥିସହ ବିସ୍ଥାପନ ପରି ବିଭିନ୍ନ ସ୍ପର୍ଶକାତର ସାମାଜିକ ପ୍ରସଙ୍ଗ ଆସୁଛି। ପୂର୍ବରୁ ମଣିଭଦ୍ରା, ସିଣ୍ଡୋଲ ବା ସୁବଳୟା ଆଦି ପ୍ରକଳ୍ପ ଏହି କାରଣରୁ କାର୍ଯ୍ୟକାରୀ ହୋଇପାରି ନାହିଁ। ସଂପୃକ୍ତ ପ୍ରକଳ୍ପଗୁଡ଼ିକୁ ନୂଆ 'ଜଳନୀତି' ମଧ୍ୟକୁ ଅଣାଗଲେ ଏହା ଜନବିରୋଧର ସାମ୍ନା କରିବା ନିଶ୍ଚିତ। ନୂଆ ବ୍ୟାରେଜ, ଆନିକଟ ମଧ୍ୟ ବିରୋଧର ସମ୍ମୁଖୀନ ହେବ। ନରାଜ, ଯୋବ୍ରା ଓ ବିରୂପାର ପୁରୁଣା ଆନିକଟ ଭଙ୍ଗା କାର୍ଯ୍ୟ ଚାଲିଛି। ଏଣୁ 'ଜଳନୀତି' ସଚିବାଳୟରୁ ପ୍ରଣୟନ ହେବ ନା ଏଥିରେ ଅଂଶଦାରଙ୍କ ମତାମତ ଭିତ୍ତରେ ପ୍ରଣୟନ ହେବ ତାହା ବର୍ତ୍ତମାନ ଏକ ପ୍ରଶ୍ନ। 'ଜଳନୀତି' ପ୍ରାକୃତିକ ସଂପଦକୁ କେନ୍ଦ୍ର କରି ହୋଇଥିବାରୁ ଏହାର ଅନେକ ଦିଗ ଥିବା ମନେହୁଏ।

'ଜଳନୀତି'ର ବିସ୍ତୃତ ରିପୋର୍ଟ ପ୍ରସ୍ତୁତ କରିବା ପାଇଁ ଏବେ ଗାଁ ବା ପଞ୍ଚାୟତକୁ ଯିବା ଅବଶ୍ୟାମ୍ଭବୀ। ନିର୍ଦ୍ଦିଷ୍ଟ ଅଞ୍ଚଳର ଆବଶ୍ୟକତା ଓ ଜନମତାମତକୁ 'ଜଳନୀତି'ରେ ସ୍ଥାନ ଦେବାକୁ ପଡ଼ିବ। 'ଜଳନୀତି' ପରିଚାଳନା ମଧ୍ୟ ଅଂଶୀଦାରଙ୍କ ହାତରେ ଟେକିବାକୁ ପଡ଼ିବ। 'ଜଳନୀତି' ପ୍ରଣୟନ ପାଇଁ ଏକ ଆନ୍ତଃ-ବିଶେଷଜ୍ଞ ସମନ୍ୱିତ କମିଟି ଗଠନ କରିବା ଅପରିହାର୍ଯ୍ୟ। ରାଜ୍ୟରେ ଏବେ ବର୍ଷା ପରିମାଣ କେତେ, ବିଗତ ୫୦ ବର୍ଷରେ ବର୍ଷା ପରିମାଣ କେତେ ରହିଛି ଏବଂ ଆଗାମୀ ୫୦ ବର୍ଷ ପାଇଁ ବର୍ଷା ଆକଳନ କ'ଣ ରହିବ ସେ ସମ୍ପର୍କରେ ପ୍ରଥମେ ଅନୁଧ୍ୟାନ ହେବା ଆବଶ୍ୟକ। ଏହି କାର୍ଯ୍ୟ କରିବେ ପାଣିପାଗ ବିଶେଷଜ୍ଞ। ଜଳ ଗଚ୍ଛିତ କରି ରଖିବା ପାଇଁ କେଉଁ ଅଞ୍ଚଳରେ କି ପ୍ରକାର ପ୍ରକଳ୍ପ କରାଯିବ ଏବଂ ଏହାର ଶୈଳୀ କ'ଣ ରହିବ ତାହା ସିଭିଲ ଇଞ୍ଜିନିୟର ଓ ସ୍ଥପତିଙ୍କ ଦ୍ୱାରା ନିର୍ଦ୍ଧାରଣ ହେବା ଆବଶ୍ୟକ। ନଦୀରେ ବର୍ଷାଦିନେ ଓ ଅଣବର୍ଷା ସମୟରେ ଜଳପ୍ରବାହ ପରିମାଣ କ'ଣ ରହିଛି ସେ ସମ୍ପର୍କରେ ଜଳତାତ୍ତ୍ୱିକ ସର୍ବେକ୍ଷଣ ହେବା ଆବଶ୍ୟକ। ସେହିପରି ପଶୁପକ୍ଷୀ ଓ ବୃକ୍ଷଲତା ପାଇଁ ବ୍ୟବସ୍ଥା କ'ଣ ହେବ ତାହା ଜଙ୍ଗଲ ଓ ପରିବେଶ ବିକାଶ ବିଭାଗ ଦ୍ୱାରା ସ୍ଥିରୀକୃତ ହେବା ଆବଶ୍ୟକ। ନଦୀ ମୁହାଁଣ ଅଞ୍ଚଳ ଅର୍ଥାତ ଉପକୂଳ ଅଞ୍ଚଳରେ ଜଳନୀତିର ପ୍ରଭାବ କ'ଣ ରହିବ ସେ ସଂପର୍କରେ ସାମୁଦ୍ରିକ ବିଜ୍ଞାନୀଙ୍କ ପରାମର୍ଶ ଜରୁରୀ।

'ଜଳନୀତି'ରେ ଉଭୟ ଭୂତଳ ଓ ଭୂପୃଷ୍ଠ ଜଳ ସଂପର୍କରେ ବିଚାରବିମର୍ଶ ହେବା ଆବଶ୍ୟକ। ଶିଳ୍ପାନୁଷ୍ଠାନ କେତେ ପରିମାଣର ଜଳ ଉପଯୋଗ କରିବେ ଏବଂ ଜଳ କେତେ ପ୍ରଦୂଷିତ କରିବେ ସେଥିପାଇଁ ପ୍ରଦୂଷଣ ବିଶେଷଜ୍ଞ ନିଯୋଜିତ ହେବା ବର୍ତ୍ତମାନର ପ୍ରମୁଖ ଆବଶ୍ୟକତା। ଜଳସମ୍ପଦ ନୀତିରେ ଜଳବିଦ୍ୟୁତ ପ୍ରକଳ୍ପ ପରିକଳ୍ପନା ମଧ୍ୟ ସ୍ଥାନିତ ହୋଇପାରେ। କେଉଁ ନଦୀଶଯ୍ୟାରେ ଜଳବିଦ୍ୟୁତ ପ୍ରକଳ୍ପ ନିର୍ମାଣ ହୋଇପାରିବ ସେ ସମ୍ପର୍କରେ ଅନୁଧ୍ୟାନର ଆବଶ୍ୟକତା ରହିଛି। ଜଳ ସଂରକ୍ଷଣ ପାଇଁ କ୍ଷୁଦ୍ର ଆନିକଟ, ବନ୍ଧ ବା ବ୍ୟାରେଜ ନିର୍ମାଣ କରାଗଲେ ପଟୁ ଜମିବା ନିଶ୍ଚିତ। ଏହି ପଟୁ ନିଷ୍କାସନର ବ୍ୟବସ୍ଥା କ'ଣ ହେବ? ନଚେତ ପଟୁମାଟି ଯୋଗୁଁ ପ୍ରକଳ୍ପ, ନଦୀଶଯ୍ୟା ପୋତି ହୋଇ ଏଗୁଡ଼ିକ ଶୀଘ୍ର ଅକାମୀ ହେବାର ଆଶଙ୍କା ରହିଛି। ଏଣୁ ପ୍ରତ୍ୟେକ ବିଭାଗ ନିଜନିଜ ଦୃଷ୍ଟିକୋଣରୁ ରିପୋର୍ଟ ପ୍ରଦାନ କରିବା ପରେ ଏହାକୁ ତର୍ଜମା କରାଯାଇ ଅଂଶୀଦାରଙ୍କ ମତାମତ ଭିତ୍ତିରେ ସମନ୍ୱିତ ଜଳନୀତି ପ୍ରଣୟନ କରାଯାଇପାରେ। କେବଳ ଆଇଆଇଟିକୁ ରିପୋର୍ଟ ପ୍ରସ୍ତୁତ କରିବା ଦାୟିତ୍ୱ ଦେଇ ପରବର୍ତ୍ତୀ ସମୟର ତ୍ରୁଟି ପାଇଁ ସରକାର ସେମାନଙ୍କ ମୁଣ୍ଡରେ ନଡ଼ିଆ ବାଡ଼େଇବା ଏକ ଧୃଷ୍ଟତା ହେବ।

ଏହାପରେ ଆସୁଛି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ତାହାହେଲା କ୍ଷୁଦ୍ର ଜଳାଶୟର ବର୍ତ୍ତମାନର ସ୍ଥିତି ଓ ଏହାର ପୁନରୁଦ୍ଧାର। ଏକଦା ଗାଁଗହଳିରେ ଥିଲା ଏକାଧିକ ଗାଡ଼ିଆ, ପୋଖରୀ, କଟା, ବନ୍ଧ, ଟୁବ, ଯୋର। ଏଗୁଡ଼ିକ ଯଥେଷ୍ଟ ପରିମାଣର ଜଳ ସଂରକ୍ଷିତ କରି ରଖିବା ଦେଖାଯାଏ। ପ୍ରାୟ ଫେବୃୟାରୀ/ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ଏଥିରେ ଜଳ ରହିଥାଏ। ଯୋରରେ ପ୍ରାୟତଃ ସବୁ ସମୟରେ ଜଳ ରହିଥାଏ। ଏହା ରବି ଫସଲ ପାଇଁ ବହୁଳ ମାତ୍ରରେ ସହାୟକ ହୋଇଥାଏ। ଏହି ଜଳକୁ ଟେଣ୍ଡା ସାହାଯ୍ୟରେ ଉଠାଇ ରବି ଫସଲକୁ ଜଳଯୋଗାଣ ହୋଇଥାଏ। ଏଥିରେ ମାଛବଂଶ ବୃଦ୍ଧି ଘଟିଥାଏ। ଖରାଦିନେ ଗୃହପାଳିତ ପଶୁଙ୍କ ପାଇଁ ଏହି ପାଣି ମଧ୍ୟ ଉପଯୋଗ କରାଯାଇଥାଏ। ଗ୍ରାମାଞ୍ଚଳରେ ଏହି କ୍ଷୁଦ୍ର ଜଳାଶୟଗୁଡ଼ିକର ଏବେ ପ୍ରାୟ ନିଶ୍ଚିହ୍ନ। ଗୃହନିର୍ମାଣ, ରାସ୍ତାକାର୍ଯ୍ୟ, ଜବରଦଖଲ ଓ ପଟୁମାଟି ଯୋଗୁଁ ଏହି ଜଳାଶୟ ଚିହ୍ନବର୍ଣ୍ଣ ହରାଇଲାଣି। କଟକ-ଭୁବନେଶ୍ୱର ଜାତୀୟ ରାଜପଥ ପାର୍ଶ୍ୱରେ ଏକଦା ଥିଲା ନୟନଯୋରୀ ଓ ପାଟନାଳୀ। ଏପ୍ରିଲ/ ମେ ମାସ ପର୍ଯ୍ୟନ୍ତ ଏହା ସନ୍ତସନ୍ତିଆ ଅବସ୍ଥାରେ ରହୁଥିଲା। କିନ୍ତୁ ଜାତୀୟ ରାଜପଥ ନିର୍ମାଣ ଯୋଗୁଁ ଏଗୁଡ଼ିକ ପୋତି ଦିଆଗଲା। ରାସ୍ତା ନିର୍ମାଣ ସମୟରେ କୌଣସି ପରିବେଶ ଯୋଜନା ରହିଲା ନାହିଁ। ଫଳରେ ଠିକାଦାର ସଂସ୍ଥା ନିଜ ସୁବିଧାରେ ଏହାକୁ ପୋତି କାର୍ଯ୍ୟ କରିଚାଲିଲେ। ଏହାଥିଲା ଜଳ ସଂରକ୍ଷଣର ଅନ୍ୟତମ ପ୍ରମୁଖ ଉତ୍ସ। ସରକାର ଗ୍ରାମାଞ୍ଚଳରେ ଆରମ୍ଭ କରିଥିବା 'ମୋ ପୋଖରୀ' ଯୋଜନା ଏବେ କେଉଁ ପର୍ଯ୍ୟାୟରେ ରହିଛି ତାହାର ଏକ ନିରପେକ୍ଷ ସମୀକ୍ଷା ଜଳନୀତି ପ୍ରଣୟନ ପରିପ୍ରେକ୍ଷୀରେ ହେବା ଆବଶ୍ୟକ।

ସମୟସ୍ରୋତରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଅନେକ ବିକାଶ ଘଟିଛି। ବୈଷୟିକ କ୍ଷେତ୍ରରେ ଘଟିଛି ଯୁଗାନ୍ତକାରୀ ପରିବର୍ତ୍ତନ। ପରିବେଶ ସୁରକ୍ଷା ଓ ଜଳ ସଂରକ୍ଷଣ ପାଇଁ ବିଶ୍ୱ ଚିନ୍ତିତ। ଏକ ସବୁଜ ବିଶ୍ୱ ପାଇଁ ସମସ୍ତେ ଉଦବିଗ୍ନ। କୃତ୍ରିମ ବୁଦ୍ଧିମତ୍ତା ଓ ରୋବଟ ପ୍ରଯୁକ୍ତିକୁ ନେଇ ବିଶ୍ୱ ୪ର୍ଥ ଶିଳ୍ପ ବିପ୍ଳବର ଦ୍ୱାରଦେଶରେ ଉପନୀତ ହେଲାଣି। ବିଭିନ୍ନ ଅନୁଧ୍ୟାନ ଓ ପର୍ଯ୍ୟବେକ୍ଷଣ ସମୟରେ ଏସବୁର ଉପଯୋଗ କରାଯିବା ଆବଶ୍ୟକ। ଜଳର ମାହାତ୍ମ୍ୟ ଓ ଜଳନୀତି ବିଦ୍ୟାଳୟସ୍ତରୀୟ ପାଠ୍ୟକ୍ରମରେ ସ୍ଥାନିତ ହେବା ମଧ୍ୟ ଜରୁରୀ। ଏହାହେଲେ ଭବିଷ୍ୟତ ପିଢ଼ି ଜଳ ସଂରକ୍ଷଣ ଓ ଉପଯୋଗ ସଂପର୍କରେ ସଚେତନ ହୋଇପାରିବେ। ବର୍ତ୍ତମାନ ପରିସ୍ଥିତିର ଆହ୍ୱାନ ହେଲା ବହୁମହଲା ବିଶିଷ୍ଟ କୋଠା ନିର୍ମାଣ କରାଯାଇ ଜିଲ୍ଲା ସଦର ମହକୁମାର ସମସ୍ତ ସରକାରୀ କାର୍ଯ୍ୟାଳୟକୁ ଗୋଟିଏ ଛାତ ତଳକୁ ଆଣିବା। ଏହାହେଲେ ସରକାରୀ କାର୍ଯ୍ୟାଳୟରେ ଜଳ ସଞ୍ଚୟ ବ୍ୟବସ୍ଥା ସୁଗମ ହୋଇପାରିବ। ଭୂତଳ ଜଳାଭାବରୁ ଏବେ ଅନେକ ସ୍ଥାନରେ ଗ୍ରାମାଞ୍ଚଳ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ଅଚଳ ଅବସ୍ଥାକୁ ଆସିଲାଣି। ତେଣୁ 'ଜଳନୀତି' ପ୍ରଣୟନ ପୂର୍ବରୁ ସମସ୍ତ ଦିଗ ପ୍ରତି ସୁଚିନ୍ତିତ ବିଚାରବିମର୍ଶ ହେବା ଆବଶ୍ୟକ। ଏହା ହେଲେ ରାଜ୍ୟରେ 'ଜଳନୀତି' ଫଳପ୍ରସୂ ହୋଇପାରିବ।

(ବରିଷ୍ଠ ସାମ୍ବାଦିକ)

କଟକ, ମୋ: ୯୪୩୭୨୨୯୨୩୩

# ବିତ୍ତୀୟ ପ୍ରଦୂଷଣ: ପ୍ରଗତିର ପ୍ରତିବନ୍ଧକ

ଅନନ୍ତ ଚରଣ ସ୍ୱାଇଁ



ଦ୍ରୁତ ଶିଳ୍ପାୟନ, ନଗରୀକରଣ ଓ ଅତିରିକ୍ତ ଭୋଗବିଳାସୀ ଜୀବନଶୈଳୀ ଦ୍ୱାରା ପରିବେଶ ଦୂଷିତ ହେଉଛି। ବାୟୁ ପ୍ରଦୂଷଣ, ଜଳ ପ୍ରଦୂଷଣ, ମୃତ୍ତିକା ପ୍ରଦୂଷଣ, ଧ୍ୱନି ପ୍ରଦୂଷଣ, ପ୍ଲାଷ୍ଟିକ ପ୍ରଦୁଷଣ ଓ ଜଙ୍ଗଲର ଦ୍ରୁତ କ୍ଷୟ ପରିବେଶ ଏବଂ ମାନବ ସମାଜ ପ୍ରତି ସୃଷ୍ଟି କରୁଛି ମହାବିପଦ। ଏସବୁ ପ୍ରଦୂଷଣରୁ ସୃଷ୍ଟି ହେଉଥିବା ସମସ୍ୟା ଓ ସମାଧାନ ପାଇଁ ଆନ୍ତର୍ଜାତିକ ସ୍ତରରେ ଅନେକ ଉଦ୍ୟମ କରାଯାଉଛି। କିନ୍ତୁ ସମାଜରେ ଦେଖାଦେଉଥିବା ବିତ୍ତୀୟ ପ୍ରଦୂଷଣ ଜନିତ ସମସ୍ୟା ପ୍ରତି ଜନସଚେତନତା ଏବେଠାରୁ ସୃଷ୍ଟି ହେବା ଦରକାର। ବିତ୍ତୀୟ ପ୍ରଦୂଷଣ ହେଉଛି ବିଭିନ୍ନ ଆର୍ଥିକ ଅବୈଧ କାର୍ଯ୍ୟକଳାପ, ଯାହା ଦେଶର ଅର୍ଥବ୍ୟବସ୍ଥାକୁ ଦୁର୍ବଳ କରେ ଏବଂ ସାଧାରଣ ଜନତାଙ୍କ ଉପରେ ନକାରାତ୍ମକ ପ୍ରଭାବ ପକାଏ।

ଆର୍ଥିକ କାରବାରରେ ଅନିୟମିତତା, ଭ୍ରଷ୍ଟାଚାର, ଟିକସ ଫାଙ୍କି, କଳାଧନ, ଋଣର ଅପବ୍ୟବହାର, ବ୍ୟାଙ୍କ ଠକାମୀ, ଷ୍ଟକ ବଜାରରେ ହସ୍ତକ୍ଷେପ ପରି ଅନେକ ଅବୈଧ କାର୍ଯ୍ୟକଳାପ ବିତ୍ତୀୟ ପ୍ରଦୁଷଣ ଅନ୍ତର୍ଭୁକ୍ତ। ବିତ୍ତୀୟ ପ୍ରଦୂଷଣ ଦେଶର ଅର୍ଥନୀତିକୁ ପ୍ରଭାବିତ କରିବା ସହିତ ରାଜନୀତି, ସାମାଜିକ ନ୍ୟାୟ, ସମାଜରେ ସମାନତା ଓ ସର୍ବୋପରି ଦେଶର ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରେ। କିଛି ରାଜନୈତିକ ନେତା, ଅଧିକାରୀ, ଅସାଧୁ ବ୍ୟବସାୟୀ ପରିସ୍ଥିତିର ଦୁରୁପଯୋଗ କରି ଅନୁଚିତ ଭାବେ ଅର୍ଥ ଅର୍ଜନ କରନ୍ତି। ଭ୍ରଷ୍ଟାଚାର ଅନୈତିକ କାମକୁ ପ୍ରୋତ୍ସାହିତ କରିଥାଏ। ଭ୍ରଷ୍ଟାଚାର ବଢ଼ିଲେ ସମାଜରେ ଅସ୍ଥିରତା ଓ ଅରାଜକତା ଦେଖାଦିଏ। ସେହିଭଳି ଭାରତରେ ବିପୁଳ ପରିମାଣର କଳା ଧନ ଅଛି। ଅବୈଧ ଉପାୟରେ ଅର୍ଜିତ ଧନ, ଯାହା ଟିକସର ପରିସର ଭୁକ୍ତ ହୋଇନଥାଏ, ତାହା ଦେଶ ଭିତରେ କିମ୍ବା ବାହାରେ ଗୁପ୍ତ ଭାବରେ କାରବାର କରାଯାଏ। ଜଟିଳ ଟିକସ ନିୟମରେ ଥିବା ଦୁର୍ବଳତାର ଫାଇଦା ଉଠାଇ କିଛି ବ୍ୟକ୍ତି ଟିକସ ପ୍ରଦାନରେ ହେରଫେର କରନ୍ତି। ବ୍ୟାଙ୍କରୁ ଋଣ ନେଇ ଫେରସ୍ତ ନକରିବା, ଜାଲ କାଗଜପତ୍ର ବ୍ୟବହାର କରି ଠକିବା ଆଦି ଜରିଆରେ ମଧ୍ୟ କିଛି ଲୋକଙ୍କ ପାଖକୁ ସହଜରେ ଟଙ୍କା ଆସିଯାଏ ଏବଂ ତାହାର ଦୁରୁପଯୋଗ ହୁଏ।

ସେହିଭଳି ଆଉ କେତେକ ବିତ୍ତୀୟପ୍ରଦୂଷଣ ଷ୍ଟକ ମାର୍କେଟରୁ ସୃଷ୍ଟି ହୁଏ। ନିଜକୁ ସୁହାଇଲା ପରି କୃତ୍ରିମ ଭାବେ ଷ୍ଟକର ମୂଲ୍ୟ ନିୟନ୍ତ୍ରଣ କରି ଆର୍ଥିକ ଅନିୟମିତା କରାଯାଏ। ଅବୈଧ ଭାବେ ଅର୍ଜିତ ଧନକୁ ବିଭିନ୍ନ ବ୍ୟବସାୟରେ ଖଟାଇ ବୈଧ ବୋଲି ପ୍ରମାଣ କରିବା ପ୍ରକ୍ରିୟା ହେଉଛି ମନି ଲଣ୍ଡରିଂ। ଏହାଦ୍ୱାରା ବିପୁଳ କଳାଧନକୁ ବୈଧ କରିବାର ପଥ ସୃଷ୍ଟି ହୁଏ। ନକଲି ନୋଟ ଦେଶର ଅର୍ଥନୀତି ପାଇଁ ବଡ଼ ଶତ୍ରୁ। ଏହାର ଅବୈଧ କାରବାର, ଆତଙ୍କବାଦୀ କାର୍ଯ୍ୟ ଓ ଅନ୍ୟାନ୍ୟ ଅପରାଧ କାର୍ଯ୍ୟକୁ ପ୍ରୋତ୍ସାହିତ କରିଥାଏ। ଆହୁରି ମଧ୍ୟ କେତେକ ପ୍ରଭାବଶାଳୀ ବ୍ୟକ୍ତି ନିଜର ରାଜନୈତିକ ଶକ୍ତି ପ୍ରୟୋଗ କରି ଅବୈଧ ଆର୍ଥିକ କାରବାରକୁ ପ୍ରୋତ୍ସାହନ ଦେବା ଦ୍ୱାରା ଅନୈତିକ କାର୍ଯ୍ୟ ବୃଦ୍ଧି ପାଏ।

ବିତ୍ତୀୟ ପ୍ରଦୂଷଣ ଦେଶର ସାମାଜିକ ଓ ଅର୍ଥନୈତିକ ବୃଦ୍ଧିରେ ବାଧକ ହୋଇଥାଏ। ଏହାଦ୍ୱାରା ସମାଜରେ ସୃଷ୍ଟି ହୁଏ ଅର୍ଥନୈତିକ ଅସମତା। କିଛି ଲୋକ ଅନେକ ଅର୍ଥ ଅନୁଚିତ ଉପାୟରେ ଅର୍ଜନ କରି ଏହାକୁ ଗୁପ୍ତ ରଖିବା ଫଳରେ ଦେଶର ଆର୍ଥିକ ଏବଂ ସାମାଜିକ ସମତାକୁ ପ୍ରଭାବିତ ହୁଏ। ଧନୀ ଓ ଗରିବଙ୍କ ମଧ୍ୟରେ ଦୂରତା ବଢ଼ି ଚାଲେ। ଆର୍ଥିକ ଅସମତା ହେତୁ ସମାଜରେ ଅସନ୍ତୋଷ, ଅଶାନ୍ତି ଓ ଅସ୍ଥିରତା ବୃଦ୍ଧି ପାଏ।

ଭ୍ରଷ୍ଟାଚାର ଓ ଅନିୟମିତତା କାର୍ଯ୍ୟ ଦକ୍ଷତା ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ। ଭ୍ରଷ୍ଟ ଅଧିକାରୀମାନେ ଲାଞ୍ଚ ନେଇ ଅନୈତିକ କାମକୁ ପ୍ରଶ୍ରୟ ଦିଅନ୍ତି। ଫଳରେ ସମାଜର ଉନ୍ନତିମୂଳକ କାର୍ଯ୍ୟର ଗୁଣାତ୍ମକ ମାନ ହ୍ରାସ ପାଏ। ବିତ୍ତୀୟ ପ୍ରଦୂଷଣ ହେତୁ ଉଭୟ ଦେଶୀ ଓ ବିଦେଶୀ ନିବେଶକ ଭାରତରେ ନିବେଶ କରିବାକୁ ଇଚ୍ଛା ପ୍ରକାଶ କରନ୍ତି ନାହିଁ। ଏହାର ପ୍ରଭାବ ଜାତୀୟ ଅର୍ଥନୀତିରେ ପ୍ରତିଫଳିତ ହୁଏ। ଦେଶର ସାମୂହିକ ପ୍ରଗତିରେ ପ୍ରତିବନ୍ଧକ ସୃଷ୍ଟି କରେ। କଳା ଧନ ଓ ଅବୈଧ ବ୍ୟବସାୟ ଆତଙ୍କବାଦୀ କାର୍ଯ୍ୟ ଓ ଅପରାଧକୁ ଉତ୍ସାହିତ କରେ। ଅପରାଧୀ ଓ ଆତଙ୍କବାଦୀମାନଙ୍କ ପାଖକୁ ଅର୍ଥ ଆସିଲେ ସେମାନେ ହିଂସାତ୍ମକ କାର୍ଯ୍ୟକଳାପରେ ଲିପ୍ତ ରହି ସମାଜରେ ଅରାଜକତା ସୃଷ୍ଟି କରନ୍ତି।

ବିତ୍ତୀୟ ପ୍ରଦୂଷଣ ଜନିତ ସମସ୍ୟାଗୁଡ଼ିକଠାରୁ ମୁକ୍ତ ରହିବାକୁ ଭ୍ରଷ୍ଟାଚାର ବିରୁଦ୍ଧରେ ଦୃଢ଼ ଆଇନ ପ୍ରଣୟନ, ତ୍ୱରିତ ନ୍ୟାୟ ପ୍ରଦାନ, ଡିଜିଟାଲ କାରବାରକୁ ପ୍ରୋତ୍ସାହନ ଦେବା ସହ ଜନସଚେତନତାର ଆବଶ୍ୟକ ରହିଛି। ବିତ୍ତୀୟ ପ୍ରଦୁଷଣ ଦେଶର ପ୍ରଗତିରେ ପ୍ରତିବନ୍ଧକ ହୋଇଥିବାରୁ ଏହାକୁ ଦୂର କରିବା ପାଇଁ ସରକାର, ପ୍ରଶାସନ ଏବଂ ସାଧାରଣ ଲୋକମାନଙ୍କ ଉଦ୍ୟମ ଆବଶ୍ୟକ।

ଭୁବନେଶ୍ୱର, ମୋ: ୭୩୮୧୦୪୬୪୭୭

# ରଙ୍ଗ ଓ ବ୍ୟକ୍ତିତ୍ୱ

ଶ୍ରୀନନ

ବିବିଧ ରଙ୍ଗ ପ୍ରତି ଆମର ଆକର୍ଷଣ ଜନ୍ମଗତ। ଅବଶ୍ୟ ବ୍ୟକ୍ତିଠାରୁ ବ୍ୟକ୍ତି ଏବଂ ସ୍ଥଳବିଶେଷ ଉପରେ ନିର୍ଭର କରି ଏହା ଭିନ୍ନ ଭିନ୍ନ ହୋଇଥାଏ। ସେଥିପାଇଁ କାହାର ନୀଳରଙ୍ଗ ଅଧିକ ପସନ୍ଦ ହେଲା ବେଳେ ଆଉ କାହାର ଲାଲ୍ ବା ହଳଦିଆ.... । ରଙ୍ଗ ହେଲା ଭିନ୍ନ ଭିନ୍ନ ତରଙ୍ଗ ଲମ୍ବଯୁକ୍ତ ଆଲୋକ। ଗୋଟିଏ ବସ୍ତୁ ଉପରେ ଆଲୋକ ରଶ୍ମିଟିଏ ପତିତ ହେଲେ ତହିଁରେ ଥିବା ବିଭିନ୍ନ ରଙ୍ଗ (ଯେପରିକି ସୂର୍ଯ୍ୟ ରଶ୍ମିର ସାତ ରଙ୍ଗ) ମଧ୍ୟରୁ ଯେଉଁଟିକୁ ତାହା ଶୋଷଣ ନ କରି ପ୍ରତିଫଳିତ କରିଦିଏ ଆମେ କେବଳ ସେହିଟିକୁ ଦେଖୁ। ଅତଏବ ବସ୍ତୁଟିର ରଙ୍ଗ ଆମକୁ ସେହି ଅନୁସାରେ ଦେଖାଯାଏ।

ବୈଜ୍ଞାନିକମାନଙ୍କ ମତରେ ବିଭିନ୍ନ ରଙ୍ଗ ଆମକୁ ବିଭିନ୍ନ ରୂପେ ପ୍ରଭାବିତ କରେ। ଯେପରିକି ଆମ ମାନସିକ ଅବସ୍ଥା, ନିଦ୍ରାର ଢଙ୍ଗ, ରକ୍ତ ଚାପ ଓ ଯୌନ ଜୀବନକୁ ମଧ୍ୟ। ଆମେ ଆଖି ବନ୍ଦ ରଖିଲେ ବି ଆମ ଉପରେ ଏହାର କିଛିଟା ପ୍ରଭାବ ରହିଥାଏ। ରଙ୍ଗ ଆମ ଚକ୍ଷୁଷ ସ୍ମୃତିକୁ ଏବଂ ଚେତନାର ସ୍ତରକୁ ପରିବର୍ଦ୍ଧିତ କରେ ବିଭିନ୍ନ ରୂପେ। ଉଦାହରଣ ସ୍ୱରୂପ, ସାଧାରଣତଃ ଲାଲ୍ ରଙ୍ଗ ଦେଖିଲା ବେଳେ ସବୁଜ ତୁଳନାରେ ଆମ ମନସ୍ତାତ୍ତ୍ୱିକ ଚେତନା ଅଧିକ ଉତ୍ତୋଳିତ ହୁଏ। ଅନ୍ୟ ପକ୍ଷରେ ଲାଲରଙ୍ଗ ଆମ ନକାରାତ୍ମକ ସ୍ମୃତିକୁ ପରିବର୍ଦ୍ଧିତ କଲା ବେଳେ ନୀଳରଙ୍ଗ ସକାରାତ୍ମକ ସ୍ମୃତିକୁ ସେପରି କରେ ବୋଲି କୁହାଯାଏ। ଅନ୍ୟାନ୍ୟ ରଙ୍ଗ ମଧ୍ୟ ଭିନ୍ନ ଭିନ୍ନ ଭାବେ ଆମ ଭାବପ୍ରବଣତା ସହିତ ସଂପୃକ୍ତ ନାନା ପ୍ରକାର ସ୍ମୃତିକୁ ଉଦ୍ଦୀପିତ କରନ୍ତି।

## ବିଜ୍ଞାନ ବାର୍ତ୍ତା

ବିଭିନ୍ନ ଲୋକଙ୍କର ଭିନ୍ନ ଭିନ୍ନ ରଙ୍ଗ ଅଧିକ ପସନ୍ଦ ହୋଇଥିବାର ଦେଖାଯାଏ। ତହିଁରୁ ତାଙ୍କର ବ୍ୟକ୍ତିତ୍ୱ ସମ୍ପର୍କରେ କିଛିଟା ସୂଚନା ମିଳିଥାଏ। **ନୀଳ-** ଏ ରଙ୍ଗକୁ ପସନ୍ଦ କରୁଥିବା ଲୋକେ ସାଧାରଣତଃ ଚିନ୍ତାଶୀଳ ଏବଂ ବିଚାରବନ୍ତ ହୋଇଥା'ନ୍ତି। ତାଙ୍କର ସ୍ୱଭାବ ଶାନ୍ତ ହୋଇଥାଏ ଏବଂ ତାଙ୍କର ବିଶ୍ୱାସଯୋଗ୍ୟତା ତାଙ୍କୁ କର୍ମକ୍ଷେତ୍ରରେ ନେତୃତ୍ୱ ନେବା ତଥା ଅନ୍ୟମାନଙ୍କୁ ନିଜ ପ୍ରତି ଆକର୍ଷିତ କରିବା ସମ୍ଭବ କରିଥାଏ। ସେମାନେ ମଧ୍ୟ ସହକର୍ମୀମାନଙ୍କର ପ୍ରିୟଭାଜନ ହୋଇଥା'ନ୍ତି। **ଲାଲ୍-** ଏହାକୁ ପସନ୍ଦ କରୁଥିବା ଲୋକେ ସାହାସୀ ଏବଂ ଦୃଢ଼ ନିଷ୍ପତ୍ତି ନେବାକୁ ସକ୍ଷମ ହୋଇଥା'ନ୍ତି। ସେମାନେ କର୍ମଦିଗାଭିମୁଖୀ ତଥା ଦାୟିତ୍ୱସଂପନ୍ନ ଅଟନ୍ତି। ତାଙ୍କର ଇଚ୍ଛାଶକ୍ତି ତାଙ୍କୁ ପରିସ୍ଥିତିର ସମ୍ମୁଖୀନ ହୋଇ ଲକ୍ଷ୍ୟସାଧନ କରିବାରେ ସହାୟକ ହୁଏ। **ହଳଦିଆ-** ଏ ରଙ୍ଗକୁ ଭଲ ପାଉଥିବା ଲୋକେ ସଦାବେଳେ ଖୁସି ମିଜାସର ଏବଂ ଦୃଢ଼ମନା ହୋଇଥା'ନ୍ତି। ଆଶାବାଦୀ ମନୋଭାବ ତାଙ୍କୁ ଗଭୀରଭାବେ ସକାରାତ୍ମକ ଚିନ୍ତା କରିବାକୁ ସମର୍ଥ କରିଥାଏ।

**ସବୁଜ-** ଏହାର ପସନ୍ଦକାରୀମାନେ ସାଧାରଣତଃ ସର୍ବଦା ସନ୍ତୁଳିତ ମନୋଭାବସମ୍ପନ୍ନ ଏବଂ ସଚ୍ଚୋଟ ହୋଇଥା'ନ୍ତି। ସମସ୍ୟା ସମାଧାନ କରିବାରେ ଦକ୍ଷତା ଏବଂ ସୃଜନାତ୍ମକ ମାନସିକତା ଏମାନଙ୍କର ଆଉ ଦୁଇଟି ବିଶେଷଗୁଣ। **ନାରଙ୍ଗୀ-** ଏ ରଙ୍ଗକୁ ପସନ୍ଦ କରୁଥିବା ଲୋକମାନେ କଠୋର ପରିଶ୍ରମୀ ଏବଂ ଧୈର୍ଯ୍ୟବାନ୍। ସେମାନେ ସାହାସର ସହିତ ଯେକୌଣସି ଆହ୍ୱାନର ସମ୍ମୁଖୀନ ହୋଇପାରନ୍ତି। **ବାଇଗଣୀ-** ଏହାକୁ ଭଲ ପାଉଥିବା ଲୋକେ କଳ୍ପନାପ୍ରବଣ ଅଟନ୍ତି। ସେମାନଙ୍କ ଚିନ୍ତାଶକ୍ତି ପ୍ରଖର। ତାଙ୍କର ସୃଜନାତ୍ମକ ଦକ୍ଷତା ଓ ଦୂରଦୃଷ୍ଟି ତାଙ୍କୁ ଅନ୍ୟମାନଙ୍କୁଠାରୁ ଭିନ୍ନ ରୂପେ ପ୍ରତିପାଦିତ କରେ। **ଗୋଲାପୀ-** ଏରଙ୍ଗର ପସନ୍ଦକାରୀମାନଙ୍କ ଆଚରଣ ଉଷ୍ମ ଏବଂ ବନ୍ଧୁତ୍ୱପୂର୍ଣ୍ଣ। ସହକର୍ମୀମାନଙ୍କ ପ୍ରତି ସଂବେଦନଶୀଳ ହୋଇଥିବାରୁ ସଫଳତା ସହ ଅନ୍ୟମାନଙ୍କ ସହ ମିଶି କାର୍ଯ୍ୟ ସଂପାଦନ କରିପାରନ୍ତି। ଏମାନେ ଲୋକପ୍ରିୟ ଓ ସୃଜନଶୀଳ ଏବଂ ନେତୃତ୍ୱ ନେବାରେ ଦକ୍ଷ।

**କଳା-** ଏଥିପ୍ରତି ଆକୃଷ୍ଟ ହେଉଥିବା ଲୋକମାନେ ଦୃଢ଼ ମାନିକତା ସମ୍ପନ୍ନ ଏବଂ ଆତ୍ମନିର୍ଭରଶୀଳ। କୌଣସି କାର୍ଯ୍ୟ କଲା ବେଳେ ସେମାନେ ଏଥିପ୍ରତି ବିଶେଷ ଧ୍ୟାନ ଦେଇଥା'ନ୍ତି ଏବଂ ଅସୁବିଧାର ସମ୍ମୁଖୀନ ହେବାକୁ ସଦା ପ୍ରସ୍ତୁତ ଥା'ନ୍ତି। **ଧଳା-** ଏରଙ୍ଗର ପସନ୍ଦକାରୀମାନେ ଶାନ୍ତ ଓ ସକାରାତ୍ମକ। ଏମାନଙ୍କ କାର୍ଯ୍ୟଭଙ୍ଗୀ ସୁଶୃଙ୍ଖଳିତ। ଏମାନେ ସଦାସର୍ବଦା ଧୀରସ୍ଥିର ରହୁଥିବାରୁ ଅନ୍ୟମାନଙ୍କର ବିଶ୍ୱାସଭାଜନ ହୋଇଥା'ନ୍ତି। **ସ୍ୱର୍ଣ୍ଣାଭ-** ଏଥିପ୍ରତି ଆକର୍ଷିତ ହେଉଥିବା ଲୋକେ ସାଧାରଣତଃ ଆଡ଼ମ୍ବର ପୂର୍ଣ୍ଣ ଜୀବନ ପ୍ରତି ଆଗ୍ରହୀ। ସେମାନେ ସଫଳତାର ଶୀର୍ଷରେ ପହଞ୍ଚିବା ପାଇଁ କଠୋର ପରିଶ୍ରମ କରନ୍ତି ଏବଂ ଆତ୍ମସମ୍ମାନକୁ ଗୁରୁତ୍ୱ ଦିଅନ୍ତି।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## କଲେଜ ଉପରେ...

ବର୍ଣ୍ଣ ଇନ୍‌ଷ୍ଟିଚ୍ୟୁଟ୍‌ରେ ଭର୍ତ୍ତି କରାଯାଇଛି। ଆହତଙ୍କୁ ଟ୍ରଲି ଉପରେ ବୋହି ନେଉଥିବାର ଭିଡିଓ ଭାଇରାଲ ହୋଇଛି। ଆହତ ହୋଇଥିବା ପିଲାଙ୍କୁ ହେଲିକପ୍ଟର ଜରିଆରେ ହସ୍ପିଟାଲକୁ ନିଆଯାଇଥିଲା।

ଏହି ସ୍କୁଲରେ ୨, ୦୦୦ ଛାତ୍ର ପଢୁଛନ୍ତି। ଦୁର୍ଘଟଣା ପାଇଁ ସରକାର ଗୋଟିଏ ଦିନ ରାଷ୍ଟ୍ରୀୟ ଶୋକ ଘୋଷଣା କରିଛନ୍ତି। ବାୟୁସେନାର ଏଫ୍‌- ୭ ବିଜିଆଇ ବିମାନ ଦୁର୍ଘଟଣାର ସମ୍ମୁଖୀନ ହୋଇଛି ବୋଲି ବାଂଲାଦେଶ ସେନା ତରଫରୁ ସୂଚନା ଦିଆଯାଇଛି। ସେନାର ଉଦ୍ଧାରକାରୀ ଦଳ ଉଦ୍ଧାର କାର୍ଯ୍ୟରେ ଲାଗି ପଡ଼ିଛନ୍ତି। ବାଂଲାଦେଶ ଅନ୍ତରୀଣ ସରକାର ମୁଖ୍ୟ ମହମ୍ମଦ ୟୁନୁସ ଶୋକ ପ୍ରକାଶ କରିଛନ୍ତି। ଦୁର୍ଘଟଣାଗ୍ରସ୍ତ ଏହି ମିଲିଟାରୀ ଫାଇଟର ଜେଟ୍‌ ଚୀନ୍‌ ଦ୍ୱାରା ନିର୍ମିତ ହୋଇଥିଲା। ୨୦୧୧ରୁ ୨୦୧୩ ମଧ୍ୟରେ ବାଂଲାଦେଶ ଏହି ବିମାନ ଚୀନ୍‌ଠାରୁ କ୍ରୟ କରିଥିଲା। ଏହା ଚୀନ୍‌ର ଚେଙ୍ଗଡୁ ଜେ-୭ ଫାଇଟର ଜେଟ୍‌ର ଆଧୁନିକ ସଂସ୍କରଣ। ଦୁର୍ଘଟଣା କାରଣ ସମ୍ପର୍କରେ ଜଣାପଡ଼ିନାହିଁ। ଏଥିପାଇଁ କର୍ତ୍ତୃପକ୍ଷ ଯାଞ୍ଚ ଆରମ୍ଭ କରିଛନ୍ତି। ଦୁର୍ଘଟଣା ପରେ ଦମକଳ ବିଭାଗ, ଆମ୍ବୁଲାନ୍ସ ଓ ବାୟୁସେନାର ହେଲିକପ୍ଟର ଘଟଣାସ୍ଥଳରେ ପହଞ୍ଚିଥିଲା।

## ଶପଥ ନେଲେ ଜଷ୍ଟିସ...

ବିଚାରପତି ଏବଂ ଆଇନଜୀବୀମାନେ ଯୋଗ ଦେଇଥିଲେ।

ଗତ ମେ’ ୨୬ତାରିଖରେ ଜଷ୍ଟିସ ପାଠକଙ୍କ ବଦଳି ପାଇଁ ସୁପ୍ରିମକୋର୍ଟ କଲେଜିୟମ ସୁପାରିସ କରିଥିଲା। ଜୁଲାଇ ୧୪ରେ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହାକୁ ଅନୁମୋଦନ କରାଯିବା ପରେ କେନ୍ଦ୍ର ଆଇନ ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଥିଲା।

୧୯୬୫ ଅଗଷ୍ଟ୨୮ରେ ଗୌହାଟୀରେ ଜନ୍ମିତ ଜଷ୍ଟିସ୍‌ ପାଠକ ବେଙ୍ଗାଲୁରୁର ସେଣ୍ଟ ଯୋସେଫସ୍‌ କଲେଜରୁ କଳାରେ ସ୍ନାତକ ଏବଂ ଗୌହାଟୀ ବିଶ୍ୱବିଦ୍ୟାଳୟ ଅଧୀନରେ ଗୌହାଟୀର ସରକାରୀ ଆଇନ କଲେଜରୁ ଏଲଏଲବି. ଡିଗ୍ରୀ ହାସଲ କରିଥିଲେ। ୧୯୯୦ ସେପ୍ଟେମ୍ବର ୧୨ରେ ସେ ଆସାମ, ନାଗାଲାଣ୍ଡ, ମେଘାଳୟ, ମଣିପୁର, ତ୍ରିପୁରା, ମିଜୋରାମ ଏବଂ ଅରୁଣାଚଳପ୍ରଦେଶର ବାର୍‌ କାଉନସିଲରେ ଆଇନଜୀବୀ ଭାବେ ପଞ୍ଜିକୃତ ହୋଇଥିଲେ। ୨୦୧୩ ମେ’ ୨୨ରେ ଗୌହାଟୀ ହାଇକୋର୍ଟର ଅତିରିକ୍ତ ବିଚାରପତି ଭାବରେ ତାଙ୍କୁ ନିଯୁକ୍ତ କରାଯାଇଥିଲା। ୨୦୧୮ ନଭେମ୍ବର ୧୨ରୁ ସେ ଗୌହାଟୀ ହାଇକୋର୍ଟର ସ୍ଥାୟୀ ବିଚାରପତି ଭାବେ କାର୍ଯ୍ୟରତ ଥିଲେ। ଜଷ୍ଟିସ୍‌ ପାଠକଙ୍କ ଯୋଗଦାନ ପରେ ଓଡ଼ିଶା ହାଇକୋର୍ଟ ବିଚାରପତିଙ୍କ ସଂଖ୍ୟା ୨୦କୁ ବୃଦ୍ଧି ପାଇଛି। ପ୍ରଥମ ଦିନରେ ମୁଖ୍ୟ ବିଚାରପତିଙ୍କ ସହ ଜଷ୍ଟିସ ପାଠକ ଦୁଇ ଜଣିଆ ଖଣ୍ଡପୀଠରେ ମାମଲା ଶୁଣାଣି କରିଛନ୍ତି।

## ଉପରାଷ୍ଟ୍ରପତି ଧନଖଡ଼ଙ୍କ...

ଆରମ୍ଭ କରିଥିଲେ। ୧୯୮୯ରୁ ୧୯୯୧ ପର୍ଯ୍ୟନ୍ତ ସେ ଜନତା ଦଳର ଲୋକସଭା ସଭ୍ୟ ଥିଲେ ଏବଂ ୧୯୯୦ରୁ ୧୯୯୧ ମଧ୍ୟରେ ପ୍ରଧାନମନ୍ତ୍ରୀ ଚନ୍ଦ୍ରଶେଖରଙ୍କ ମନ୍ତ୍ରିମଣ୍ଡଳରେ ମନ୍ତ୍ରୀ ଥିଲେ। ୧୯୯୧ରେ କଂଗ୍ରେସରେ ଯୋଗଦେଇଥିଲେ। ୧୯୯୩ରୁ ୧୯୯୮ ପର୍ଯ୍ୟନ୍ତ ସେ ରାଜସ୍ଥାନ ବିଧାନସଭାରେ ବିଧାୟକ ଥିଲେ। ୨୦୦୩ରେ ସେ ବିଜେପିରେ ଯୋଗଦେଇଥିଲେ। ୨୦୧୯ରେ ତାଙ୍କୁ ପଶ୍ଚିମବଙ୍ଗ ରାଜ୍ୟପାଳ ଭାବେ ନିଯୁକ୍ତ କରାଯାଇଥିଲା।

ପଶ୍ଚିମବଙ୍ଗ ରାଜ୍ୟପାଳ ଥିବା ସମୟରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସହିତ ତାଙ୍କର ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ୨୦୨୨ରେ ଉପରାଷ୍ଟ୍ରପତି ହେବାପରେ ମଧ୍ୟ ସେ ବିଭିନ୍ନ କାରଣକୁ ନେଇ ଚର୍ଚ୍ଚାରେ ଥିଲେ। ଗୃହ ପରିଚାଳନାରେ ପାତରଅନ୍ତର ଆଭିମୁଖ୍ୟ ଅଭିଯୋଗ କରି ବିରୋଧୀ ଦଳ ତାଙ୍କ ବିରୋଧରେ ଗତବର୍ଷ ଡିସେମ୍ବରରେ ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ। ତେବେ ଅନାସ୍ଥା ନୋଟିସକୁ ଖାରଜ କରିଦେଇଥିଲେ ରାଜ୍ୟସଭା ଉପାଧ୍ୟକ୍ଷ। ଧନଖଡ଼ ବିଭିନ୍ନ ସମୟରେ ସରକାରଙ୍କ ପକ୍ଷରୁ ଖୋଲାଖୋଲି ଓକିଲାତି କରିବା ସହିତ ବିଚାର ବିଭାଗୀୟ ବ୍ୟବସ୍ଥାକୁ ଟାର୍ଗେଟ କରୁଥିଲେ। ଏପରିକି ସୁପ୍ରିମ କୋର୍ଟଙ୍କ ଅନେକ ଆଦେଶ/ରାୟର ସେ ସମାଲୋଚନା କରିବାକୁ ମଧ୍ୟ ପଛାଇନଥିଲେ। ରାଜ୍ୟ ବିଧାନସଭାରେ ଗୃହୀତ ବିଲକୁ ଅନୁମୋଦନ ପାଇଁ ସୁପ୍ରିମକୋର୍ଟ ଉଭୟ ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କ ପାଇଁ ସମୟସୀମା ଧାର୍ଯ୍ୟ କରିଥିବାରୁ ଧନଖଡ଼ ଏହାର ତୀବ୍ର ସମାଲୋଚନା କରିବା ସହିତ ଏହାକୁ ପରମାଣୁ ଅସ୍ତ୍ର ସହ ତୁଳନା କରିଥିଲେ।

## ଆରମ୍ଭରୁ ହଙ୍ଗାମା...

ଗଲେ? ସେମାନଙ୍କୁ ଏପର୍ଯ୍ୟନ୍ତ ଗିରଫ କରାଯାଇ ନାହିଁ କାହିଁକି? ଉପରାଜ୍ୟପାଳ କହୁଛନ୍ତି ଯେ ଗୁଇନ୍ଦା ବିଫଳତା ଯୋଗୁଁ ପହଲଗାମ ଆକ୍ରମଣ ହେଲା, କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ନାହିଁ। ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ ୨୪ ଥର କହିଲେଣି ଯେ ତାଙ୍କ ମଧ୍ୟସ୍ଥତା ଯୋଗୁଁ ଭାରତ-ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ହୋଇଥିଲା। କିନ୍ତୁ ପ୍ରଧାନମନ୍ତ୍ରୀ କିଛି କହୁ ନାହାନ୍ତି। ଏଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ତୁରନ୍ତ ଆଲୋଚନା ହେଉ ଏବଂ ପ୍ରଧାନମନ୍ତ୍ରୀ ଏହା ଉପରେ ଉତ୍ତର ରଖନ୍ତୁ। ସେହିଭଳି ଲୋକସଭା ମୁଲତବୀ ହେବାପରେ ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ ଅଭିଯୋଗ କରିଥିଲେ ଯେ ଗୃହରେ ତାଙ୍କୁ କହିବା ଲାଗି ସୁଯୋଗ ଦିଆଯାଉ ନାହିଁ। ମନ୍ତ୍ରୀ ଓ ସେମାନଙ୍କ (ବିଜେପି) ସଭ୍ୟଙ୍କୁ କହିବାକୁ ଦିଆଯାଉଛି। କିନ୍ତୁ ସେ ବିରୋଧୀ ଦଳର ନେତା ହେବା ସତ୍ତ୍ୱେ କହିବାକୁ ସୁଯୋଗ ଦିଆଉ ନାହିଁ।

ମିଳିଥିବା ସୂଚନା ଅନୁଯାୟୀ ସରକାର ଅପରେସନ ସିନ୍ଦୂର ପ୍ରସଙ୍ଗରେ ଆସନ୍ତା ସପ୍ତାହ ଆଲୋଚନା କରିବାକୁ ରାଜି ହୋଇଛନ୍ତି। ଲୋକସଭାରେ ଏଥିପାଇଁ ୧୬ ଘଣ୍ଟା ଏବଂ ରାଜ୍ୟସଭାରେ ୯ ଘଣ୍ଟା ସମୟ ଦିଆଯାଇଛି। ଅନ୍ୟାନ୍ୟ ସରକାରୀ ବିଲ ଉପରେ ଆଲୋଚନା ପାଇଁ ୧୨ ଘଣ୍ଟା ସମୟ ନିର୍ଦ୍ଧାରିତ କରାଯାଇଥିବା ଜଣାପଡ଼ିଛି। ଚଳିତ ସପ୍ତାହ ପ୍ରଧାନମନ୍ତ୍ରୀ ବିଦେଶ ଗସ୍ତରେ ଯାଉଥିବାରୁ ଅସନ୍ତା ସପ୍ତାହ ଏହା ଉପରେ ଆଲୋଚନା ହେବ ବୋଲି କୁହାଯାଉଛି। ଲୋକସଭା ବାଚସ୍ପତି ଓମ୍‌ ବିର୍ଲାଙ୍କ ଅକ୍ଷତାରେ ଅନୁଷ୍ଠିନ ଗୃହ ପରିଚାଳନା କମିଟି ବୈଠକରେ ଏହି ନିଷ୍ପତ୍ତି ହୋଇଛି।

ଲୋକସଭାରେ ହଟ୍ଟଗୋଳ ମଧ୍ୟରେ କଂଗ୍ରେସ ସାଂସଦ ସପ୍ତଗିରି ଉଲାକା ବାଲେଶ୍ୱର ଏଫଏମ୍‌ କଲେଜ ଛାତ୍ରୀ ଆତ୍ମଦାହ ପ୍ରସଙ୍ଗରେ ଆଲୋଚନା ପାଇଁ ମୁଲତବୀ ପ୍ରସ୍ତାବ ଆଗତ କରିଥିଲେ। ଏସଂପର୍କରେ ବାଚସ୍ପତିଙ୍କୁ ଦେଇଥିବା ନୋଟିସରେ ସାଂସଦ ଉଲ୍ଲେଖ କରିଛନ୍ତି ଯେ ଉକ୍ତ ଛାତ୍ରୀଙ୍କୁ ଦୀର୍ଘ ଦିନ ଧରି ନିର୍ଯାତନା ଦିଆଯାଉଥିଲା। ସେ ଏସଂପର୍କରେ କଲେଜ ପ୍ରଶାସନ ନିକଟରେ ଗୁହାରି କରିଥିଲେ ମଧ୍ୟ କେହି ଶୁଣିନଥିଲେ। ଫଳରେ ସେ ଆତ୍ମଦାହ ଭଳି ଚରମ ପଦକ୍ଷେପ ନେଲେ। ଏଭଳି ଭୟଙ୍କର ଓ ଚିନ୍ତାଜନକ ପ୍ରସଙ୍ଗ ଉପରେ ଆଲୋଚନା କରାଯିବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ।

ଇତିମଧ୍ୟରେ ସଂସଦ ମୁଲତବୀ ହେବାପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କର କିଛି ବରିଷ୍ଠ କ୍ୟାବିନେଟ ମନ୍ତ୍ରୀଙ୍କ ସହିତ ଅଲୋଚନା କରିଛନ୍ତି। ଏହାପରେ ମନ୍ତ୍ରୀମାନଙ୍କର ଏକ ବୈଠକ ହୋଇଥିଲା। ଏଥିରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ଅର୍ଥ ମନ୍ତ୍ରୀ ନିର୍ମଳା ଶୀତାମରଣ, ସ୍ୱାସ୍ଥ୍ୟ ମନ୍ତ୍ରୀ ଜେପି ନଡ୍ଡା, ଶିବରାଜ ସିଂହ ଚୌହ୍ୱାନ, ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ କିରଣ ରିଜିଜୁ ପ୍ରମୁଖ ଉପସ୍ଥିତ ଥିଲେ।

## ଇଡିକୁ ସୁପ୍ରିମକୋର୍ଟଙ୍କ...

ସଲିସିଟର ଜେନେରାଲ କୋର୍ଟଙ୍କୁ ଅନୁରୋଧ କରିଥିଲେ। ଇଡିର ଆବେଦନ ଉପରେ ସୁପ୍ରିମକୋର୍ଟ କହିଥିଲେ ଯେ ହାଇକୋର୍ଟଙ୍କ ଏକକ ଖଣ୍ଡପୀଠ ଦେଇଥିବା ରାୟରେ କୌଣସି ତ୍ରୁଟି ନାହିଁ। ତଥ୍ୟକୁ ଦେଖି ମାମଲାକୁ ଖାରଜ କରାଯାଉଛି। ଇଡି ଉପରେ କୌଣସି ଅପ୍ରୀତିକର ମନ୍ତବ୍ୟ ଦେଇ ନ ଥିବାରୁ ଏଏସଜିଙ୍କୁ ସୁପ୍ରିମକୋର୍ଟ ଧନ୍ୟବାଦ ଦେଇଛନ୍ତି।

## ଜେଲ ଗଲେ ଛାତ୍ର...

୩ ଜଣଙ୍କ ଭିଡିଓ ଭାଇରାଲ ହୋଇଛି। ଏହି ଭିଡ଼ିଓରେ ପୀଡ଼ିତା ଓ ତଙ୍କର ବାନ୍ଧବୀଙ୍କ ସହ ଉଦିତ୍‌ ଓ ତାଙ୍କର ବନ୍ଧୁ ଆୟୁଷ୍ମାନ ଦେଖିବାକୁ ମିଳିଛି। ଏହି ଭିଡ଼ିଓ ଏବଂ ଫଟୋ ଭାଇରାଲ ହେବା ପରେ ଭିଡ଼ିଓ କରି ମୁହଁ ଖୋଲିଛନ୍ତି ଆୟୁଷ୍ମାନ। ସେ କହିଛନ୍ତି ଯେ, ଥାନାରେ ଦେଇଥିବା ଝିଅ କାହିଁ କେସ୍‌ ଦେଲା କଣ ପାଇଁ ଦେଲା ସେ ଜାଣିନାହାନ୍ତି; ତାଙ୍କର ଏଥିରେ କିଛି ଭୂମିକା ନାହିଁ। ମୁଁ ଆଉ ମୋ ସାଙ୍ଗ ହାଉସ୍‌ ପାର୍ଟି ପାଇଁ ଡାକିଥିଲୁ। ସେ ସେଠି ଡ୍ରିଙ୍କସ୍‌ ଏବଂ ସ୍ମୋକିଙ୍ଗ୍‌ କରେ। ଭାଇରାଲ ହୋଇଥିବା ଫଟୋ ଭିଡ଼ିଓରେ ସେଭଳି କିଛି ହୋଇନାହିଁ। ମୋର ଓ ମୋ ବନ୍ଧୁଙ୍କର ତା ସହ କୌଣସି ସମ୍ପର୍କ ନାହିଁ।

ଏନେଇ କମିଶନରେଟ ପୁଲିସ ଜୋନ ୫ ଏସିପି ବିଶ୍ୱରଞ୍ଜନ ସେନାପତି ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଗିରଫ ସମ୍ପର୍କରେ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଦୁଷ୍କର୍ମ ଶିକାର ହୋଇଥିବା ଯୁବତୀ ଜଣକ ରବିବାର ସନ୍ଧ୍ୟାରେ ମଞ୍ଚେଶ୍ୱର ଥାନାରେ ଏନେଇ ଅଭିଯୋଗ କରିଥିଲେ। ମାର୍ଚ୍ଚ ୧୮ ତାରିଖରେ ସମ୍ପୃକ୍ତ ଯୁବତୀ ତାଙ୍କର ଜଣେ ପୁଅ ସାଙ୍ଗ ଏବଂ ଜଣେ ଝିଅ ସାଙ୍ଗ ବୁଲିବାକୁ ଡାକିଥିଲେ। ସମସ୍ତେ ୪ ଚକିଆ ଗାଡିରେ ବୁଲିବାକୁ ଯାଇଥିଲେ। ମାଷ୍ଟରକ୍ୟାଣ୍ଟିନ ପାଖରେ ଅନ୍ୟ ଜଣେ ଯୁବକ ଉଠିଥିଲେ। ଯୁବତୀ ଜଣକ ତାଙ୍କୁ ଚିହ୍ନି ନ ଥିଲେ ହେଁ ପରେ ସେ ଛାତ୍ର କଂଗ୍ରେସ ରାଜ୍ୟ ସଭାପତି ଉଦିତ ପ୍ରଧାନ ବୋଲି ଜାଣିଥିଲେ। ସମସ୍ତେ ମଞ୍ଚେଶ୍ୱର ଅଞ୍ଚଳରେ ଥିବା ଏକ ହୋଟେଲକୁ ଯାଇଥିଲେ। ସେଠାରେ ଅନ୍ୟମାନେ ମଦ୍ୟପାନ କରିଥିଲେ। ସେ ମଦ୍ୟପାନ ନ କରିବାରୁ ଉଦିତ ପ୍ରଧାନ ତାଙ୍କୁ ଏକ କୋଲ୍ଡ ଡ୍ରିଙ୍କ୍ସ ଆଣି ଦେଇଥିଲେ। କୋଲ୍ଡ ଡ୍ରିଙ୍କ୍ସ ପିଇବା ପରେ ସେ ଅଶ୍ୱସ୍ତି ଅନୁଭବ କଲେ। ହୋସ ଫେରିବା ପରେ ତାଙ୍କ ସହ ଦୁଷ୍କର୍ମ ହୋଇଥିବା ସେ ଜାଣି ପାରିଥିଲେ। ତାଙ୍କ ପାଖରେ ଉଦିତ୍‌ ମଧ୍ୟ ଶୋଇଥିଲେ। ଏହା ପରେ ଉଦିତ ତାଙ୍କୁ ଗାଳି ଗୁଲଜ କରିବା ସହ ପୁଲିସରେ ନ କହିବାକୁ ଧମକ ଦେଇଥିଲେ। ତେଣୁ ସେ ଭୟରେ ପୁଲିସରେ ଅଭିଯୋଗ ଆଣି ନ ଥିଲେ। ହେଲେ ଏବେ ମହିଳାଙ୍କ ସୁରକ୍ଷାକୁ ନେଇ ଏତେ ଘଟଣା ସାମ୍ନାକୁ ଆସିବା ପରେ ସେ ପୁଲିସ ନିକଟକୁ ଆସିବା ପାଇଁ ସାହସ କରି ପାରିଛନ୍ତି ବୋଲି ପୀଡ଼ିତା ଏତଲାରେ ଉଲ୍ଲେଖ କରିଛନ୍ତି। ଏହି ଏତଲା ଆଧାରରେ ପୁଲିସ ଉଦିତ ପ୍ରଧାନଙ୍କ ବିରୋଧରେ ମଞ୍ଚେଶ୍ୱର ଥାନାରେ ଏକ ମାମଲା (ନଂ-୪୧୯) ରୁଜୁ କରିଛି। ଉଦିତଙ୍କ ବିରୋଧରେ ବିଏନ୍‌ଏସ୍‌ ଧାରା ୬୧(୧), ୧୨୩ ୩, ୨୯୬, ୭୪, ୩୫୧(୨) ଲଗାଯାଇଛି। ଗତ ଫେବୃଆରୀ ୧ ତାରିଖରେ ଉଦିତ ଓ ଅନ୍ୟମାନେ ମିଳିତ ଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍‌) ମୁଖ୍ୟ ମୋହନ ଭାଗବତଙ୍କ କାରକେଡକୁ ଅଟକେଇବାକୁ ଚେଷ୍ଟା କରିଥିଲେ। କାରକେଡ୍‌ ସାମ୍ନାରେ କଳା ପତାକା ଦେଖାଇ ହୋ ହଲ୍ଲା କରିବା ସହ କାର୍ଯ୍ୟରତ ଜଣେ ସବଇନ୍ସପେକ୍ଟରଙ୍କୁ ମାଡ଼ ମାରିଥିଲେ। ମଞ୍ଚେଶ୍ୱର ଥାନା ପୋଲିସ ତାଙ୍କୁ ଗିରଫ କରିଥିଲା।

## ତିନି ଆର୍‌ଡିସି ଅଫିସ୍‌...

କଲେଜ ଘଟଣା ରାଜ୍ୟବାସୀଙ୍କ ମନରୁ ନ ଲିଭୁଣୁ, ପୁରୀ ଜିଲ୍ଲାର ବଳଙ୍ଗାଠାରେ ଗୋଟିଏ ନାବାଳିକାକୁ ଜିଅନ୍ତା ଜାଳିଦେବା ଉଦ୍ୟମ ଭଳି ହୃଦୟବିଦାରକ ଘଟଣା ଲୋକଲୋଚନକୁ ଆସିଛି। ଦୁଷ୍କର୍ମ, ଗଣଦୁଷ୍କର୍ମ ସଂପ୍ରତି ରାଜ୍ୟରେ ଏକ ନିତିଦିନିଆ ଘଟଣା ହୋଇଛି। ପ୍ରତିଦିନ ୧୫ ଜଣ ମହିଳା ଦୁଷ୍କର୍ମର ଶିକାର ହେଉଛନ୍ତି।

କଟକସ୍ଥିତ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ କାର୍ଯ୍ୟାଳୟ ସମ୍ମୁଖରେ ହୋଇଥିବା ବିକ୍ଷୋଭରେ ଦଳର ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପ୍ରତାପ ଜେନା, ସୁଦାମ ମାରାଣ୍ଡି, ପ୍ରଣବ ବଳବନ୍ତରାୟ, ସୁଲୋଚନା ଦାସ, ସୁବାସ ସିଂ, ଦେବାଶିଷ ସାମନ୍ତରାୟ, ପ୍ରଫୁଲ୍ଲ ସିଂ, ବ୍ୟୋମକେଶ ରାୟ, ଦେବୀ ରଞ୍ଜନ ତ୍ରିପାଠୀ, ସୌଭିକ ବିଶ୍ୱାଳ, ସୁଭାଶିଷ ଖୁଣ୍ଟିଆ, ସଞ୍ଜୀବ ମଲ୍ଲିକ, ସୁଶାନ୍ତ ରାଉତ, ପ୍ରଶାନ୍ତ ବେହେରା, ଗଣେଶ୍ୱର ବେହେରା, ଧ୍ରୁବଚରଣ ସାହୁ, ସାରଦା ଜେନା, ରମାକାନ୍ତ ଭୋଇ, ରମେଶ ବେହେରା, ମଞ୍ଜୁଲତା ମଣ୍ଡଳ, ପ୍ରଫୁଲ୍ଲ ସାମଲ, ଅଂଶୁମାନ ମହାନ୍ତି, ସୁକାନ୍ତ ନାୟକ,ସ୍ୱରୂପ ଦାସ, ଡ. ଲେଖାଶ୍ରୀ ସାମନ୍ତସିଂହାର, ଅଶୋକ ପଣ୍ଡା, ରାଜେନ୍ଦ୍ର ସାହୁ, ପ୍ରଦୀପ ସାହୁ, ରୁଦ୍ର ମହାରଥୀ, ତୁଷାରକାନ୍ତି ବେହେରା, ବିଜୟ ନାୟକ, ଶର୍ମିଷ୍ଠା ସେଠୀ, କ୍ୟାପଟେନ ରାଜ ନାରାୟଣ ମହାପାତ୍ର, ରାଜେନ୍ଦ୍ର ଦାସ, ବାସନ୍ତୀ ହେମ୍ବ୍ରମ, ସାନନ୍ଦ ମାରାଣ୍ଡି ପ୍ରମୁଖ ସାମିଲ ଥିଲେ।

ସମ୍ବଲପୁର ଆର୍‌ଡିସି ଅଫିସ୍‌ ସାମ୍ନାରେ ବିଜେଡିର ବିକ୍ଷୋଭରେ ପ୍ରସନ୍ନ ଆଚାର୍ଯ୍ୟ, ନିରଞ୍ଜନ ପୂଜାରୀ, ସ୍ନେହାଙ୍ଗିନୀ ଛୁରିଆ, ଦେବେଶ ଆଚାର୍ଯ୍ୟ, ରୋହିତ ପୂଜାରୀ, କଳିକେଶ ନାରାୟଣ ସିଂହଦେଓ, ପ୍ରଦୀପ ଅମାତ, ରଜନୀକାନ୍ତ ସିଂ, ନଳିନୀକାନ୍ତ ପ୍ରଧାନ, ବର୍ଷା ସିଂ ବରିହା, ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ରୀତା ସାହୁ, ଅଳକା ମହାନ୍ତି, ସାରଦା ନାୟକ, ସୁଧୀର ସାମଲ, ମୁକେଶ ପାଲ୍‌, ମହେଶ ସାହୁ, ଆୟୁବ ଖାନ୍‌, ଅଧିରାଜ ପାଣିଗ୍ରାହୀ, ଲମ୍ବୋଦର ନିଆଲ ପ୍ରମୁଖ ସାମିଲ ଥିଲେ।

ବ୍ରହ୍ମପୁର ଆର୍‌ଡିସି ଅଫିସ୍‌ ସମ୍ମୁଖରେ ବିଜେଡିର ବିକ୍ଷୋଭରେ ସଞ୍ଜୟ କୁମାର ଦାସବର୍ମା, ଚନ୍ଦ୍ରଶେଖର ସାହୁ, ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ରବି ନାରାୟଣ ନନ୍ଦ, ପ୍ରଦୀପ ମାଝୀ, ବିକ୍ରମ ପଣ୍ଡା, ଭୃଗୁ ବକ୍ସିପାତ୍ର, ମନୋହର ରନ୍ଧାରୀ, ମାନସ ମାଡକାମୀ, ଝିନ ହିକକା, ରୂପେଶ ପାଣିଗ୍ରାହୀ, ଭାସ୍କର ରାଓ, ଜଗନ୍ନାଥ ସାରକା, ଚକ୍ରମଣୀ କହଁର, ବିକ୍ରମ ଆରୁଖ, ଲତିକା ପ୍ରଧାନ, ରଞ୍ଜିତା ସାହୁ, ସଙ୍ଘମିତ୍ରା ଦଳେଇ,ପ୍ରଫୁଲ୍ଲ ପାଙ୍ଗୀ, ପ୍ରଦୀପ କୁମାର ଦିଶାରୀ, ପୁଷ୍ପେନ୍ଦ୍ର ସିଂହଦେଓ, ପଦ୍ମିନୀ ଦିଆନ, ମନୋରମା ମହାନ୍ତି, ରଘୁନାଥ ଗମାଙ୍ଗୋ, ରମେଶ ମାଝୀ, ଶ୍ରୀକାନ୍ତ ସାହୁ, ପୂର୍ଣ୍ଣ ସ୍ୱାଇଁ, ମଞ୍ଜୁଳା ସ୍ୱାଇଁ, ସୁବାସ ବେହେରା, ବିପ୍ଳବ ପାତ୍ର, ସୂର୍ଯ୍ୟମଣୀ ବୈଦ୍ୟ, ତୁମ୍ବନାଥ ପଣ୍ଡା, ଚକ୍ରମଣୀ କହଁର, ପ୍ରଭୁ ଜାନି, ନନ୍ଦିନୀ ଦେବୀ, ଶ୍ରୀ ଶ୍ରୀରୂପ ଦେବ ଅନୁସୂୟା ମାଝୀ ପ୍ରମୁଖ ସାମିଲ ଥିଲେ।

## ନାବାଳିକା ହକି...

ନିମନ୍ତେ ଯାଜପୁର ମେଡିକାଲକୁ ପଠାଇବା ସହ ବିଚାରପତିଙ୍କ ନିକଟରେ ନାବାଳିକାକୁ ହାଜର କରାଯାଇ ତା’ର ବୟାନ ରେକର୍ଡ କରାଯାଇଛି। ପୁଲିସ ମଧ୍ୟ ଗତ ରବିବାର ରାତିରେ ନାବାଳିକାର ବୟାନ ରେକର୍ଡ କରିଥିଲା। ତେବେ ଏହି ଘଟଣା ଗତ ୩ ତାରିଖରୁ ହୋଇଥିଲେ ମଧ୍ୟ କାହିଁକି ମାମଲା ରୁଜୁ ପାଇଁ ବିଳମ୍ବ ହେଉଥିଲା ଏବଂ ଯେଉଁ ଲଜ୍‌ରେ ଏଭଳି ଅଭିଯୋଗ ହୋଇଛି, ସେହି ଲଜ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ ବୋଲି ପ୍ରଶ୍ନ ଉଠିଛି। ଏନେଇ ଯାଜପୁର ଥାନା ଅଧିକାରୀ ଶରତଚନ୍ଦ୍ର ପାତ୍ରଙ୍କୁ ଚାରିବାରେ ଘଟଣା ସଂପର୍କରେ ତଦନ୍ତ ଚାଲିଛି ଏବଂ ଘଟଣାରେ ସମସ୍ତ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଥିଲେ।

## ବନ୍ଦ ଘରେ ମହିଳା...

ପରିବାରର ଅନ୍ୟ ସଦସ୍ୟମାନେ ବ୍ରହ୍ମପୁର ଉପକଣ୍ଠ ବାଲିପଡ଼ାକୁ ପୂଜା କରିବାକୁ ଯାଇଥିଲେ। ପ୍ରତିଥର ଭଳି ସୋମବାର ମଧ୍ୟ ନମିତାଙ୍କୁ ଘରେ ଛାଡ଼ି ବାହାରୁ ତାଲା ପକାଇ ସେମାନେ ବାଲିପଡ଼ା ଯାଇଥିଲେ। ତେବେ ମଧ୍ୟାହ୍ନରେ ତଳେ ରହୁଥିବା ଗୃହମାଲିକଙ୍କ ସଦସ୍ୟ ଛାତ ଉପରକୁ ଯାଇଥିବା ବେଳେ ପୋଡ଼ା ଗନ୍ଧ ହେଉଥିବା ଜାଣିବାକୁ ପାଇଥିଲେ। ସେମାନେ ଘରେ ଭିତରେ ଥିବା ନମିତା ରଥଙ୍କୁ ଫୋନ କରିଥିଲେ ହେଁ ନମିତା କଲ ରିସିଭ କରିନଥିଲେ। ପରେ ବାଧ୍ୟ ହୋଇ ଗୃହମାଲିକ ହରିଶଙ୍କରଙ୍କ ଜିଅଙ୍କୁ ଫୋନ ଯୋଗେ କିଛି ଅଘଟଣର ଆଶଙ୍କା କରି ସୂଚନା ଦେଇଥିଲେ।

ନମିତାଙ୍କ ଝିଅ ଖବର ପାଇ ତୁରନ୍ତ ଅଗ୍ନିଶମ ବିଭାଗୁ ଘଟଣା ସମ୍ପର୍କରେ ସୂଚନା ଦେଇଥିଲେ। ପୁଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀ ଘର ଉପରକୁ ଯାଇ ଘରର ତାଲା ଭାଙ୍ଗିଥିଲେ। ପରେ ଅଗ୍ନିଶମ କର୍ମଚାରୀ ଘର ଭିତରକୁ ଯାଇ ଦେଖିବା ବେଳକୁ ଜଣେ ମହିଳାଙ୍କ ଶରୀରରେ ନିଆଁ ଲାଗିଥିବା ଦେଖିବାକୁ ପାଇଥିଲେ। ତୁରନ୍ତ ନିଆଁକୁ ଆୟତ୍ତ କରିଥିଲେ ହେଁ ମହିଳାଙ୍କ ଶରୀରର ଅଧିକାଂଶ ଅଂଶ ଜଳି ଯାଇଥିଲା। ପରେ ଖବର ପାଇ ନିମଖଣ୍ଡି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ୧୦୮ ଆମ୍ବୁଲାନ୍ସ ଜରିଆରେ ଜଳି ଯାଇଥିବା ମହିଳା ନମିତା ରଥଙ୍କୁ ଏମକେସିଜି ମେଡିକାଲକୁ ସ୍ଥାନାନ୍ତର କରିଥିଲେ। ତେବେ ଡାକ୍ତରଖାନାରେ ନମିତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

ନମିତାଙ୍କ ପରିବାର ପକ୍ଷରୁ ମିଳିଥିବା ସୂଚନାନୁସାରେ, ନମିତା ୨୦୧୧ମସିହାରୁ ମସ୍ତିଷ୍କ କର୍କଟ ରୋଗରେ ପୀଡ଼ିତ ଥିଲେ। ଅସ୍ତ୍ରୋପଚାର ପରେ ସେ ସାମାନ୍ୟ ମାନସିକ ସନ୍ତୁଳନ ହରାଇଥିଲେ। ତେଣୁ କୌଣସି କାମରେ ପରିବାରଲୋକେ ବାହାରକୁ ଯିବା ବେଳେ ବାହାରପଟୁ ଘରର ତାଲା ପକାଇ ଯିବାକୁ ପଡୁଥିଲା। ତେବେ ସୋମବାର ଏଭଳି ଘଟଣା ଘଟିବ ବୋଲି କେହି କେବେ କଳ୍ପନା ମଧ୍ୟ କରିନଥିଲେ। ନମିତାଙ୍କ ମରଶରୀରକୁ ବ୍ୟବଚ୍ଛେଦ ପାଇଁ ରଖାଯାଇଥିବା ବେଳେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ଥିବା ନିମଖଣ୍ଡି ଥାନାର ତଦନ୍ତକାରୀ ପୁଲିସ ଅଧିକାରୀ କହିଛନ୍ତି। ଏଭଳି ଏକ ଅଭାବନୀୟ ଘଟଣାକୁ ନେଇ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

## ବିଲ ମଝିରୁ...

ସେଠାରୁ ବିଲ ରାସ୍ତା ଦେଇ ଘରକୁ ଫେରୁଥିଲେ। ଏହି ସମୟରେ ଦୁଇଜଣ ଯୁବକ ତାଙ୍କ ମୁହଁରେ ଗାମୁଛା ପକାଇ ଟେକିନେଇଥିଲେ। ପରେ ଏକ ନିଛାଟିଆ ଜାଗାରେ ଗଣଦୁଷ୍କର୍ମ କରିଥିଲେ। ତେବେ କୌଶଳକ୍ରମେ ଯୁବତୀଜଣଙ୍କ ସେଠାରୁ ଖସି ଘରକୁ ପଳାଇ ଆସିଥିଲେ। ପରିବାରଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଇଛନ୍ତି। ସେଠାରେ ତାଙ୍କର ଚିକିତ୍ସା ଚାଲିଛି।


**AFFIDAVIT**

By virtue of an affidavit sworn before The Executive Magistrate, Padampur, Date-21/07/2025. I, **Ugresan Sahu,** Address: At- Amlipali, Po- Raisalpadar, Dist-Bargarh, PIN- 768037, Odisha declared that, I have changed the name of my son from **Bijay Sahu** (old name) to **Bijaya Sahu** (new name). Henceforth, he shall be known as **Bijaya Sahu** (new name) for all purposes.

**Ugresan Sahu**

**AFFIDAVIT**

By virtue of an affidavit sworn before The Notary Public, Sunabeda, dated 21.07.2025, I, Sri Paparao Gunjia, S/o-Ghasi Gunjia, Vill.- Narasinghpur, Po.- Parajabadapada, Ps.- Padwa, District- Koraput declare that I have changed my daughter’s name from **Trisha Gujia** to **Tirisa Gunjia**. Henceforth, my daughter shall be known as **Tirisa Gunjia** for all purposes.

**Sd/- Paparao Gunjia**

e-Procurement Notice

**OFFICE OF THE NOTIFIED AREA COUNCIL, GOPALPUR,**
**Tender Call Notice,**
**No: 229 dt: 19-07-2025**
**Bid Identification No: 02/2025-26**

Bid documents consisting of work, estimated cost, cost of tender paper, time of completion, class of contractors, and terms and conditions can be seen at: www.tendersorissa.gov.in

| | |
|---|---|
| Total Number of Civil works. | 8 Nos. |
| Estimated Cost | Rs.3.0 Lakh to 19 Lakh |
| Date & time of availability of Bid Documents in the portal | 10.00 A.M of dt. 21.07.2025 to 16.00 P.M of dt. 30.07.2025 for online bidding |
| Last Date of receive of Bid through Online | 16.00 P.M of dt. 30.07.2025 |
| Date of opening of Bid | 11.00 A.M. on Dt. 31.07.2025 |

Sd/- Executive Officer
N.A.C. Gopalpur

C-712 OIPR - 13186/11/0021/2526

CAD-1190

Email: itdagnp@od.gov.in

**GOVERNMENT OF ODISHA**
**OFFICE OF THE PROJECT ADMINISTRATOR**
**INTEGRATED TRIBAL DEVELOPMENT AGENCY, GUNUPUR**
**E-Procurement Notice**
**Bid Identification No: ITDAGNP – Online – 01 / 2025-26**

No. 1601/VII-89/2025 Date: 18.07.2025

1 Name of the Work : Construction of Building Works
2 Total No. of Works : 48 No.(Percentage rate tender)
3 Amount put to tender : As mentioned in Col. 3 of Annexure
4 Class of Contractor : As mentioned in Col. 5 of Annexure
5 Period of Completion : As mentioned in Col. 4 of Annexure
6 EMD : As mentioned in Col. 6 of Annexure
7 Paper Cost : As mentioned in Col. 7 of Annexure
8 Other details:

| Procurement Officer | Bid Identification No. | Availability of Tender online for Bidding | | Last date & time of seeking tender clarification | Date & Time of opening of tender | Financial Bid open |
|---|---|---|---|---|---|---|
| | | From | To | | | |
| 1 | 2 | 3 | 4 | 5 | 6 | |
| Project Administrator, I.T.D.A, Gunupur | ITDAGNP Online-01/2025-26 | 22.07.2025 at 10.00 A.M. | 05.08.2025 up to 5.00 P.M. | 05.08.2025 up to 5.00 P.M. | 06.08.2025 at 11.00 Hrs. | Will intimate later |

9. The amount put to tender is exclusive of 18% GST. The intending bidder should offer their rates which shall be exclusive of GST applicable as per norms. GST as applicable on works contract shall be paid over the bill amount at the time of payment of bill.
Further details can be seen from the website: www.tendersorissa.gov.in.

Project Administrator,
I.T.D.A., Gunupur.

OIPR - 26072/11/0008/2526

**AFFIDAVIT**

By virtue of an affidavit Sl. No.- 4883 before Executive Magistrate, Kanika, dtd 10/07/2025. I Binodinee Dash, W/o- Sasadhar Malik, Vill.- Kothasahi, Po.- Giria, Ps.- Rajkanika, Dist. - Kendrapara, Pin- 754220 declare that, my minor son's name has been changed from **Rudra Malik to Rudradev Malik**. Henceforth he will be known as **Rudradev Malik** for all future purposes.

**AFFIDAVIT**

By virtue of an affidavit before Executive Magistrate, K.S.Nagar, Ganjam, no.830 dtd.19.7.2025 I Sri Shankar Sahu, S/o- Bijaya Sahu, resident of Village/Po.- Barida-A, Ps.- Kabisurya Nagar, Dist.- Ganjam, Odisha state that, my daughter’s name is **Adyasha Sahu, D/o- Shankar Sahu**. But in her Aadhar card her name has been wrongly mentioned as Mamata Sahu, C/o- Sankar Sahu. Please correct the name in my daughter’s Aadhar as **Adyasha Sahu, D/o- Shankar Sahu.**

**AFFIDAVIT**

I, K Sanjita, W/o.: K Govinda Rao, resident of Plot No.: 331/1947, Road No.: 6, Sri Aurobinda Nagar, Chandrasekharpur, Near Municipality Kalyan Mandap, Bhubaneswar, Dist.: Khordha, Odisha-751016, declare by this affidavit No.: 209, Dtd: 12.07.2025 that now onwards I shall be known as **K Sanjita Patra** for all future purposes.

**AFFIDAVIT**

BY VIRTUE OF an affidavit sworn before the Notary Public, Sunabeda dated 09/06/2025 I, Sri Dhanurjaya Tangul, S/o- Bhikari Tangul, Village - Balda, Post- Balda, PS. - Padua, Dist. - Koraput declare that, I have changed my name from **Danurjana Tagila, S/o- Bhikari Tagura** to **Dhanurjaya Tangul S/o- Bhikari Tangul**. Henceforth, I shall be known as **Dhanurjaya Tangul, S/o- Bhikari Tangul** for all purpose.

**Sd/- Dhanurjaya Tangul**

**AFFIDAVIT**

By virtue of an affidavit before the Notary Public, Titilagarh, on dated- 21/07/2025. I, **Lipi Dharua** (new name), formerly called as **Bimala Dharua** (old name), W/o Swagat Patra, permanent resident of AT/PO- Rigdul, P.S. Titilagarh, Dist- Bolangir, (Odisha), PIN-767033 now residing at the same place affirm that I have changed my name from **Bimala Dharua** (old name) To **Lipi Dharua** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Lipi Dharua** (new name).

**Lipi Dharua**

**AFFIDAVIT**

I, Manas Maheswar Maharana, S/o- Maheswar Maharana, resident of Plot No- F-25, CDA, Sector-6, P.S- Markat Nagar, Dist- Cuttack, PIN- 753014, Odisha declare by this affidavit No. 70AA 129247, dated- 03/07/2025 that now onward I shall be known as **MANAS MAHARANA** for all future purpose.

**In the Court of the Senior Civil Judge, Angul**
**Civil Suit No. 358 of 2013**

**Gouranga Sahu & Others ...Plaintiffs**
**Vs.**
**Panchu Sahu & Others ...Defendants**

**NOTICE UNDER ORDER 5 RULE 20 (1)(A) CPC**

To:
1.(D 21-a) Rukmuni Sahu, W/o – Late Panchanan Sahu, AT – Ambapal, PO – Patakumunda, PS – Bagedia, SD/Dist – Angul,
2. (D 21-b) Runu Sahu, D/o – Late Panchanan Sahu, AT – Ambapal, PO – Patakumunda, PS – Bagedia, SD/Dist – Angul.
3. (D 21-c) Tuni Sahu, D/o – Late Panchanan Sahu, AT – Ambapal, PO–Patakumunda, PS – Bagedia, SD/Dist – Angul.

Whereas the above-named, Plaintiffs have instituted the above suit against you for partition and allotment of separate share. In the suit you were previously summoned to appear in this Court by person or by your pleader duly instructed and able to answer all material questions relating to the suit. But in spite of all endeavor of the Plaintiffs, you evaded the Court process. As such you are hereby once again summoned to appear in the Court on dated **07.08.2025 at 10:30 A.M.** failing which or in your absence, the suit will be heard and determined in your absence. Given under my hand and the seal of the Court, this **19th day of May 2025.**

**Sd/- Senior Civil Judge, Angul**

**AFFIDAVIT**

By Virtue of an affidavit SL.No-2182/25, dtd 21.07.2025 before the Notary Public, Malkangiri,I, Nande Padiami, have changed my name from **Mande Padiami** to **Nande Padiami**. Henceforth I shall be known as **Nande Padiami** for all purpose.

**Sd/- Nande Padiami**

**AFFIDAVIT**

By virtue of an affidavit vide No.: 31418, dated-19.07.2025, sworn before the notary public, Bhubaneswar, I, G. Rameswari, W/o.: R. Santosh Kumar Reddy, Resident of Plot No.: K2-146, Kalinga Nagar, Ghatikia, Bhubaneswar, PIN-751029, Dist.: Khordha, Odisha, do hereby declare that I have changed my name from G. Rameswari to R. Rameswari Reddy for all future purposes. Henceforth, I shall be known as **R. Rameswari Reddy.**

**AFFIDAVIT**

BY VIRTUE OF an affidavit sworn before the Notary Public, Sunabeda dated 17/07/2025, I, Sri Deba Khillo, S/o- Ghadua Khillo, Village - Raising, Post - Raising, PS. - Padua, Dist. - Koraput declare that, I have changed my son’s name from **Sukant Khila** to **Sushanta Khillo**. Henceforth, My son shall be known as **Sushanta Khillo** for all purpose.

**Sd/- Deba Khillo**

**AFFIDAVIT**

I Sanjaya Kumar Mahananda(55),residence of Mandal, P.S.Belpara Dist.Balangir,hereby declare that I have changed my name from **Sanjaya Kumar Mahananda** to **Sanjaya Kumar Nanda** vide affidavit no.2377 dated 21.07.2025 before the Executive Magistrate Balangir Hence i will known as **Sanjay Nanda** for all purposes.

**AFFIDAVIT**

I, K Govind Rao, S/o.: K Sriram Rao, resident of Plot No.: 331/1947, Road No.: 6, Sri Aurobinda Nagar, Chandrasekharpur, Near Municipality Kalyan Mandap, Bhubaneswar, Dist.: Khordha, Odisha-751016, declare by this affidavit No.: 208, Dtd: 12.07.2025 that now onwards I shall be known as **K Govinda Rao** for all future purposes.

**AFFIDAVIT**

BY VIRTUE OF an affidavit sworn before the Notary Public, Sunabeda dated 17/06/2025 I Sri Laxman Gemel, S/o- Bhanja Gemel Vill:- Sadam, Po.-Sadam, Ps. - Pottangi, Dist. - Koraput declare that, I have changed my Daughters name from **Manjula Gemel** to **Tilottama Gemel**. Henceforth, My Daughter shall be known as **Tilottama Gemel** for all purpose.

**Sd/- Laxman Gemel**

**AFFIDAVIT**

**By virtue of an affidavit sworn before the Executive Magistrate, Bhubaneswar C.F. No. 116, on dated 14/07/2025, I GURUDEV SAHOO, S/o Late Sarat Kumar Sahoo resident of Village At-Gadakan Upar Sahi (Padma Bhawan), Po- Mancheswar Railway Colony, Ps- Mancheswar, Dist-Khordha, Odisha - 751017 declare that I have changed my minor son's name from AMRITANSHU SAHOO to AMRITANSU SAHOO. Henceforth, he shall be known as AMRITANSU SAHOO for all future purposes.**

**Sd- GURUDEV SAHOO**

**AFFIDAVIT**

I declare that my name is **Mumtaz Khatoon,** D/o- Mohiuddin Khan, resident of Vill- Manapur, Po- Bisanpur, Ps- Krushnanandapur, Dist- Jagatsinghpur, Odisha, my actually DOB is **07.11.2002,** but wrongly in my Aadhaar Card No- 9317 1877 1508, my name is written as **Mamataj Beggum**, D/o- Mohiuddin khan and my DOB is **2003.** Henceforth, I shall be known as **Mumtaz Khatoon,** D/o- Mohiuddin Khan and DOB- **07.11.2002** in all and everywhere in this name from now.

**Mumtaz Khatoon**

**AFFIDAVIT**

By virtue of an affidavit before the Executive Magistrate, Titilagarh, on dated- 19/07/2025. I, **Mohammad Mustakim** (new name), formerly called as **MD Mustakiam** (old name), S/o Pharuk Mohammad, permanent resident of AT- Sagarapara Prathamagali, P.O. Titilagarh, P.S. Titilagarh, Dist- Balangir, (Odisha), PIN- 767033 affirm that I have changed my name from **MD Mustakiam** (old name) To **Mohammad Mustakim** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Mohammad Mustakim** (new name).

**Mohammad Mustakim**

## ‘ସାହିତ୍ୟ ହିଁ ଦେଶ ଓ ଜାତିର ମେରୁଦଣ୍ଡ’



କେନ୍ଦ୍ରାପଡ଼ା,୨୧।୭ (ସମିସ): ମୌସୁମୀ ସାହିତ୍ୟ ଓ ସଂସ୍କୃତି ପରିଷଦ ଆନୁକୂଲ୍ୟରେ ସ୍ଥାନୀୟ ସାନ୍ଧ୍ୟ ମହାବିଦ୍ୟାଳୟ ସଭା ଗୃହରେ କବି ଡଃ ଶ୍ରୀଧର ସାମଲଙ୍କ ନୂତନ କବିତା ସଙ୍କଳନ “ନିରବତାର ସେ ପାଖରେ’ର ଉନ୍ମୋଚନ ସହ ବର୍ଷା କବିତା ଆସର ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ନନ୍ଦକିଶୋର ପରିଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସମାରୋହରେ ସମ୍ପାଦକ ଡଃ ଶ୍ରୀଧର ସାମଲ ସ୍ୱାଗତ ଭାଷଣ ଦେଇଥିବାବେଳେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ସାହିତ୍ୟିକା ବସୁନ୍ଧରାର ନିର୍ଦ୍ଦେଶିକା ରିନୀ ମହାନ୍ତି, ମୁଖ୍ୟବକ୍ତା ଭାବେ ଗୋକର୍ଣ୍ଣିକାର ସମ୍ପାଦକ ରମାକାନ୍ତ ଜେନା, ବରେଣ୍ୟ ଅତିଥି ଭାବେ ସାହିତ୍ୟିକ ଡଃ ବାସୁଦେବ ଦାସ, କବି ଅନ୍ନପୂର୍ଣ୍ଣା ମହାନ୍ତି, ସମୀକ୍ଷକ ପ୍ରକାଶ କୁମାର ମହାନ୍ତି, “ପରାଗ’ର ସମ୍ପାଦକ ବନମାଳୀ ସେନାପତି ପ୍ରମୁଖ ଯୋଗଦେଇ ସାହିତ୍ୟ ହିଁ ସମାଜର ମେରୁଦଣ୍ଡ ବୋଲି ମତବ୍ୟକ୍ତ କରିଥିଲେ। ଏ ଅବସରରେ ରିନୀ ମହାନ୍ତିଙ୍କୁ ସମାଜସେବା ଓ ସାହିତ୍ୟ କ୍ଷେତ୍ରରେ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଇଂ ଅକ୍ଷୟ କୁମାର ପାଣି ସଭା ପରିଚାଳନା କରିଥିବାବେଳେ କବିତା ଆସରକୁ କବି ପ୍ରେମାନନ୍ଦ ଖଣ୍ଡୁଆଳ ପରିଚାଳନା କରିଥିଲେ। କବି ଚାରୁଲତା ଭୂୟାଁ, ନିରୁପମା ଦାସ, ନିକୁଞ୍ଜ ପୃଷ୍ଟି କବିତା ସଂଯୋଜନା କରିଥିଲେ। କବିତା ପାଠୋତ୍ସବରେ କବି ଖଗେଶ୍ୱର ମହାନ୍ତି, ଅଜୟ ପାତ୍ର, ରଞ୍ଜନ ବାଇ, ଗୋଲାପ ରାଉତ, ଗୀତାଞ୍ଜଳି ସାହୁ, କୃଷ୍ଣଚନ୍ଦ୍ର ମହାପାତ୍ର, ପୂଜାଶ୍ରୀ ସେଠୀ, ମଞ୍ଜୁଶ୍ରୀ ବରାଳ, ଅମର ପ୍ରସାଦ ରାଉତ, ଲକ୍ଷ୍ମୀପ୍ରିୟା ମାଇତି, ସଞ୍ଜୟ କୁମାର ମଲ୍ଲିକ, ଶଶୀକାନ୍ତ ଦାସ, କବିତା ମୁଦୁଲି, ଡ. ଗିରିଜାକାନ୍ତ ଦାସ, ଅଧ୍ୟାପକ ଶିଶିରକାନ୍ତ ମହାପାତ୍ର, ମାତୃଦତ୍ତ ମହାନ୍ତି, ବଂଶୀଧର ମହାନ୍ତି, ଜ୍ୟୋତ୍ସ୍ନାମୟୀ ସୂତାର, ମମତା ସାମଲ, ପ୍ରେମାନନ୍ଦ ଜେନା ପ୍ରମୁଖ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। କବି ବୃନ୍ଦାବନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

### ଡେରାବିଶ ବ୍ଲକ୍‌ରେ ପ୍ରାଥମିକ ଶିକ୍ଷାର ବିକଳ ଚିତ୍ର

# ୩ଟି ବିଦ୍ୟାଳୟରେ ଜଣେ ଲେଖାଏଁ ଶିକ୍ଷୟିତ୍ରୀ

ପଞ୍ଚୁପାଣ୍ଡବ,୨୧।୭ (ସମିସ):



ସରକାର ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ ଅନେକ ଯୋଜନା କରୁଥିବାବେଳେ ଏଥିପାଇଁ ଶିକ୍ଷକଙ୍କୁ ତାଲିମ ପ୍ରଦାନ କରାଯାଉଛି। ବିଦ୍ୟାଳୟ ଗୃହର ଉନ୍ନତି, ପିଲାଙ୍କୁ ମଧ୍ୟାହ୍ନଭୋଜନ, ମାଗଣାରେ ପୋଷାକ ଓ ଅନ୍ୟାନ୍ୟ ଆନୁସଙ୍ଗିକ ଉନ୍ନତି ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ତେବେ ବିଦ୍ୟାଳୟରେ ଶିକ୍ଷକ ଅଭାବରୁ ପିଲାଙ୍କ ଭବିଷ୍ୟତ ଅନ୍ଧକାରକୁ ଠେଲି ଦିଆଯାଉଥିବା ଅଭିଯୋଗ ହେଉଛି। ପ୍ରାଥମିକ ଶିକ୍ଷାରେ ଏଭଳି ବିକଳଚିତ୍ର ଦେଖିବାକୁ ମିଳୁଛି ଡେରାବିଶ ବ୍ଲକରେ। ୩ଟି ବିଦ୍ୟାଳୟରେ ଜଣେ ଲେଖାଏଁ ଶିକ୍ଷୟିତ୍ରୀ ଥିବା ସାଧାରଣରେ ଅଭିଯୋଗ ହୋଇଛି।

ଡେରାବିଶ ବ୍ଲକ୍‌ର ଭଗବତୀ କ୍ଲଷ୍ଟରରେ ଥିବା ତିନୋଟି ପ୍ରାଥମିକ ବିଦ୍ୟାଳୟ ଜଣେ ଲେଖାଏଁ ଶିକ୍ଷୟିତ୍ରୀରେ ଚାଲିଛି। ଏମିତି ଦେଖିବାକୁ ମିଳୁଛି ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ରାଏତୁଣ୍ଡି ପ୍ରାଥମିକ ବିଦ୍ୟାଳୟରେ। ଏହି ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୩୫ ଜଣ ଛାତ୍ରଛାତ୍ରୀଙ୍କୁ ଶିକ୍ଷୟିତ୍ରୀ ପୂର୍ଣ୍ଣିମା ମିଶ୍ର ପାଠ ପଢ଼ାଉଥିବା ଦେଖିବାକୁ ମିଳୁଛି। ବିଦ୍ୟାଳୟରେ ଥିବା ପ୍ରଧାନଶିକ୍ଷକ ବୀରେନ୍ଦ୍ର କୁମାର ମଲ୍ଲିକ କିଛିଦିନ ପୂର୍ବେ ଆତ୍ମହତ୍ୟା କରିଛନ୍ତି। ସେହିପରି ରଘୁଦେଇପୁର ପଞ୍ଚାୟତର ଡେରାକେଶପୁର ପ୍ରାଥମିକ ବିଦ୍ୟାଳୟରେ ୨୦ ଜଣ ପିଲାଙ୍କୁ ନେଇ ଶିକ୍ଷୟିତ୍ରୀ ରଞ୍ଜିତା ଦତ୍ତ ପଢ଼ାଉଛନ୍ତି। ଏହି ବିଦ୍ୟାଳୟରେ ଦାୟିତ୍ୱରେ ଥିବା ପ୍ରଧାନଶିକ୍ଷକ ସେକ ଅବଦୁଲ ହସରତ ଗତ ଗ୍ରୀଷ୍ମ ଛୁଟିରୁ ଅନ୍ୟ ବିଦ୍ୟାଳୟରେ ଯୋଗ ଦେଇଥିବା ଶିକ୍ଷୟିତ୍ରୀ ଶ୍ରୀମତୀ ଦତ୍ତ କହିଛନ୍ତି। ଏହି କ୍ଲଷ୍ଟରର ବରେଇଲୋ ତରଜଙ୍ଗା ପ୍ରାଥମିକ ବିଦ୍ୟାଳୟରେ ପ୍ରାୟ ୩୫ ଜଣ ଛାତ୍ରଛାତ୍ରୀଙ୍କୁ ନେଇ ଶିକ୍ଷୟିତ୍ରୀ ମମତା ସାହୁ ପାଠ ପଢ଼ାଉଛନ୍ତି। ଏହି ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଚ୍ୟୁତାନନ୍ଦ ସେଠୀ ଗତ ଜୁନ ମାସରେ ଅବସର ଗ୍ରହଣ କରିଥିବା ଜଣାପଡ଼ିଛି। ଏସବୁ ବିଦ୍ୟାଳୟରେ ଜଣେ ଲେଖାଏଁ ଶିକ୍ଷୟିତ୍ରୀ ଥିବାରୁ ବିଭିନ୍ନ ପ୍ରକାରର କାଗଜପତ୍ର କାମ ସହ ଅଫିସ କାମ କରିବାକୁ ପଡୁଛି। ଏଥିପାଇଁ ପିଲାଙ୍କୁ ପାଠ ପଢ଼ାଇବାରେ ବାଧା ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି। ସ୍ଥାନୀୟ ଶିକ୍ଷା ଅଧିକାରୀ ତଥା ବିଇଓ ଶ୍ରୀକାନ୍ତ ବେହେରାଙ୍କ ପଦୋନ୍ନତି ପରେ ବଦଳି ହେବାରୁ ସ୍ଥାୟୀ ବିଇଓ ନାହାନ୍ତି। ତୁରନ୍ତ ନୂତନ ବିଇଓ ନିଯୁକ୍ତି ଦେବାକୁ ବିଭିନ୍ନ ମହଲରୁ ଦାବି କରାଯାଇଛି। ଏବେ କେନ୍ଦ୍ରାପଡ଼ା ବିଇଓ ନାରାୟଣ ପ୍ରସାଦ ମନ୍ତ୍ରୀ ଡେରାବିଶ ଶିକ୍ଷା ବିଭାଗ ଦାୟିତ୍ୱରେ ଅଛନ୍ତି। ସରକାରଙ୍କ ଖାମଖିଆଲ ନୀତି ଓ ଶିକ୍ଷା ବିଭାଗ ଅଧିକାରୀଙ୍କ ଅବହେଳା ଯୋଗୁଁ ବିଦ୍ୟାଳୟରେ ଶିକ୍ଷାଦାନ ଦୁର୍ବଳ ହେବାକୁ ଯାଉଛି। ଉପରୋକ୍ତ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷୟିତ୍ରୀ କୌଣସି କାରଣରୁ ଅନୁପସ୍ଥିତ ରହିଲେ ଶିକ୍ଷାଦାନ ସମ୍ପୂର୍ଣ୍ଣ ଠପ୍ ହୋଇ ଯାଉଥିବା ଅଭିଯୋଗ ହେଉଛି। ଏଥିପ୍ରତି ଶିକ୍ଷା ବିଭାଗର ଉଚ୍ଚ କର୍ତ୍ତୃପକ୍ଷ, ଶିକ୍ଷା ସଚିବ ଓ ଗଣଶିକ୍ଷା ମନ୍ତ୍ରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ସିଆରପିଏଫ୍ ଯବାନଙ୍କ ପରଲୋକ

ରାଜନଗର, ୨୧।୭ (ସମିସ): ରାଜନଗର ବ୍ଲକ୍ ଈଶ୍ୱରପୁର ପଞ୍ଚାୟତ ଜୁନୁସନଗର ଗ୍ରାମର ସିଆରପିଏଫ ଯବାନ ଅଲେଖ କୁମାର ପ୍ରଧାନଙ୍କ ଗତକାଲି ରାତିରେ ପରଲୋକ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୪୨ ବର୍ଷ ବୟସ ହୋଇଥିଲା। ସେ ରକ୍ତ କର୍କଟ ରୋଗରେ ପୀଡ଼ିତ ଥିଲେ। ଦୀର୍ଘ ୨୨ ବର୍ଷ ଧରି ଦେଶର ସେବା କରିଆସୁଥିଲେ। ଗତ ୪ ବର୍ଷ ଧରି ଭୁବନେଶ୍ୱରରେ କାର୍ଯ୍ୟରତ ଥିଲେ। ଗତକାଲି ତାଙ୍କର ମୃତ୍ୟୁ ପରେ ଆଜି ଭୁବନେଶ୍ୱର ସିଆପିଏଫ ପରିସରରେ ତୋପ ସଲାମୀ ଦିଆଯାଇଥିଲା। ସ୍ୱତନ୍ତ୍ର ଗାଡ଼ିରେ ତାଙ୍କ ମରଶରୀର ଜନ୍ମମାଟିକୁ ଅଣାଯାଇଥିଲା। ଗାଁ ମଶାଣିରେ ବୀର ଯବାନଙ୍କୁ ତୋପ ସଲାମୀ ଦିଆଯାଇଥିଲା। ଏହାପରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କର ପତ୍ନୀ, ଗୋଟିଏ ଝିଅ ଓ ଗୋଟିଏ ପୁଅ ଅଛନ୍ତି।

## ମୁମ୍ବାଇରେ ଓଡ଼ିଆ ପାଣି ପାଇପ ମିସ୍ତ୍ରିଙ୍କ ମୃତ୍ୟୁ

ରାଜକନିକା,୨୧।୭ (ସମିସ): ଗତକାଲି ରାତିରେ ମୁମ୍ବାଇରେ ପାଣି ପାଇପ ମିସ୍ତ୍ରି ଭାବେ କାମ କରୁଥିବା ଜଣେ ଓଡ଼ିଆ ଯୁବକଙ୍କ ମୃତ୍ୟୁ ହୋଇଛି। ରାଜକନିକା ଥାନା ଅନ୍ତର୍ଗତ ବଂଶୀରାୟପାଟଣା ଗ୍ରାମର ଯୋଗେଶ ବେହେରାଙ୍କ ସାନପୁଅ ମନୋରଞ୍ଜନ ବେହେରା (୩୦) ୬ ବର୍ଷ ଧରି ମୁମ୍ବାଇରେ ପାଣି ପାଇପ ମିସ୍ତ୍ରି ଭାବେ କାର୍ଯ୍ୟ କରିଆସୁଥିବାବେଳେ



ଗତକାଲି ଛାତ ଉପରୁ ତଳକୁ ଖସି ପଡି ମୃତ୍ୟୁବରଣ କରିଥିଲେ। ମନୋରଞ୍ଜନଙ୍କ ମୃତ୍ୟୁରେ ଗାଁରେ ଶୋକ ପ୍ରକାଶ ପାଇଛି।

## ରାମଚଣ୍ଡୀ ବିଦ୍ୟାଳୟ ପାଚେରି ନିର୍ମାଣ ଦାବି



ପଞ୍ଚୁପାଣ୍ଡବ,୨୧।୭ (ସମିସ): ଡେରାବିଶ ବ୍ଲକ୍‌ର ଛୋଟି ପଞ୍ଚାୟତ ଅନ୍ତର୍ଗତ ରାମଚଣ୍ଡୀ ନିକେତନ ବିଦ୍ୟାଳୟରେ ଦୀର୍ଘଦିନ ଧରି ପାଚେରି ଭଙ୍ଗାପଡ଼ିଛି। ଏହି ବିଦ୍ୟାଳୟର ଇଟା ପାଚେରି ପ୍ରାୟ ଦୁଇବର୍ଷ ପୂର୍ବେ ଭାଙ୍ଗିଯାଇଥିବାବେଳେ ଆଜି ପର୍ଯ୍ୟନ୍ତ କାମ ହୋଇପାରିଲାନାହିଁ। ଏବେ ଭାଙ୍ଗିଥିବା ପାଚେରିରେ ଜାଲ୍ ଘେରାଯାଇଥବା ଦେଖିବାକୁ ମିଳୁଛି। ସାମ୍ନା ପଟକୁ ଲକ୍ଷାଧିକ ଟଙ୍କାର ଗେଟ୍ ହୋଇଥିବାବେଳେ ଭଙ୍ଗା ପାଚେରି କାମ ହେଉ ନ ଥିବାରୁ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ବିଦ୍ୟାଳୟରେ ଭଙ୍ଗା ପାଚେରି କାରଣରୁ ରାତିରେ ମଦୁଆଙ୍କ ଆଡ୍ଡା ଜମୁଥିବାବେଳେ ବିଦ୍ୟାଳୟର ସୁରକ୍ଷା ପାଇଁ ଚିନ୍ତାରେ ଅଭିଭାବକ ପଡ଼ିଛନ୍ତି। ବିଦ୍ୟାଳୟ ପାଇଁ ସରକାରଙ୍କ ପକ୍ଷରୁ କୋଟି କୋଟି ଟଙ୍କା ଆସୁଥିବାବେଳେ ଏଠାକାର ପ୍ରଶାସନ ଅଧିକାରୀ ହୁଅନ୍ତୁ କି ରାଜନେତା ବିଦ୍ୟାଳୟ ପାଇଁ ଅଣଦେଖା କରୁଥିବା ଅଭିଯୋଗ ହେଉଛି। ଏହି ବିଦ୍ୟାଳୟ ପରିସରରେ ଅଙ୍ଗନବାଡି କେନ୍ଦ୍ର ରହିଥିବାବେଳେ ପ୍ରଥମରୁ ଦଶମ ଶ୍ରେଣୀ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ବିଦ୍ୟାଳୟର ପାଚେରୀ କାମ ଶୀଘ୍ର ସାରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ହରପାର୍ବତୀ ମନ୍ଦିରରେ ଜଳାଭିଷେକ ପାଇଁ ବୋଲବମ ଭକ୍ତଙ୍କ ଭିଡ଼



ପଟ୍ଟାମୁଣ୍ଡାଇ,୨୧।୭ (ସମିସ): ଶ୍ରାବଣ ମାସ ସୋମବାର ବିଭିନ୍ନ ଶୈବ ପୀଠରେ ଜଳାଭିଷେକ ପାଇଁ ବୋଲବମ ଭକ୍ତଙ୍କ ଭିଡ଼ ହୋଇଥାଏ। ସାରା ରାଜ୍ୟର ବିଭିନ୍ନ ଅଞ୍ଚଳରେ ସକାଳଠୁ ରାତ୍ର ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ବୋଲବମ ଭକ୍ତ ନୂତନ ଗେରୁଆ ବସ୍ତ୍ର ପରିଧାନ କରିବା ସହିତ କାନ୍ଧରେ ପାଣି ଭରା କଳସୀ ଧରି ଶୋଭାଯାତ୍ରାରେ ବିଭିନ୍ନ ଶୈବ ପୀଠକୁ ଯାତ୍ରା କରିଥା’ନ୍ତି। କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ବୋଲବମ ଭକ୍ତଙ୍କ ଶୋଭାଯାତ୍ରା ଓ ଶୈବ ପୀଠରେ ଜଳାବିଷେକ କରି ପ୍ରଭୁଙ୍କ ଆଶୀର୍ବାଦ ଭିକ୍ଷା କରି ମାନସିକ ପୂରଣ କରିଥା’ନ୍ତି। ଭଦ୍ରକ ଜିଲ୍ଲା ଆରଡ଼ିଠାରେ ଥିବା ଆଖଣ୍ଡଳମଣି ମନ୍ଦିରରେ ଜଳାଭିଷେକ ପାଇଁ ବୋଲବମ ଭକ୍ତଙ୍କ ଅସମ୍ଭବ ଭିଡ଼ ଲାଗିରହିଛି। କେନ୍ଦ୍ରାପଡ଼ା ଜିଲ୍ଲାର ସର୍ବପୁରାତନ ତଥା ପଟ୍ଟାମୁଣ୍ଡାଇ ଅଞ୍ଚଳର ପ୍ରସିଦ୍ଧ ଶୈବ ପୀଠ ହରପାର୍ବତୀ ମନ୍ଦିରରେ ବୋଲବମ ଭକ୍ତଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି। କେନ୍ଦ୍ରାପଡ଼ା ଜିଲ୍ଲାର ପଟ୍ଟାମୁଣ୍ଡାଇ, ଆଳି, ରାଜନଗର, ରାଜକନିକା, କେନ୍ଦ୍ରାପଡ଼ା, ମହାକାଳପଡା ବ୍ଲକ ଅଞ୍ଚଳର ଶହ ଶହ ବୋଲବମ ଭକ୍ତ ପ୍ରଭୁ ହରପାର୍ବତୀ ନିକଟରେ ଜଳାଭିଷେକ ପାଇଁ ଭିଡ଼ ଲଗାଇଥିବା ଦେଖିବାକୁ ମିଳିଛି। ମନ୍ଦିରର ମୁଖ୍ୟ ପୂଜକ କାଉନସିଲର ମୃତ୍ୟୁଞ୍ଜୟ ପାଢ଼ୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲାର ପୁରୁଷ ମହିଳା, ଯୁବକ/ଯୁବତୀ ଓ ପିଲାମାନେ ହରପାର୍ବତୀଙ୍କ ନିକଟରେ ଜଳାଭିଷେକ କରିଥିଲେ। ବୋଲବମ ଭକ୍ତଙ୍କ ଜଳାଭିଷେକ ପାଇଁ ଚନ୍ଦନନଗରସ୍ଥ ଚନ୍ଦ୍ରମଉଳି ଶୈବ ପୀଠରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ପୋଖରୀଆପଡ଼ା ହରପାର୍ବତୀ ମନ୍ଦିରର ସ୍ୱତନ୍ତ୍ର ମହିମା ଥିବାରୁ ଏଠାରେ ବୋଲବମ ଭକ୍ତଙ୍କ ଅସମ୍ଭବ ଭିଡ଼ ଦେଖିବାକୁ ମିଳିଛି।

## ଶ୍ରୀଜଗନ୍ନାଥ ମହାବିଦ୍ୟାଳୟରେ ସ୍ୱାଗତ ଉତ୍ସବ



ରାଜନଗର, ୨୧।୭ (ସମିସ): ରାଜନଗରସ୍ଥ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟରେ ଆଜି +୩ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରାଯାଇଛି। +୩ ପ୍ରଥମ ବର୍ଷର କଳା, ବାଣିଜ୍ୟ ଓ ବିଜ୍ଞାନ ଛାତ୍ରଛାତ୍ରୀଙ୍କୁ ଆଜି ତାଙ୍କର ପ୍ରଥମ ଦିବସରେ ସ୍ୱାଗତ କରାଯାଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ମେଜର ମନୋରଞ୍ଜନ ମହାନ୍ତି ଛାତ୍ରଛାତ୍ରୀଙ୍କୁ ତାଙ୍କର ପ୍ରଥମ ଦିନରେ ମହାବିଦ୍ୟାଳୟକୁ ସ୍ୱାଗତ କରିବା ସହିତ ଜାତୀୟ ଶିକ୍ଷାନୀତି -୨୦୨୦ ସମ୍ପର୍କରେ ବୁଝାଇଥିଲେ। ଏହି ସ୍ୱାଗତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ପ୍ରଶାସନିକ ମୁଖ୍ୟ ଅଧ୍ୟାପକ ପ୍ରଣୟ କୁମାର ବେହେରା, ଅଧ୍ୟାପକ ପ୍ରତାପ କୁମାର ସ୍ୱାଇଁ, ଅଧ୍ୟାପିକା ଡକ୍ଟର ମୁମୁନ ଦାସ ଯୋଗଦେଇଥିଲେ। ଅଧ୍ୟାପକ ବିଚିତ୍ରାନନ୍ଦ ପାଣି ଧନ୍ୟବାଦ ଦେଇଥିଲେ।

## ଶ୍ରୀଜଗନ୍ନାଥ ମହାବିଦ୍ୟାଳୟରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ବୈଠକ



ରାଜନଗର, ୨୧।୭ (ସମିସ): ରାଜନଗରସ୍ଥ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ଦ୍ୱିତୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ମେଜର ମନୋରଞ୍ଜନ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ ବୈଠକରେ ଉଚ୍ଚ ଶିକ୍ଷାନୁଷ୍ଠାନ ଓ କର୍ମକ୍ଷେତ୍ରରେ ହେଉଥିବା ଶାରୀରିକ, ମାନସିକ ଓ ଯୌନ ଉତ୍ପୀଡ଼ନ ସମ୍ପର୍କରେ ଆଲୋଚନା ହୋଇଥିଲା। ଏସବୁ ମାମଲାରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ଭୂମିକା ଉପରେ ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଡକ୍ଟର ପ୍ରଣତୀ ନାୟକ, ଉଦ୍ଭିଦ ବିଜ୍ଞାନ ମୁଖ୍ୟ ଅଧ୍ୟାପିକା ରାଜଶ୍ରୀ ସାମନ୍ତ, ପ୍ରାଣୀ ବିଜ୍ଞାନ ମୁଖ୍ୟ ଅଧ୍ୟାପିକା ଅନୁସୂୟା ବେହେରା, ଇଂରାଜୀ ବିଭାଗ ମୁଖ୍ୟ ଅଧ୍ୟାପକ ପର୍ଶୁରାମ ନାଥ, ଓଡ଼ିଆ ବିଭାଗ ମୁଖ୍ୟ ଅଧ୍ୟାପକ ରତ୍ନାକର ନାୟକ, ଅଧ୍ୟାପିକା ସୁଜାତା ସାହୁ, ବାଣିଜ୍ୟ ବିଭାଗ ମୁଖ୍ୟ ଅଧ୍ୟାପକ ଅଭିମନ୍ୟୁ ରାଉତ ପ୍ରମୁଖ ଆଲୋଚନା କରିଥିଲେ। ଏହି ବୈଠକରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

## ଅନିରୁଦ୍ଧ ନାୟକଙ୍କ ସ୍ମୃତିସଭା

ମାର୍ଶାଘାଇ,୨୧।୭ (ସମିସ): ମାର୍ଶାଘାଇ ବ୍ଲକ ତଳସଙ୍ଗା ପଞ୍ଚାୟତ ଅନ୍ତର୍ଗତ ଶାସନିପଡ଼ା ସିଦ୍ଧେଶ୍ୱର ହାଇସ୍କୁଲର କର୍ମଚାରୀ ଅନିରୁଦ୍ଧ ନାୟକ (୫୩)ଙ୍କ ଏକାଦଶାହରେ ଏକ ସ୍ମୃତିସଭା ଶାସନିପଡାସ୍ଥ ତାଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନବଘନ ମହାରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ମୃତିସଭାରେ ସୁରେଶ ଚନ୍ଦ୍ର ପାଣି, ମାଗୁଣି ବେହେରା, ପ୍ରଦୀପ୍ତ ଲେଙ୍କା, କ୍ଷୀରୋଦ ସେନାପତି, ଭଞ୍ଜକିଶୋର ନାୟକ, ଆଶୁତୋଷ ମହାପାତ୍ର, ସତ୍ୟାନନ୍ଦ ସାହୁ, ଭଗବାନ ସାହୁ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ନାୟକଙ୍କ ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ ନାୟକଙ୍କ ୧୯୮୮ ମାଟ୍ରିକ ବ୍ୟାଚର ବନ୍ଧୁ ଅନସୂୟା ପ୍ରଧାନ, ରିନୁବାଳା ଷଢଙ୍ଗୀ, ଗାୟତ୍ରୀ ମଙ୍ଗରାଜ, ମିନତୀ ନାୟକ, ଅମରେଶ ଜେନା, ସୁରେଶ ଜେନା, ଦିବାକର ସୂତାର, ଅତୁଲ୍ୟ ଦାସ, ନାରାୟଣ ପଟ୍ଟନାୟକ, ସୁଧୀର ନାୟକ ଓ ନାରାୟଣ ନାୟକ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## କେନ୍ଦ୍ରାପଡ଼ା କଲେଜ ନୂତନ ଅଧ୍ୟକ୍ଷଙ୍କୁ ସ୍ୱାଗତ



କେନ୍ଦ୍ରାପଡ଼ା,୨୧।୭ (ସମିସ): କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ନୂତନ ଅଧ୍ୟକ୍ଷ ଭାବେ ପ୍ରଫେସର ଶାନ୍ତନୁ କୁମାର ଜେନା ଦାୟିତ୍ୱ ଗ୍ରହଣ କରିଛନ୍ତି। ଏ ଅବସରରେ କେନ୍ଦ୍ରାପଡ଼ା ମହାବିଦ୍ୟାଳୟର ଏନସିସି ବାଳିକା ବିଭାଗର ସମସ୍ତ କ୍ୟାଡେଟ ଓ କ୍ୟାପଟେନ ସୀମା ମହାନ୍ତିଙ୍କ ସହ ମାଇଁ ଏନସିସି ଆଲୁମନି ଆସୋସିଏସନର ସମ୍ପାଦକ ଚିନ୍ମୟ କୁମାର ବିଶ୍ୱାଳ, ଶ୍ରୀକାନ୍ତ ପୋଥାଳ, ଅନୁପ କୁମାର ରାଉତ, ସେକ ରିଆଜୁଦ୍ଦିନ ଅହେମ୍ମଦଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ରହି ନୂତନ ଅଧ୍ୟକ୍ଷ ପ୍ରଫେସର ଜେନାଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି। କଲେଜର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯିବା ସହିତ ସେସବୁର ସମାଧାନ ସହ ବିଭିନ୍ନ ଗଠନମୂଳକ କାର୍ଯ୍ୟରେ ମାଇଁ ଏନସିସି ଆଲୁମନି ଆସୋସିଏସନର ସଦସ୍ୟ ଆବଶ୍ୟକ ସହଯୋଗ ନୂତନ ଅଧ୍ୟକ୍ଷଙ୍କୁ ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## କେନ୍ଦ୍ରାପଡ଼ା ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘର ସାଂଗଠନିକ ନିର୍ବାଚନ

କେନ୍ଦ୍ରାପଡ଼ା,୨୧।୭ (ସମିସ): କେନ୍ଦ୍ରାପଡ଼ା ବ୍ଲକ ଶିକ୍ଷକ ଭବନରେ ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘର ସାମ୍ବିଧାନିକ ସମ୍ମିଳନୀ ଓ ସାଂଗଠନିକ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘର ପ୍ରାକ୍ତନ ସଭାପତି ରାଜକିଶୋର ବିଶ୍ୱାଳଙ୍କ ସଭାପତିତ୍ୱରେ ସଂଘର କର୍ମକର୍ତ୍ତା ଚୟନ କରାଯାଇଥିଲା। ଏହି ଚୟନ ପ୍ରକ୍ରିୟାରେ ସଂଘର ପୂର୍ବତନ କର୍ମକର୍ତ୍ତା ଭାସ୍କର ଦାଶ, ତ୍ରୈଲୋକ ଚନ୍ଦ୍ର ମହାନ୍ତି, ସବିତା ପଣ୍ଡା, ଶୈଳବାଳା ସାମଲ, କ୍ଷେତ୍ରମଣୀ ଦେଈ ଓ ନିରୁପମା ଶତପଥୀ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସଭାପତି ଭାବେ କମଳାକାନ୍ତ ସ୍ୱାଇଁ, ଉପସଭାପତି ଭାବେ ପ୍ରଶାନ୍ତ ମହାକୁଳ, ନିରୁପମା ସେଠୀ, ସାରଦା ପ୍ରସାଦ ପରିଡା ମନୋନୀତ ହୋଇଥିବାବେଳେ ସମ୍ପାଦକ ଭାବେ ମାନଭଞ୍ଜନ ପ୍ରଧାନ, ସହସମ୍ପାଦକ ଭାବେ ଅନୀଲ ଦାଶ, କିଶୋର ଚନ୍ଦ୍ର ଜେନା, ସେକ୍ ରାଇସଉଦ୍ଦିନ୍ ମନୋନୀତ ହୋଇଥିଲେ। କୋଷାଧ୍ୟକ୍ଷ ଭାବେ ପ୍ରଭସିନୀ ପରିଡା, ସଂଗଠନ ସମ୍ପାଦକ ଭାବେ ରମାକାନ୍ତ ସ୍ୱାଇଁ, ମହେନ୍ଦ୍ର ସେଠୀ ମନୋନୀତ ହୋଇଥିବାବେଳେ ଉପଦେଷ୍ଟା ମଣ୍ଡଳୀରେ ରାଜକିଶୋର ବିଶ୍ୱାଳ, ଶୈଳବାଳା ସାମଲ, ନିରୁପମା ଶତପଥୀ, ଭାସ୍କର ଦାଶ, ତ୍ରୈଲୋକ୍ୟ ଚନ୍ଦ୍ର ମହାନ୍ତି, ପ୍ରମୋଦ କୁମାର ସିଂହ, ସବିତା ପଣ୍ଡା ଓ କ୍ଷେତ୍ରମଣୀ ଦେଈଙ୍କୁ ଚୟନ କରାଯାଇଥିଲା। ଏହି ଚୟନ ପ୍ରକ୍ରିୟାରେ କେନ୍ଦ୍ରାପଡା ବ୍ଲକ୍‌ର ୨୭ଟି ପଞ୍ଚାୟତ, କେନ୍ଦ୍ରାପଡ଼ା ପୌରପାଳିକାର ପ୍ରାଥମିକ ଶିକ୍ଷକ ଅଂଶଗ୍ରହଣ କରିଥିଲେ। ଶିକ୍ଷକ ରମାକାନ୍ତ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

**କମଳାକାନ୍ତ ସ୍ୱାଇଁ ସଭାପତି, ମାନଭଞ୍ଜନ ପ୍ରଧାନ ସମ୍ପାଦକ**

### ● ୧୦ ମାସ ଧରି ପାଉନାହାନ୍ତି ଦରମା

## ବିଡିଓଙ୍କୁ ଦାବିପତ୍ର ପ୍ରଦାନ କଲେ ରାତ୍ର ଜଗୁଆଳି

ରାଜନଗର,୨୧।୭ (ସମିସ): ରାଜନଗର ବ୍ଲକର ‘୫-ଟି’ ରୂପାନ୍ତରିତ ବିଦ୍ୟାଳୟରେ କାର୍ଯ୍ୟରତ ସୁଇପର ଓ ରାତ୍ର ଜଗୁଆଳି ଦୀର୍ଘ ୧୦ ମାସ ଧରି ଦରମା ପାଉନାହାନ୍ତି। ୧୦ ମାସ ଧରି ଦରମା ପାଉ ନ ଥିବାରୁ ପରିବାର ଉପବାସରେ ରହୁଛନ୍ତି। ଆମକୁ ଦରମା ଦିଅ ବୋଲି ଆଜି ବିଡିଓଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।



ସୂଚନା ମୁତାବକ, ୱାଚ ଆଣ୍ଡ ୱାର୍ଡ ବ୍ୟବସ୍ଥାରେ ‘୫-ଟି’ ରୂପାନ୍ତରିତ ବିଦ୍ୟାଳୟରେ ୩ ବର୍ଷ ପୂର୍ବେ ସୁଇପର ଓ ରାତ୍ର ଜଗୁଆଳି ନିଯୁକ୍ତି ଦିଆଯାଇଥିଲା। ପ୍ରତି ବିଦ୍ୟାଳୟରେ ଘର ସଫେଇ ପାଇଁ ଜଣେ ଓ ରାତ୍ର ଜଗୁଆଳି ପାଇଁ ଜଣଙ୍କୁ ନିଯୁକ୍ତି ଦିଆଯାଇଥିଲା। ସିଧାସଳଖ ଏହି ନିଯୁକ୍ତି ଦିଆ ନ ଯାଇ ସ୍ୱୟଂସହାୟକ ଗୋଷ୍ଠୀ ମାଧ୍ୟମରେ ନିଯୁକ୍ତି ଦିଆଯାଇଥିଲା। ରାଜନଗର ବ୍ଲକ୍‌ରେ ପ୍ରାୟ ୬୦ ଜଣଙ୍କୁ ନିଯୁକ୍ତି ମିଳିଥିଲା। ଗତ ଅକ୍ଟୋବର ମାସଠାରୁ ଏହି ସୁଇପର ଓ ରାତ୍ରି ଜଗୁଆଳିଙ୍କୁ ଦରମା ମିଳୁନାହିଁ। ଆଜି ‘୫-ଟି’ ରୂପାନ୍ତରିତ ବିଦ୍ୟାଳୟରେ କାର୍ଯ୍ୟରତ ସୁଇପର ଓ ରାତ୍ର ଜଗୁଆଳି ରାଜନଗର ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ବିଡିଓଙ୍କୁ ଭେଟି ଦରମା ଦେବାକୁ ନେହୁରା ହୋଇଛନ୍ତି। ୭ ଦିନ ମଧ୍ୟରେ ଦରମା ନ ମିଳିଲେ ସେମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ରାଜେଶ ମଲ୍ଲିକ, ପ୍ରେମଲତା ବିଶ୍ୱାଳ, ସାବିତ୍ରୀ ଜେନା ପ୍ରମୁଖ କହିଛନ୍ତି।

## ସାହାଣୀ କପ୍ ଫୁଟବଲ; ଖୋର୍ଦ୍ଧା ଓ କଟକ ବିଜୟୀ

ରାଜକନିକା,୨୧।୭ (ସମିସ): ରାଜକନିକା ଆଥଲେଟିକ ଆସୋସିଏସନ ଆନୁକୂଲ୍ୟରେ କେନ୍ଦ୍ରାପଡ଼ା ଜିଲ୍ଲା କ୍ରୀଡା ସଂସଦ ଓ ଫୁଟବଲ ଆସୋସିଏସନ ଅଫ ଓଡିଶା ସହଯୋଗରେ ଏଠାରେ ଚାଲିଥିବା ୬୪ତମ ସିନିୟର ଆନ୍ତଃଜିଲ୍ଲା ସାହାଣୀ କପ ଫୁଟବଲ ଟୁର୍ଣ୍ଣାମେଣ୍ଟର ଷଷ୍ଠ ଦିବସ ଖେଳ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ମ୍ୟାଚ୍ ଖୋର୍ଦ୍ଧା ଓ ପୁରୀ ମଧ୍ୟରେ ଖେଳାଯାଇଥିଲା। ଏଥିରେ ଖୋର୍ଦ୍ଧା ୫-୦ଗୋଲରେ ବିଜୟ ଲାଭ କରିଥିଲା। ମୁଖ୍ୟଅତିଥି ଭାବେ ଆସୋସିଏସନର ଉପସଭାପତି ତଥା ପଞ୍ଚାୟତ ସମିତିର ପ୍ରାକ୍ତନ ଅଧ୍ୟକ୍ଷ କପିଳେନ୍ଦ୍ର ମଲ୍ଲିକ, ସମ୍ମାନିତ ଅତିଥି ଭାବେ କାର୍ଯ୍ୟକାରୀ ସଦସ୍ୟ ବେଣୁଧର ପରିଡା, ରଙ୍ଗାଧର ବେହୁରା ଓ ଶରତ କୁମାର ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍ କଟକ ଓ ପାରାଦୀପ ମଧ୍ୟରେ ଖେଳାଯାଇଥିଲା। ଏଥିରେ କଟକ ୬-୦ ଗୋଲରେ ବିଜୟୀ ହୋଇଥିଲା। ଏହି ଖେଳରେ ମୁଖ୍ୟଅତିଥି ଭାବେ ଆସୋସିଏସନର ସଭାପତି ତଥା ପୂର୍ବତନ ବିଧାୟକ ଦୋଳଗୋବିନ୍ଦ ନାୟକ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ଉପସଭାପତି ପ୍ରଫେସର ବୈକୁଣ୍ଠ ପରିଡା, ଯୁଗ୍ମସମ୍ପାଦକ ଡ. ଫକୀର ଚନ୍ଦ୍ର ପ୍ରଧାନ, କୋଷାଧ୍ୟକ୍ଷ ଦେବେନ୍ଦ୍ର ନାୟକ, କାର୍ଯ୍ୟକାରୀ ସଦସ୍ୟ ବିଜୟ ଭୂୟାଁ ଓ ଅକ୍ଷୟ ନାଥ, ମିଡ଼ିଆ ସମ୍ପାଦକ ଅଜୟ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ଆଲୋକ ଦେହୁରୀ ଓ ଶଶୀକାନ୍ତ ଦାସିଆ ଖେଳ ପରିଚାଳନା କରିଥିଲେ।

### ଓଡ଼ିଶା ଆଦର୍ଶ ବିଦ୍ୟାଳୟକୁ ରାସ୍ତା ନିର୍ମାଣ ଦାବି

# ତହସିଲ ଅଫିସ୍ ଘେରିଲେ ଛାତ୍ରଛାତ୍ରୀ ଓ ଅଭିଭାବକ

ରାଜକନିକା,୨୧।୭ (ସମିସ):



ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଯୋଗୀକରଣ ରାସ୍ତା କାମ ଅଧାରେ ଅଟକିଛି। ବହୁବାର ଅଭିଯୋଗ କରି କିଛି ଫଳ ମିଳିନି। କାମ କରୁଥିବା ଠିକାଦାରଙ୍କ ମନମାନୀ ଓ ପ୍ରଶାସନର ଉଦାସୀନତାକୁ ଦାୟୀ କରି ଆଜି କନିକା ତହସିଲ ଅଫିସ ଘେରଉ କରିଥିଲେ ଛାତ୍ରଛାତ୍ରୀ ଓ ଅଭିଭାବକ। ତେବେ ତହସିଲଦାର ଆସନ୍ତା ୧୫ ଦିନ ମଧ୍ୟରେ ସଂଯୋଗୀକରଣ ରାସ୍ତା ସମସ୍ୟାର ସମାଧାନ କରିବାକୁ ଲିଖିତ ପ୍ରତିଶ୍ରୁତି ଦେବାରୁ ଆନ୍ଦୋଳନ ହଟିଛି।

ରାଜକନିକା ବ୍ଲକ୍‌ର ଅଚିନ୍ତାଠାରେ ନିର୍ମିତ ଆଦର୍ଶ ବିଦ୍ୟାଳୟକୁ ରାସ୍ତା ନାହିଁ। ଜଣେ ବ୍ୟକ୍ତି ଏହି ରାସ୍ତା ତାଙ୍କ ଜମିରେ ଯାଉଥିବା କହି କାମ କରାଇ ନ ଦେବା ଫଳରେ ଛାତ୍ରଛାତ୍ରୀ ବିପଜ୍ଜନକ ଅବସ୍ଥାରେ ଦୈନିକ ଯାତାୟାତ କରୁଛନ୍ତି। ଆଜି ସକାଳ ୧୦ଟା ସମୟରେ ବିଦ୍ୟାଳୟର ସମସ୍ତ ୩୦୦ ଛାତ୍ରଛାତ୍ରୀ ଓ ଅଭିଭାବକ ଏକ ଶୋଭାଯାତ୍ରାରେ ଯାଇ କନିକା ତହସିଲ ଅଫିସ ଘେରଉ କରିଥିଲେ। ପ୍ରଶାସନର ବାରମ୍ବାର ମିଥ୍ୟା ପ୍ରତିଶ୍ରୁତି ନ ଶୁଣି ଜିଦ କରିବାରୁ କନିକା ତହସିଲଦାର ଭାନୁମତୀ ମାଝୀ ଘଟଣାସ୍ଥଳକୁ ଆସି ଆସନ୍ତା ୧୫ ଦିନ ମଧ୍ୟରେ ଏହି ରାସ୍ତା କାମ ସମ୍ପୂର୍ଣ୍ଣ କରିବାକୁ ଲିଖିତ ପ୍ରତିଶ୍ରୁତି ଦେବାରୁ ଆନ୍ଦୋଳନ ପ୍ରତ୍ୟାହାର ହୋଇଥିଲା।

ରାଜକନିକା ବ୍ଲକରେ ୪ ବର୍ଷ ପୂର୍ବେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଖୋଲାଯାଇ କନିକା ସଦର ଗାର୍ଲସ ହାଇସ୍କୁଲରେ ଅସ୍ଥାୟୀ ଭାବେ ପାଠପଢା ଜାରି ରହିଥିଲା। ନିଜସ୍ୱ ବିଲଡିଂ ଥାଇ ସେଠାରେ ପାଠପଢା ହେଉ ନ ଥିବାରୁ ଅଭିଭାବକ ଏଥିପାଇଁ ଆନ୍ଦୋଳନ କରିବାରୁ ଚଳିତ ଶିକ୍ଷାବର୍ଷରୁ ନିଜସ୍ୱ ବିଲଡିଂରେ ପାଠପଢା ଆରମ୍ଭ ହୋଇଛି। ମାତ୍ର ବିଲ ମଧ୍ୟରେ ଥିବା ଏହି ସ୍କୁଲକୁ ସଂଯୋଗ କରୁଥିବା ରାସ୍ତା ପୂର୍ଣ୍ଣାଙ୍ଗ ହୋଇ ନ ଥିବାରୁ ଏହି ରାସ୍ତାରେ ପାଣି, କାଦୁଅରେ ଛାତ୍ରଛାତ୍ରୀ ଦୈନିକ ଯାତାୟାତ କରୁଛନ୍ତି। ବିଦ୍ୟାଳୟ ଓ ରାସ୍ତା ନିର୍ମାଣ କରିବାକୁ ଠିକା ପାଇଥିବା ଠିକାଦାର ଜଣକ ବିଭିନ୍ନ ଆଳଦେଖାଇ ରାସ୍ତା ନିର୍ମାଣରେ ଅଯଥା ବିଳମ୍ବ କରିଥିବାରୁ ଅଭିଭାବକ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ଅଭିଯୋଗ କରିଥିଲେ। ପରେ ଅଭିଭାବକ ବିଡିଓଙ୍କୁ ଭେଟି ଦାବିପତ୍ର ଦେଇଥିଲେ। ଗତକାଲି ଠିକାଦାର କାମ ଆରମ୍ଭ କରିଥିଲେ ହେଁ ଜଣେ ବ୍ୟକ୍ତି ନିଜ ଜମି ଦର୍ଶାଇ କାମ ବନ୍ଦ କରିଥିଲେ। ଫଳରେ ଆଜି ଛାତ୍ରଛାତ୍ରୀ ଓ ଅଭିଭାବକ ତହସିଲ ଅଫିସ ଘେରଉ କରିଥିଲେ।

# ପୂଜ୍ୟପୂଜା ସଂସଦ ପକ୍ଷରୁ ସୌମ୍ୟଶ୍ରୀଙ୍କୁ ନ୍ୟାୟ ଦାବି



**କୁଜଙ୍ଗ,୨୧।୭ (ସମିସ):** ଶାସ୍ତ୍ରରେ କୁହାଯାଇଛି ନାରୀଙ୍କୁ ସମ୍ମାନ ଓ ମର୍ଯ୍ୟାଦା ମିଳିଲେ ସେଠାରେ ଦେବତାଙ୍କ ଆବିର୍ଭୂତ ହୁଅନ୍ତି। ସେହି ଦୃଷ୍ଟିରୁ ଭାରତ ତଥା ଓଡ଼ିଶାରେ ଛୋଟ ଝିଅକୁ ଶ୍ରଦ୍ଧାରେ ମା' ମଧ କୁହାଯାଏ। ମାତ୍ର ଆଜି ସେହି ମା'ଙ୍କୁ ଶ୍ରଦ୍ଧା, ସମ୍ମାନ ବଦଳରେ ତଥାକଥିତ ଡିଗ୍ରୀଧାରୀ ପିଶାଚ ସାଜି ସର୍ବସ୍ୱ କ୍ଷତି ପହଞ୍ଚାଇବାକୁ ପଛାଉନାହିଁ ବୋଲି ଆଜି କୁଜଙ୍ଗ ପୂଜ୍ୟପୂଜା ସଂସଦ ପକ୍ଷରୁ ଜଗନ୍ନାଥ ମନ୍ଦିର ପରିସରରେ ବାଲେଶ୍ୱର ସୌମ୍ୟାଶ୍ରୀ ଘଟଣା ନେଇ ପ୍ରତିବାଦ କରିବା ସହ ସୌମ୍ୟଶ୍ରୀଙ୍କୁ ନ୍ୟାୟ ଓ ଦୋଷୀଙ୍କୁ କଠୋର ଦଣ୍ଡ ପାଇଁ ଦାବି କରାଯାଇଛି। ପୂଜ୍ୟପୂଜା ସଂସଦ ପକ୍ଷରୁ ସଭାପତି ବିଶିଷ୍ଟ ସାମ୍ୟବାଦୀ କମ୍ରେଡ୍ ବାବୁରାମ ଚୌଧୁରୀଙ୍କ ପୌରୋହିତ୍ୟରେ କୁଜଙ୍ଗ ଜଗନ୍ନାଥ ମନ୍ଦିରରେ ଆହୂତ ସମାବେଶରେ ଚାଷୀ ନେତା ନୂତନ ଚନ୍ଦ୍ର ତ୍ରିପାଠୀ, ଶିକ୍ଷାବିତ୍ ନବୀନ ପ୍ରଧାନ, ଅବସରପ୍ରାପ୍ତ ସରକାରୀ ଅଧିକାରୀ ରଜନୀକାନ୍ତ ଦାସ, ସୁଭାଷ ସାମନ୍ତରାୟ, ବୈଷ୍ଣବ ପ୍ରଧାନ, ଯୋଗେନ୍ଦ୍ର କୁମାର ଦାସ, କବି ଛବିନ୍ଦ୍ର ସାହୁ, ବୈକୁଣ୍ଠ ନାରାୟଣ ଦାସ, କବି ଗୀତା ଦାସ, ଶଶୀଭୂଷଣ ସାହୁ, ପ୍ରଫୁଲ୍ଲା କୁମାରୀ ମହାରଣା, ଚାଷୀ ନେତା ବିଭୂତି ଭୂଷଣ ଜେନା, କବି ଶଙ୍କର ଦାସ, ନଗେନ୍ଦ୍ର ସ୍ୱାଇଁ, ବିଜୟ ଖଟାଇ ପ୍ରମୁଖ ଯୋଗଦେଇ ସୌମ୍ୟାଶ୍ରୀ ନ୍ୟାୟ ପାଇଁ ସବୁ ପ୍ରକାର ଚେଷ୍ଟା କରି ବିଫଳ ହେବାରୁ ଆତ୍ମଦାହ କରି ଜୀବନ ହାରିଛି। ତାଙ୍କୁ ନ୍ୟାୟ ଦିଆଯିବା ସହ ଦୋଷୀଙ୍କୁ କଠୋର ଦଣ୍ଡ ଦେବାକୁ ଦାବି କରିଥିଲେ।

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ମିଳିତ ଜନଅଭିଯୋଗ ଶୁଣାଣି ଶିବିର

# ୬ଟି ଅଭିଯୋଗର ତ୍ୱରିତ ସମାଧାନ

**ଜଗତସିଂହପୁର,୨୧।୭ (ସମିସ)**



ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ପୂର୍ବାହ୍ନରେ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି ଜନଅଭିଯୋଗ ଶିବିରରେ ଜିଲ୍ଲାପାଳ ଜେ. ସୋନାଲ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରି ୬ଟି ଅଭିଯୋଗର ତ୍ୱରିତ ସମାଧାନ କରିଛନ୍ତି। ଆଜି ଆୟୋଜିତ ଜନଅଭିଯୋଗ ଶୁଣାଣି ଶିବିରରେ ୧୨୪ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କିତ ୧୧୫ଟି ଓ ଗୋଷ୍ଠୀଗତ ସମସ୍ୟା/ଗ୍ରାମ୍ୟ ସମସ୍ୟା ସମ୍ପର୍କିତ ୯ ଟି ଅଭିଯୋଗ ଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ରାସନ କାର୍ଡ ସମସ୍ୟା ସମ୍ପର୍କିତ ୪ଟି, ଆବାସ ଯୋଜନା ସମ୍ପର୍କିତ ୧୭ଟି, ଜମିଜମା ସମସ୍ୟା ସମ୍ପର୍କିତ ୩୪ଟି, ଭତ୍ତା ପାଇବା ପାଇଁ ୬ଟି, ପୁଲିସ ସହାୟତା ପାଇଁ ୩ଟି, ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠି ସହାୟତା ପାଇଁ ୧ଟି, ରେଡ୍‌କ୍ରସ ସମସ୍ୟା ସମ୍ପର୍କିତ ୧ଟି ଓ ଅନ୍ୟାନ୍ୟ ୪୩ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ଏଥିରୁ ୬ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ରବିନାରାୟଣ ଜେଠୀ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସତ୍ୟବ୍ରତ ଦାଶ, ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ ଓ ବ୍ଲକ୍‌ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

# ବିଦ୍ୟୁତ୍ ଆଘାତରେ ୪ ମଇଁଷି ମୃତ

**ନାଉଗାଁ,୨୧।୭ (ସମିସ):** ନାଉଗାଁ ବ୍ଲକ୍‌ର ଗଜରାଜପୁର ପଞ୍ଚାୟତ ମଠସାହିଠାରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଉକ୍ତ ଗ୍ରାମର ମାଧ ଦାସ ମଇଁଷି ପାଳନ କରି ଜୀବିକା ନିର୍ବାହ କରିଆସୁଥିଲେ। ୨୦ ତାରିଖ ସନ୍ଧ୍ୟାରେ ମଇଁଷି ଚରାଇ ଘରକୁ ଫେରୁଥିବା ସମୟରେ ଏକ ଏଲ୍‌ଆଇ ପଏଣ୍ଟ ନିକଟରେ ଥିବା ଖୋଲା ପଡିଥିବା ଇଲେକ୍ଟ୍ରି ସବ୍ ଷ୍ଟେସନ ନିକଟରେ ବିଦ୍ୟୁତ ଆଘାତ ଲାଗି ୪ଟି ମଇଁଷି ମୃତ୍ୟୁବରଣ କରିଥିଲେ। ମୃତ ମଇଁଷିର ମୂଲ୍ୟ ୪ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ। ମଇଁଷି ପାଳକ ମାଧ ଦାସଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ସମାଜସେବୀ ମନୋଜ ଦାସ ଦାବି କରିଛନ୍ତି। ଘଟଣାସ୍ଥଳରେ ଆର୍‌ଆଇ ଓ ରାଜସ୍ୱ ବିଭାଗର ଅଧିକାରୀ, ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ପହଞ୍ଚି ଘଟଣା ଅନୁଧ୍ୟାନ କରିବା ସହିତ ମାଧ ଦାସଙ୍କୁ ସରକାରୀ ସହାୟତା ନେଇ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

# ଝଙ୍କଡ଼ ସାହିତ୍ୟ ସଂସଦର ସ୍ୱନକ୍ଷତ୍ର ଉତ୍ସବ



**ତିର୍ତ୍ତୋଲ,୨୧।୭ (ସମିସ):** ଝଙ୍କଡ଼ ସାହିତ୍ୟ ସଂସଦର ସ୍ୱନକ୍ଷତ୍ର ଉତ୍ସବ ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ତେନ୍ତୁଳିପଦା ଆଖଣ୍ଡଳେଶ୍ୱର ମନ୍ଦିର ପ୍ରାଙ୍ଗଣରେ ପ୍ରତିଷ୍ଠାତା ସମ୍ପାଦକ ଗୋଲକ ବିହାରୀ ପଳାଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାପିକା ଡଃ ବିଷ୍ଣୁପ୍ରିୟା ଦାସ ଯୋଗଦେଇ ଝଙ୍କଡ଼ ସାହିତ୍ୟ ସଂସଦ ଗ୍ରାମାଞ୍ଚଳରେ ଓଡ଼ିଶା ଭାଷା ସାହିତ୍ୟର ସୁରକ୍ଷା ଓ ପ୍ରଚାର ପ୍ରସାର କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ସଂସଦର କୋଷାଧ୍ୟକ୍ଷ ଝୁଲରାମ୍ ଦାସ, ପ୍ରାବନ୍ଧିକ ରାଧାମୋହନ ପରିଜା, କବୟିତ୍ରୀ ସବିତା ନାୟକ, ଅଞ୍ଜନା ମହାନ୍ତି, ଅଧ୍ୟାପିକା ରାଜଶ୍ରୀ ସ୍ୱାଇଁ ଯୋଗଦାନ କରି ସଂସଦର ବିଗତ ବର୍ଷର କାର୍ଯ୍ୟାବଳୀ ଓ ଉପଲବ୍ଧିର ସ୍ମୃତିଚାରଣ କରିଥିଲେ। ସଂଗଠନ ସମ୍ପାଦକ ପଣ୍ଡିତ ବାସବ ନନ୍ଦ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଶିକ୍ଷାବିତ୍ ରବିନାରାୟଣ ପଣ୍ଡା, ପ୍ରଭାତ ପରିଜା, ଆଶିଷ ପରିଜା, ଶ୍ରଦ୍ଧାଞ୍ଜଳି ଦାସ, ବିକାଶ ପରିଜା, ଅଶୋକ ଲେଙ୍କା, ଦିଗମ୍ବର ରାଉତ, ସନ୍ତୋଷ ଦାସ, ପବିତ୍ର ଦାଶଙ୍କ ସମେତ ସଂସଦର ବହୁ ସଭ୍ୟ ଯୋଗ ଦେଇଥିଲେ। ଉପଦେଷ୍ଟା ନିତ୍ୟାନନ୍ଦ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

**● ଚାଳକଙ୍କ ବେପରୁଆ ଗାଡ଼ି ଚାଳନା**

# ଫଳ ଦୋକାନକୁ ମାଡ଼ିଗଲା ବସ୍; ବର୍ତ୍ତିଲେ ଯାତ୍ରୀ

**ରଘୁନାଥପୁର,୨୧।୭ (ସମିସ):** ରଘୁନାଥପୁର ଥାନା ଅନ୍ତର୍ଗତ କଟକ-ପାରାଦୀପ ରାସ୍ତାର ତାରପୁର ବାଇପାସ ନିକଟରେ ଭାରସ୍ୟାମ ହରାଇ ଏକ ଯାତ୍ରୀବାହୀ ବସ ଫଳ ଦୋକାନ ଭିତରକୁ ପଶିଯାଇଛି। ଦୋକାନର ସମ୍ମୁଖ ଭାଗ ଭାଙ୍ଗିରୁଜି ଯାଇଥିବାବେଳେ ସୌଭାଗ୍ୟବଶତଃ ରକ୍ଷା ପାଇଯାଇଛନ୍ତି ଯାତ୍ରୀ। ବସର ଆଗ କାଚ ସହ କିଛି ଅଂଶ କ୍ଷତିଗ୍ରସ୍ତ ହୋଇଥିବାବେଳେ ବାଲିରେ ଧସି ଯାଇ ବସ୍‌ଟି ରହିଯାଇଥିଲା। ଗ୍ରୀନ୍ ଇଣ୍ଡିଆ ନାମକ ଏକ ଘରୋଇ ବସ୍ ତିର୍ତ୍ତୋଲ ଥାନା ଶଙ୍ଖେଶ୍ୱରରୁ ତାରପୁର ବାଇପାସ ଦେଇ କଟକ ଅଭିମୁଖେ ଯାଉଥିବାବେଳେ ଦୁର୍ଘଟଣା ଘଟାଇଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ ବସ୍ ଚାଳକ ଦ୍ରୁତଗତିରେ ଆସି ବାଇପାସଠାରେ ଡାହାଣ ପାର୍ଶ୍ୱକୁ ଟର୍ଣ୍ଣ କାଟୁଥିବାବେଳେ ଭାରସ୍ୟାମ ହରାଇ ଫଳ ଦୋକାନ ସମ୍ମୁଖକୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ବସ୍‌ରେ ଥିବା ପ୍ରାୟ ୪୫ ଜଣ ଯାତ୍ରୀଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୬ ଜଣ ସାମାନ୍ୟ ଆହତ ହୋଇ ରଘୁନାଥପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ତାରପୁର ବାଇପାସଠାରୁ ତାରପୁର ପୁରୁଣା ବଜାର ପର୍ଯ୍ୟନ୍ତ ବହୁ ସଂଖ୍ୟାରେ ଯାନବାହନ ଚଳାଚଳ କରୁଥିବାରୁ ବହୁ ସମୟରେ ଦୁର୍ଘଟଣା ଘଟୁଛି। ଗତ ଜୁନ୍ ୧୯ ତାରିଖରେ ଏକ ପିକଅପ ଭ୍ୟାନ୍ ୨ଜଣ ମହିଳାଙ୍କୁ ଧକ୍କା ଦେଇଥିଲା। ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଅନ୍ୟଜଣେ ଚିକିତ୍ସାଧୀନ ଅବସ୍ଥାରେ ଅଛନ୍ତି।




# ମହିଳା ଯୌନ ନିର୍ଯାତନା ସମ୍ପର୍କିତ ସଚେତନତା




**ଜଗତସିଂହପୁର,୨୧।୭ (ସମିସ):** ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ କର୍ମକ୍ଷେତ୍ରରେ ମହିଳା ଯୌନ ନିର୍ଯାତନା ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ କାଡୁଆପଡାସ୍ଥ ଗାଦିବ୍ରହ୍ମ ମହିଳା ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ, ଆଇସିସି କମିଟିର ଅଧ୍ୟକ୍ଷା, ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରୀ ଉପସ୍ଥିତ ଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ଅତିଥି ପରିଚୟ ପ୍ରଦାନ କରିଥିଲେ। ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ତାଙ୍କ ବକ୍ତବ୍ୟରେ କହିଥିଲେ, କର୍ମକ୍ଷେତ୍ରରେ ମହିଳାଙ୍କ ଯୌନ ନିର୍ଯାତନା (ନିବାରଣ, ନିଷେଧ ଓ ପ୍ରତିକାର) ଆଇନ-୨୦୧୩ ଅନୁଯାୟୀ ଯଦି କୌଣସି ଉପରସ୍ଥ ଅଧିକାରୀ ଅଧୀନସ୍ଥ ମହିଳା କର୍ମଚାରୀଙ୍କୁ ଯୌନ ନିର୍ଯାତନ ଦିଅନ୍ତି, ତେବେ ଏହି ଆଇନ ଅନୁଯାୟୀ ଦଣ୍ଡିତ ହେବେ। ସାଧାରଣତଃ ମହିଳା କର୍ମଚାରୀ କର୍ମକ୍ଷେତ୍ରରେ ଯୌନ ନିର୍ଯାତନାର ଶିକାର ହେଇଥା'ନ୍ତି। ଉପରସ୍ଥ ଅଧିକାରୀ ଅଧୀନସ୍ଥ ମହିଳା କର୍ମଚାରୀଙ୍କୁ ନିଯୁକ୍ତି, ଦରମା ବୃଦ୍ଧି, ପଦୋନ୍ନତି, ବଦଳି, ଚାକିରି ସ୍ଥାୟୀ କରିବା ଭଳି ମିଥ୍ୟା ପ୍ରଲୋଭନ ଦେଖାଇ ଯୌନ ନିର୍ଯାତନା ଦେଇଥା'ନ୍ତି । ମହିଳାମାନେ ଏହି ମିଥ୍ୟା ପ୍ରଲୋଭନରେ ବଶିଭୂତ ହୋଇ ନିର୍ଯାତନାର ଶିକାର ହୁଅନ୍ତି। ଆତ୍ମବିଶ୍ୱାସର ଅଭାବ ଓ ଲଜ୍ଜା ହେତୁ ମହିଳାମାନେ ଯୌନ ନିର୍ଯାତନାର ଘଟଣାକୁ ରିପୋର୍ଟ କରିବାକୁ ଅନିଚ୍ଛୁକ ହୁଅନ୍ତି। ଏଥିପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ସମସ୍ତ କାର୍ଯ୍ୟାଳୟରେ ଅଭିଯୋଗ କମିଟି ଗଠନ କରାଯାଇଛି। ଯେଉଁ କାର୍ଯ୍ୟାଳୟରେ ୧୦ରୁ କମ୍ ମହିଳା କର୍ମଚାରୀ କାର୍ଯ୍ୟ କରନ୍ତି, ସେଠାରେ ଆଞ୍ଚଳିକ ଅଭିଯୋଗ କମିଟି ଓ ୧୦ରୁ ଅଧିକ କର୍ମଚାରୀଙ୍କ କ୍ଷେତ୍ରରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଗଠନ କରାଯାଏ। ମହିଳା କର୍ମଚାରୀ ଉକ୍ତ କମିଟିରେ ତାଙ୍କ ଅଭିଯୋଗ ଦାଖଲ କରିପାରିବେ। ଏହି କମିଟି ମାଧ୍ୟମରେ ଅଭିଯୋଗର ତଦନ୍ତ କରି ଦୋଷୀ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯାଇପାରିବ। ଯଦି କୌଣସି ମହିଳା କର୍ମଚାରୀ ଯୌନ ନିର୍ଯାତନାର ଶିକାର ହୁଅନ୍ତି, ତେବେ ଆଭ୍ୟନ୍ତରୀଣ ଅଭିଯୋଗ କମିଟିରେ ଅଭିଯୋଗ କରିବା ପାଇଁ ସଚିବ ସଚେତନ କରାଇଥିଲେ। ବରିଷ୍ଠ ଅଧ୍ୟାପକ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲା ହିସାବରକ୍ଷକ, ଡାଟା ଏଣ୍ଟ୍ରି ଅପରେଟର ସଂଘ ଗଠିତ



**ଜଗତସିଂହପୁର,୨୦।୭ (ସମିସ):** ଜଗତସିଂହପୁର ଜିଲ୍ଲାର ପଞ୍ଚାୟତମାନଙ୍କରେ କାର୍ଯ୍ୟରତ ହିସାବରକ୍ଷକ ଓ ଡାଟା ଏଣ୍ଟ୍ରି ଅପରେଟର (ଏଡିଇଓ)ଙ୍କ ଜିଲ୍ଲାସ୍ତରୀୟ ସଂଘ ଗଠନ କରାଯାଇଛି। ଏଥିସହ ସଂଗଠନର କାର୍ଯ୍ୟକର୍ତ୍ତା ମନୋନୟନ କରାଯାଇଛି। ଜଗତସିଂହପୁର ଜିଲ୍ଲାର ରଘୁନାଥପୁର ବ୍ଲକ୍ ଅନ୍ତର୍ଗତ କେରେକେରାସ୍ଥ ବାବା ଗୋରେଖନାଥଙ୍କ ପୀଠରେ ୮ଟି ବ୍ଲକ୍‌ର କର୍ମଚାରୀଙ୍କ ଦ୍ୱାରା ଆୟୋଜିତ ବୈଠକରେ ଜିଲ୍ଲା ସଂଗଠନର କାର୍ଯ୍ୟକର୍ତ୍ତା ମନୋନୟନ କରାଯାଇଛି। ଉପଦେଷ୍ଟା ସୁକାନ୍ତ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ସାଂଗଠନିକ ପ୍ରକ୍ରିୟା ସମ୍ପର୍କରେ ଆଲୋଚନା କରାଯାଇ ସଭାପତି ଭାବେ ବିକ୍ରମ ବଲ୍ଲଭ ରାଉତଙ୍କୁ ମନୋନୀତ କରାଯାଇଥିଲା। ସେହିପରି କୃପାସାଗର ଚରଣ ନାୟକ (ସମ୍ପାଦକ), ସତ୍ୟଜୀବନ ବିଶ୍ୱାଳ (ଉପସଭାପତି), ସୁରେଶ ମହାପାତ୍ର (ଯୁଗ୍ମ ଉପସଭାପତି), ଚନ୍ଦନ କୁମାର ସ୍ୱାଇଁ ଓ ସୌମ୍ୟରଞ୍ଜନ ମିଶ୍ର (ସହସମ୍ପାଦକ) ଏବଂ ସୁମନ୍ତ କୁମାର ନାୟକଙ୍କୁ କୋଷାଧ୍ୟକ୍ଷ ଭାବେ ସର୍ବସମ୍ମତି କ୍ରମେ ମନୋନୟନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ନିହାର ରଞ୍ଜନ ଦାସ, ଶାରଦା ପ୍ରସାଦ ନାୟକ, ପ୍ରୀତିରଞ୍ଜନ ସାହୁ, ସୁଧାଂଶୁ ଶେଖର ରାଉତରାୟ, ଅରବିନ୍ଦ ସ୍ୱାଇଁ, ସଂଜିତ ସ୍ୱାଇଁ, ସଂଗ୍ରାମ କେଶରୀ ବେହେରା ପ୍ରମୁଖ କୋର୍ କମିଟିରେ ସ୍ଥାନ ପାଇଛନ୍ତି।

# ଶ୍ରୀଜଗନ୍ନାଥ ଉଚ୍ଚବିଦ୍ୟାଳୟରେ ଚାରାରୋପଣ

**ନାଉଗାଁ,୨୧।୭ (ସମିସ):** ପରିବେଶ ସନ୍ତୁଳନ ପାଇଁ ରାଜ୍ୟବ୍ୟାପୀ ଚାରାରୋପଣ କାର୍ଯ୍ୟକ୍ରମ ଚାଲୁ ରହିଛି। ନାଉଗାଁ ବ୍ଲକ୍ ଅନ୍ତର୍ଗତ ଶ୍ରୀଜଗନ୍ନାଥ ଉଚ୍ଚବିଦ୍ୟାଳୟରେ ବ୍ଲକ୍‌ସ୍ତରୀୟ ବନ ମହୋତ୍ସବ ବ୍ଲକ ଶିକ୍ଷାଧିକାରୀ ଉମେଶ ଚନ୍ଦ୍ର ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପମିତ୍ରା ମହାନ୍ତିଙ୍କ ସମେତ ଘୋଡାଂଶ ସରପଞ୍ଚ ନିହାର ରଞ୍ଜନ ବସ୍ତିଆ, ସଭ୍ୟ ତରୁଣକାନ୍ତ ବାରିକ, ଅବସରପ୍ରାପ୍ତ ସାମରିକ ଅଧିକାରୀ ଗୁନ ଚରଣ ଦାସ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁଚିତ୍ରା ଦାସ, ୱାର୍ଡସଭ୍ୟା ସୁମିତ୍ରା ସାହୁ, ପଞ୍ଚାୟତ ବାଣୀପୀଠ କ୍ଲଷ୍ଟର ସଂଯୋଜକ ଅକ୍ଷୟ ରାଉତ, ଇକୋ କ୍ଲବ୍ ଶିକ୍ଷକ ହିମାଂଶୁ ମହାନ୍ତି, ଅନନ୍ତ ଗୋଛାୟତ ଓ ସଂଘମିତ୍ରା ନାୟକ ପ୍ରମୁଖ ଉପସ୍ଥିତ ରହି ଆମ୍ବ, ବଉଳ, ନିମ୍ବ, ପଣସ ସହିତ ବିଭିନ୍ନ ଔଷଧୀୟ ବୃକ୍ଷ ଚାରା ରୋପଣ କରିଥିଲେ। ବୃକ୍ଷ ବଞ୍ଚିଲେ ସମାଜ ବଞ୍ଚିବ ବୋଲି ବିଇଓଙ୍କ ସମେତ ଅତିଥିମାନେ ମତବ୍ୟକ୍ତ କରିଥିଲେ। କାଳୀଦାସ ଉପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ କାବେରୀ ଷଡ଼ଙ୍ଗୀ, ସ୍ୱାଗତିକା ମୁଦୁଲି, ସୁଜାତା ପୃଷ୍ଟି, ସୌଭାଗ୍ୟ ରଞ୍ଜନ ଦାସ ଓ ଉଭୟ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।



# ସରକାରୀ ବାଳିକା ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ଚାରାରୋପଣ କାର୍ଯ୍ୟକ୍ରମ



**ଜଗତସିଂହପୁର,୨୧।୭ (ସମିସ):** ଜଗତସିଂହପୁର ପୌରାଞ୍ଚଳ ଅନ୍ତର୍ଗତ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟରେ ଆଜି ଅପରାହ୍ନରେ ଜିଲ୍ଲାସ୍ତରୀୟ ମେଗା ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ପରିବେଶ ବିଭାଗର ମା' ପାଇଁ ଗଛଟିଏ ଅଭିଯାନ ଓ ଇକୋ କ୍ଲବ ଫର ମିସନ ଲାଇଫ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିସରରେ ବ୍ୟାପକ ବୃକ୍ଷରୋପଣ କରାଯାଇଥିଲା। ଜିଲ୍ଲା ଶିକ୍ଷାଧିକାରୀ ନିରଞ୍ଜନ ବେହେରା, ବିଦ୍ୟାଳୟର ପ୍ରଧାନଶିକ୍ଷକ ମିହିର ପାଲ୍ ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସରୋଜ ଭୋଇ , ଶିକ୍ଷକ ଶିକ୍ଷୟିତ୍ରୀ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରିଥିଲେ। ଏଥିସହ ୩୦୦ ଗଛ ଚାରା ଛାତ୍ରୀଙ୍କୁ ବଣ୍ଟନ କରାଯାଇଥିଲା। ମାଆଙ୍କୁ ସାଙ୍ଗରେ ଧରି ବୃକ୍ଷରୋପଣ କରିବାକୁ ଜିଲ୍ଲା ଶିକ୍ଷା ଅଧିକାରୀ ପିଲାଙ୍କୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ବିଜୟାଲକ୍ଷ୍ମୀ ଦାସ, ସୁପ୍ରିୟା ପ୍ରିୟଦର୍ଶନୀ, ସିପ୍ରା ଦାସ, ଶୁଭଶ୍ରୀ ରାଉତ, ମିଲି ଦାସ ପ୍ରମୁଖ ସହଯୋଗ କରିଥିଲେ।

# ରେଭେନ୍ସା ସମାବର୍ତ୍ତନ ଉତ୍ସବରେ ପ୍ରତିଭା ରାଉତ ସମ୍ମାନିତ



**ରାଜକନିକା,୨୧।୭ (ସମିସ):** କଟକ ରେଭେନ୍ସା ସ୍ୱୟଂଶାସିତ ମହାବିଦ୍ୟାଳୟ ସମାବର୍ତ୍ତନ ଉତ୍ସବରେ କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ବ୍ଲକର ତ୍ରୈଲୋକ୍ୟପୁର ପଞ୍ଚାୟତ ଆୟତନ ଗ୍ରାମର ପ୍ରତିଭା ରାଉତ ସମ୍ମାନିତ ହୋଇଛନ୍ତି। ୨୦୨୩-୨୪ ଶିକ୍ଷାବର୍ଷରେ ରେଭେନ୍ସାରେ କେମେଷ୍ଟ୍ରୀରେ ପିଜି କରି ଶତକଡ଼ା ୯୦.୧୫ ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି। ସମାବର୍ତ୍ତନ ଉତ୍ସବରେ ମୁଖ୍ୟଅତିଥି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କୁ ସ୍ୱର୍ଣ୍ଣପଦକ ପ୍ରଦାନ କରି ପୁରସ୍କୃତ କରିଛନ୍ତି। ବର୍ତ୍ତମାନ କଟକ-୧ କେନ୍ଦ୍ରୀୟ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ ପ୍ରତିଭାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି।

**● ସଦର ମହକୁମାରେ ବ୍ଲକ୍‌ସ୍ତରୀୟ କାର୍ଯ୍ୟାଳୟ ସ୍ଥାପନ ଦାବି**

# ଆନ୍ଦୋଳନ ପାଇଁ ଚାଲିଛି ପ୍ରସ୍ତୁତି

**କୁଜଙ୍ଗ,୨୧।୭ (ସମିସ):** କୁଜଙ୍ଗ କେବଳ ଜିଲ୍ଲାର ନୁହେଁ, ରାଜ୍ୟ ପ୍ରଗତିର ପ୍ରମୁଖ ସାଧନ ପାରାଦୀପ ବନ୍ଦରର ମୁଖଶାଳା। ଏହି ବ୍ଲକର ସଦର ମହକୁମାରରେ ଦୁଇ ବ୍ଲକସ୍ତରୀୟ କାର୍ଯ୍ୟାଳୟ ଅଦ୍ୟାବଧି କାର୍ଯ୍ୟ କରୁନାହିଁ। ତେଣୁ ସଦର ମହକୁମାରେ ବ୍ଲକ୍‌ସ୍ତରୀୟ କାର୍ଯ୍ୟାଳୟ ସ୍ଥାପନ କରାଯିବାକୁ କୁଜଙ୍ଗବାସୀ ଆନ୍ଦୋଳନ କରିବାକୁ ଓହ୍ଲାଇବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ପ୍ରସ୍ତୁତି ଚାଲିଛି। ଆସନ୍ତା ୨୯ ତାରିଖରେ କୁଜଙ୍ଗ ଆଥଲେଟିକ୍ କ୍ଲବ୍‌ରେ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେବ। କୁଜଙ୍ଗ ଚକବନ୍ଦୀ କାର୍ଯ୍ୟାଳୟ ଜିଲ୍ଲା ସଦର ମହକୁମା ଓ କୁଜଙ୍ଗ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ବ୍ଲକ ପ୍ରଶାସନିକ କେନ୍ଦ୍ରଠାରୁ ୧୦ କିମି ଦୂର ପଙ୍କପାଳଠାରେ କାର୍ଯ୍ୟ କରୁଛି। ଫଳରେ କୁଜଙ୍ଗର ସାଧାରଣ ଜନତା ବିଭିନ୍ନ ସମୟରେ ବହୁ ସମସ୍ୟା ଭୋଗିବା ସହ ଅଯଥା ଅର୍ଥ ଓ ସମୟ ବରବାଦ କରୁଛନ୍ତି। ବ୍ଲକ ପ୍ରଶାସନର ଅନ୍ତୁଆଳରେ ରହୁଥିବାରୁ ବିଇଓ କାର୍ଯ୍ୟାଳୟ ଭଳି କେତକ କାର୍ଯ୍ୟାଳୟ ଭିଜିଲାନ୍ସ ଅଧିକାରୀଙ୍କ ନଜର ରହିଛି। ପୂର୍ବରୁ କୁଜଙ୍ଗ ଆଥଲେଟିକ୍ କ୍ଲବର ବିକାଶ ପାଇଁ ବହୁ ଦୁର୍ବାର ଆନ୍ଦୋଳନ କରି ସଫଳ ହୋଇଥିବାବେଳେ ଏବେ ଏହି ଦୁଇ କାର୍ଯ୍ୟାଳୟ କୁଜଙ୍ଗରେ ପ୍ରତିଷ୍ଠା ପାଇଁ ବହୁବାର ଦାବି କରିଆସିଛି ବୋଲି କୁଜଙ୍ଗ ଓକିଲ ସଂଘର ସଭାପତି ତଥା ଆଥଲେଟିକ୍ କ୍ଲବ୍‌ର ଏଏନ୍‌ଡି ଯାଦବ କହିଛନ୍ତି। ଏହି ମର୍ମରେ ଆସନ୍ତା ୨୯ରେ ଅପରାହ୍ନ ୪ଟାରେ କୁଜଙ୍ଗ ଆଥେଲେଟିକ୍ କ୍ଲବରେ ଏକ ପୂର୍ଣ୍ଣାଙ୍ଗ ପ୍ରସ୍ତୁତି ବୈଠକ ହେବ । ଏହି ଦାବି ପାଇଁ ଆନ୍ଦୋଳନର ରୂପରେଖ ତିଆରି ହେବ ବୋଲି ସୂଚନା ମିଳିଛି। ଏ ନେଇ ଶ୍ରୀ ଯାଦବଙ୍କ ସହ ଓକିଲ ସଂଘର ସମ୍ପାଦକ ମାନସ କୁମାର ରାଉତ, ଆଥଲେଟିକ୍ କ୍ଲବ ସଭାପତି ଦିଲ୍ଲୀପ କୁମାର ସାହୁ, ସମ୍ପାଦକ ରଜନୀକାନ୍ତ ଗୁରୁ, ଲୋକପ୍ରିୟ ଭେଷଜ ବିଶେଷଜ୍ଞ ଡାକ୍ତର ରବିନାରାୟଣ ବେହେରା, ଗଣସଂଗଠକ କମ୍ରେଡ ବାବୁରାମ ଚୌଧୁରୀ, କୁଜଙ୍ଗ ବରିଷ୍ଠ ନାଗରିକ ମଞ୍ଚର କୋଷାଧ୍ୟକ୍ଷ ରଜନୀକାନ୍ତ ଗୁରୁ, ଶିକ୍ଷାବିତ୍ ଅନଙ୍ଗ ମହାପାତ୍ର, ସୁଭାଷ ସାମନ୍ତରାୟ, ନବୀନ ପ୍ରଧାନ, ଶରତ ଚନ୍ଦ୍ର ସାମନ୍ତରା, ଚାଷୀ ନେତା ନୂତନ ତ୍ରିପାଠୀ ତୁରନ୍ତ ଏହି ଦୁଇ କାର୍ଯ୍ୟାଳୟ ସ୍ଥାପନ କରା ନ ଗଲେ ଦୁର୍ବାର ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଛନ୍ତି।

# ଧାନକୁଦ ଜଗନ୍ନାଥ ମନ୍ଦିର ସେବାୟତ ଅଶୋକ ଜେନାଙ୍କ ପରଲୋକ



**ବିରିଡ଼ି, ୨୧।୭ (ସମିସ):** ବିରିଡ଼ି ବ୍ଲକ ହାଜିପୁର ଗ୍ରାମର ବରିଷ୍ଠ ବିଜେଡି କର୍ମୀ ତଥା ଧାନକୁଦ ଜଗନ୍ନାଥ ମନ୍ଦିରର ବରିଷ୍ଠ ଦଇତାପତି ସେବାୟତ ଅଶୋକ କୁମାର ଜେନାଙ୍କ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୬୫ ବର୍ଷ ବୟସ ହୋଇଥିଲା। ସେ ଜଣେ ଅମାୟିକ, ନିଷ୍ଠାବାନ, ଧର୍ମପରାୟଣ ଓ ପରୋପକାରୀ ବ୍ୟକ୍ତି ଥିଲେ। ଧାନକୁଦଠାରେ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ହେବା ଦିନଠାରୁ ଆଜି ପର୍ଯ୍ୟନ୍ତ ଜଗନ୍ନାଥଙ୍କ ପରମ ଭକ୍ତ ଭାବେ ସେବା କରିଆସୁଥିଲେ। ତାଙ୍କ ପରଲୋକରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଧାନକୁଦ ପୀଠଧୀଶ ବାବା ଅରକ୍ଷିତ ଦାସମହାରାଜ, ଜଗନ୍ନାଥ ମନ୍ଦିର ରାଜା ପ୍ରମୋଦ କୁମାର ନନ୍ଦୀ, ବିଶ୍ୱବାସୁ ବିଭୁଦତ୍ତ ସାହୁ, ମୁଦିରସ୍ତ ବିଜୟ କୁମାର ମିଶ୍ର, ପାଟରାଜା ପ୍ରଭାତ ନନ୍ଦୀ, ପରେଶ ନନ୍ଦୀ, ବାମଦେବ ସ୍ୱାଇଁ, ତୀର୍ଥାନନ୍ଦ ଦାସଙ୍କ ସମେତ ସମସ୍ତ ଦଇତାପତି ସେବାୟତ ତାଙ୍କ ହାଜିପୁରସ୍ଥ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତାଙ୍କ ମରାଶରୀରକୁ ଶୋଭାଯାତ୍ରାରେ ଗାଁ ପରିକ୍ରମା କରାଯିବା ପରେ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

## ବିଜେଡି ସରକାରଙ୍କ ଘୋଷଣାକୁ ମାନିଲେନି ବିଜେପି ସରକାର

# ଭୂ-ବନ୍ଦୋବସ୍ତ ଆଶା ଆଶାରେ ରହିଲା

**ପାରାଦୀପ, ୨୧।୭ (ସମିସ)**



**୮ ଦିନ ମଧ୍ୟରେ ନିଷ୍ପତ୍ତି ନ ନେଲେ ଆନ୍ଦୋଳନ**

ବିଜେଡି ସରକାର ଘୋଷଣା କଲେ, କାର୍ଯ୍ୟ ମଧ ଆରମ୍ଭ ହେଲା। ମାତ୍ର ଲୋକଙ୍କ ସରକାର ଲୋକଙ୍କ ଦୀର୍ଘଦିନର ସଂଘର୍ଷ ଓ ଆଶାକୁ ଗୋଟିଏ ଚିଠିରେ ଆଶଙ୍କା ମଧ୍ୟକୁ ଠେଲିଦେଲେ। ଯାହାକୁ ନେଇ ଏବେ ୯ଟି ମୌଜାର ଲୋକଙ୍କ ମଧ୍ୟରେ ଅସନ୍ତୋଷ ଓ ବିଦ୍ରୋହ ଦେଖାଦେଇଛି। ୮ ଦିନ ମଧ୍ୟରେ ସରକାର ନିଷ୍ପତ୍ତି ନ ନେଲେ ୯ଟି ମୌଜାର ଲୋକ ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି। ୧୯୩୦ରୁ କୁଜଙ୍ଗ ତହସିଲ ଅଧୀନ କାଠଗଡ଼ା, ଝିମାଣୀ, ପୀତାମ୍ବରପୁର, ବାଲିଡିଆ, ବିଜୟଚାନ୍ଦପୁର, କତକୁଳା, ନୂଆଗଡ଼, ସିଜୁ, ଅଗନାସୀ, ବାହାରତରୀ, ଭିତରତରୀ, କୋଲଡିଆ ପ୍ରଭୃତି ୯ଟି ମୌଜାର ଜମି ଭୂ-ବନ୍ଦୋବସ୍ତ ହୋଇନାହିଁ। ଫଳରେ ସ୍ଥାନୀୟ ଲୋକେ ଜମି ଥାଇ ମଧ ନିଜ ପିଲାଙ୍କ ପାଇଁ ରେସିଡେଣ୍ଟ ସାର୍ଟିଫିକେଟ କାଢ଼ି ପାରୁନାହାନ୍ତି। ସ୍ଥାନୀୟ ଲୋକେ ଏହି ଘଟଣାକୁ ନେଇ ୨୦୧୮ରେ ଏକ କମିଟି ଗଠନ କରି ତତ୍କାଳୀନ ରାଜ୍ୟ ସରକାରଙ୍କୁ ଅବଗତ କରିବା ସହିତ ଏହାର ସମାଧାନ ପାଇଁ ନିବେଦନ କରିଥିଲେ। ଫଳରେ ତତ୍କାଳୀନ ସରକାର ଭୂ-ବନ୍ଦୋବସ୍ତ କରାଯିବାକୁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶ ପାଇବା ପରେ ସର୍ଭେ କାର୍ଯ୍ୟ ଆରମ୍ଭ ହୋଇ ପାଖାପାଖି ୪୦ ପ୍ରତିଶତ କାମ ହୋଇଥିବା କୁଜଙ୍ଗ ତହସିଲଦାର ଜିଲ୍ଲାପାଳଙ୍କୁ ଅବଗତ କରିବା ସହିତ କର୍ମଚାରୀ ଅଭାବରୁ କାର୍ଯ୍ୟ ଆଗେଇ ପାରୁ ନ ଥିବା ଜଣାଇଥିଲେ। ଜିଲ୍ଲାପାଳ ବୋର୍ଡ ଅଫ୍ ରେଭିନ୍ୟୁ ଡାଇରେକ୍ଟରଙ୍କୁ ଚିଠି କଲେ ଏହି କାର୍ଯ୍ୟ ପାଇଁ ଅଧିକ ୨୪ ଜଣ କର୍ମଚାରୀ ଆବଶ୍ୟକ। କିନ୍ତୁ ଏହା ପୂର୍ବରୁ ସରକାର ସର୍ଭେ କାର୍ଯ୍ୟରେ ସମସ୍ୟା ଯୋଗୁଁ ସମ୍ବଲପୁର, ଯାଜପୁର, ସୁନ୍ଦରଗଡ଼, ବଲାଙ୍ଗୀର, ଜଗତସିଂହପୁର, କେନ୍ଦ୍ରାପଡା, କଳାହାଣ୍ଡିରେ ଭୂ-ବନ୍ଦୋବସ୍ତ କରାଯିବ ନାହିଁ ବୋଲି ଜିଲ୍ଲାପାଳଙ୍କୁ ଚିଠି ମାଧ୍ୟମରେ ଜଣାଇ ସାରିଛନ୍ତି। ଯାହାକୁ ନେଇ ଏବେ ସ୍ଥାନୀୟ ଲୋକେ ଆନ୍ଦୋଳନ ଧମକ ଦେଇଛନ୍ତି। ଯଦି ଜିଲ୍ଲାପାଳ ସରକାରଙ୍କ ନିଷ୍ପତ୍ତି ଜାଣିପାରୁନାହାନ୍ତି, ତେବେ ଲୋକଙ୍କ ସରକାର କିଭଳି କାମ କରୁଛି ଓ ଏଥିରୁ ସାଧାରଣ ଲୋକେ କିପରି ନ୍ୟାୟ ପାଇବେ ବୋଲି ପ୍ରଶ୍ନ କରିଛନ୍ତି ଜମି ମାଲିକ। ଏହି ଘଟଣାକୁ ନେଇ ସ୍ଥାନୀୟ ବିଧାୟକ ତଥା ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁଙ୍କୁ ଅବଗତ କରାଯାଇଛି। ଯଦି ୮ ଦିନ ଭିତରେ କିଛି ନିଷ୍ପତ୍ତି ନିଆ ନ ଯାଏ, ତେବେ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ଚେତାବନୀ ଦେଇଛନ୍ତି ସ୍ଥାନୀୟ ମୌଜାର ବାସିନ୍ଦା।

■ ଘରେ ପଶି ମହିଳାଙ୍କୁ ଛୁରାମାଡ଼

## ଝିଅକୁ ବଞ୍ଚାଇବାକୁ ଯାଇ ମା' ଆହତ

ବାରିପଦା, ୨୧।୭(ସମିସ): ଦିନ ଦି'ପହରେ ୩ ମହଲା ଉପରେ ଥିବା ଘରେ ପଶି ମହିଳାଙ୍କୁ ଛୁରାମାଡ଼। ବାରିପଦା ଭଞ୍ଜପୁର ଥାନା ପୁରୁଣାବାଡ଼ି ଅଞ୍ଚଳ ଗ୍ରାଣ୍ଡଲେନ୍‌ରେ ଆଜି ଏହି ଆପରାଧିକ ଘଟଣା ଘଟିଛି। ଆହତ ମହିଳାଜଣକ ହେଲେ, ସମୀର ସାହୁଙ୍କ ସ୍ତ୍ରୀ ମମତା। ଗୁରୁତର ଅବସ୍ଥାରେ ତାଙ୍କୁ ବାରିପଦା ପିଆରଏମ୍ ମେଡିକାଲରେ ଭର୍ତ୍ତି କରାଯାଇଛି। ତାଙ୍କ ହାତ ଓ ଆଙ୍ଗୁଳିରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ଖବର ପାଇ ପୁଲିସ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାର ତଦନ୍ତ କରୁଛି। ସୂଚନାଯୋଗ୍ୟ, ଦୁର୍ବୃତ୍ତଜଣଙ୍କ ମୁହଁରେ ଗାମୁଛା ଘୋଡ଼ାଇ କଲିଂବେଲ ମାରି ପ୍ରଥମେ ଘର ଭିତରକୁ ପଶିଥିଲା। ଏହା ଦେଖି ମମତା ପାଟି କରିବାରୁ ଦୁର୍ବୃତ୍ତ ତାଙ୍କ ସାନଝିଅ ବେକରେ ଛୁରି ଲଗାଇ ହତ୍ୟା ଧମକ ଦେଇଥିଲା। ମମତା ଝିଅକୁ ଉଦ୍ଧାର କରିବାକୁ ଯାଇ ଦୁର୍ବୃତ୍ତଙ୍କ ଛୁରାମାଡ଼ର ଶିକାର ହୋଇଥିଲେ। ସେ ପାଟି କରିବାରୁ ଦୁର୍ବୃତ୍ତଜଣକ ଚପଲ ଛାଡ଼ି ଦୌଡ଼ି ପଳାଇଥିଲା।

■ ପ୍ରକାଶ ପାଇଲା ଏଲ୍ଏଲ୍‌ବି ମେଧା ତାଲିକା

## 'ବିଶ୍ୱବିଦ୍ୟାଳୟ ଆଇନ ମହାବିଦ୍ୟାଳୟ' ପ୍ରଥମ ପସନ୍ଦ

ଭୁବନେଶ୍ୱର, ୨୧।୭(ସମିସ): ତିନି ବର୍ଷିଆ ଏଲ୍ଏଲ୍‌ବି ନାମଲେଖା ପାଇଁ ପ୍ରଥମ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇଛି। ମୋଟ୍ ୩୬୭୦ଟି ସିଟ୍‌ରେ ନାମଲେଖା ପାଇଁ ୩୨୦୬ଜଣ ଚୟନ ହୋଇଛନ୍ତି। ଚୟନ ହୋଇଥିବା ପିଲାଙ୍କ ମଧ୍ୟରେ ୨୦୬୬ଜଣ ଛାତ୍ର ଥିବା ବେଳେ ୧୨୪୦ଜଣ ଛାତ୍ରୀ ରହିଛନ୍ତି। ବାଣୀବିହାରସ୍ଥିତ ବିଶ୍ୱବିଦ୍ୟାଳୟ ଆଇନ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପ୍ରଥମ ପସନ୍ଦ ପାଲଟିଛି। ଏହାର କଟ୍-ଅଫ୍ ସର୍ବାଧିକ ୮୧.୭୩% ଯାଇଥିବା ବେଳେ କଟକସ୍ଥିତ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର ୭୯.୪୦% ଓ ବ୍ରହ୍ମପୁରସ୍ଥିତ ଲିଙ୍ଗରାଜ ଆଇନ ମହାବିଦ୍ୟାଳୟର କଟ୍-ଅଫ୍ ୭୫.୧୩% ରହିଛି। ଚୟନ ହୋଇଥିବା ପିଲାମାନେ ୨୪ତାରିଖ ମଧ୍ୟରେ ସ୍ଲାଇଡ୍/ଫ୍ରିଜ୍ ଅପସନ୍ ଦେଇ ସମ୍ପୃକ୍ତ ଶିକ୍ଷାନୁଷ୍ଠାନରେ ନାମ ଲେଖାଇପାରିବେ। ୨୯ ତାରିଖରେ ଦ୍ୱିତୀୟ ତଥା ଫାଇନାଲ୍ ରାଉଣ୍ଡ ନାମଲେଖା ପାଇଁ ମେଧା ତାଲିକା ପ୍ରକାଶ ପାଇବାକୁ ଥିବା ବେଳେ ଅଗଷ୍ଟ ୧ ତାରିଖ ମଧ୍ୟରେ ନାମଲେଖା ସରିବ। ପରେ ୫ ତାରିଖରେ ଭେକେଣ୍ଟ ସିଟ୍ ପ୍ରକାଶ ପାଇବ। ଚୟନ ହୋଇଥିବା ଆଶାୟୀମାନେ ୭ରୁ ୮ ତାରିଖରେ ନାମଲେଖାଇବେ। ଅଗଷ୍ଟ ୧୧ ତାରିଖରୁ ପାଠପଢ଼ା ଆରମ୍ଭ ହେବ। ସୂଚନାଯୋଗ୍ୟ, ଚଳିତ ବର୍ଷ ୩୬୭୦ଟି ସିଟ୍‌ରେ ନାମଲେଖା ପାଇଁ ୨୨୦୭ଜଣ ଆବେଦନ କରିଥିଲେ।

■ ଯୁକ୍ତ ୨ ଦ୍ୱିତୀୟ ରାଉଣ୍ଡ ମାଧା ତାଲିକା

## ନାମଲେଖା ପାଇଁ ୫୨,୯୫୫ ଚୟନ

ଭୁବନେଶ୍ୱର, ୨୧।୭(ସମିସ): ଯୁକ୍ତ ୨ ଦ୍ୱିତୀୟ ରାଉଣ୍ଡ ମେଧା ତାଲିକା ପ୍ରକାଶ ପାଇଛି। ଏହି ରାଉଣ୍ଡରେ ନାମଲେଖା ପାଇଁ ୫୨,୯୫୫ଜଣ ଛାତ୍ରଛାତ୍ରୀ ଚୟନ ହୋଇଛନ୍ତି। ତନ୍ମଧ୍ୟରେ ୨୬,୦୯୫ ଛାତ୍ର ଥିବା ବେଳେ ୨୬,୮୬୦ ଛାତ୍ରୀ ରହିଛନ୍ତି। କଳାରେ ସର୍ବାଧିକ ୩୮,୧୨୫ଜଣ ଛାତ୍ରଛାତ୍ରୀ ଚୟନ ହୋଇଥିବା ବେଳେ ବିଜ୍ଞାନରେ ୧୧୮୭୭, ବାଣିଜ୍ୟରେ ୨୪୦୩, ଧନ୍ଦାମୂଳକ ଶିକ୍ଷାରେ ୩୩୩ ଏବଂ ସଂସ୍କୃତରେ ୧୭୧ ଜଣ ଚୟନ ହୋଇଛନ୍ତି। ସେହିପରି ପ୍ରଥମ ରାଉଣ୍ଡ ନାମଲେଖା ସମୟରେ ସ୍ଲାଇଡ୍-ଅପ୍ ଦେଇଥିବା ୨୮,୩୧୩ଜଣ ନାମଲେଖା ପାଇଁ ମନୋନୀତ ହୋଇଛନ୍ତି। ଅପରପକ୍ଷେ, ପ୍ରଥମ ରାଉଣ୍ଡରେ ୪ଲକ୍ଷ ୧ହଜାର ୮୦୪ ଜଣ ମନୋନୀତ ହୋଇଥିବା ବେଳେ ୩ଲକ୍ଷ ୫୨ହଜାର ୬୮ ଜଣ ନାମ ଲେଖାଇଛନ୍ତି। ସେହିପରି, ୫୮,୭୩୬ ଜଣ ନାମ ଲେଖାଇନାହାନ୍ତି। ସମୁଦାୟ ୫ଲକ୍ଷ ୬୮ ହଜାର ୭୨୫ଟି ସିଟ୍ ଥିବା ବେଳେ ଆହୁରି ୨ଲକ୍ଷ ୧୩ ହଜାର ୫୪୭ ସିଟ୍ ଫାଙ୍କା ରହିଛି। ସମୁଦାୟ ସିଟ୍ ସଂଖ୍ୟା ଅନୁସାରେ ପ୍ରାୟ ୬୨.୪୫ ପ୍ରତିଶତ ସିଟ୍‌ରେ ନାମଲେଖା ହୋଇଛି।

## ୩୦ ମଧ୍ୟରେ +୨ ଇନଷ୍ଟାଣ୍ଟ ରିଚେକିଂ ଓ ରିଆଡିସନ୍ ଆବେଦନ

ଭୁବନେଶ୍ୱର,୨୧।୭ (ସମିସ):+୨ଇନ୍‌ଷ୍ଟାଣ୍ଟ ପରୀକ୍ଷାଖାତା ପୁନଃଯାଞ୍ଚ (ରିଚେକିଂ) ଓ ମାର୍କ ପୁନଃ ମିଶ୍ରଣ (ରିଆଡିସନ୍) ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ଆସନ୍ତା ୩୦ ତାରିଖ ମଧ୍ୟରେ ଆଶାୟୀମାନେ ଆବେଦନ କରିପାରିବେ। ସମୟ ଅବଧି ପରେ କୌଣସି ଆବେଦନ ଗ୍ରହଣ କରାଯିବ ନାହିଁ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ପକ୍ଷରୁ କୁହାଯାଇଛି। ଏଥିପାଇଁ ୨୦୦ଟଙ୍କା ଫି' ଧାର୍ଯ୍ୟ କରାଯାଇଛି। ବ୍ୟାଙ୍କ ଚାଲାଣ ମାଧ୍ୟମରେ ଫି' ପୈଠ କରିପାରିବେ ଛାତ୍ରଛାତ୍ରୀ। ପରିଷଦ ପକ୍ଷରୁ ଦିଆଯାଇଥିବା ଫର୍ମାଟ୍‌ରେ ଛାତ୍ରଛାତ୍ରୀମାନେ ଆବେଦନ କରିବାକୁ କୁହାଯାଇଛି। ସୂଚନାଯୋଗ୍ୟ, ଚଳିତବର୍ଷ ୧୦୦୮ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୯୧୩ଜଣ କୃତକାର୍ଯ୍ୟ ହୋଇଛନ୍ତି। କଳାରେ ସର୍ବାଧିକ ୪୪୯ ପାସ୍ କରିଥିବା ବେଳେ ବିଜ୍ଞାନରେ ୩୧୧, ବାଣିଜ୍ୟରେ ୧୨୧ ଏବଂ ଧନ୍ଦାମୂଳକ ଶିକ୍ଷାରେ ୨୯ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି।

### ରାଜ୍ୟ ସରକାର- ପେଟ୍ରୋଲିୟମ୍ ଡିଲର ସଂଘ ବୈଠକ

# ପ୍ଲାଷ୍ଟିକ୍ ବୋତଲରେ ପେଟ୍ରୋଲ ବିକ୍ରି ସମ୍ପୂର୍ଣ୍ଣ ନିଷେଧ

ଭୁବନେଶ୍ୱର,୨୧।୭(ଏଜେନ୍ସି): ବାଲେଶ୍ୱର ଏଫ୍ଏମ୍ କଲେଜ ଓ ବଳଙ୍ଗା ଘଟଣା ପରେ ରାଜ୍ୟରେ ପେଟ୍ରୋଲ ବିକ୍ରି ନିୟମକୁ ଅଧିକ କଡ଼ାକଡ଼ି କରିଛନ୍ତି ସରକାର। ଏଣିକି ଆଉ ପ୍ଲାଷ୍ଟିକ ବୋତଲରେ ମିଳିବନି ପେଟ୍ରୋଲ। ପ୍ଲାଷ୍ଟିକ ବୋତଲରେ ପେଟ୍ରୋଲ ବିକ୍ରିକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। । କୌଣସି ପେଟ୍ରୋଲ ପମ୍ପରୁ ପ୍ଲାଷ୍ଟିକ ବୋତଲରେ ପେଟ୍ରୋଲ କ୍ରୟକୁ ପ୍ରୋତ୍ସାହିତ ନ କରିବାକୁ ପେଟ୍ରୋଲିୟମ୍ ସଂଘ ସହ ରାଜ୍ୟ ସରକାର ଆଲୋଚନା କରିଛନ୍ତି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଲୋକସେବା ଭବନସ୍ଥିତ ନିଜ କାର୍ଯ୍ୟାଳୟ ପ୍ରକୋଷ୍ଠରେ ବିଭିନ୍ନ ପେଟ୍ରୋଲିୟମ୍ ସଂଘର କାର୍ଯ୍ୟକର୍ତ୍ତା ଓ ବିଭାଗୀୟ ଅଧିକାରୀମାନଙ୍କ ସହ ଏକ ବୈଠକରେ ବିସ୍ତୃତ ଭାବେ ଏ ସଂକ୍ରାନ୍ତରେ ଆଜି ଆଲୋଚନା ଧନଜୀବନର ସୁରକ୍ଷାକୁ ଦୃଷ୍ଟିରେ ରଖି ପେଟ୍ରୋଲ ବିକ୍ରିକୁ ନେଇ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀ ଦ୍ୱାରା ପ୍ରଦତ୍ତ ନିୟମର କଡ଼ାକଡ଼ି ପାଳନ କରିବା ପାଇଁ ମନ୍ତ୍ରୀ ଶ୍ରୀ ପାତ୍ର ସଂଘକୁ ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ବିଭିନ୍ନ ଅନୁଷ୍ଠାନ, କୃଷକ ଓ ସରକାରୀ କାର୍ଯ୍ୟାଳୟର ବ୍ୟବହାର ପାଇଁ ଖୁଚୁରା ଭାବେ ପେଟ୍ରୋଲ ବିକ୍ରି କରାଯିବା ନେଇ ଥିବା ନିୟମ ବଳବତ୍ତର ରହିବ।

ଏତଦ୍‌ବ୍ୟତୀତ ରାଜ୍ୟର ବିଭିନ୍ନ ସ୍ଥାନରେ ରାସ୍ତା ପାର୍ଶ୍ୱ, ବିଭିନ୍ନ ଛୋଟ ଦୋକାନରେ ପେଟ୍ରୋଲ ବିକ୍ରି କରୁଥିବା ବ୍ୟକ୍ତିବିଶେଷଙ୍କ ବିରୁଦ୍ଧରେ ସରକାର କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ଏ କ୍ଷେତ୍ରରେ ଅନୈତିକ ଭାବେ ସହଯୋଗ କରୁଥିବା ପେଟ୍ରୋଲ ପମ୍ପ କିମ୍ବା ବ୍ୟକ୍ତିଙ୍କ ବିରୁଦ୍ଧରେ ମଧ୍ୟ ଅନୁରୂପ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବୈଠକରେ ଗ୍ରାହକ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସମସ୍ତ ସହଯୋଗ ଯୋଗାଇଦେବେ ବୋଲି ବିଭିନ୍ନ ସଂଘର କାର୍ଯ୍ୟକର୍ତ୍ତାମାନେ ପ୍ରତିଶ୍ରୁତି ଦେଇଥିଲେ। ଏ ସମ୍ପର୍କରେ ଉତ୍କଳ ପେଟ୍ରୋଲିୟମ୍ ଡିଲର ସଂଘର ସାଧାରଣ ସମ୍ପାଦକ ସଞ୍ଜୟ ଲାଠ୍ କହିଛନ୍ତି ଯେ, ବହୁ ପୂର୍ବରୁ ପେଟ୍ରୋଲ ପମ୍ପରୁ ପ୍ଲାଷ୍ଟିକ୍ ବୋତଲରେ ତେଲ ବିକ୍ରି ନେଇ କଟକଣା ରହିଛି। ବର୍ତ୍ତମାନ କିଛି ନିର୍ଦ୍ଦିଷ୍ଟ ଘଟଣା ପରେ ରାଜ୍ୟ ସରକାର ଏହାକୁ କଠୋର ଭାବେ ଅନୁପାଳନ କରିବାକୁ କହିଛନ୍ତି। ଗ୍ରାହକ ଟିଣ କିମ୍ବା ଆଲୁମିନିୟମ୍ କଣ୍ଟେନରରେ ତେଲ ଟାଙ୍କିରୁ ପେଟ୍ରୋଲ କିଣିପାରିବେ। କେବଳ ଜରୁରୀ କ୍ଷେତ୍ରରେ ୧-୨୫ ଲିଟର ପର୍ଯ୍ୟନ୍ତ ପେଟ୍ରୋଲ କଣ୍ଟେନରରେ ଦିଆଯିବ। ରାଜ୍ୟ ସରକାର ଏବଂ ପେଟ୍ରୋଲିୟମ୍ ଡିଲର ସଂଘ ମଧ୍ୟରେ ଆଜି ଅନୁଷ୍ଠିତ ବୈଠକରେ ଏ ସମ୍ପର୍କରେ ନିଷ୍ପତ୍ତି ନିଆଯାଇଛି। ଏହି ନୂଆ ନିୟମ ଆସନ୍ତାକାଲିଠାରୁ ବା ମଙ୍ଗଳବାରଠାରୁ କଡ଼ାକଡ଼ି ଭାବେ ଲାଗୁ ହେବ।

ଏହି ବୈଠକରେ ଯୋଗାଣ ବିଭାଗର ସ୍ୱତନ୍ତ୍ର ସଚିବ ଶ୍ରୀଧର ନାୟକ,ବୈଧ ଓଜନ ମାପ ବରିଷ୍ଠ ଯୁଗ୍ମ ନିୟନ୍ତ୍ରକ ହରୀଶ ଚନ୍ଦ୍ର ପଟ୍ଟନାୟକ, ବିପଣି ଗୁପ୍ତବାର୍ତ୍ତା ଉପନିର୍ଦ୍ଦେଶକ ଦୀପକ ଶତପଥୀ, ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀ ରାଜ୍ୟ ସ୍ତରୀୟ ସଂଯୋଜକ କମଳ ସିଲ୍,ଉତ୍କଳ ପେଟ୍ରୋଲିୟମ୍ ଡିଲର ଆସୋସିଏସନ୍‌ର ସାଧାରଣ ସମ୍ପାଦକ ସଞ୍ଜୟ ଲାଠ, କୋଷାଧ୍ୟକ୍ଷ ମହିନ୍ଦର୍ ସିଂ କଲ୍‌ସି, ଭୁବନେଶ୍ୱର ପେଟ୍ରୋଲିୟମ୍ ଡିଲର ଆସୋସିଏସନ୍‌ର ସମ୍ପାଦକ ଏସ୍.କେ. ରହମାନ୍ ଓ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।



■ ବାଲେଶ୍ୱର ଏଫ୍ଏମ୍ କଲେଜ ଓ ବଳଙ୍ଗା ଘଟଣା ପରେ ନିୟମ କଡ଼ାକଡ଼ି
■ ଖୋଲାରେ ପେଟ୍ରୋଲ ବିକ୍ରି ଉପରେ ହେବ ଚଢ଼ଉ
■ ଆଜିଠାରୁ କଡ଼ାକଡ଼ି ଭାବେ ହେବ ଲାଗୁ

## ମନି ଲଣ୍ଡରିଂ ମାମଲାରେ ନାଲ୍‌କୋର ପୂର୍ବତନ ସିଏମ୍‌ଡି ଦୋଷୀ ସାବ୍ୟସ୍ତ

ନୂଆଦିଲ୍ଲୀ,୨୧।୭(ଏଜେନ୍ସି): ଏକ ହାଇପ୍ରୋଫାଇଲ ମନି ଲଣ୍ଡରିଂ ମାମଲାରେ ନ୍ୟାସନାଲ୍ ଆଲୁମିନିୟମ୍ କମ୍ପାନୀ ଲିମିଟେଡ୍ (ନାଲ୍‌କୋ)ର ପୂର୍ବତନ ସିଏମ୍‌ଡି ଅଭୟ କୁମାର ଶ୍ରୀବାସ୍ତବ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଶ୍ରୀବାସ୍ତବଙ୍କ ବ୍ୟତୀତ ପତ୍ନୀ ଚାନ୍ଦିନୀ ଶ୍ରୀବାସ୍ତବ ଏବଂ ତାଙ୍କ ବନ୍ଧୁ ଭୂଷଣ ଲାଲ୍ ବଜାଜ୍ ଓ ତାଙ୍କ ପତ୍ନୀ ଅନୀତା ବଜାଜ୍ ମଧ୍ୟ ଏହି ମନି ଲଣ୍ଡରିଂ ମାମଲାରେ ଦୋଷୀ ପ୍ରମାଣିତ ହୋଇଛନ୍ତି। ମନି ଲଣ୍ଡରିଂ ନିବାରଣ ଆଇନ (ପିଏମ୍ଏଲ୍ଏ) ୨୦୦୨ର ବ୍ୟବସ୍ଥା



ବ୍ୟାଙ୍କ ଲକରରୁ ସୁନା, ନଗଦ ଟଙ୍କା ଜବତ

ଅନୁଯାୟୀ ନୂଆଦିଲ୍ଲୀର ରାଉଜ୍ ଆଭେନ୍ୟୁ କୋର୍ଟ କମ୍ପ୍ଲେକ୍ସର ସ୍ୱତନ୍ତ୍ର ବିଚାରପତି ସେମାନଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତମାନେ ୨୦୧୦ରେ ଏକ ନବରତ୍ନ କମ୍ପାନୀ ଦ୍ୱାରା ଜାରି କରାଯାଇଥିବା ଏକ କୋଇଲା ଯୋଗାଣ ଟେଣ୍ଡର ଲାଞ୍ଚ ମାମଲା ସହ ଜଡିତ।

ଅବୈଧ ସମ୍ପତ୍ତି ସହିତ ଜଡିତ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଦ୍ୱାରା ଭାରତୀୟ ଦଣ୍ଡ ସଂହିତା, ୧୮୬୦ ଏବଂ ଦୁର୍ନୀତି ନିବାରଣ ଆଇନ, ୧୯୮୮ର ବିଭିନ୍ନ ଧାରା ଅନୁଯାୟୀ ଅଭୟ କୁମାର ଶ୍ରୀବାସ୍ତବ ଏବଂ ଅନ୍ୟମାନଙ୍କ ବିରୁଦ୍ଧରେ ଇଡି ତଦନ୍ତ ଆରମ୍ଭ କରିଥିଲା। ଅଯଥା ସରକାରୀ ଅନୁଗ୍ରହ ବଦଳରେ ଭାଟିଆ ଗ୍ରୁପ୍ ଅଫ୍ କମ୍ପାନୀଜ୍‌ର ଜିଏସ୍ ଭାଟିଆଙ୍କଠାରୁ ଲାଞ୍ଚ ଗ୍ରହଣ କରିବାରେ ବଜାଜ୍ ମଧ୍ୟସ୍ଥ ଭାବରେ କାର୍ଯ୍ୟ କରିଥିଲେ। ଅଭିଯୁକ୍ତ ଚାନ୍ଦନୀ ଶ୍ରୀବାସ୍ତବ ଜାଲ୍ ପରିଚୟପତ୍ର ଏବଂ ଜାଲ୍ ଦସ୍ତଖତ ବ୍ୟବହାର କରି ଅନୀତା ବଜାଜ୍‌ଙ୍କ ନାମରେ ଏକ ବ୍ୟାଙ୍କ ଆକାଉଣ୍ଟ ଏବଂ ଲକର୍ ଖୋଲିଥିଲେ। ପରେ ସିବିଆଇ ଉକ୍ତ ଲକର୍‌ରୁ ସୁନା ବାର୍ ଏବଂ ନଗଦ ସମେତ ଅଚଳ ସମ୍ପତ୍ତି ଜବତ କରିଥିଲା। ତଦନ୍ତ ସମୟରେ ଇଡି ଅଭୟ ଶ୍ରୀବାସ୍ତବଙ୍କ ୨ କୋଟିରୁ ଅଧିକ ଟଙ୍କାର ସମ୍ପତ୍ତି ଜବତ କରିଥିଲା। ୨୦୧୫ ମାର୍ଚ୍ଚରେ ଦିଲ୍ଲୀର ରାଉଜ୍ ଆଭେନ୍ୟୁ କୋର୍ଟରେ ଅଭୟ କୁମାର ଶ୍ରୀବାସ୍ତବ, ଭୂଷଣ ଲାଲ ବଜାଜ, ଚାନ୍ଦନୀ ଶ୍ରୀବାସ୍ତବ ଏବଂ ଅନିତା ବଜାଜଙ୍କ ବିରୁଦ୍ଧରେ ଏକ ଅଭିଯୋଗ ଦାଖଲ କରାଯାଇଥିଲା।

# ଗିରଫ ଉଦିତ ପ୍ରଧାନ ଛାତ୍ର କଂଗ୍ରେସରୁ ନିଲମ୍ବିତ

ଭୁବନେଶ୍ୱର,୨୧।୭(ସମିସ): ଦୁଷ୍କର୍ମ ଅଭିଯୋଗ ଆସିବା ପରେ ଛାତ୍ର କଂଗ୍ରେସ ସଭାପତି ପଦରୁ ଉଦିତ୍ ପ୍ରଧାନଙ୍କୁ ଦଳ ଓ ସଙ୍ଗଠନରୁ ନିଲମ୍ବିତ କରିଛନ୍ତି ଏନ୍ଏସ୍‌ୟୁଆଇ ଜାତୀୟ ସଭାପତି ବରୁଣ ଚୌଧୁରୀ। ଜାତୀୟ ଛାତ୍ରକଂଗ୍ରେସ ପକ୍ଷରୁ ଏ ସଂକ୍ରାନ୍ତରେ ଏକ ବିବୃତି ଜାରି କରାଯାଇଛି। ବୈଷମ୍ୟତା କ୍ଷେତ୍ରରେ ଏନ୍ଏସ୍‌ୟୁଆଇ ଶୂନ୍ୟ ସହନଶୀଳ ନୀତି ଅବଲମ୍ବନ କରେ; ତେଣୁ



ତଥ୍ୟ ଅନୁଧ୍ୟାନ କମିଟି ଗଠନ କଲା ପିସିସି

ଉଦିତ୍‌ଙ୍କୁ ତାଙ୍କ ପଦରୁ ନିଲମ୍ବିତ କରାଯିବା ସହ ଏହି ଘଟଣାରେ ତଦନ୍ତ କରାଯିବ। ଏହାସହିତ ଆଗକୁ ମଧ୍ୟ ବାଲେଶ୍ୱର ପୀଡ଼ିତାଙ୍କୁ ନ୍ୟାୟ ଦେବା ପାଇଁ ଜାରିରହିଥିବା ଲଢ଼େଇ ବଳବତ୍ତର ରହିବ ବୋଲି ଶ୍ରୀ ଚୌଧୁରୀ କହିଛନ୍ତି। ଅନ୍ୟପଟେ ଏହି ଘଟଣାକୁ ଓଡ଼ିଶା ପ୍ରଦେଶ କମିଟି ଗୁରୁତ୍ୱର ସହ ଗ୍ରହଣ କରିଛି। ଘଟଣାର ଅନୁଧ୍ୟାନ କରିବା ପାଇଁ ପିସିସି ସଭାପତି ଭକ୍ତ ଚରଣ ଦାସ ଏକ ୬ ଜଣିଆ ତଥ୍ୟ ଅନୁଧ୍ୟାନ କମିଟି ଗଠନ କରିଛନ୍ତି। ଏହି ୬ ଜଣିଆ ଦଳରେ ପିସିସି ଉପ ସଭାପତି ସସ୍ମିତା ବେହେରା ଅଧ୍ୟକ୍ଷ ରହିଛନ୍ତି। ତାଙ୍କ ବ୍ୟତୀତ ବିଧାୟିକା ସୋଫିଆ ଫିର୍ଦୋସ, ଡା. ଦେବସ୍ମିତା ଶର୍ମା, ସୋନାଲି ସାହୁ, ଜୟଶ୍ରୀ ପାତ୍ର, ଡଃ ମନୀଷା ଦାସ ପଟ୍ଟନାୟକ ପ୍ରମୁଖ ସଦସ୍ୟା ଅଛନ୍ତି। ଏହି କମିଟି ଅଭିଯୋଗକାରିଣୀଙ୍କୁ ଭେଟି ତାଙ୍କ ସହ ଆଲୋଚନା କରିବା ପରେ ଏକ ରିପୋର୍ଟ ପ୍ରସ୍ତୁତ କରିବ ଓ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ପ୍ରଦାନ କରିବାକୁ ପିସିସି ସଭାପତି ନିର୍ଦ୍ଦେଶ ଦେଇଛନ୍ତି।

ଇତିମଧ୍ୟରେ କମିଟିର ସଦସ୍ୟାମାନେ ତଦନ୍ତ ଆରମ୍ଭ କରିଛନ୍ତି। ପୀଡ଼ିତା ଅଭିଯୋଗ କରିଥିବା ମଞ୍ଚେଶ୍ୱର ଥାନା ସମେତ ବିଭିନ୍ନ ସ୍ଥାନକୁ ଯାଇ ଏହି କମିଟି ତଥ୍ୟ ଅନୁଧ୍ୟାନ କରୁଛି। ସୋନାଲି ସାହୁ କହିଛନ୍ତି ଯେ ଦଳ ମହିଳା ବରୋଧୀ ଘଟଣା ଉପରେ ଜିରୋ ଟଲରାନ୍ସ ନୀତି ଆପଣେଇଛି। ଉଦିତଙ୍କୁ ଦଳରୁ ନିଲମ୍ବିତ କରାଯାଇଛି। ତେବେ ଘଟଣା ୪ ମାସ ତଳେ ଘଟିଥିବା କୁହାଯାଉଛି, ତେଣୁ ବର୍ତ୍ତମାନ ଏ ସଂକ୍ରାନ୍ତରେ ଏତଲା ସନ୍ଦେହ ସୃଷ୍ଟି କରିଛି। ଏବିଭିପିର ମୃତ ଛାତ୍ରୀଙ୍କ ପାଇଁ ଆମେ ଯେଉଁ ପଦକ୍ଷେପ ନେଇଥିଲୁ ଏଠି ମଧ୍ୟ ସମାନ ପଦକ୍ଷେପ ନେବୁ । ଝିଅ ଏବଂ ମହିଳାଙ୍କ କ୍ଷେତ୍ରରେ ଅବହେଳାର ପ୍ରଶ୍ନ ଉଠୁନାହିଁ। ସେ ଦଳ ହେଉ କି ଦଳ ବାହାରେ ହେଉ ଆମେ ସବୁବେଳେ ଝିଅ-ମହିଳାଙ୍କ ସପକ୍ଷରେ ରହିଛୁ। ତେବେ ସାଧାରଣତଃ ଏଫ୍ଆଇଆର୍ କପିରେ ଅଭିଯୋଗକାରୀଙ୍କ ଠିକଣା ରୁହେ। ହେଲେ ଉଦିତ ପ୍ରଧାନଙ୍କ ଏଫ୍ଆଇଆର୍ କପିରେ ଝିଅର କୌଣସି ଠିକଣା ନାହିଁ, ଯାହା ସନ୍ଦେହକୁ ଅଧିକ ଦୃଢୀଭୂତ କରୁଛି। ରାଜନୈତିକ ଦଳ ଭାବେ ଝିଅକୁ ଭେଟିବା ଆମର ଉତ୍ତର ଦାୟିତ୍ୱ ରହିଛି। ବାସ୍ତବରେ ଝିଅ ସାଙ୍ଗରେ କଣ ହେଇଛି ଜାଣିବା ପାଇଁ ଥାନାକୁ ଯାଇ ଆମେ ବୁଝିବୁ। ରାଜନୈତିକ ଅଭିସନ୍ଧି ରଖି ଏହା କରାଯାଇଛି କି ନାହିଁ ସେ ନେଇ ସନ୍ଦେହ ସୃଷ୍ଟି ହେଲେ ବି ନୈତିକତା ଦୃଷ୍ଟିରୁ ଆକ୍ସନ ହୋଇଛି। କମିଟି ତା କାମ ସରିବା ପରେ ମତ ରଖିବ ବୋଲି ସୋନାଲି ସାହୁ କହିଛନ୍ତି।

# ଭାଇରାଲ ଭିଡିଓ ପଛରେ କେଉଁ ପୁଲିସ

ଭୁବନେଶ୍ୱର,୨୧।୭(ସମିସ): ଥଣ୍ଡା ପାନୀୟରେ ନିଶା ଦେଇ ଯୁବତୀଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗରେ ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନ ଗିରଫ ହୋଇଛନ୍ତି। ପୁଲିସ ମଧ୍ୟ ତଦନ୍ତକୁ ଆଗକୁ ନେବା ସହିତ ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନ୍ଏସ୍ଏସ୍) ଧାରା ୧୮୦ ଆଧାରରେ ପୁଲିସ ପୀଡ଼ିତାଙ୍କ ବୟାନ ରେକର୍ଡ କରିଥିଲା। ହେଲେ ଉଦିତ ଜେଲ୍ ଯିବା ପୂର୍ବରୁ ପୀଡ଼ିତାଙ୍କ ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ୨ ମିନିଟ୍ ୨୧ ସେକେଣ୍ଡର ଏହି ଭିଡିଓରେ ଜଣେ ମହିଳା ପୁଲିସ ଅଧିକାରିଣୀ ପ୍ରଶ୍ନ କରୁଥିବା ବେଳେ ପୀଡ଼ିତା ଘଟଣା ବିଷୟରେ ବଖାଣୁଛନ୍ତି। ପୁଲିସ ଅଧିକାରୀଙ୍କ ଟେବୁଲ ଉପରେ କେସ୍ ଫାଇଲ ରହିଥିବାରୁ ଭିଡିଓଟି ଥାନା ଭିତରର ବୋଲି ସ୍ପଷ୍ଟ ହୋଇଛି। ପୁଲିସ କର୍ମଚାରୀ ନାଁ ଆଉ କେହି ଏହି ଭିଡିଓ କରିଥିଲେ, ତାହା ସ୍ପଷ୍ଟ ହୋଇ ପାରିନାହିଁ। କିନ୍ତୁ ସେହି ଭିଡିଓ ଏବେ ସାମାଜିକ ଗଣମାଧ୍ୟମ ଓ ହ୍ୱାଟ୍ସଆପ ଯୋଗେ ଏ ମୋବାଇଲରୁ ସେ ମୋବାଇଲକୁ ଘୁରି ବୁଲୁଛି। ଦୁଷ୍କର୍ମ ଭଳି ସମ୍ବେଦନଶୀଳ ମାମଲାରେ ପୀଡ଼ିତାଙ୍କ ବୟାନକୁ ବଳିଷ୍ଠ ପ୍ରମାଣ ଭାବେ ବିବେଚନା କରାଯାଏ। ହେଲେ ପୀଡ଼ିତାଙ୍କ ବୟାନ ରେକର୍ଡ ବେଳର ଲୁଚା ଚୋରାରେ ଭିଡିଓ କରି ତା'କୁ ସର୍ବସାଧାରଣରେ ସେୟାର କରାଯାଉଛି। କେଉଁ ପୁଲିସ ଅଧିକାରୀ ମନ୍ଦ ଉଦ୍ଦେଶ୍ୟ ରଖି ଏପରି ଭିଡିଓ ଭାଇରାଲ କରୁଛନ୍ତି ତା'କୁ ନେଇ ପ୍ରଶ୍ନ ଉଠିଛି।

## ଆର୍‌ଏସ୍‌ପିରେ ଦୁର୍ଘଟଣା; ଠିକା ଶ୍ରମିକ ମୃତ

ରାଉରକେଲା, ୨୧।୭ (ସମିସ): ରାଉରକେଲା ଇସ୍ପାତ କାରଖାନାର ଏସ୍ଏମ୍ଏସ୍-୨ରେ ଦୁର୍ଘଟଣା ଘଟି ଜଣେ ଠିକା ଶ୍ରମିକଙ୍କ ମୃତ୍ୟୁ ହୋଇଛି। ସେ ହେଲେ, ଅଭିରାମ ମାହାତୋ (୫୨)। ତାଙ୍କ ଘର ବିଶ୍ରା ଥାନା ଅନ୍ତର୍ଗତ ଜରେଇକେଲାରେ। ତାଙ୍କର ଦୁଇ ଝିଅ ଓ ଗୋଟିଏ ପୁଅ ଅଛନ୍ତି। ସୂଚନାନୁଯାୟୀ, ଅଭିରାମ ମେସର୍ସ ଲକି କନ୍‌ଷ୍ଟ୍ରକ୍ସନ୍ ଠିକା ସଂସ୍ଥାରେ ଠିକା ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ଆଜି ସେ ଏ ସିଫ୍ଟରେ ଡ୍ୟୁଟିରେ ଯାଇଥିବା ବେଳେ ଏସ୍ଏମ୍ଏସ୍-୨ ବିଓଏଫ୍ ସପ୍‌ରେ ଏକ ଶାବଳ ଦ୍ୱାରା ଲାନ୍ସ ଜାମ ସଫା କରୁଥିବା ବେଳେ ଶାବଳଟି ଛିଟିକି ତାଙ୍କ ମୁଣ୍ଡରେ ବାଜିଥିଲା। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ତୁରନ୍ତ ଆଇଜିଏଚକୁ ଚିକିତ୍ସା ପାଇଁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାରେ ଆର୍‌ଏସ୍‌ପି ଡିଆଇସି ଆଲୋକ ବର୍ମା ଅଭିରାମଙ୍କ ଅକାଳ ବିୟୋଗରେ ଗଭୀର ଶୋକ ପ୍ରକାଶ କରିଛନ୍ତି। ଆର୍‌ଏସ୍‌ପିର ନିୟମ ଅନୁସାରେ, ସମସ୍ତ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟପକ୍ଷରେ ମୃତକଙ୍କ ପରିବାରର ଜଣେ ସଦସ୍ୟଙ୍କୁ ଆର୍‌ଏସ୍‌ପିରେ ନିଯୁକ୍ତି ଦିଆଯିବା ସହ ୧୦ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି।

■ ଶ୍ରାବଣ ସୋମବାରରେ ଅଘଟଣ

## ମନ୍ଦିର କୂଅରେ ପଡ଼ି ସେବାୟତ ମୃତ

ପୁରୀ,୨୧।୭(ସମିସ): ଶ୍ରାବଣ ସୋମବାରରେ ମହାଦେବଙ୍କ ପୀଠରେ ଘଟିଛି ଅଘଟଣ। ମନ୍ଦିର କୂଅରେ ପଡ଼ି ଜଣେ ପାଳିଆ ସେବାୟତଙ୍କ ମୃତ୍ୟୁ ଘଟିଛି। ଟାଉନ୍ ଥାନା ଅନ୍ତର୍ଗତ ଗୌଡ଼ବାଡ଼ ସାହିରେ ଥିବା ଶ୍ରୀକ୍ଷେତ୍ରର ପଞ୍ଚମହାଦେବଙ୍କ ମଧ୍ୟରୁ ଅନ୍ୟତମ ଯମେଶ୍ୱର ମହାଦେବ ମନ୍ଦିରରେ ସୋମବାର ସକାଳୁ ଏହି ଦୁଃଖଦ ଘଟଣା ଘଟିଛି। ମନ୍ଦିର କୂଅରେ ପଡ଼ି ପାଳିଆ ସେବାୟତ ଝାଡ଼ୁ ପଣ୍ଡା (୭୦)ଙ୍କ ମୃତ୍ୟୁ ହୋଇଛି। ଏବେ ଚାଲିଛି ଶ୍ରାବଣ ମାସ। ବିଭିନ୍ନ ଶୈବ ପୀଠରେ ଜଳଲାଗି କରୁଛନ୍ତି କାଉଡ଼ିଆ। ଯମେଶ୍ୱରଙ୍କ ପୀଠରେ ମଧ୍ୟ କାଉଡ଼ିଆମାନେ ପ୍ରତିବର୍ଷ ଜଳଲାଗି କରିଥା'ନ୍ତି। ସୋମବାର ଭୋର୍ ପ୍ରାୟ ୫ଟା ୧୫ରେ ମନ୍ଦିରର ପାଳିଆ ସେବାୟତ ଝାଡ଼ୁ ପଣ୍ଡା ଠାକୁରଙ୍କ ନୀତିକାନ୍ତି ପାଇଁ କୂଅରୁ ପାଣି କାଢୁଥିଲେ। ଏହି ସମୟରେ ତାଙ୍କ ଗୋଡ଼ ଖସିଯିବାରୁ ସେ କୂଅରେ ପଡ଼ି ଯାଇଥିଲେ। କୂଅରେ ବି ଅଧିକ ପାଣି ଥିବାରୁ ସେ ବୁଡ଼ିଯାଇଥିଲେ ଓ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଅଗ୍ନିଶମ ବାହିନୀ ସାହାଯ୍ୟରେ ପୁଲିସ୍ କୂଅରୁ ତାଙ୍କ ମୃତହେଦ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ଏନ୍‌ସିଇଆର୍‌ଟି ବହିରୁ ବାଦ୍ ପଡ଼ିବନି 'ପାଇକ ବିଦ୍ରୋହ'

ଭୁବନେଶ୍ୱର, ୨୧।୭(ସମିସ): ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ କୁହାଯାଉଥିବା ଓଡ଼ିଶାର ପାଇକ ବିଦ୍ରୋହ ବିଷୟବସ୍ତୁ ଏନ୍‌ସିଇଆର୍‌ଟି ପାଠ୍ୟପୁସ୍ତକରୁ ବାଦ୍ ପଡ଼ିଥିବା ନେଇ ଅଭିଯୋଗ ହୋଇଛି। ନିକଟରେ ୮ମ ଶ୍ରେଣୀ ସାମାଜିକ ବିଜ୍ଞାନ ବହିର ଭଲ୍ୟୁମ୍-୧ ପୁସ୍ତକ ପ୍ରକାଶ ପାଇଥିବାବେଳେ ପାଇକ ବିଦ୍ରୋହ ସ୍ଥାନ ପାଇ ନ ଥିବାରୁ ଏପରି କଳ୍ପନାଜଳ୍ପନା ପ୍ରକାଶ ପାଇଛି। ବଙ୍ଗଳାର ସନ୍ନ୍ୟାସୀ ବିଦ୍ରୋହ, ବିହାରର କୋହ୍ଲ ବିଦ୍ରୋହ ଓ ସାନ୍ତାଳଙ୍କ ବିଦ୍ରୋହ ସ୍ଥାନ ପାଇଥିବା ବେଳେ ଖୋର୍ଦ୍ଧାର ପାଇକ ବିଦ୍ରୋହକୁ ବାଦ୍ ଦେବା ବୀର ପାଇକଙ୍କ ଗୌରବମୟ ତ୍ୟାଗ ଓ ବଳିଦାନ ପ୍ରତି ଏକ ଚରମ ଉପହାସ ବୋଲି ଅଭିଯୋଗ ହୋଇଛି। ତେବେ ସମସ୍ତ ଅଭିଯୋଗ ଓ କଳ୍ପନାଜଳ୍ପନାର ଅନ୍ତ ଘଟାଇ ରାଷ୍ଟ୍ରୀୟ ଶୈକ୍ଷିକ ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ବା ଏନ୍‌ସିଇଆର୍‌ଟି ପକ୍ଷରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି ଯେ ୮ମ ଶ୍ରେଣୀର ସାମାଜିକ ବିଜ୍ଞାନ ବହିର ଭଲ୍ୟୁମ୍-୧ ପ୍ରକାଶ ପାଇଛି। ଏହାର ଭଲ୍ୟୁମ୍-୨ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଆସନ୍ତା ସେପ୍ଟେମ୍ବର କିମ୍ବା ଅକ୍ଟୋବରରେ ଏହା ପ୍ରକାଶ ପାଇବାର ସମ୍ଭାବନା ରହିଛି। ତହିଁରେ ଆଞ୍ଚଳିକ ଆନ୍ଦୋଳନ ଏବଂ ସଶସ୍ତ୍ର ବିଦ୍ରୋହ ସ୍ଥାନିତ ହୋଇଛି। ଓଡ଼ିଶାର ପାଇକ ବିଦ୍ରୋହ ବା ଖୋର୍ଦ୍ଧା ବିଦ୍ରୋହ, ପଞ୍ଜାବରେ କୁକା ଆନ୍ଦୋଳନ ବା ଶିଖ୍ ବିଦ୍ରୋହ ଆଦି ବିଷୟଗୁଡ଼ିକ ତହିଁରେ ସ୍ଥାନ ପାଇବ ବୋଲି ସ୍ପଷ୍ଟ କରାଯାଇଛି।

ଦାରୁବିଗ୍ରହଙ୍କ ରଥ ପାଇଁ କାଠ ଅଭାବ

# ଏଥର ଆବଶ୍ୟକତା ମେଣ୍ଟାଇଲେ ୯ ବନଖଣ୍ଡ

ନୟାଗଡ଼, ୨୧।୭(ସମିସ): ଜଗତର ନାଥ ଜଗନ୍ନାଥ, ବଡ଼ଠାକୁର ଓ ମା' ସୁଭଦ୍ରାଙ୍କ ପବିତ୍ର ଘୋଷଯାତ୍ରା ପାଇଁ ରଥକାଠ ସମସ୍ୟା ଦିନକୁ ଦିନ ଉତ୍କଟ ପରିସ୍ଥିତି ସୃଷ୍ଟି କରିଛି। ଦାରୁ ବିଗ୍ରହଙ୍କ ରଥ ନିର୍ମାଣ ପାଇଁ ରଥକାଠ ସମସ୍ୟାକୁ ଦୂରୀଭୂତ କରିବା ପାଇଁ ଜଟିଳ ପରିସ୍ଥିତିର ସାମ୍ନା କରିବାକୁ ପଡୁଛି। ପବିତ୍ର ଘୋଷଯାତ୍ରା ପାଇଁ ଆବଶ୍ୟକତା ଅନୁସାରେ ନୟାଗଡ଼ ବନଖଣ୍ଡରୁ ଦୀର୍ଘବର୍ଷ ଧରି କାଠ ଯୋଗାଇ ଦିଆଯାଉଥିବା ବେଳେ କିଛି ବର୍ଷ ହେବ ରଥକାଠ ସମସ୍ୟା ଉତ୍କଟ ସ୍ଥିତି ସୃଷ୍ଟି କରିଛି। ନୟାଗଡ଼ ବନଖଣ୍ଡ ଅଧୀନସ୍ଥ ଦଶପଲ୍ଲା ବନାଞ୍ଚଳ ପକ୍ଷରୁ ଗଣିଆ ବ୍ଲକ୍ ବଡ଼ରାଉଳ ପୀଠରେ ରଥକାଠ ଅନୁକୂଳ କରାଯାଇ ପରମ୍ପରାକୁ ବଞ୍ଚାଇ ରଖାଯାଇଥିବା ବେଳେ ଚଳିତବର୍ଷ ରଥକାଠ ୯ଟି ବନଖଣ୍ଡରୁ ସଂଗ୍ରହ ହୋଇଥିବା ସୂଚନା ମିଳିଛି।

ନୟାଗଡ଼ ବନଖଣ୍ଡ ସମେତ, ଘୁମୁସର ଉତ୍ତର, ଘୁମୁସର ଦକ୍ଷିଣ, ବୌଦ୍ଧ, ରେଢ଼ାଖୋଲ, ଢେଙ୍କାନାଳ, ବରଗଡ଼, ଆଠଗଡ଼, କଟକ ଡିଭିଜନ୍ ଏବେ ରଥ ପାଇଁ କାଠ ଯୋଗାଉଛନ୍ତି। ଚଳିତବର୍ଷ ରଥଯାତ୍ରା ପାଇଁ ୮୧୫ ଖଣ୍ଡ କାଠର ଆବଶ୍ୟକତା ରହିଥିଲା। ସ'ମିଲ୍ ପାଇଁ ୪୦୯ ଖଣ୍ଡ ଏବଂ ରଥଖଳାକୁ ୪୦୬

■ ଆଗକୁ ଜଟିଳ ପରିସ୍ଥିତି
■ ପଦକ୍ଷେପ ଗ୍ରହଣ କରନ୍ତୁ ସରକାର

ଖଣ୍ଡ କାଠ ପଠାଇବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ନିର୍ଦ୍ଦେଶ ଦେଇଥିଲେ। ଏହି କାଠ ମଧ୍ୟରୁ ନୟାଗଡ଼ ବନଖଣ୍ଡ ପକ୍ଷରୁ ୨୪୫ଖଣ୍ଡ ପଠାଯାଇଥିବା ବେଳେ ବୌଦ୍ଧ ବନଖଣ୍ଡ ପକ୍ଷରୁ ୧୬୯ ଖଣ୍ଡ, ଘୁମୁସର ଉତ୍ତର ବନଖଣ୍ଡ ପକ୍ଷରୁ ୯୦ ଖଣ୍ଡ, ଘୁମୁସର ଦକ୍ଷିଣ ବନଖଣ୍ଡ ପକ୍ଷରୁ ୯୦ ଖଣ୍ଡ, ରେଢ଼ାଖୋଲ ବନଖଣ୍ଡ ପକ୍ଷରୁ ୧୭୮ ଖଣ୍ଡ, ଢେଙ୍କାନାଳ ବନଖଣ୍ଡ ପକ୍ଷରୁ ୨୧ଖଣ୍ଡ, ବରଗଡ଼ ବନଖଣ୍ଡ ପକ୍ଷରୁ ୧୯ ଖଣ୍ଡ, ଆଠଗଡ଼ ବନଖଣ୍ଡ ପକ୍ଷରୁ ୨ ଖଣ୍ଡ, କଟକ ବନଖଣ୍ଡ ପକ୍ଷରୁ ୨ ଖଣ୍ଡ କାଠ ଯୋଗାଇ ଦିଆଯାଇଥିବା ସୂଚନା ମିଳିଛି।

ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ ବିଗତ ଦୁଇ ଦଶନ୍ଧି ମଧ୍ୟରେ ନୟାଗଡ଼ ବନଖଣ୍ଡକୁ ଜଗନ୍ନାଥ ରଥକାଠ ପ୍ରକଳ୍ପ ନାଁରେ କୋଟି କୋଟି ଟଙ୍କା ପ୍ରଦାନ କରାଯାଇଥିବା ବେଳେ ଏହି ବନଖଣ୍ଡରୁ ଆବଶ୍ୟକତା ଅନୁସାରେ କାଠ ସଂଗ୍ରହ ହୋଇପାରୁନାହିଁ। ଫଳରେ ରଥକାଠ ପାଇଁ ନିକଟସ୍ଥ ବନଖଣ୍ଡଗୁଡ଼ିକ ଉପରେ ଚାପ ପଡୁଛି। ଏଭଳି ପରିସ୍ଥିତି ଲାଗି ରହିଲେ, ଆଗାମୀ କିଛି ବର୍ଷ ପରେ ରଥକାଠ ସମସ୍ୟା ଜଟିଳ ପରିସ୍ଥିତି ସୃଷ୍ଟି କରିବ ବୋଲିଆଶଙ୍କା ପ୍ରକାଶ ପାଇଛି। ଏବର୍ଷ ୯ ବନଖଣ୍ଡରୁ ରଥ କାଠ ସଂଗ୍ରହ ହୋଇଥିବା ବେଳେ ଆଗାମୀ ଦିନରେ ଆହୁରି ଅନେକ ବନଖଣ୍ଡରୁ କାଠ ସଂଗ୍ରହ କରିବାକୁ ପଡ଼ିବ ବୋଲି ଅନୁମାନ କରାଯାଉଛି।

# ଓଡ଼ିଶା ଗ୍ରାମୀଣ ବ୍ୟାଙ୍କରେ ସଶସ୍ତ୍ର ଡକାୟତି

ଝାରସୁଗୁଡ଼ା, ୨୧।୭(ସମିସ): ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ୍ ରେଙ୍ଗାଲି ଥାନା ଅଧୀନ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କର ଭିକମପାଲି ଶାଖାରୁ ଆଜି ସଶସ୍ତ୍ର ଡକାୟତି ହୋଇଛି। ଦିନ ଦି'ପହରେ ୩ଜଣ ଦୁର୍ବୃତ୍ତ ବ୍ୟାଙ୍କ ଭିତରେ ପଶିବା ସହ ବନ୍ଧୁକ ଦେଖାଇ କ୍ୟାସ୍ କାଉଣ୍ଟର୍‌ରୁ ଟଙ୍କା ଲୁଟି ନେଇଛନ୍ତି। ଖବର ପାଇ ବ୍ରଜରାଜନଗର ଏସଡିପିଓଙ୍କ ନେତୃତ୍ୱରେ ରେଙ୍ଗାଲି ଥାନା ଅଧିକାରୀ, ବ୍ରଜରାଜନଗର ଥାନା ଅଧିକାରୀ, ବେଲପାହାଡ଼ ଥାନା ଅଧିକାରୀଙ୍କ ସହ ପୁଲିସ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପୁଲିସ ବ୍ୟାଙ୍କର ସିସିଟିଭି ଯାଞ୍ଚ କରିଛି। ଏହାସହ ଜାତୀୟ ରାଜପଥ ୪୯ କଡ଼ରେ ଥିବା ବିଭିନ୍ନ ଦୋକାନର ସିସିଟିଭି ଯାଞ୍ଚ କରିଛି। ସେହିପରି ବ୍ୟାଙ୍କର ସମ୍ବଲପୁର ରିଜିଓନାଲ ମ୍ୟାନେଜର୍‌ଙ୍କ ସହ ଉଚ୍ଚପଦସ୍ଥ ଅଧିକାରୀ ମଧ୍ୟ ପହଞ୍ଚି ତଦନ୍ତ କରିଛନ୍ତି। ଦୁର୍ବୃତ୍ତମାନେ ସ୍ଥାନୀୟ ସମ୍ବଲପୁରୀ ଏବଂ ହିନ୍ଦୀ ଭାଷାରେ କଥାବାର୍ତ୍ତା ହେଉଥିଲେ ବୋଲି ଜଣାଯାଇଛି।

ସୂଚନାନୁଯାୟୀ, ଆଜି ପୂର୍ବାହ୍ନରେ ବ୍ୟାଙ୍କ ଖୋଲିବା ପରେ ଗୋଟିଏ ବାଇକ୍‌ରେ ୩ଜଣ ଦୁର୍ବୃତ୍ତ ବ୍ୟାଙ୍କ ପାଖକୁ ଆସିଥିଲେ। କେହି କିଛି ବୁଝିବା ପୂର୍ବରୁ ସେମାନେ ହେଲମେଟ୍ ପିନ୍ଧି ବ୍ୟାଙ୍କ ଭିତରକୁ ଧସେଇ ପଶିଥିଲେ। ପରେ ସେମାନେ ବନ୍ଧୁକ ଦେଖାଇ କର୍ମଚାରୀ ଓ ଗ୍ରାହକଙ୍କୁ ଭୟଭୀତ କରାଇ ଗୋଟିଏପଟକୁ ନେଇ ଯାଇଥିଲେ। ପରେ ସେମାନେ କ୍ୟାସ କାଉଣ୍ଟର୍‌ରେ ଥିବା ସବୁତକ ଟଙ୍କା ଲୁଟି ନେଇ ଫେରାର୍ ହୋଇଯାଇଥିଲେ। ଲୁଟ୍ ଟଙ୍କାର ପରିମାଣ ୫୦ହଜାରରୁ ୧ ଲକ୍ଷ ମଧ୍ୟରେ ହେବ ବୋଲି ପୁଲିସ୍ ସୂଚନା ଦେଇଛି।

ନକଲି ହୋଟେଲ ୱେବସାଇଟ୍‌ରେ ଶ୍ରଦ୍ଧାଳୁଙ୍କୁ ଠକେଇ

## ରାଜସ୍ଥାନରୁ ୨ ଠକଙ୍କୁ ଧରିଲା କ୍ରାଇମବ୍ରାଞ୍ଚ

କଟକ,୨୧।୭(ସମିସ): ନୀଳାଦ୍ରି ଭକ୍ତନିବାସ ନାମରେ ନକଲି ୱେବସାଇଟ୍ କରି ପୁରୀ ବୁଲିବାକୁ ଆସୁଥିବା ଲୋକଙ୍କୁ ଅନ୍‌ଲାଇନ୍‌ରେ ଚୂନ ମାରୁଥିବା ୨ ଠକଙ୍କୁ କ୍ରାଇମ୍‌ବ୍ରାଞ୍ଚ ରାଜସ୍ଥାନରୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ, ରାଜସ୍ଥାନ ଗୋବିନ୍ଦଗଡ଼ ଥାନା ଅଞ୍ଚଳର ଅମିର ଖାଁ(୨୪) ଓ କାଇଥୱାଡ଼ା ଥାନା ଅଞ୍ଚଳର ୟୁସୁଫ (୨୭)। ସେମାନଙ୍କଠାରୁ ଲାପଟପ୍, ସିମ୍ କାର୍ଡ, ମୋବାଇଲ ଫୋନ ଆଦି ଜବତ ହୋଇଛି। ପୂର୍ବରୁ ଏହି ମାମଲାରେ ସମ୍ପୃକ୍ତି ଅଭିଯୋଗରେ ଆଗ୍ରା ଅଞ୍ଚଳର ଜଣେ ଗିରଫ ହୋଇଥିଲା। ଏହି ଠକମାନେ ପୁରୀର କିଛି ଜଣାଶୁଣା ଲଜ୍ ଓ ହୋଟେଲ ନାମରେ ନକଲି ୱେବ୍‌ସାଇଟ୍ ଖୋଲିଥିଲେ। ପୁରୀରେ ରହଣି ପାଇଁ ଆସୁଥିବା ପର୍ଯ୍ୟଟକମାନେ ଏହା ଜାଣିନପାରି ଉକ୍ତ ୱେବ୍‌ସାଇଟ୍ ଜରିଆରେ ରୁମ୍ ବୁକ୍ କରିଦେଉଥିଲେ। କିନ୍ତୁ ଏଠାକୁ ଆସିବା ପରେ ସେମାନେ ଠକେଇର ଶିକାର ହେଉଥିବା ଜାଣବାକୁ ପାଉଥିଲେ। ଏମିତି ପୁଳାପୁଳା ଘଟଣା ସାମ୍ନାକୁ ଆସିବା ପରେ ଶ୍ରୀ ଜଗନ୍ନାଥ ମନ୍ଦିରର ମୁଖ୍ୟ ପ୍ରଶାସକ ମଧ୍ୟ ଲିଖିତ ଅଭିଯୋଗ କରିଥିଲେ। କ୍ରାଇମବ୍ରାଞ୍ଚ ଏହାକୁ ଗୁରୁତ୍ୱର ସହ ନେଇ ତଦନ୍ତ ଆରମ୍ଭ କରିଥିଲା। କ୍ରାଇମବ୍ରାଞ୍ଚ ପ୍ରଥମେ ଉକ୍ତ ନକଲି ୱେବସାଇଟ୍‌ଗୁଡ଼ିକୁ ବନ୍ଦ କରାଇବା ସହ ଅଭିଯୁକ୍ତମାନଙ୍କୁ ଧରିଥିଲା।






### ଘୋଷଣା ପତ୍ର



ମୁଁ ସାବିତ୍ରୀ ମାଝୀ, ସ୍ୱାମୀ - ଗୁନଧର ମାଝୀ, ଗ୍ରାମ - ବଡଧନାଡ଼ି, ପୋଷ୍ଟ - କୁସୁଡ଼ିହା, ଜିଲ୍ଲା - ବାଲେଶ୍ୱର, ପିନ ନଂ - ୭୫୬୦୨୯ ର ବାସିନ୍ଦା । ମୁଁ ଗୋଟେ ଏଲ୍.ଆଇ.ସି କରିଥିଲି ପଲିସି ନଂ - 585985535, ଏହି ପଲିସିଟି ଇନ୍ଦିରା ମାଝୀ (Indira Majhi) , ସ୍ୱାମୀ - ଗୁନାଧର ମାଝୀ (Gunadhar Majhi), ନାମରେ କରାଯାଇଥିଲା । ଏହି ପଲିସିଟି 19/01/25 ତାରିଖରେ ପରିପକ୍ୱତା ହୋଇସାରିଛି । ଏହାର ଅଗ୍ରୀମ ରାଶି ଇନ୍ଦିରା ମାଝୀ ନାମରେ ଥିବା ଏସ୍.ବି. ଆଇ ଜମା ଖାତା ନଂ. 34482233579 କୁ ଆସିଥିଲା ପରନ୍ତୁ ଏହି ଜମା ଖାତାଟି ବନ୍ଦ ହୋଇଯାଇଥିବାରୁ ପୁଣି ସମସ୍ତ ଅଗ୍ରୀମ ରାଶି ଏଲ.ଆଇ.ସି ଅଫିସକୁ ଫେରସ୍ତ ହୋଇଯାଇଛି | କାରଣ ଇନ୍ଦିରା ମାଝୀ ନାମ ରେ ଥିବା ଏସ.ବି.ଆଇ ଜମା ଖାତା ନଂ 34482233579 ଟି ବନ୍ଦ ହୋଇଯାଇଥିବାରୁ ବର୍ତ୍ତମାନ ସାବିତ୍ରୀ ମାଝୀ (SABITRI MAJHI) ନାମରେ ଅନ୍ୟ ଏକ ଜମା ଖାତା ନଂ 43395855322 ଖୋଲା ଯାଇଅଛି । ବର୍ତ୍ତମାନ ଇନ୍ଦିରା ମାଝୀ ନାମରେ ଥିବା ସମସ୍ତ ଡକ୍ୟୁମେଣ୍ଟ ଯଥା ଆଧାର କାର୍ଡ, ଭୋଟର କାର୍ଡ, ପ୍ୟାନ୍ କାର୍ଡ, ରାସନ କାର୍ଡ ଇତ୍ୟାଦି ସବୁଥିରେ ସାବିତ୍ରୀ ମାଝୀ ନାମରେ ପରିବର୍ତ୍ତନ ହୋଇସାରିଛି । ଇନ୍ଦିରା ମାଝୀ ଏବଂ ସାବିତ୍ରୀ ମାଝୀ ହେଉଛନ୍ତି ଜଣେ ଓ ଅଭିନ୍ନ। ତାହା ମୁଁ ନିଜେ ଏବଂ ମୁଁ ଏହାର ସତ୍ୟ ସତ୍ୟାତା ପାଇ କୋର୍ଟ ରେ ମଧ୍ୟ ଏଫିଡେଭିଟ କରିସାରିଛି ।

ଏଣୁ ବିନିତ ଅନୁରୋଧ ମୋର ଏହି ଏଲ.ଆଇ.ସି. ମେଚ୍ୟୁରିଟିର ଅଗ୍ରୀମ ରାଶିକୁ ସାବିତ୍ରୀ ମାଝୀ ନାମରେ ଥିବା ଏସ.ବି.ଆଇ ଜମା ଖାତା ନଂ - 43395855322 ଶାଖା - ଶ୍ରୀରାମପୁରରେ ପଠେଇବାରେ ସାହାଯ୍ୟ କରନ୍ତୁ ।

## ଆଜିର ରାଶିଫଳ

**ମେଷ:** ଦିନଟି ଶୁଭଫଳ ପ୍ରଦାନ କରିବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିପାରନ୍ତି। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ପ୍ରେମ ସମ୍ବନ୍ଧ ମଜଭୁତ ହେବ। ଆଶା କରିଥିବା ଦିଗରୁ ଅର୍ଥ ମିଳିପାରେ।

**ବୃଷ:** ବିବାହ ପ୍ରସ୍ତାବ ସ୍ଥିର ହେବ। ସମାଜରେ ପ୍ରତିଷ୍ଠା ବଢ଼ିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। କୋର୍ଟ ମାମଲାରେ ସଫଳତା ହାସଲ କରିବେ। ମହିଳାମାନେ କିଣାକିଣିରେ ଅଧିକ ଖର୍ଚ୍ଚ କରିବେ।

**ମିଥୁନ:** ରାଜନୀତିରେ ସଫଳତା ମିଳିବ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ମହିଳାଙ୍କୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମିଳିପାରେ।

**କର୍କଟ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ। ଏକାଗ୍ରତାର ସହ କାମ କରିବେ। ସନ୍ତାନ ସୁଖ ପ୍ରାପ୍ତ ହେବ।

**ସିଂହ:** ବନ୍ଧୁ ମିଳନ ଯୋଗ ଅଛି। ଘରେ ପୂଜାପାଠ ଆୟୋଜନ କରିବେ। ପ୍ରେମ ସମ୍ବନ୍ଧରେ ତିକ୍ତତା ଦେଖା ଦେବ। କାର୍ଯ୍ୟକ୍ଷେତ୍ରରେ ସମସ୍ୟା ଦୂର ହେବ। ଅଚାନକ ଖୁସି ଖବର ପାଇ ପାରନ୍ତି।

**କନ୍ୟା:** ଭାଇଭଉଣୀଙ୍କ ମଧ୍ୟରେ ଭୁଲ ବୁଝାମଣା ଦୂର ହେବ। ସକାରାତ୍ମକ ଚିନ୍ତାଧାରାରେ କାର୍ଯ୍ୟ କରିବେ। ନିବେଶ ପାଇଁ ଅନୁକୂଳ ସମୟ ନୁହେଁ। ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ।

**ତୁଳା:** ବୁଝି ବିଚାରି ନିଷ୍ପତ୍ତି ନିଅନ୍ତୁ। କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ସରକାରୀ ଚାକିରି ପାଇଁ ସମୟ ଲାଗିବ। ଦାମ୍ପତ୍ୟ ଜୀବନରେ ମତଭେଦ ସୃଷ୍ଟି ହୋଇପାରେ।

**ବିଛା:** ଅଫିସ୍ କାର୍ଯ୍ୟ ଠିକ୍ ସମୟରେ ପୂରା କରିବେ। ବରିଷ୍ଠ ଅଧିକାରୀ କାମ ପାଇଁ ପ୍ରଶଂସା କରିବେ। ଗରିବ ଲୋକଙ୍କୁ ସାହାଯ୍ୟ କରିବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ଦୂରଯାତ୍ରା କରିପାରନ୍ତି।

**ଧନୁ:** ଶାନ୍ତ ମନରେ କାର୍ଯ୍ୟ କରିବେ। ବ୍ୟବସାୟରେ ସଫଳ ହେବେ। ଆର୍ଥିକ ସ୍ଥିତି ମଜଭୁତ ହେବ। ବିଦ୍ୟାର୍ଥୀ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି। ଚକ୍ଷୁ ସମସ୍ୟା ହୋଇପାରେ।

**ମକର:** ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ବନ୍ଧୁଙ୍କ ସହ ଆଲୋଚନା କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଧାର୍ମିକ ସ୍ଥାନକୁ ଯାତ୍ରା କରିବେ।

**କୁମ୍ଭ:** ଇଚ୍ଛା ପୂରଣ ହେବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ମହିଳାମାନେ ସାମାଜିକ ଓ ଧାର୍ମିକ କାର୍ଯ୍ୟରେ ସାମିଲ ହେବ।

**ମୀନ:** ମନ ପ୍ରସନ୍ନ ରହିବ। ନୂଆ ଯୋଜନା ସହ କାମ ଆରମ୍ଭ କରିବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ସାଙ୍ଗସାଥୀଙ୍କ ସହିତ ସମୟ ଅତିବାହିତ କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

## ଆଜିର ଇତିହାସ

- ୧୯୧୬- ବିଶ୍ୱର ସବୁଠୁ ବଡ଼ ଏରୋସ୍ପେସ୍ କମ୍ପାନି 'ବୋଇଂ'ର ଆରମ୍ଭ।
- ୧୯୨୬- ମୁମ୍ବାଇରେ ପ୍ରଥମେ ମୋଟର୍ ବସ୍ ସେବା ଆରମ୍ଭ ହେଲା।
- ୧୯୬୨- ଆଲ୍‌ଜେରିଆ ଆରବ ଲିଗ୍‌ର ଅଂଶ ହେଲା।
- ୧୯୭୯- ପ୍ରଧାନମନ୍ତ୍ରୀ ମୋରାରଜୀ ଦେଶାଇ ନିଜ ପଦରୁ ଇସ୍ତଫା ଦେଲେ।
- ୨୦୧୨- ନେପାଳ ପାରସିରେ ବସ୍ ଦୁର୍ଘଟଣା ଯୋଗୁ ୪୦ ତୀର୍ଥଯାତ୍ରୀଙ୍କ ମୃତ୍ୟୁ।



## ଆମ୍ବ ପାଇଁ ଦିନଟିଏ

ପ୍ରତିବର୍ଷ ଜୁଲାଇ ୨୨ ତାରିଖକୁ 'ଜାତୀୟ ଆମ୍ବ ଦିବସ' ଭାବେ ପାଳନ କରାଯାଉଛି। ଔଷଧୀୟ ଗୁଣରେ ଭରପୂର ଆମ୍ବର ପ୍ରଚାର ପ୍ରସାର ପାଇଁ ଏହି ଦିବସର ପରିକଳ୍ପନା। ଆମ୍ବ ହେଉଛି ଏକ ପ୍ରକୃତି ଦତ୍ତ ସମୃଦ୍ଧ ଏବଂ ଆକର୍ଷଣୀୟ ମିଠା ଫଳ । ଆମ୍ବର ସ୍ୱାଦ ପାଇଁ ତାକୁ ଫଳର ରାଜା ବୋଲି କୁହାଯାଏ। ଏହାକୁ ଉଭୟ କଞ୍ଚା ଓ ପାଚିଲା ଭାବେ ଖିଆଯାଏ। ଖରାଦିନେ ଭାତ, ରୁଟି ସହିତ ସବୁଠୁ ଅଧିକ ଖୋଜା ପଡ଼ିଥାଏ ପାଚିଲା ଆମ୍ବକୁ । ଓଡ଼ିଆ ଘରେ ରଜ ଓ ସାବିତ୍ରୀ ଭାରରେ ସ୍ଥାନ ପାଏ ଆମ୍ବ। ଭାରତର ଜାତୀୟ ଫଳ ଆମ୍ବ । ଏହି ସ୍ୱାଦିଷ୍ଟ ଓ ରସାଳ ଫଳଟିକୁ ସବୁ ବୟସର ଲୋକେ ଖାଇବାକୁ ପସନ୍ଦ କରନ୍ତି। ଏଥିରେ ଅନେକ ଔଷଧୀୟ ଗୁଣ ମଧ୍ୟ ରହିଛି। ସ୍ୱାଦ ଓ ବାସ୍ନା ଯୋଗୁ ଆମ୍ବ ଯୁଗ ଯୁଗ ଧରି ଭାରତର ଖାଦ୍ୟ ସଂସ୍କୃତି ସହିତ ଓତପ୍ରୋତ ଭାବେ ଜଡ଼ିତ ହୋଇ ରହିଛି। ଐତିହାସିକମାନଙ୍କ ତଥ୍ୟ ଅନୁସାରେ, ଭାରତୀୟମାନେ ୪୦୦୦ ବର୍ଷରୁ ଅଧିକ କାଳ ଧରି ଏହି ରସାଳ ଫଳ ଚାଷ କରୁଥିବାବେଳେ ପାଶ୍ଚାତ୍ୟ ଦେଶଗୁଡ଼ିକରେ ଏହା ମାତ୍ର ୪୦୦ ବର୍ଷ ପୁରୁଣା। ଆମ୍ବର ପୁରାତନ ନାମ ଥିଲା ଆମ୍ରଫଳ। ବେଦରେ ଏହାକୁ 'ରସାଳ' ଓ 'ସହକାର' ନାମରେ ନାମିତ କରାଯାଇଛି। ସାଧାରଣତଃ ଖରାଦିନେ ଏହା ବଜାରରେ ଉପଲବ୍ଧ ହୋଇଥାଏ। ଏବେ କିନ୍ତୁ ବର୍ଷର ସବୁ ସମୟରେ ବଜାରରେ ଅଳ୍ପ ବହୁତେ ଆମ୍ବ ମିଳୁଛି। ଆମ୍ବରେ ପାଖାପାଖି ୨୦ ପ୍ରକାରର ଭିଟାମିନ୍ ଓ ଖଣିଜ ତତ୍ତ୍ୱ ରହିଛି, ଯେଉଁଥିପାଇଁ ଏହା ଏକ ସୁପର୍‌ଫୁଡ୍ ଭାବେ ମଧ୍ୟ ପରିଗଣିତ ହୋଇଥାଏ। ହିନ୍ଦୁ ଧର୍ମ, ଧାର୍ମିକ ବିଶ୍ୱାସ ଓ ପରମ୍ପରାରେ ଆମ୍ବ ଓ ଆମ୍ବ ଡାଳର ବହୁତ ମହତ୍ୱ ଅଛି। କଳସ ବା ଘଟ ସ୍ଥାପନ ଉପଲକ୍ଷେ ଆମ୍ବଡାଳ ଓ ପଇଡ଼ ଅପରିହାର୍ଯ୍ୟ ବସ୍ତୁ। ବିଭିନ୍ନ ମେଳାସ୍ଥଳୀ ଓ ସ୍ୱାଗତ ତୋରଣକୁ ଆମ୍ବ ଡାଳଦ୍ୱାରା ସଜା ଯାଇଥାଏ। ଦୋଳଯାତ ବେଳେ ପ୍ରଭୁ ଶ୍ରୀଦୋଳଗୋବିନ୍ଦଙ୍କ ପାଖରେ ଆମ୍ବ କଷି ଲାଗି କରାଯାଏ। ଆମ୍ବ ଏକ ଅତ୍ୟନ୍ତ ପବିତ୍ର ବୃକ୍ଷ। ବିଭିନ୍ନ ମାଙ୍ଗଳିକ କାର୍ଯ୍ୟରେ ଆମ୍ବପତ୍ର ବ୍ୟବହାର ହେତୁ ଏହା ଅନ୍ୟାନ୍ୟ ବୃକ୍ଷ ଯଥା ତୁଳସୀ, ବେଲ ଅଁଳା, ଅଶ୍ୱତ୍ଥ, ବର, ପଳାଶ, କଦଳୀ ଇତ୍ୟାଦି ଭଳି ପୂଜନୀୟ। ସେହିଭଳି ବୃକ୍ଷ ପୂଜା ପରମ୍ପରାରେ ଆମ୍ବ ଗଛକୁ ପୂଜା କରିବାର ପର୍ବ ହେଉଛି ବଉଳ ଅମାବାସ୍ୟା। ପୌଷ ମାସର ଅମାବାସ୍ୟା ବଉଳ ଅମାବାସ୍ୟା ନାମରେ ଖ୍ୟାତ। ବସନ୍ତ ପଞ୍ଚମୀ ତିଥିରେ ବିଦ୍ୟାଦାତ୍ରୀ ସରସ୍ୱତୀଙ୍କ ପୂଜାରେ ମଧ ଲାଗି ହୁଏ ଆମ୍ବର ବଉଳ।

## ବାଲିରେ ଘଟୁଛି ବ୍ରେକ୍‌ଅପ୍!



ଇଣ୍ଡୋନେସିଆର ବାଲି ହେଉଛି ଅତ୍ୟନ୍ତ ସୁନ୍ଦର ଏବଂ ମନୋରମ ପର୍ଯ୍ୟଟନସ୍ଥଳୀ। ଏଠାକୁ ପ୍ରତିବର୍ଷ ଲକ୍ଷ ଲକ୍ଷ ପର୍ଯ୍ୟଟକ ଛୁଟି କାଟିବାକୁ ଯାଆନ୍ତି। ଏବେ ଏହି ସ୍ଥାନ ତାର ପ୍ରାକୃତିକ ସୌନ୍ଦର୍ଯ୍ୟ ପାଇଁ ନୁହେଁ ବରଂ ଅଜବ ଲୋକବିଶ୍ୱାସକୁ ନେଇ ଚର୍ଚ୍ଚାରେ ରହିଛି। ବର୍ତ୍ତମାନ ସାମାଜିକ ଗଣମାଧ୍ୟମରେ ବାଲିକୁ ନେଇ ଅଜବ କଥା ଭାଇରାଲ ହେଉଛି। ଲୋକଙ୍କ କହିବା କଥା, ଅବିବାହିତ ଯୁବକ-ଯୁବତୀ ବାଲି ବୁଲିକି ଯିବାର କିଛି ଦିନ ମଧ୍ୟରେ ସେମାନଙ୍କ ମଧ୍ୟରେ ବ୍ରେକ୍‌ଅପ୍ ହୋଇ ଯାଉଛି। ତେବେ ଏହି କଥାର ଚର୍ଚ୍ଚା ଏକ ପଡକାଷ୍ଟ ଭିଡିଓରୁ ଆରମ୍ଭ ହୋଇଛି। ଏହି ଭିଡିଓଟି ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହେଉଛି। ଏହି ପଡକାଷ୍ଟର ହୋଷ୍ଟ କହିଛନ୍ତି ଯେ, ଅନେକ ପ୍ରେମୀଯୁଗଳ ସେମାନଙ୍କ ବ୍ରେକ୍‌ଅପ୍ କାହାଣୀ ସୋସିଆଲ ମିଡିଆରେ ସେୟାର୍ କରିଛନ୍ତି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା, ଏହି ପ୍ରେମୀଯୁଗଳମାନେ ବ୍ରେକ୍‌ଅପ୍ ପୂର୍ବରୁ ବାଲି ଯାଇଥିଲେ। ବାଲି ଟ୍ରିପ୍ ପରେ ପ୍ରେମୀ ଯୁଗଳଙ୍କ ସମ୍ପର୍କରେ ତିକ୍ତତା ଦେଖାଯାଇ ଶେଷରେ ବ୍ରେକ୍‌ଅପ୍ ହେଉଥିବା କୁହାଯାଉଛି। ତେବେ ଏଭଳି ବ୍ରେକ୍‌ଅପ୍‌କୁ ବାଲିରେ ଥିବା tanah lot ମନ୍ଦିର ସହିତ ଯୋଡ଼ା ଯାଇଛି। ଏହି ମନ୍ଦିର ଖୁବ୍ ଲୋକପ୍ରିୟ। ଏହା ସମୁଦ୍ରକୂଳରେ ଥିବା ଏକ ଚଟାଣ ଉପରେ ରହିଛି। ଏହି ମନ୍ଦିରରେ ଏକ ବିଶେଷ ପ୍ରକାର ଶକ୍ତି ଅଛି ବୋଲି ସ୍ଥାନୀୟ ଲୋକେ କୁହନ୍ତି। ଏହା ପ୍ରେମ ସମ୍ପର୍କର ପରୀକ୍ଷା ନେଇଥାଏ। ସମ୍ପର୍କ ମଜଭୁତ ନ ଥିଲେ, ମନ୍ଦିର ଯିବା ପରେ ସମ୍ପର୍କ ଭାଙ୍ଗିଯାଏ ବୋଲି କୁହାଯାଏ। ତେଣୁ ଅବିବାହିତଙ୍କୁ ଏହି ମନ୍ଦିର ଯିବା ଉଚିତ ନୁହେଁ ବୋଲି ସ୍ଥାନୀୟ ଲୋକେ ମତ ଦିଅନ୍ତି। ସେହିପରି ପ୍ରଶ୍ନ ଉଠୁଛି, ଏହି କଥାର ସତ୍ୟାସତ୍ୟ କେତେ? ଏସମ୍ପର୍କରେ ରିଲେସନ୍‌ସିପ୍ ଏକ୍ସପର୍ଟଙ୍କ କହିବା କଥା, ପ୍ରେମୀ ଯୁଗଳ ଯେତେବେଳେ ଏକାଠି ଯାତ୍ରା କରନ୍ତି ଓ ଦୀର୍ଘ ସମୟ ଏକାଠି ରହନ୍ତି, ପରସ୍ପରର ଅଭ୍ୟାସ, ଦୋଷ, ଦୁର୍ବଳତା ଆଦି ବାବଦରେ ଜାଣନ୍ତି। ଏହାସହ ଯାତ୍ରାର ଥକ୍କାପଣ, ଟଙ୍କା ଚିନ୍ତା, ଭବିଷ୍ୟତ ଚିନ୍ତା କରିବାବେଳେ କଳି, ଝଗଡ଼ା ଆଦି ମିଶି ସମ୍ପର୍କରେ ତିକ୍ତତା ଆସେ। ଯଦି ସମ୍ପର୍କ ପୂର୍ବରୁ ଦୁର୍ବଳ ଥାଏ, ଏହି ତିକ୍ତତା ଅଧିକ ବୃଦ୍ଧି ପାଏ। ତେଣୁ ଏଭଳି ସ୍ଥିତିରେ ବାଲିକୁ ଦୋଷ ଦେବା ଭୁଲ୍ ହେବ।

## କାହାଣୀ ପାଇଁ ଅଟକିଛି 'ଏସ୍‌ଏସ୍‌ଏମ୍‌ବି୨୯'ର ସୁଟିଂ



'ରାମାୟଣ' ପରେ ଏସ୍. ଏସ୍ ରାଜମୌଳିଙ୍କ 'ଏସ୍‌ଏସ୍‌ଏମ୍‌ବି୨୯'କୁ ଭାରତୀୟ ଇତିହାସର ସବୁଠୁ ବଡ଼ ବଜେଟ୍‌ର ଫିଲ୍ମ କୁହାଯାଉଛି। ଏଥିରେ ଲିଡ୍ ରୋଲରେ ମହେଶବାବୁ ଓ ପ୍ରିୟଙ୍କା ଚୋପ୍ରା ନଜର ଆସିବେ। କିଛି ଦିନ ପୂର୍ବରୁ ଲୋକେସନ ପାଇଁ ଏହାର ସୁଟିଂ ଅଟକିଥିବା କିଛି ରିପୋର୍ଟରେ ପ୍ରକାଶ ପାଇଥିଲା। ପ୍ରକୃତରେ ଫିଲ୍ମର କାହାଣୀ ପାଇଁ ଏବେ ସୁଟିଂ ଅଟକି ଯାଇଥିବା ଜଣାପଡ଼ିଛି। ଫିଲ୍ମର ଗୋଟିଏ ପାର୍ଟର ସୁଟିଂ ମହେଶବାବୁ ସାରି ଦେଇଛନ୍ତି। କିନ୍ତୁ ଏଥିରେ ଆହୁରି ମସଲା ଦିଆଯାଇ ପାରିଥାନ୍ତା ବୋଲି ସେ ଅନୁଭବ କଲେ। ଏବେ ସେ ସୁଟିଂରୁ ବ୍ରେକ୍ ନେଇ ଏହାର କାହାଣୀ ଉପରେ କାମ କରୁଛନ୍ତି। ଫିଲ୍ମଟିକୁ ହିଟ୍ କରିବା ପାଇଁ ରାଜମୌଳି ମହେଶବାବୁଙ୍କର ଏକ ସୋଲୋ ଡ୍ୟାନ୍ସ ନମ୍ବର ରଖିଛନ୍ତି। 'ଏସ୍‌ଏସ୍‌ଏମ୍‌ବି୨୯'ର କାହାଣୀ ହଲିଉଡ୍‌ର 'ଇଣ୍ଡିଆନା ଜୋନ୍‌ସ' ସିରିଜ୍‌ରୁ ପ୍ରେରିତ ବୋଲି କୁହାଯାଉଛି। ଫିଲ୍ମରେ ଅଧିକ ଆକ୍ସନ୍ ଓ ଜଙ୍ଗଲ ସିନ୍ ରହିବ ବୋଲି କୁହାଯାଉଛି।





## କମ୍ ଖର୍ଚ୍ଚରେ ଅଧିକ ଲାଭ ସିଟ୍ରୋନେଲା



**ଆଜିକାଲି ପାରମ୍ପରିକ ଚାଷ ବଦଳରେ ବହୁ ଲୋକ ଔଷଧୀୟ ବଗିଚା କରିବା ଟ୍ରେଣ୍ଡକୁ ଆପଣାଇଛନ୍ତି। ତୁଳସୀ, ଘି-କୁଆଁରୀ, ପୁଦିନା, ଗିଲୟ, କୁଆଣି, ନିମ, ହଳଦୀ ଆଦି ଗଛ ସହିତ ଅଧିକାଂଶ ସୁଗନ୍ଧିତ ଘାସ ଚାଷ କରି ଆତ୍ମନିର୍ଭରଶୀଳ ହେଉଛନ୍ତି। ତେବେ କମ୍ ଖର୍ଚ୍ଚରେ ଜାଭା ସିଟ୍ରୋନେଲା ଚାଷରୁ ଜଣେ ଆୟ ବୃଦ୍ଧି କରିପାରିବ। ଏହି ଔଷଧୀୟ ଗଛରେ ଆଣ୍ଟି ବ୍ୟାକ୍ଟେରିଆଲ, ଆଣ୍ଟିଆମୋଏବିକ୍ ଏବଂ ଆଣ୍ଟିସେପ୍ଟିକ୍ ଗୁଣ ଭରପୁର ଥିବାରୁ ଏହା ସ୍ୱାସ୍ଥ୍ୟ ପାଇଁ ହିତକର। ସେହିପରି ଏହି ଚାଷ ପରିବେଶ ଅନୁକୂଳ।**

ଜାଭା ସିଟ୍ରୋନେଲା ପତଳା ଓ ଲେମ୍ବୁ ପରି ସୁଗନ୍ଧ ଆସୁଥିବା ସୁଗନ୍ଧିତ ଘାସ। ଏଥିରୁ ବାହାରୁଥିବା ତେଲ ପରଫ୍ୟୁମ୍, ମଶାମାରିବା ପାଇଁ ଉତ୍ପାଦ, ସାନିଟାଇଜର, ଧୂପ, ସାବୁନ୍ ଏବଂ ହର୍ବାଲ୍ କ୍ରିମ୍ ବ୍ୟବହାର ପାଇଁ ଉପଯୋଗୀ ହୋଇଥାଏ। ବଜାରରେ ଏହାର ମୂଲ୍ୟ ପ୍ରତି ଲିଟର ପିଛା ୧୪୦୦ ଟଙ୍କା। ଏହି ଚାଷ ପାଇଁ କମ୍ ଖର୍ଚ୍ଚ ହୋଇଥାଏ। ଏହା ଏକ ବହୁବର୍ଷୀୟ ଫସଲ। ଅର୍ଥାତ୍ ଏହାକୁ ଥରେ ଲଗାଇଲେ, ପାଞ୍ଚ ବର୍ଷ ପର୍ଯ୍ୟନ୍ତ ୩ରୁ ୪ଥର କାଟି ପାରିବେ। ପ୍ରଥମ ବର୍ଷରେ ହେକ୍ଟର ପିଛା ୧୫୦ରୁ ୨୦୦ କିଗ୍ରା ତେଲ ମିଳିଥାଏ। ଏହି ଚାଷ ପାଇଁ ବାଲିଆ ଦୋରସା ମାଟି ଉପଯୁକ୍ତ। ଅମ୍ଳୀୟ ଏବଂ କ୍ଷାରୀୟ ମାଟିରେ ବି ସଫଳତା ପୂର୍ବକ ଏହି ଚାଷ କରାଯାଇପାରିବ। ଏହାର ଉନ୍ନତ କିସମ ହେଉଛି, ଜୋର ଲ୍ୟାବ୍ ସି-୫, ଜୋର ଲ୍ୟାବ ସି-୨ ଏବଂ ବାୟୋ-୧୩ ଇତ୍ୟାଦି। ଏହି ଚାଷରୁ ଅଧିକ ଲାଭ ପାଇବା ପାଇଁ ଜମିକୁ ତିନିରୁ ଚାରି ଥର ଗଭୀର ହଳ କରି ହେକ୍ଟର ପିଛା ୨୦ରୁ ୨୫ ଟନ୍ ସଢ଼ା ଖତ ମିଶାଯାଇଥାଏ। ଚାଷ ପାଇଁ ଫେବୃୟାରୀ-ମାର୍ଚ୍ଚ କିମ୍ବା ଜୁଲାଇରୁ ଅଗଷ୍ଟ ମାସ ଭଲ ସମୟ। ଏହି ଫସଲରେ ରୋଗ ପୋକ ଲାଗିବାର ଭୟ କମ୍ ଥାଏ। ସିଟ୍ରୋନେଲା ଚେର ମାଟିର ଅଧିକ ଗଭୀରକୁ ଯାଉନଥିବାରୁ ଏହି ଫସଲରେ ନିୟମିତ ଜଳ ସିଞ୍ଚନ ଆବଶ୍ୟକ। ଗ୍ରୀଷ୍ମଋତୁରେ ୧୦ରୁ ୧୫ ଦିନ ଏବଂ ଶୀତଋତୁରେ ୨୦ରୁ ୩୦ ଦିନ ଅନ୍ତରରେ ଜଳ ସିଞ୍ଚନ ଜରୁରି। ସିଟ୍ରୋନେଲା ମୂଳଚାରା ଲଗାଯିବାର ୬ ମାସ ମଧ୍ୟରେ ଘାସ କଟାଯାଇ ଏଥିରୁ ତେଲ କଢ଼ାଯାଇଥାଏ।

## ଧାନ ଫସଲରେ ରୋଗ ନିୟନ୍ତ୍ରଣ ପାଇଁ ପ୍ରଭାବୀ ଫିମ୍ପିନାଶକ



ଆମ ରାଜ୍ୟର ମୁଖ୍ୟ ଫସଲ ହେଉଛି ଧାନ। ହେଲେ ଧାନ ଫସଲରେ ରୋଗପୋକ ପ୍ରାଦୁର୍ଭାବରୁ ଧାନ ଅମଳ ଶତକଡ଼ା ୩୦ ପ୍ରତିଶତ ହ୍ରାସ ପାଇଥାଏ। ଖରିଫ ଧାନ ଫସଲରେ ପିଲ ଦେବା ପରଠାରୁ ଥୋଡ଼ ଆସିବା ମଧ୍ୟରେ ପତ୍ରଛଦା ପୋଡ଼ାରୋଗ ସଂକ୍ରମଣ କରିଥାଏ। ସଂକ୍ରମିତ ରୋଗାକ୍ରାନ୍ତ ଗଛର ପତ୍ର ମୂଳେ ଧୂସର ସବୁଜ ରଙ୍ଗର ଏକ ଦାଗ ଦେଖାଯାଇ କ୍ରମେ ଆକାର ବୃଦ୍ଧି ପାଏ। ରୋଗର ପ୍ରାଦୁର୍ଭାବ ଅଧିକ ହେଲେ ପତ୍ର ସଂକ୍ରମିତ ହୋଇ ବୋଡ଼ା ସାପ କାତି ପରି ଚିହ୍ନ ବ୍ୟାପି ଚାଷୀଙ୍କ ଚିନ୍ତା ବୃଦ୍ଧି କରେ। ତେଣୁ ଏହି ରୋଗ ନିୟନ୍ତ୍ରଣ ପାଇଁ ନିକଟରେ ଆନ୍ତର୍ଜାତୀୟ ଉଦ୍ୟୋଗ ବାୟର ପକ୍ଷରୁ ଏକ ପ୍ରଭାବୀ ଫିମ୍ପିନାଶକ 'ଫେଲୁଜିତ'ର ଶୁଭାରମ୍ଭ କରାଯାଇଛି। ଏହା ଫସଲରେ ପତ୍ରଛଦା ପୋଡ଼ା ରୋଗ(ସିଥ୍ ବ୍ଲାଇଟ)କୁ ନିୟନ୍ତ୍ରଣ କରି ଫସଲକୁ ସୁରକ୍ଷା ଦେବ। ଖୁବ୍‌ଶୀଘ୍ର ଦେଶର ପ୍ରମୁଖ ଧାନ ଉତ୍ପାଦନକାରୀ ରାଜ୍ୟଗୁଡ଼ିକରେ ଏହି କବକନାଶକ ଉପଲବ୍ଧ ହେବ। ଫେଲୁଜିତ, ପେନ୍‌ଫ୍ଲୁଫେନ୍ ଓ ଟେବୁକୋନାଜୋଲକୁ ମିଶ୍ରଣ କରିଛି। ଏହା ଫସଲ ଅମଳ ଓ ଗୁଣବତ୍ତାକୁ ଉନ୍ନତ କରୁଥିବା ଏକ ନିର୍ଭରଯୋଗ୍ୟ ସମାଧାନ ପ୍ରଦାନ କରିପାରିବ। ଅନ୍ୟ ଫିମ୍ପିନାଶକ ଭଳି ଏହାକୁ ଫସଲରେ ବାରମ୍ବାର ପ୍ରୟୋଗ କରିବାକୁ ପଡୁନଥିବାରୁ ଚାଷୀଙ୍କ ସମୟ ବଞ୍ଚିବ। ଶ୍ରମ ଖର୍ଚ୍ଚ ମଧ୍ୟ ହ୍ରାସ ପାଇବ। ବାୟରର କ୍ରପ ସାଇନ୍ସ ଡିଭିଜନର କ୍ଲଷ୍ଟର କମର୍ସିଆଲର ପ୍ରମୁଖ ମୋହନ ବାବୁଙ୍କ କହିବାନୁସାରେ, "ବିଶ୍ୱ ଖାଦ୍ୟ ସୁରକ୍ଷା କ୍ଷେତ୍ରରେ ଧାନର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଦୃଷ୍ଟିରେ ରଖି ଆମର ଉଦ୍ଭାବନ ଚାଷୀଙ୍କୁ କମ୍ ପ୍ରୟୋଗ ସହିତ ପ୍ରଭାବୀ ରୂପେ ରୋଗ ପରିଚାଳନା କରିବା, ନିଜର ସଂଶାଧନକୁ ଉନ୍ନତ କରିବା ଏବଂ ବର୍ଦ୍ଧିତ କୃଷି ଆହ୍ୱାନ ମଧ୍ୟରେ ସେମାନଙ୍କର ଲାଭ ବୃଦ୍ଧି କରିବା ପାଇଁ ସଶକ୍ତ କରିଥାଏ।" ୩୨୦ ମିଲି ଓ ୧ ଲିଟରରେ ଉପଲବ୍ଧ ଫେଲୁଜିତ ସିଥ୍ ବ୍ଲାଇଟ ବିରୋଧି ଲଢେଇରେ ଏକ ପ୍ରଭାବୀ ଫିମ୍ପିନାଶକ ଏଥିରେ ଅତ୍ୟୁକ୍ତି ନାହିଁ।

## ସ୍ମାର୍ଟ ଆଲୋକ ଯନ୍ତ୍ର

ଫସଲର ପୋକ ନିୟନ୍ତ୍ରଣ ପାଇଁ ଚାଷୀମାନେ କୀଟନାଶକ, ସାର, ଔଷଧ ଆଦି ପ୍ରୟୋଗ କରନ୍ତି। ପୋକ ନିୟନ୍ତ୍ରଣ କରିବାକୁ ଆଲୋକଯନ୍ତ୍ର ଏକ ଉତ୍ତମ ବିକଳ୍ପ। ତେବେ ପାରମ୍ପରିକ ଆଲୋକଯନ୍ତ୍ର ସମସ୍ତ ପ୍ରଜାତିର ପୋକକୁ ଆକର୍ଷିତ କରୁଥିବାରୁ ଫସଲ ବୃଦ୍ଧି ପାଇଁ ଆବଶ୍ୟକୀୟ ଉପକାରୀ କୀଟ ଲୋପ ପାଇଯାଆନ୍ତି। ଏନେଇ ତେଲ୍‌ଟା ଥିଙ୍ଗସ୍ ପ୍ରା ଲିଃ ଜୟଶଙ୍କର ତେଲେଙ୍ଗାନା ରାଜ୍ୟ କୃଷି ବିଶ୍ୱବିଦ୍ୟାଳୟ (ପିଜେଟିଏସ୍‌ଏୟୁ)ର ବୈଜ୍ଞାନିକଙ୍କ ସହ ମିଳିତ ଭାବେ ଏକ ସ୍ମାର୍ଟ ଉପକରଣ ବିକଶିତ କରିଛନ୍ତି। ଆଇଟ୍ରାପର ନାମକ ଏହି ଆଲୋକଯନ୍ତ୍ରଟି ଏକ ଇଣ୍ଟେଲିଜେଣ୍ଟ ଆଲୋକ ଯନ୍ତ୍ର। ବିଶେଷକରି ଏକ ନିର୍ଦ୍ଦିଷ୍ଟ ସମୟରେ କପାର ବକରା ବିନ୍ଧା ପୋକ ଏବଂ ଧାନ ଫସଲରେ ଲାଗୁଥିବା ନିର୍ଦ୍ଦିଷ୍ଟ ପୋକକୁ ଏହି ଯନ୍ତ୍ର ଅଧିକ ଆକୃଷ୍ଟ କରିଥାଏ। ଏଥିରେ ଅତି ବାଇଗଣୀ ରଶ୍ମୀ ଏବଂ ଦୃଶ୍ୟମାନ ଆଲୋକର ଉପଯୋଗ କରାଯାଇଛି। ଏହି ଆଲୋକଯନ୍ତ୍ରରେ ଏକ ମଲଟି ୱେଲନଥ୍ ଏଲ୍‌ଇଡି ବଲ୍‌ବ ଏବଂ ଆଇଓଟି ଯୁକ୍ତ ମାଇକ୍ରୋ କଣ୍ଟ୍ରୋଲର ଥାଏ। ଯାହାକି କେଉଁ ସମୟରେ କେଉଁ ରଙ୍ଗର ଆଲୋକ ଜଳିବ ତାହା ନିର୍ଦ୍ଧାରଣ କରିଥାଏ। ଏହି ଆଲୋକଯନ୍ତ୍ର କ୍ଷତିକାରୀ କୀଟକୁ ଆକର୍ଷିତ କରୁଥିବାବେଳେ ଉପକାରୀ କୀଟକୁ ଆଦୌ ଆକର୍ଷିତ କରେ ନାହିଁ। ଫସଲର ଉପକାରୀ କୀଟ ସକ୍ରିୟ ହେଲେ, ଉପରକଣଟି ବନ୍ଦ ହୋଇ କୀଟକୁ ସୁରକ୍ଷା ପ୍ରଦାନ କରିଥାଏ। ଫଳରେ ଚାଷୀଙ୍କୁ ଫସଲରେ ବାରମ୍ବାର କୀଟନାଶକ ସିଞ୍ଚନ କରିବାକୁ ପଡ଼େ ନାହିଁ। ପରିଶ୍ରମ କମ୍ ହୁଏ। ଏହା ପରିବେଶ ଅନୁକୂଳ ହୋଇଥିବାରୁ ଭଲ ଅମଳ ମିଳିଥାଏ।



## କୃଷି ପାଣିପାଗ

**ଏ ସପ୍ତାହ ପାଇଁ କେତେକ ପରାମର୍ଶ**

- ଖାଲୁଆ ଜମିରେ ଧାନ ଯଦି ୨୧ ଦିନର ହୋଇ ଯାଇଥାଏ, ମୁଖ୍ୟ ଜମିରେ ପ୍ରତିରୋପଣ କରି ଦିଅନ୍ତୁ।
- ମକା ଓ ନଳିତାରେ ବର୍ଷା ଛାଡ଼ିଲା ପରେ ଯବକ୍ଷାରଜାନ ପ୍ରୟୋଗ କରନ୍ତୁ।
- ମାଟିର ଆର୍ଦ୍ରତାର ସଦୁପଯୋଗ ପାଇଁ ଅଣ ଧାନ ଫସଲ ଯଥା- ଚିନାବାଦାମ, ହରଡ଼, ଜଡ଼ା, ମୁଗ, ବିରି ଓ ରାଶି ଇତ୍ୟାଦି ଫସଲ ଲଗାନ୍ତୁ।
- ମୁଗ କିମ୍ବା ବିରି ଚାଷରେ ବିହନ ବୁଣିବାର ୭ ଦିନ ପୂର୍ବରୁ ଏକ କିଗ୍ରା ବିହନରେ ୨ ଗ୍ରାମ୍ କାର୍ବେଣ୍ଡାଜିମ୍ କିମ୍ବା ୩ ଗ୍ରାମ୍ କାର୍ବୋକ୍ସିନ ଓ ଥିରାମର ମିଳିତ ଫିମ୍ପିନାଶକ ମିଶାଇ ବିହନ ବିଶୋଧନ କରନ୍ତୁ।



- ବାଇଗଣଚାରା ମୁଖ୍ୟ ଜମିରେ ଲଗାଇ ସାରିଥିଲେ କୋଡ଼ାଖୋସା ପରେ ଏକର ପ୍ରତି ୩୦ କିଗ୍ରା ୟୁରିଆ ଏବଂ ୨୦ କିଗ୍ରା ମ୍ୟୁରେଟ ଅଫ୍ ପଟାସ ସାର ପ୍ରୟୋଗ କରନ୍ତୁ।
- ପନିପରିବାରେ ସାହେବୀ ରୋଗ ପ୍ରତିରୋଧ ପାଇଁ ପ୍ରତି କେଜି ବିହନକୁ ୪ ଗ୍ରାମ୍ ଇମିଡାକ୍ଲୋପ୍ରିଡ ସହ ବିହନ ବିଶୋଧନ ନିହାତି ଜରୁରି।


## ଭାରତ-ଇଂଲଣ୍ଡ ଚତୁର୍ଥ ଟେଷ୍ଟ ବୁଧବାରଠାରୁ

# ବୁମ୍‌ରା, ପନ୍ତ୍ ଓ କାମ୍ବୋଜ ଖେଳିବେ

ଓଲ୍ଡ ଟ୍ରାଫୋର୍ଡ, ୨୧।୭ (ଏଜେନ୍ସି)

ଭାରତ ସ ଇଂଲଣ୍ଡ ମଧ୍ୟରେ ଚାଲିଥିବା ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ଚତୁର୍ଥ ମ୍ୟାଚ୍ ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫୋର୍ଡରେ ଆସନ୍ତା ବୁଧବାରଠାରୁ ଖେଳାଯିବ। ଏହା ପୂର୍ବରୁ ୧-୨ରେ ସିରିଜ୍ ପଛୁଆ ଥିବା ଭାରତକୁ ବରାବର ସ୍ଥିତିକୁ ଆଣିବା ଲାଗି ଏହି ମ୍ୟାଚ୍ ଜିତିବା ନିହାତି ଆବଶ୍ୟକ। ଏଭଳି ସ୍ଥିତିରେ ଦୁଇ ଫାଷ୍ଟ ବୋଲରଙ୍କ ମଧ୍ୟରୁ ବାମହାତୀ ଅର୍ଶଦୀପ ସିଂହ ଏହି ଟେଷ୍ଟରୁ ବାଦ୍ ପଡ଼ିଛନ୍ତି। ତାଙ୍କ ସହ ପେସ୍ ବୋଲିଂ ଅଲରାଉଣ୍ଡର ନୀତୀଶ ରେଡ୍ଡି ସିରିଜ୍‌ରୁ ବିଦା ହୋଇଛନ୍ତି। ଭାରତର ଏକମାତ୍ର ବିଜୟରେ ୧୦ଟି ୱିକେଟ ନେଇଥିବା ଆକାଶ ଦୀପ୍‌ଙ୍କ ଫିଟ୍‌ନେସ ଠିକ୍ ନ ଥିବାରୁ ତାଙ୍କର ଖେଳିବା ନେଇ ସନ୍ଦେହ ରହିଛି। ଭଲ ପ୍ରଦର୍ଶନ କରି ନ ଥିବା ପ୍ରସିଦ୍ଧ କ୍ରିଷ୍ଣା ଓ ଶାର୍ଦ୍ଦୁଳ ଠାକୁରଙ୍କ ନାମ ବିଚାରକୁ ନିଆଯାଉ ନାହିଁ। ୱିକେଟ ରକ୍ଷକ ଋଷଭ ପନ୍ତ୍ ଆଜି କିପିଙ୍ଗ କରିଛନ୍ତି। ଖେଳିଲାବେଳେ ଆଘାତ ପାଇଥିବା ଆଙ୍ଗୁଠିରେ ସାମାନ୍ୟ ଯନ୍ତ୍ରଣା ହୋଇଥିଲା। ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରାଙ୍କୁ ଅଧିକ ବୋଲିଂ ନ ଦେବାକୁ ନିଷ୍ପତ୍ତି ହୋଇଥିଲା। ଏହାର ଅର୍ଥ ପ୍ରଥମ ଓ ତୃତୀୟ ଟେଷ୍ଟ ଖେଳିଥିବା ବୁମ୍‌ରାଙ୍କୁ ଚତୁର୍ଥ ଟେଷ୍ଟରେ ବିଶ୍ରାମ ଦିଆଯିବା କଥା। ଏଭଳି ସ୍ଥିତିରେ ଚତୁର୍ଥ ଟେଷ୍ଟ ଲାଗି କାହାକୁ ଦଳରେ ସାମିଲ କରାଯିବ, କାହାକୁ ବାହାରେ ରଖାଯିବ ତାହାକୁ ନେଇ ଚାପରେ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ। ଏମାନଙ୍କ ସହ ଦ୍ୱନ୍ଦ୍ୱରେ ମଧ୍ୟ ଭାରତୀୟ କ୍ରିକେଟ ଦଳର ବଡ଼ ସମର୍ଥକ ଗୋଷ୍ଠୀ।





■ **ଯଶୀ ଭାଇ ଖେଲେଙ୍ଗେ** : କିନ୍ତୁ ଏସବୁ ଉପରୁ ପରଦା ଉଠାଇଛନ୍ତି ଭାରତର ଅନ୍ୟତମ ଫିଟ୍ ଫାଷ୍ଟ ବୋଲର ମହମ୍ମଦ୍ ସିରାଜ। ଆଜି ଏଠାରେ ସାମ୍ବାଦିକଙ୍କ ଆଲୋଚନା ବେଳେ ସେ ଅନେକ କଥା ସ୍ପଷ୍ଟ କରିଛନ୍ତି। 'ଯଶୀ ଭାଇ ଖେଲେଙ୍ଗେ। (ଏହାର ଅର୍ଥ ଯଶପ୍ରୀତ୍ ବୁମ୍‌ରା ଏହି ମ୍ୟାଚ୍‌ରେ ଖେଳିବେ। ଆକାଶଦୀପଙ୍କ ମାଂସପେଶୀରେ ଆଘାତ ଲାଗିଛି। ଟ୍ରେନର ଓ ଫିଜିଓ ତାଙ୍କ ଉପରେ ନିଷ୍ପତ୍ତି ନେବେ। ସେ ଯାହା ହେଉ ଠିକଣା ଏରିଆରେ ଆମକୁ ବୋଲିଂ କରିବାକୁ ହେବ' ବୋଲି ସିରାଜ କହିଛନ୍ତି। ସିରାଜଙ୍କ ସୂଚନାରୁ ଯଶପ୍ରୀତ୍ ବୁମ୍‌ରା ଏହି ଟେଷ୍ଟରେ ଖେଳିବା ସ୍ପଷ୍ଟ ହୋଇଛି। ଏଠାରେ ଯଦି ଭାରତ ହାରିଯାଏ ତେବେ ସିରିଜ୍‌ରେ ପରାଜିତ ହେବ। ଏଣୁ ମ୍ୟାଚ୍ ବଞ୍ଚାଇବା କିମ୍ବା ବିଜୟ ହାସଲ କରିବା ଭାରତର ପ୍ରାଥମିକତା। ବୁମ୍‌ରାଙ୍କ ପାର୍ଟନର ଆକାଶ ଦୀପ୍‌ଙ୍କ ଖେଳିବା ନେଇ ସନ୍ଦେହ ରହିଛି। ଦଳରେ ଆଉ ଦୁଇଜଣ ଫାଷ୍ଟ ବୋଲର ପ୍ରସିଦ୍ଧ କ୍ରିଷ୍ଣା ଓ ଶାର୍ଦ୍ଦୁଳ ଠାକୁର ଥିଲେ ମଧ୍ୟ ଭାରତ-ଏ' ପକ୍ଷରୁ ନିକଟରେ ଇଂଲଣ୍ଡ ଲାୟନ୍ସ ବିପକ୍ଷରେ ୨ଟି ଅନ୍‌ଅଫିସିଆଲ ଟେଷ୍ଟ ଖେଳିଥିବା ହରିୟାଣାର ଅଂଶୁଲ କାମ୍ବୋଜଙ୍କୁ ଦଳରେ ସାମିଲ କରାଯାଇଛି। ଯାହା ଆଶା କରାଯାଉଛି କାମ୍ବୋଜ୍‌ଙ୍କୁ ଏଠାରେ ଡେବ୍ୟୁ କରିବାର ଯଥେଷ୍ଟ ସମ୍ଭାବନା ରହିଛି। ଏଣୁ ସିରାଜଙ୍କ ସୂଚନାକୁ ବିଶ୍ୱାସ କରାଗଲେ ଏହି ମ୍ୟାଚ୍‌ରେ ବୁମ୍‌ରା, ପନ୍ତ୍‌ଙ୍କ ଖେଳିବା ନିଶ୍ଚିତ। ଆଜି ପ୍ରସିଦ୍ଧ ଓ ଶାର୍ଦ୍ଦୁଳଙ୍କୁ ଯେପରି ନେଟ୍‌ସରୁ ଏଡ଼ାଇ ରଖାଯାଇଛି, ସେଥିରୁ ଉଭୟ ଖେଳାଳିଙ୍କର ଚତୁର୍ଥ ଟେଷ୍ଟରେ ଖେଳିବା ସମ୍ଭାବନା କମ୍। କିନ୍ତୁ ନୀତୀଶ କୁମାର ରେଡ୍ଡିଙ୍କ ସ୍ଥାନରେ କିଏ ଖେଳିବେ ତାହାକୁ ନେଇ ସନ୍ଦେହ ରହିଛି।

■ **ଡେବ୍ୟୁ କରିପାରନ୍ତି କାମ୍ବୋଜ୍** : ଭାରତୀୟ ଦଳରେ ଜଣେ ନବାଗତ ଫାଷ୍ଟ ବୋଲର ହରିୟାଣାର ଅଂଶୁଲ କାମ୍ବୋଜ୍‌ଙ୍କୁ ସାମିଲ କରାଯାଇଛି। ଶନିବାର ସେ ଟିମ୍ ସହ ଯୋଗଦେଇଥିଲେ ଓ ରବିବାର ମାଞ୍ଚେଷ୍ଟର ୟୁନାଇଟେଡ୍‌ରେ ଟିମ୍ ସହ ରହିଥିଲେ। ଆଜି ସୋମବାର ସେ ନେଟ୍ ପ୍ରାକ୍ଟିସ୍ କରିଥିଲେ। କୋଚ୍ ଗୌତମ ଗମ୍ଭୀର, ବୋଲିଂ କୋଚ୍ ମୋର୍ଣ୍ଣେ ମୋର୍କେଲ, ଅଧିନାୟକ ଗିଲ୍ ଓ ବରିଷ୍ଠ ଫାଷ୍ଟ ବୋଲର ବୁମ୍‌ରାଙ୍କ ସହ ଆଲୋଚନା କରିବା ଦେଖାଯାଇଥିଲା। ଏହା ପରେ ସେ ୪୫ ମିନିଟ୍‌କାଳ ବୋଲିଂ କରିଥିଲେ। ଲୋକେଶ ରାହୁଲ ଓ ଅଧିନାୟକ ଶୁବମନ ଗିଲ୍‌ଙ୍କୁ ସେ ଦୀର୍ଘ ଏକଘଣ୍ଟା ଧରି ନେଟ୍‌ସରେ ବୋଲିଂ କରିଥିଲେ। ସିରାଜଙ୍କ କହିବା ଅନୁଯାୟୀ ସେ ଠିକଣା ସ୍ଥାନରେ ବଲ ପକାଇଥିଲେ। ଭଲ ଲାଇନ୍ ଓ ଲେନ୍ଥ ଲାଗି ଜଣା ଥିବା କାମ୍ବୋଜ ଏଠାରେ ଡେବ୍ୟୁ କରିବାର ଯଥେଷ୍ଟ ସମ୍ଭାବନା ରହିଛି।

■ **ୱିକେଟ କିପିଙ୍ଗ କଲେ ପନ୍ତ୍** : ଭାରତ ଲାଗି ସବୁଠାରୁ ଉଲ୍ଲେଖନୀୟ ଖବର ହେଲା ଋଷଭ ପନ୍ତ୍ ୱିକେଟ କିପିଙ୍ଗ କରିବା। ଆଘାତପ୍ରାପ୍ତ ଆଙ୍ଗୁଳିରେ ବେଳେ ବେଳେ ଯନ୍ତ୍ରଣା ପାଉଥିଲେ ମଧ୍ୟ ପନ୍ତ କିପିଙ୍ଗ୍ କରିଥିଲେ। ଏଣୁ ସେ ତାଙ୍କ ସ୍ଥାନ ବଜାୟ ରଖିବେ ବୋଲି ଆଶା କରିବା ସ୍ୱାଭାବିକ୍।

## ୮ ବର୍ଷ ପରେ ଟେଷ୍ଟ ଖେଳିବେ ଡାୱସନ



ଓଲ୍ଡ ଟ୍ରାଫୋର୍ଡ,୨୧।୭ (ଏଜେନ୍ସି): ଦୀର୍ଘ ୮ ବର୍ଷ ପରେ ବାମହାତୀ ସ୍ପିନର ଲିଆମ ଡାୱସନ ଇଂଲଣ୍ଡ ପକ୍ଷରୁ ଟେଷ୍ଟ ମ୍ୟାଚ୍ ଖେଳିବେ। ଏଠାରେ ବୁଧବାରଠାରୁ ଆରମ୍ଭ ହେବାକୁ ଯାଉଥିବା ଭାରତ ବିପକ୍ଷ ଚତୁର୍ଥ ଟେଷ୍ଟ ଲାଗି ଇଂଲଣ୍ଡ ପକ୍ଷରୁ ଘୋଷଣା କରାଯାଇଥିବା ଏକାଦଶରୁ ଏହା ସ୍ପଷ୍ଟ ହୋଇଛି। ସେ ଆହତ ସ୍ପିନର ସୋଏବ ବସିରଙ୍କ ସ୍ଥାନରେ ଖେଳିବେ ଓ ଇଂଲଣ୍ଡ ଦଳରେ ଏହା ଏକମାତ୍ର ପରିବର୍ତ୍ତନ। ଇଂଲଣ୍ଡ ଏବେ ୨-୧ରେ ସିରିଜ୍ ଆଗୁଆ ରହିଛି।

**ଇଂଲଣ୍ଡ ଦଳ** : ଜ୍ୟାକ୍ କ୍ରାଲୀ, ବେନ୍ ଡକେଟ୍, ଓଲି ପୋପ୍, ଜୋ ରୁଟ, ହ୍ୟାରୀ ବ୍ରୁକ୍, ବେନ୍ ଷ୍ଟୋକ୍ସ (ଅଧିନାୟକ), ଜେମି ସ୍ମିଥ୍ (ୱିକେଟରକ୍ଷକ), କ୍ରିସ୍ ୱକ୍ସ, ବ୍ରାଇଡନ କାର୍ସ, ଜୋଫ୍ରା ଆର୍ଚର ଓ ଲିଆମ ଡାୱସନ।

● ଦ୍ୱିତୀୟ ୟୁଥ୍ ଟେଷ୍ଟ

## ଏକାଂଶଙ୍କ ଶତକ ଇଂଲଣ୍ଡର ସମ୍ମାନ ରଖିଲା

ଚେଲମ୍ସଫୋର୍ଡ, ୨୧।୭ (ଏଜେନ୍ସି): ଭ୍ରମଣକାରୀ ଭାରତ ବିପକ୍ଷରେ ଏଠାରେ ଚାଲିଥିବା ଅନ୍ତିମ ତଥା ଦ୍ୱିତୀୟ ୟୁଥ୍ (୧୯ ବର୍ଷରୁ କମ୍) ଟେଷ୍ଟରେ ଇଂଲଣ୍ଡ ପ୍ରଥମ ପାଳିରେ ୩୦୯ ରନ କରି ଅଲ୍‌ଆଉଟ୍ ହୋଇଯାଇଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଘରୋଇ ଇଂଲଣ୍ଡ ୟୁଥ୍ ଦଳ ପ୍ରଥମ ଦିବସ ସୁଦ୍ଧା ୭ ୱିକେଟ୍‌ରେ ୨୨୯ ରନ କରିଥିଲା। ସୋମବାର ୨ୟ ଦିବସରେ ଏହି ଅସମାପ୍ତ ସ୍କୋରରୁ ବ୍ୟାଟିଂ ଆରମ୍ଭ କରି ଇଂଲଣ୍ଡ ୩୦୯ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଭାରତୀୟ ବଂଶୋଦ୍ଭବ ଖେଳାଳି ଏକାଂଶ ସିଂହ ଶତକୀୟ ପାଳି ଖେଳି ଘରୋଇ ଦଳର ସମ୍ମାନ ରକ୍ଷା କରିଛନ୍ତି। ବ୍ୟାଟିଂକ୍ରମର ୭ମ ସ୍ଥାନରେ ଆସିଥିବା ଏକାଂଶ ୧୫୫ ବଲ୍ ଖେଳି ୧୪ ଚୌକା ଓ ୩ ଛକା ସହ ୧୧୭ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ଥୋମାସ ରିଉ ୫୯, ଜେମ୍ସ ମିଣ୍ଟୋ ୪୬ ରନ କରିଥିଲେ। ଭାରତୀୟ ୟୁଥ୍ ଦଳ ପକ୍ଷରୁ ଲେଗ୍-ସ୍ପିନର ନମନ ପୁଷ୍ପକ ସର୍ବାଧିକ ୪ଟି ୱିକେଟ୍ ନେଇଥିଲେ। ଜବାବରେ ପ୍ରଥମ ପାଳି ଆରମ୍ଭ କରିଥିବା ଭାରତ ଶେଷ ଖବର ସୁଦ୍ଧା ଗୋଟିଏ ୱିକେଟ୍ ହରାଇ ୫୧ ରନ କରିଛି। ପୂର୍ବରୁ ଦୁଇ ଦଳ ମଧ୍ୟରେ ଅନୁଷ୍ଠିତ ପ୍ରଥମ ଟେଷ୍ଟ ଡ୍ର ରହିଥିଲା।

## ଆସନ୍ତାବର୍ଷ ଚାମ୍ପିଅନ୍ସ ଲିଗ୍ କ୍ରିକେଟ



ନୂଆଦିଲ୍ଲୀ,୨୧।୭ (ଏଜେନ୍ସି): ଦୀର୍ଘ ଏକ ଦଶନ୍ଧିପରେ ଟି-୨୦ ଫର୍ମାଟରେ ଖେଳାଯାଉଥିବା ଚାମ୍ପିଅନ୍ସ ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ପୁଣିଥରେ ଆରମ୍ଭ ହୋଇପାରେ। ଏଥିଲାଗି ସିଙ୍ଗାପୁରରେ ଅନୁଷ୍ଠିତ ଆଇସିସି ବୈଠକରେ ଆଲୋଚନା ହୋଇଛି ଓ ବିଭିନ୍ନ ଦେଶର ପ୍ରତିନିଧିଭାବେ ଆୟୋଜନ ସପକ୍ଷରେ ସମ୍ମତି ଜଣାଇଛନ୍ତି। ୨୦୧୪ରେ ଶେଷଥର ଏହା ଭାରତରେ ଆୟୋଜିତ ହୋଇଥିଲା ଓ ଚେନ୍ନଇ ସୁପର କିଙ୍ଗ୍‌ସ ଟାଇଟଲ ଜିତିଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ଭାରତରୁ ୩ଟି, ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକାରୁ ୨ଟି ଲେଖାଏଁ, ପାକିସ୍ତାନ, ୱେଷ୍ଟଇଣ୍ଡିଜ୍ ଓ ନ୍ୟୁଜିଲାଣ୍ଡରୁ ଗୋଟିଏ ଲେଖାଏଁ ଟି-୨୦ ଟିମ୍ ଭାଗନେଇଥିଲେ। ଏହାର ୬ଟି ସଂସ୍କରଣ ଆୟୋଜିତ ହୋଇଥିଲା। ଏହା ମଧ୍ୟରୁ ୪ଥର ଭାରତୀୟ ଦଳ ଓ ଦୁଇଥର ଅଷ୍ଟ୍ରେଲୀୟ ଦଳ ଚାମ୍ପିଅନ ହୋଇଥିଲେ।

**ଦୁଇଥାକିଆ ଟେଷ୍ଟ ଚାମ୍ପିଅନସିପ୍** : କ୍ରିକେଟରେ ଏବେ ଚାଲିଥିବା ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍‌କୁ ଦୁଇ ଥାକିଆ କରିବାକୁ ଆଇସିସିର ନୂଆ ସିଇଓ ସଂଯୋଗ ଗୁପ୍ତାଙ୍କ ଅଧ୍ୟକ୍ଷତାରେ ଏକ ୮ ଜଣିଆ କମିଟି ଗଠନ କରାଯାଇଛି। ଏହାର ରିପୋର୍ଟ ପାଇବା ପରେ ଯାହାକିଛି ନିଷ୍ପତ୍ତି ନିଆଯିବ ବୋଲି ଆଇସିସି ଚେୟାରମ୍ୟାନ୍ ଜୟ ଶାହ କହିଛନ୍ତି।

## ଏସିଆ କପ୍ ହକି: ଭାରତ ଆସିବାକୁ ପାକିସ୍ତାନ ଅନିଚ୍ଛୁକ

କରାଚି,୨୧।୭ (ଏଜେନ୍ସି): ଭାରତରେ ଆସନ୍ତା ମାସରେ ଏସିଆ କପ୍ ହକି ପ୍ରତିଯୋଗିତା ଆୟୋଜିତ ହେବ। ଏଥିରେ ଚାମ୍ପିଅନ ହୋଇଥିବା ଦଳ ସିଧାସଳଖ ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବ। ଏଭଳି ସ୍ଥିତିରେ ସୁରକ୍ଷା କାରଣରୁ ପାକିସ୍ତାନର ହକି ଟିମ୍ ଭାରତରେ ଏସିଆ କପ୍ ଖେଳିବା ଲାଗି ଯିବ ନାହିଁ ବୋଲି ଏହି ଦେଶର ହକି ସଂଘ ସଭାପତି ତାରିକ୍ ବୁଗତି କହିଛନ୍ତି। ଆମେ ଏ ସମ୍ପର୍କରେ ଏସିଆ ହକି ମହାସଂଘ (ଏଏଚ୍‌ଏଫ୍) ଓ ଫେଡେରେସନ ଅଫ୍ ଇଣ୍ଟରନ୍ୟାସନାଲ ହକି (ଏଫ୍‌ଆଇଏଚ୍) କୁ ଜଣାଇଦେଇଛୁ। ସରକାର ମଧ୍ୟ ସମାନ କାରଣରୁ ଭାରତକୁ ପାକିସ୍ତାନୀ ଖେଳାଳିଙ୍କୁ ଛାଡ଼ିବାକୁ ନାରାଜ। ଏଣୁ ଏ ସମ୍ପର୍କରେ ଏଏଚ୍‌ଏଫ୍ ଓ ଏଫ୍‌ଆଇଏଚ୍ ଯେଉଁ ନିଷ୍ପତ୍ତି ନେବ ତାହାକୁ ଆମେ ଗ୍ରହଣ କରିବୁ ବୋଲି ବୁଗତି କହିଛନ୍ତି।



## ୧୭ କିଲୋ ଓଜନ କମାଇଲେ ସର୍ଫରାଜ



ମୁମ୍ବଇ, ୨୧।୭ (ଏଜେନ୍ସି): ଭାରତୀୟ ଘରୋଇ କ୍ରିକେଟ୍‌ର ଅନ୍ୟତମ ଶ୍ରେଷ୍ଠ ଖେଳାଳି ସର୍ଫରାଜ ଖାନ ବେଶ୍ କିଛି ଦିନ ଧରି ଜାତୀୟ ଦଳରୁ ବାଦ୍ ପଡ଼ିଆସୁଛନ୍ତି। ଘରୋଇ କ୍ରିକେଟ୍‌ରେ ଲଗାତର ପ୍ରଭାବୀ ପ୍ରଦର୍ଶନ କରିଆସୁଥିଲେ ମଧ୍ୟ ସର୍ଫରାଜଙ୍କ ପାଇଁ ତାଙ୍କ ଫିଟ୍‌ନେସ ତଥା ପୃଥୁଳାକାୟ ଶରୀର ସର୍ବଦା ପ୍ରତିବନ୍ଧକ ହୋଇ ଛିଡ଼ା ହୋଇଥାଏ। ଯେଉଁଥି ପାଇଁ ତାଙ୍କୁ ଅନେକ ସମୟରେ ସମାଲୋଚନାର ଶିକାର ହେବାକୁ ମଧ୍ୟ ପଡ଼ିଥାଏ। କିନ୍ତୁ ୨୭ ବର୍ଷୀୟ ଏହି ମୁମ୍ବାଇ ୱିକେଟ୍‌କିପର ତାଙ୍କ ସମାଲୋଚକଙ୍କୁ ମୁହଁତୋଡ଼ ଜବାବ ଦେଇଛନ୍ତି। ଏହି ଜବାବ ସେ ବ୍ୟାଟ୍‌ରେ ନ ଦେଇ ନିଜର ବଳିଷ୍ଠ ପରିବର୍ତ୍ତିତ ଫିଟ୍‌ନେସ ଜରିଆରେ ଦେଇଛନ୍ତି। ସର୍ଫରାଜ ଗଲା ଦୁଇ ମାସରେ ଜିମ୍‌ରେ କଠିନ ଅଭ୍ୟାସ କରି ଝାଳ ବୁହାଇ ୧୭ କିଲୋ ଓଜନ କମାଇଦେଇଛନ୍ତି। ସୋମବାର ସେ ଇନ୍‌ଷ୍ଟାଗ୍ରାମରେ ଏକ ଫଟୋ ପୋଷ୍ଟ କରିଥିଲେ। ଏହି ଫଟୋରେ କ୍ୟାପସନରେ ସେ ଉଲ୍ଲେଖ କରିଥିଲେ ଯେ ୨ ମାସ ମଧ୍ୟରେ ସେ ୧୭ କିଲୋ ଓଜନ କମାଇବାରେ ସଫଳ ହୋଇଛନ୍ତି। ନୂଆ ଲୁକ୍‌ରେ ସର୍ଫରାଜ ବେଶ୍ ଫିଟ୍ ନଜରଆସୁଛନ୍ତି।

## ଜାତୀୟ କୁସ୍ତି ଲାଗି ୧୬ ମନୋନୀତ

ଭୁବନେଶ୍ୱର, ୨୧।୭ (ସମିସ): ୨୩ ବର୍ଷରୁ କମ୍ ଜାତୀୟ କୁସ୍ତି ପ୍ରତିଯୋଗିତା ମଙ୍ଗଳବାରଠାରୁ ରାଞ୍ଚିରେ ଆୟୋଜିତ ହେବାକୁ ଯାଉଛି। ଏହି ୩ ଦିନିଆ ପ୍ରତିଯୋଗିତାରେ ଓଡ଼ିଶାର ୧୬ଜଣ କୁସ୍ତି ଖେଳାଳି ଅଂଶଗ୍ରହଣ କରିବାକୁ ମନୋନୀତ ହୋଇଛନ୍ତି। ଓଡ଼ିଶା କୁସ୍ତି ସଂଘ ଆନୁକୂଲ୍ୟରେ କଟକର ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ଅନୁଷ୍ଠିତ ଚୟନ ପ୍ରକ୍ରିୟାରେ ଏହି ଖେଳାଳିମାନେ ମନୋନୀତ ହୋଇଛନ୍ତି। ପୁରୁଷ ଫ୍ରିଷ୍ଟାଇଲ ଓ ମହିଳା କୁସ୍ତି ଲାଗି ଅନୁଷ୍ଠିତ ଏହି ଚୟନ ଶିବିରରେ ରାଜ୍ୟ ସଂଘ ଅନୁବନ୍ଧିତ ଓ ଅଣ ଅନୁବନ୍ଧିତ ଜିଲ୍ଲାର ୫୫ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଚୟନ ଶିବିର ଶେଷରେ ସ୍ଥାନୀୟ ବିଧାୟିକା ସୋଫିଆ ଫିର୍ଦ୍ଦୋସ, ରାଜ୍ୟ କୁସ୍ତି ସଂଘ ସମ୍ପାଦକ କିଶୋର ବେହେରା, ବିଜୟ ଦାସ, ଲଲାଟେନ୍ଦୁ ବଡ୍ଡୁ, କ୍ରୀଡ଼ା ଅଧିକାରୀ ଗଙ୍ଗାଧର ବେହେରା ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଆଗାମୀ ଜାତୀୟ ପ୍ରତିଯୋଗିତା ଲାଗି ଶୁଭକାମନା ଜଣାଇଥିଲେ।

## ସେମିରେ ପହଞ୍ଚିବାରେ ହମ୍ପି ପ୍ରଥମ ଭାରତୀୟ

ମହିଳା ଚେସ୍ ବିଶ୍ୱକପ୍

ନୂଆଦିଲ୍ଲୀ,୨୧।୭ (ଏଜେନ୍ସି): ଭାରତର ନଂ-୧ ଖେଳାଳି କୋନେରୁ ହମ୍ପି ମହିଳା ଚେସ୍ ବିଶ୍ୱକପ୍ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଏହା ଫଳରେ ସେ ଦେଶର ପ୍ରଥମ ଖେଳାଳି ଭାବେ ଏହି ସଫଳତା ହାସଲ କରି ଇତିହାସ ସୃଷ୍ଟି କରିଛନ୍ତି। ତାଙ୍କ ପରେ ଦିବ୍ୟା ଦେଶମୁଖ ଟାଇବ୍ରେକରରେ ଡି ହାରିକାଙ୍କୁ ହରାଇ ଦ୍ୱିତୀୟ ଖେଳାଳି ଭାବେ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରଥମଥର ଲାଗି ୨ଜଣ ଖେଳାଳିଙ୍କୁ ଏଭଳି ସଫଳତା ମିଳିଛି। ପୂର୍ବରୁ ୨୦୨୩ ବିଶ୍ୱକପ୍‌ରେ ହାରିକା ଦ୍ରୋଣାଭାଲି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବା ଭାରତ ଲାଗି ଶ୍ରେଷ୍ଠ ସଫଳତା ଥିଲା। ଜର୍ଜିଆର ବାଟୁମିଠାରେ ଚାଲିଥିବା ଏହି ବିଶ୍ୱକପ୍‌ର କ୍ୱାର୍ଟର ଫାଇନାଲରେ ସେ ଚୀନ୍‌ର ୟୁଜିନ ସଙ୍ଗ୍‌ଙ୍କୁ ୧.୫-୦.୫ ପଏଣ୍ଟରେ ପରାସ୍ତ କରଥିଲେ। ସେମିଫାଇନାଲରେ ହମ୍ପିଙ୍କ ସହ ଟପ୍ ସିଡ୍ ଚୀନ୍‌ର ଲେଇ ତିଙ୍ଗଜିଏ ଓ ଦିବ୍ୟାଙ୍କ ସହ ଚୀନ୍‌ର ଆଉ ଜଣେ ଖେଳାଳି ତାନ ଝୋଙ୍ଗୟିଙ୍କର ମୁକାବିଲା ହେବ। ଲେଇ କ୍ୱାର୍ଟରରେ ଭାରତର ଆର୍ ବୈଶାଳୀଙ୍କୁ ପରାସ୍ତ କରି ସେମିରେ ପ୍ରବେଶ କରିଥିଲେ।



କୋନେରୁ ହମ୍ପି



ଦିବ୍ୟା ଦେଶମୁଖ

## ୨୩ ବର୍ଷ ପରେ ଭାରତରେ ହେବ ଚେସ୍ ବିଶ୍ୱକପ୍



ନୂଆଦିଲ୍ଲୀ,୨୧।୭ (ଏଜେନ୍ସି): ଦୀର୍ଘ ୨୩ ବର୍ଷର ବ୍ୟବଧାନ ପରେ ଭାରତରେ ଚେସ୍ ବିଶ୍ୱକପ୍ ଚଳିତବର୍ଷ ଆୟୋଜିତ ହେବ ବୋଲି ଚେସ୍ ଖେଳର ସର୍ବୋଚ୍ଚ ସଂସ୍ଥା ଫିଡେ ପକ୍ଷରୁ ଘୋଷଣା କରାଯାଇଛି। ଏହି ପ୍ରତିଯୋଗିତା ଅକ୍ଟୋବର ୩୦ରୁ ଆରମ୍ଭ ହୋଇ ନଭେମ୍ବର ୨୭ରେ ଶେଷ ହେବ ଏବଂ ଏଥିରେ ବିଶ୍ୱର ଶ୍ରେଷ୍ଠ ୨୦୬ ଜଣ ଖେଳାଳି ଅଂଶଗ୍ରହଣ କରିବେ। କିନ୍ତୁ ଏହା ଭାରତର କେଉଁ ସହରରେ ଆୟୋଜିତ ହେବ ତାହା ଘୋଷଣା କରାଯାଇନାହିଁ। ଶେଷଥର ଏହି ବିଶ୍ୱକପ୍ ୨୦୦୨ ହାଇଦରାବାଦ୍‌ରେ ଅନୁଷ୍ଠିତ ହୋଇଥିଲା ଓ ଏଥିରେ ଭାରତ ଚାମ୍ପିଅନ ହୋଇଥିଲା। ଏହି ପ୍ରତିଯୋଗିତାରେ ଭାରତରୁ ଡିଫେଣ୍ଡିଂ ବିଶ୍ୱ ଚାମ୍ପିଅନ୍ ଡି ଗୁକେଶ, ଆର୍ ପ୍ରଜ୍ଞାନନ୍ଦ, ୨୦୨୩ ରନର୍ସଅପ୍ ଅର୍ଜୁନ ଏରିଗାଏସି ଶୀର୍ଷ ଖେଳାଳିଭାବେ ଅଂଶଗ୍ରହଣ କରିବେ। ବିଶ୍ୱର ନମ୍ବର-୧ ଖେଳାଳି ତଥା ୨୦୨୩ ଚାମ୍ପିଅନ୍ ମ୍ୟାଗ୍ନସ କାର୍ଲସେନ୍ ମଧ୍ୟ ଅଂଶଗ୍ରହଣ କରିବେ। ଏହି ପ୍ରତିଯୋଗିତାରୁ ମଧ୍ୟ କ୍ୟାଣ୍ଡିଡେଟ ଚେସ୍-୨୦୨୬ ଲାଗି ସିଧାସଳଖ ଯୋଗ୍ୟତା ଅର୍ଜନ କରିବେ। ଏହି ପ୍ରତିଯୋଗିତାରେ ଭାଗନେବାକୁ ଥିବା ୨୦୬ ଜଣ ଖେଳାଳିଙ୍କ ମଧ୍ୟରୁ ମାନ୍ୟତାରେ ପ୍ରଥମ ୫୦ଜଣ ଖେଳାଳି ସିଧାସଳଖ ଦ୍ୱିତୀୟ ରାଉଣ୍ଡରେ ଖେଳିବେ। ଟୁର୍ଣ୍ଣାମେଣ୍ଟ ନକ୍‌ଆଉଟ ଭିତ୍ତିରେ ଖେଳାଯିବ ଓ ଅବଶିଷ୍ଟ ଖେଳାଳି ଏଥିରେ ଭାଗନେବେ। ଏହି ଟୁର୍ଣ୍ଣାମେଣ୍ଟ ଭାରତରେ ଚେସ୍ ଖେଳକୁ ଅଧିକ ଲୋକପ୍ରିୟ କରାଇବ।

## ଅଷ୍ଟ୍ରେଲିଆକୁ ଜିତାଇଲେ ପଦାର୍ପଣକାରୀ ଓଏନ୍

କିଙ୍ଗ୍‌ସଟନ୍, ୨୧।୭ (ଏଜେନ୍ସି): ପଦାର୍ପଣକାରୀ ମାଇକେଲ୍ ଓଏନ୍‌ଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ (୫୦ ରନ ଓ ୧ ୱିକେଟ୍) ବଳରେ ବଳରେ ଏଠାରେ ଅନୁଷ୍ଠିତ ପ୍ରଥମ ଟି-୨୦ରେ ଅଷ୍ଟ୍ରେଲିଆ ୩ ୱିକେଟ୍‌ରେ ଘରୋଇ ୱେଷ୍ଟଇଣ୍ଡିଜକୁ ପରାସ୍ତ କରିଛି। ୱେଷ୍ଟଇଣ୍ଡିଜ ପ୍ରଦତ୍ତ ୧୯୦ ରନର ଲକ୍ଷ୍ୟକୁ ପିଛା କରିଥିବା ଭ୍ରମଣକାରୀ ଅଷ୍ଟ୍ରେଲିଆ ୭ ୱିକେଟ୍ ହରାଇ ୭ ବଲ୍ ପୂର୍ବରୁ ବିଜୟୀ ହୋଇଥିଲା। କାମେରନ ଗ୍ରୀନ ୫୧, ଅଧିନାୟକ ମିଚେଲ ମାର୍ଶ ୨୪, ଗ୍ଲେନ ମ୍ୟାକ୍ସୱେଲ ୧୧ ରନ କରିଥିଲେ। ପୂର୍ବରୁ ୱେଷ୍ଟଇଣ୍ଡିଜ ଅଧିନାୟକ ସାଇ ହୋପ୍ (୫୫) ଓ ରୋଷ୍ଟନ ଚେଜ୍ (୬୦)ଙ୍କ ଅର୍ଦ୍ଧଶତକ ସହାୟତାରେ ୮ ୱିକେଟ୍‌ରେ ୧୮୯ ରନ କରିଥିଲା।

## ପ୍ରଶାସନିକ ଅବ୍ୟବସ୍ଥା ଯୋଗୁଁ ୬ ବ୍ୟାଡ୍‌ମିଣ୍ଟନ ଖେଳାଳି ବାଦ୍ ପଡ଼ିଲେ




ନୂଆଦିଲ୍ଲୀ,୨୧।୭ (ଏଜେନ୍ସି): ଏଆଇୟୁ ବା ଆସୋସିଏସନ୍ ଅଫ୍ ଇଣ୍ଡିଆନ୍ ୟୁନିଭର୍ସିଟି ଭାରତରେ କ୍ରୀଡ଼ା ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ପରିଚାଳନା କରିବାର ସର୍ବୋଚ୍ଚ ସଂସ୍ଥା। ଏହି ସଂସ୍ଥାକୁ ପ୍ରତିନିଧିତ୍ୱ କରୁଥିବା କର୍ମକର୍ତ୍ତାମାନଙ୍କ ଖାମଖିଆଲି ଓ ଦାୟିତ୍ୱହୀନତା ଯୋଗୁଁ ଜର୍ମାନୀରେ ଚାଲିଥିବା ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରୁ ୬ଜଣ ଭାଗ ନେବାରୁ ବଞ୍ଚିତ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ଓଡ଼ିଶା ତଥା କିଟ୍ ବିଶ୍ୱବିଦ୍ୟାଳୟର ଅବିନାଶ ମହାନ୍ତି ମଧ୍ୟ ଅଛନ୍ତି। ଏହି କ୍ରୀଡ଼ାରେ ଭାରତ ଏକ ପଦକ ଜିତିଛି। ସମସ୍ତ ଯୋଗ୍ୟ ଖେଳାଳି ଅଂଶଗ୍ରହଣ କରିଥିଲେ ଭାରତକୁ ଆହୁରି ଅଧିକ ସଫଳତା ମିଳିଥାନ୍ତା ବୋଲି କୁହାଯାଉଛି। ଘଟଣା ଅନୁଯାୟୀ ଏହି କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ ହେବା ପୂର୍ବରୁ ଜୁଲାଇ ୧୬ରେ ମ୍ୟାନେଜରଙ୍କ ବୈଠକ ହୋଇଥିଲା। ଏହି ବୈଠକରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବାକୁ ଯୋଗ୍ୟତା ଅର୍ଜନ କରିଥିବା ୧୨ ଜଣ ଖେଳାଳିଙ୍କ ନାମ ଦୁଇ ପ୍ରତିନିଧି ବିଭି ରାଓ ଓ ଅଜିତ ମୋହନ ଠିକ୍ ଭାବେ ଉପସ୍ଥାପନ କରିପାରି ନ ଥିଲେ। କିଟ୍‌ରେ ଯେଉଁମାନଙ୍କୁ ଚୟନ କରାଯାଇଥିଲା ସେଥିରେ କିଛି ଖେଳାଳିଙ୍କୁ ଆହତ କିମ୍ବା ଅନ୍ୟ କାରଣ ଲାଗି ବାଦ୍ ଦିଆଯାଇଥିଲା। କିନ୍ତୁ ତାଙ୍କ ବଦଳରେ ସାମିଲ ହୋଇଥିବା ଖେଳାଳିଙ୍କ ନାମ ଭାରତର ଦୁଇ ପ୍ରତିନିଧି ଠିକ୍ ଭାବେ ପଢ଼ି ପାରି ନ ଥିଲେ କିମ୍ବା ତାଲିକା ଯୋଗାଇ ପାରି ନ ଥିଲେ। ଯାହା ଫଳରେ ୬ଜଣ ଖେଳାଳି ଯଥା ଓଡ଼ିଶାର ଅବିନାଶ ମହାନ୍ତିଙ୍କ ସହ ରୋହନ କୁମାର, ଦର୍ଶନ ପୂଜାରୀ, ଅଦିତି ଭଟ୍ଟ, ବିରାଜ କୁଭାଲେ ଓ ଅଲିଶା ଖାନ୍ ଭାଗ ନେଇ ପାରି ନ ଥିଲେ। 'ଏହାକୁ ମୋ ଦୁର୍ଭାଗ୍ୟ କହିବି ନା ଏଆଇୟୁ ଆମ କ୍ୟାରିୟର ସହ ଖେଳୁଛି' ବୋଲି କହିଛନ୍ତି ଅଲିଶା। ଏ ସମ୍ପର୍କରେ ଏଆଇୟୁ ପକ୍ଷରୁ କିଛି ସ୍ପଷ୍ଟିକରଣ ଦିଆଯାଇନାହିଁ।

## ସାହାଣୀ କପ୍ | କ୍ୱାର୍ଟରରେ କୋରାପୁଟ -ଭୁବନେଶ୍ୱର

ଭୁବନେଶ୍ୱର, ୨୧।୭ (ସମିସ)



ବ୍ରହ୍ମପୁର ଜୋନ

ଫୁଟ୍‌ବଲ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ଓ ରାଜ୍ୟ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ଚାଲିଥିବା ୬୪ତମ ସିନିଅର ଆନ୍ତଃଜିଲ୍ଲା ବରିଷ୍ଠ ପୁରୁଷ ଫୁଟ୍‌ବଲ ପ୍ରତିଯୋଗିତାର ୬ଷ୍ଠ ଦିବସ ଖେଳ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ରାପଡ଼ା ଜୋନରେ ଅନୁଷ୍ଠିତ ମ୍ୟାଚରେ ଖୋର୍ଦ୍ଧା ୫-୦ ଗୋଲ୍‌ରେ ପୁରୀକୁ ପରାସ୍ତ କରିଛି। ଜଳଧର ନାୟକ ହ୍ୟାଟ୍ରିକ ସହ ସର୍ବାଧିକ ୪ଟି ଗୋଲ୍ ଦେଇଥିଲେ। ସେହିଭଳି ଏଠାରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚରେ କଟକ ୬-୦ ଗୋଲରେ ପାରାଦୀପ ପୋର୍ଟ ଟ୍ରଷ୍ଟକୁ ହରାଇଛି। ସେହିଭଳି କେନ୍ଦୁଝର ଜୋନରେ ସୁନ୍ଦରଗଡ଼ ୧-୦ ଗୋଲ୍‌ରେ ବାଲେଶ୍ୱର ବିପକ୍ଷରେ ବିଜୟୀ ହୋଇଛି। ଢେଙ୍କାନାଳ ଓ ସୁବର୍ଣ୍ଣପୁର ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ଗୋଲଶୂନ୍ୟ ଭାବେ ଡ୍ର ରହିଥିଲା। ବ୍ରହ୍ମପୁର ଜୋନରେ ମଧ୍ୟ ଆଜି ୨ଟି ମ୍ୟାଚ୍ ଖେଳାଯାଇଥିଲା। ଏଥିରେ କୋରାପୁଟ ୪-୦ ଗୋଲରେ ରାୟଗଡ଼ାକୁ ଓ ମୟୂରଭଞ୍ଜ ୫-୦ ଗୋଲ୍‌ରେ ମାଲକାନଗିରିକୁ ମାତ୍ ଦେଇଛି।

ଏଥିସହ ୩ଟି ଜୋନରେ କ୍ୱାର୍ଟର ଫାଇନାଲ ଲାଇନଅପ୍ ସ୍ପଷ୍ଟ ହୋଇଯାଇଛି। କେନ୍ଦ୍ରାପଡ଼ା ଜୋନରେ କଟକ ଓ ଝାରସୁଗୁଡ଼ା, ବ୍ରହ୍ମପୁର ଜୋନରେ ଭୁବନେଶ୍ୱର ଓ କୋରାପୁଟ ଏବଂ କେନ୍ଦୁଝର ଜୋନରେ ସୁନ୍ଦରଗଡ଼ ଓ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ (ଆର୍‌ଏସ୍‌ପି) ମଧ୍ୟରେ କ୍ୱାର୍ଟର ଫାଇନାଲ ବୁଧବାର ଅନୁଷ୍ଠିତ ହେବ। ସେହିଭଳି ବୌଦ୍ଧ ଜୋନରେ ଲିଗ୍ ପର୍ଯ୍ୟାୟ ମ୍ୟାଚ୍ ସମାପ୍ତ ହେଲେ ଏଠାରେ କେଉଁ ଦଳ କ୍ୱାର୍ଟର ଫାଇନାଲ ଖେଳିବ ତାହା ସ୍ପଷ୍ଟ ହେବ ବୋଲି ଫାଓ ପକ୍ଷରୁ କୁହାଯାଇଛି।

**କ୍ୱାର୍ଟର କାର୍ଯ୍ୟସୂଚୀ**

| ଜୋନ୍ | ମ୍ୟାଚ୍ |
|---|---|
| କେନ୍ଦ୍ରାପଡ଼ା | କଟକ ବନାମ ଝାରସୁଗୁଡ଼ା |
| ବ୍ରହ୍ମପୁର | ଭୁବନେଶ୍ୱର ବନାମ କୋରାପୁଟ |
| କେନ୍ଦୁଝର | ସୁନ୍ଦରଗଡ଼ ବନାମ ଆର୍‌ଏସ୍‌ପି |
| ବୌଦ୍ଧ | ନିର୍ଦ୍ଧାରିତ ହୋଇନାହିଁ |

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS